# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨୧/୨୦୧୯ (୨୦ ପୃଷ୍ଠା) | Bhubaneswar, Monday, October 21/2019 | ★★★★★★

୪୫ଶ ଭାଗ ୩୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




## ଦୂତୀ ସ୍ପୋର୍ଟ୍ସ ପର୍ସନ ଅଫ୍ ଦି ଇୟର

ଭୋଗ୍ ଇଣ୍ଡିଆ ମାଗାଜିନର ସ୍ପୋର୍ଟ୍ସ ପର୍ସନ ଅଫ୍ ଦି ଇୟର ପୁରସ୍କାର ଗ୍ରହଣ କରିଛନ୍ତି ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ।

୧୮

୧୪

## ଟାଇମ୍ ମ୍ୟାନେଜ୍‌ମେଣ୍ଟରେ ସିଦ୍ଧହସ୍ତା ଦୀପିକା

ଆଗାମୀ ଫିଲ୍ମ '୮୩'ର ଅଭିନେତ୍ରୀ ଦୀପିକା ପାଦୁକୋନ୍ ସ୍ୱାମୀ ତଥା ଅଭିନେତା ରଣବୀର ସିଂଙ୍କୁ ଟାଇମ୍ ମ୍ୟାନେଜ୍‌ମେଣ୍ଟ ଶିଖାଉଛନ୍ତି।








**ଆଜିର ସମ୍ପାଦକୀୟ**

ନରକରେ ଜମାକାରୀ

**ଆଜିର ମନ୍ତବ୍ୟ**

"କଶ୍ମୀର ପ୍ରସଙ୍ଗକୁ ନେଇ ଦୀପାବଳିରେ ବ୍ରିଟେନରେ ଭାରତ ବିରୋଧୀ ଶୋଭାଯାତ୍ରାର ଯୋଜନା ନିନ୍ଦନୀୟ।

–ସାଜିଦ୍ ଖାନ୍, ଲଣ୍ଡନ ମେୟର





Vencobb FRESH CHICKEN

20.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 66 | 114 | 124 |
| CTC | 65 | 113 | 123 |
| DKL | 64 | 111 | 121 |
| BDK | 63 | 110 | 120 |
| BLS | 63 | 110 | 120 |
| ANG | 67 | 115 | 125 |
| BHM | 62 | 109 | 119 |

*Conditions Apply

Issued in the Interest of Consumers


## ପିଓକେରେ ଭାରତୀୟ ସେନାର ଜବାବୀ କାର୍ଯ୍ୟାନୁଷ୍ଠାନ

# ୩୫ ଆତଙ୍କବାଦୀ, ୫ ସୈନ୍ୟ ନିହତ

ଶ୍ରୀନଗର/ଇସ୍‌ଲାମାବାଦ, ୨୦।୧୦ (ଆଇଏଏନ୍‌ଏସ୍)

ଜମ୍ମୁ-କଶ୍ମୀର ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ଅସ୍ତ୍ରବିରତି ଉଲ୍ଲଂଘନ କରି ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଉଥିବା ପାକିସ୍ତାନକୁ ରବିବାର ଶକ୍ତ ଝଟ୍‌କା ଲାଗିଛି। ଭାରତୀୟ ସେନାର ଏକ ବଡ଼ଧରଣର ଜବାବୀ କାର୍ଯ୍ୟାନୁଷ୍ଠାନରେ ପାକ୍-ଅଧିକୃତ କଶ୍ମୀର (ପିଓକେ)ରେ ୭ଟି ଆତଙ୍କବାଦୀ ଲଞ୍ଚପ୍ୟାଡ୍ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଯବାନଙ୍କ ଗୁଳି ଓ ମୋର୍ଟାର ମାଡ଼ରେ ଅନ୍ୟୂନ ୩୫ ଜଣ ଜୈଶ୍ ଓ ହିଜ୍‌ବୁଲ୍ ଆତଙ୍କବାଦୀ ନିହତ ହୋଇଛନ୍ତି। ଏଥିସହ ୫ ପାକିସ୍ତାନୀ ସୈନ୍ୟ ଟଳିପଡ଼ିଥିବାବେଳେ ଅନେକେ ଆହତ ହୋଇଥିବା ସୂଚନା ମିଳିଛି।

**ପାକିସ୍ତାନକୁ ପ୍ରହାର**

- ତଙ୍ଗଧାର ସେକ୍ଟରରେ ଅସ୍ତ୍ରବିରତି ଉଲ୍ଲଂଘନ କରିଥିଲା ପାକିସ୍ତାନୀ ସେନା
- ୨ ଯବାନ ଶହୀଦ ଓ ଜଣେ ନାଗରିକ ନିହତ
- ଜବାବୀ କାର୍ଯ୍ୟାନୁଷ୍ଠାନରେ ୭ ଲଞ୍ଚପ୍ୟାଡ୍ ଧ୍ୱଂସ
- ସତ ମାନିଲେ ପିଓକେ ପ୍ରଧାନମନ୍ତ୍ରୀ
- ପ୍ରତିରକ୍ଷାମନ୍ତ୍ରୀ-ସେନାମୁଖ୍ୟ ଆଲୋଚନା



ସୂତ୍ରରୁ ଜଣାପଡ଼ିଛି ଯେ, ଜମ୍ମୁ-କଶ୍ମୀରର କୁପୱାଡ଼ା ଜିଲା ସନ୍ନିକଟ ତଙ୍ଗ୍‌ଧାର ସେକ୍ଟରରେ ପାକିସ୍ତାନୀ ସେନା ଶନିବାର ରାତିରେ ଅସ୍ତ୍ରବିରତି ଉଲ୍ଲଂଘନ କରିଥିଲା। ପ୍ରତିପକ୍ଷ ସେନାର ଗୁଳିବର୍ଷା ଓ ମୋର୍ଟାର ମାଡ଼ରେ ୨ ଯବାନ ଶହୀଦ ହୋଇଥିବାବେଳେ ମହମ୍ମଦ ସାଦିକ୍ ନାମକ ଜଣେ ୫୫ ବର୍ଷୀୟ ସାଧାରଣ ନାଗରିକ ନିହତ ହୋଇଥିଲେ। ଏହାବ୍ୟତୀତ ଗୁଳିମାଡ଼ରେ ଆହତ ହୋଇଥିବା ଅନ୍ୟ ୨ ଯବାନ ଓ ୩ ନାଗରିକ(ମହମ୍ମଦ ମକ୍‌ବୁଲ, ମହମ୍ମଦ ସାଫି ଓ ୟୁସୁଫ୍ ହମିଦ୍)ଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପାକିସ୍ତାନ ପଟୁ ରାତି ସାରା ଆଖିବୁଜା ଗୁଳିବର୍ଷା ଜାରି ରହିଥିବାବେଳେ ରବିବାର ଭୋର୍ ସମୟରେ ଭାରତୀୟ ସେନା ତୋପରେ ଏହାର ଜବାବ ଦେଇଛି। ଜବାବୀ କାର୍ଯ୍ୟାନୁଷ୍ଠାନରେ ପିଓକେସ୍ଥିତ ନୀଲମ୍ ଉପତ୍ୟକାରେ ଆତଙ୍କବାଦୀଙ୍କ ୭ଟି ଶିବିର ଧ୍ୱସ୍ତବିଧ୍ୱସ୍ତ ☞ପୃଷ୍ଠା-୪

### ଅନୁପ୍ରବେଶ ଅପେକ୍ଷାରେ ୨୫୦ ଆତଙ୍କବାଦୀ

ନୂଆଦିଲ୍ଲୀ,୨୦।୧୦: ପିଓକେସ୍ଥିତ ଲଞ୍ଚପ୍ୟାଡ୍‌ଗୁଡ଼ିକରେ ୨୫୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ସକ୍ରିୟ ଅଛନ୍ତି। ସେମାନେ ନିୟନ୍ତ୍ରଣରେଖା (ଏଲ୍‌ଓସି) ଦେଇ ଜମ୍ମୁ-କଶ୍ମୀରରେ ଅନୁପ୍ରବେଶ କରିବା ପାଇଁ ଅପେକ୍ଷା କରିଛନ୍ତି ବୋଲି ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ପକ୍ଷରୁ ସୁରକ୍ଷା ବଳକୁ ସୂଚନା ମିଳିଛି। ଆତଙ୍କବାଦୀଙ୍କୁ ଉପତ୍ୟକାରେ ଅନୁପ୍ରବେଶ କରାଇବା ଲାଗି ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରୁଛି। ପାକିସ୍ତାନୀ ସେନାର ବର୍ଡର ଆକ୍ସନ ଟିମ୍ (ବିଏଟି) ଆଗକୁ ଭାରତୀୟ ସେନାର କେତେକ ଶିବିର ଉପରେ ଆକ୍ରମଣ କରିପାରେ ବୋଲି ଗୋଇନ୍ଦା ସୂଚନା ମିଳିବା ପରେ ସୀମାନ୍ତରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

### ସତ ଲୁଚାଇପାରୁନି ପାକିସ୍ତାନ

ନୂଆଦିଲ୍ଲୀ,୨୦।୧୦: ଭାରତୀୟ ସେନାର ଜବାବୀ କାର୍ଯ୍ୟାନୁଷ୍ଠାନରେ ପିଓକେସ୍ଥିତ ଆତଙ୍କବାଦୀ ଶିବିର ଓ ସେନାଘାଟି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଏହାକୁ ନେଇ କ୍ଷୁବ୍ଧ ଇସ୍‌ଲାମାବାଦ ରବିବାର ଭାରତୀୟ ଉପଉଚ୍ଚାୟୁକ୍ତ ଗୌରବ ଆହଲୁୱାଲିଆଙ୍କୁ ସମନ କରିଛି। ଭାରତୀୟ ସେନା ପାକିସ୍ତାନ ବିରୋଧରେ ଅପପ୍ରଚାର ଚଳାଇଛି। ଭାରତର ମୁଖା ଖୋଲିବା ପାଇଁ ପାକିସ୍ତାନ ପି-୫ (ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ) ରାଷ୍ଟ୍ରଗୁଡ଼ିକର କୂଟନୀତିଜ୍ଞଙ୍କୁ ନେଇ ପିଓକେର ସମ୍ପୃକ୍ତ ଅଞ୍ଚଳ ବୁଲାଇବ ବୋଲି ସେଠାକାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମହମ୍ମଦ ଫୈଜାଲ କହିଛନ୍ତି। ସେପଟେ ପିଓକେ ପ୍ରଧାନମନ୍ତ୍ରୀ ରଜା ଫାରୁକ୍ ହାଇଦର ଭାରତୀୟ ସେନାର କାର୍ଯ୍ୟାନୁଷ୍ଠାନ ବିଷୟ ସ୍ୱୀକାର କରିସାରିଥିବାରୁ ପାକିସ୍ତାନର ମିଛ ଧରାପଡ଼ିଯାଇଛି।

## ଆଜି ବିଜେପୁର ଭୋଟ

- ମଇଦାନରେ ୫ ପ୍ରାର୍ଥୀ
- ଭାଗ୍ୟ ନିର୍ଦ୍ଧାରଣ କରିବେ ୨.୩୨ ଲକ୍ଷ ଭୋଟର
- ୨୮୫ ବୁଥ୍‌ରେ ଭୋଟ ଗ୍ରହଣ
- ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

ବରଗଡ଼ ଜିଲା ବିଜେପୁର ବିଧାନସଭା ଆସନ ପାଇଁ ସୋମବାର ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରଶାସନିକ ପ୍ରକ୍ରିୟା ଚୂଡ଼ାନ୍ତ ସରିଛି। ନିର୍ବାଚନ ଯେପରି ଶାନ୍ତିଶୃଙ୍ଖଳାର ସହ ହେବ,ସେ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ବରଗଡ଼ ଜିଲା ପ୍ରଶାସନ ସମସ୍ତ ପ୍ରଚେଷ୍ଟା କରିଛି। ଏହି ନିର୍ବାଚନରେ ୨, ୩୨, ୨୬୪ ଜଣ ମତଦାତା ୫ ଜଣ ପ୍ରାର୍ଥୀଙ୍କର ଭାଗ୍ୟ ନିର୍ଦ୍ଧାରଣ କରିବେ। ନିର୍ବାଚନମଣ୍ଡଳୀର ୨୮୫ଟି ବୁଥରେ ଭୋଟ ଗ୍ରହଣ କରାଯିବ। ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ୨୮ଟି ବୁଥ୍‌ର ୱେବ୍‌କାଷ୍ଟିଂ କରାଯିବାବେଳେ ୧୪ଟି ସିସିଟିଭି ବ୍ୟବସ୍ଥା କରାଯାଇଛି। ଉପନିର୍ବାଚନ ପାଇଁ ସ୍ଥାନୀୟ ଶିଳ୍ପ ସଂସ୍ଥା, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଆସନ୍ତା ୨୧ ତାରିଖ ଭୋଟଗ୍ରହଣ ଦିବସକୁ ସରକାର ସବୈତନିକ ଛୁଟିଦିନ ଘୋଷଣା କରିଛନ୍ତି। ☞ପୃଷ୍ଠା-୪





*ନିୟମ ଓ ସର୍ତ୍ତାବଳୀ ଲାଗୁ

Contact Number - 9748164499, 7328829029, 7337254400

Authorised Dealer

TRUPTI AUTOMOTIVES
Angul, Jajpur, Dhenkanal, Cuttack, Jagatsinghpur, Kendrapada
9437044227 9583040249

CONSORTIUM AUTOMOBILES
Khorda, Puri, Nayagarh, Kandhmal, Ganjam, Gajpati
7375087787

PAL MOVERS
Balasore, Bhadrak, Mayurbhanj Keonjhar
9437960713, 9938405992

JALAN AUTOMOBILES
Sambalpur, Deogarh, Jharsuguda, Sundergarh, Rourkela
7381020008, 7381062295

LAXMI SALES AND SERVICE
Bargarh, Balangir, Sonepur, Boudh, Nuapda
8144917704, 8144917701

KALINGA AUTO SYNDICATE
Koraput, Nabarangpur, Malkangiri, Kalahandi, Rayagada
9937167720, 7682826345


### ମିସେସ୍ ଇଣ୍ଡିଆ ୟୁନିଭର୍ସ ୨୦୧୯କୁ ନେଇ ବିବାଦ

# ପ୍ରତିଯୋଗୀଙ୍କୁ କହିଲେ 'ପେ ଅର୍ ସ୍ଲିପ୍'

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

ବ୍ୟୁଟି ପାଜେଣ୍ଟ, ମଡେଲିଂ, ଆକ୍ଟିଂ, ରିୟାଲିଟି ଶୋ। ଶୁଣିବାକୁ ଓ ବାହାରୁ ଦେଖିବାକୁ ଏସବୁ ଗ୍ଲାମର ଲାଗେ। ମିସ୍ ଇଣ୍ଡିଆ, ମିଷ୍ଟର ଇଣ୍ଡିଆ, ମିସ୍ ୟୁନିଭର୍ସ, ମିସ୍ ଡିଭା ଭଳି ବ୍ୟୁଟି ପାଜେଣ୍ଟ ମଞ୍ଚରେ ପହଞ୍ଚିବା ମଡେଲିଂରେ କ୍ୟାରିୟର କରିବାକୁ ଚାହୁଁଥିବା ପ୍ରତ୍ୟେକ ଯୁବପିଢ଼ିଙ୍କ ସ୍ୱପ୍ନ ଥାଏ। ହେଲେ ବାସ୍ତବରେ କେତେ ସୁରକ୍ଷିତ ଏହି ପ୍ଲାଟ୍‌ଫର୍ମ। ଚକାଚକ୍ ର୍ୟାମ୍ପ, ଝଲ୍‌ମଲ୍ କରୁଥିବା ମଞ୍ଚ ପଛରେ ସବୁକିଛି ଠିକ୍‌ଠାକ୍ ଚାଲେ ତ? ଅନେକ ସମୟରେ ଏ ପ୍ରଶ୍ନ ମନକୁ ଆସେ। ବର୍ତ୍ତମାନର ସୋସିଆଲ ମିଡିଆ ଯୁଗରେ ଏକାଧିକ ସଂସ୍ଥା ବ୍ୟୁଟି ପାଜେଣ୍ଟ ନାମରେ ଲୋକଙ୍କୁ ଠକୁଥିବା ନଜରକୁ ଆସୁଛି। କେବଳ ଏତିକି ନୁହେଁ, ରଙ୍ଗିନ ଦୁନିଆ ଓ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ଦେଖାଇ ନିରୀହ ଯୁବତୀ ଯୁବକଙ୍କୁ ପ୍ରତାରଣା କରିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଛି। ମରିସସ୍‌ରେ ଚାଲିଥିବା ମିସେସ୍ ଇଣ୍ଡିଆ ୟୁନିଭର୍ସ ୨୦୧୯ରେ କିଛି ଏଭଳି ଘଟଣା ସାମ୍ନାକୁ ଆସିଛି। ବ୍ୟୁଟି ପାଜେଣ୍ଟ ନାଁରେ ଆୟୋଜକ ପ୍ରତିଯୋଗୀଙ୍କୁ ଠକିବା ସହ 'ପେ ଅର୍ ସ୍ଲିପ୍' ବା 'ଟଙ୍କା ଦିଅ ନହେଲେ ଶୁଅ କହି' ଶାରୀରିକ ଓ ମାନସିକଭାବେ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏପରିକି କ୍ରାଉନ୍ ପୂର୍ବରୁ ଫିକ୍ସିଂ ହୋଇସାରିଥିବା ମଧ୍ୟ ଅଭିଯୋଗ ଉଠିଛି। ଓଡ଼ିଶାରୁ ଯାଇଥିବା ଜଣେ ପ୍ରତିଯୋଗୀ ବିଦେଶ ମାଟିରେ କିଭଳି ତାଙ୍କୁ ମାନସିକ ନିର୍ଯାତନାର ସାମ୍ନା କରିବାକୁ ପଡ଼ିଥିଲା ତାହା ସେ କହିଛନ୍ତି।

ତୁଷାର ଧଲିୱାଲ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ମିସେସ୍ ଇଣ୍ଡିଆ ୟୁନିଭର୍ସ ଏକ ଜଣାଶୁଣା ବ୍ୟୁଟି ପାଜେଣ୍ଟ ହୋଇଥିବା ବେଳେ କିଛିଦିନ ପୂର୍ବରୁ ଏହି କ୍ରାଉନ୍ ପାଇଁ ସର୍ବଭାରତୀୟସ୍ତରରେ ପ୍ରତିଯୋଗିତା ହୋଇଥିଲା। ପ୍ରତ୍ୟେକ ରାଜ୍ୟରୁ ଜଣେ ଜଣେ ମହିଳା ଶ୍ରେଷ୍ଠ ବିବେଚିତ ହୋଇ ରାଜ୍ୟ ବିଜେତା ଭାବେ ଟାଇଟଲ୍ ଓ ଫିନାଲେ ଟିକେଟ୍ ଜିତିଥିଲେ। ଗତ ୧୨ ତାରିଖରୁ ଗ୍ରାଣ୍ଡଫିନାଲେ ପାଇଁ ସମସ୍ତ ପ୍ରତିଯୋଗୀଙ୍କୁ ମରିସସ୍ ନିଆଯାଇଥିଲା। ତେବେ ସେଠାରେ ଶାରୀରିକ ଓ ମାନସିକଭାବେ ନିର୍ଯାତନା ଦିଆଯାଉଥିବା ନେଇ ପ୍ରତିଯୋଗୀମାନେ ମରିସସ୍ ପୋଲିସ୍ ନିକଟରେ ଅଭିଯୋଗ କରିଛନ୍ତି। ମରିସସ୍‌ସ୍ଥିତ ଭାରତୀୟ ଦୂତାବାସ ଘଟଣାରେ ହସ୍ତକ୍ଷେପ କରିବା ପରେ ପ୍ରତିଯୋଗିତାକୁ ବନ୍ଦ କରାଯାଇଛି। ଅନ୍ୟପକ୍ଷରେ ସୁରକ୍ଷିତଭାବେ ସମସ୍ତ ପ୍ରତିଯୋଗୀଙ୍କୁ ଭାରତ ପଠାଯାଇଥିବା ସୂଚନା ମିଳିଛି। ଘଟଣା ସମ୍ପର୍କରେ 'ଧରିତ୍ରୀ'କୁ ସୂଚନା ଦେଇ ଓଡ଼ିଶାର ପ୍ରତିଯୋଗୀ ଜଣକ କହିଛନ୍ତି, ମିସେସ୍ ଇଣ୍ଡିଆ ୟୁନିଭର୍ସର ସମସ୍ତ ୧୦ଟି କ୍ରାଉନ୍ ୭ରୁ ୮ଲକ୍ଷ ☞ପୃଷ୍ଠା-୪





FOR TRADE-RELATED QUERIES CONTACT : DHEERENDRA KUMAR (STATE HEAD) +91 9935279225, RAJESH KUMAR (ASM) +91 8709987942, B. UMA SANKAR (ASM) +91 7873096108

RSPL CARE 1800 120 2800



ଲୋକେ ଅଧିକ ସତର୍କ ହେବା ଫଳରେ ଅଭିନେତ୍ରୀଙ୍କ ପାଇଁ ନିରାପଦ ପରିବେଶ ସୃଷ୍ଟି ହେଲାଣି।

-ବବି ଦେଓଲ,
ବଲିଉଡ ଅଭିନେତା



# ବ୍ୟାଙ୍କରେ ମିଳୁଛି ଡାଲି - ଚାଉଳ

**ପ୍ରୟାଗରାଜ:** ବ୍ୟାଙ୍କରୁ ଡ଼ାଲି ଓ ଚାଉଳ ମିଳୁଥିବା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିବ। କିନ୍ତୁ ଏହା ସତ। ଏମିତି ଏକ ବ୍ୟାଙ୍କ୍ ଖୋଲାଯାଇଛି ଉତ୍ତରପ୍ରଦେଶର ପ୍ରୟାଗରାଜରେ। ଏହାର ନାମ ରଖାଯାଇଛି 'ଖାଦ୍ୟଶସ୍ୟ ବ୍ୟାଙ୍କ୍'। ଏହି ବ୍ୟାଙ୍କ୍‌ରୁ ଗରିବ ଲୋକମାନଙ୍କୁ ୧ କିଲୋଗ୍ରାମ ଡ଼ାଲି ଓ ୫ କିଲୋଗ୍ରାମ ଚାଉଳ ଦିଆଯାଉଛି। ଜଣେ ଚାହିଁଲେ ଏହାଠାରୁ ଅଧିକ ନେଇପାରିବାର ବ୍ୟବସ୍ଥା ମଧ୍ୟ କରାଯାଇଛି । ଗରିବ ପରିବାର ଉପାସରେ ଯେମିତି ନ ରହିବେ ସେଥିପାଇଁ ଏହି ବ୍ୟାଙ୍କ୍ ଖୋଲାଯାଇଛି। ପ୍ରୟାଗରାଜରେ ଏଭଳି ୭୦ଟି ବ୍ୟାଙ୍କ୍ ଖୋଲାଯାଇଛି। ଶ୍ରମିକମାନଙ୍କ ପାଖରେ ଟଙ୍କା ହେଲେ ଧାରସୂତ୍ରରେ ନେଇଥିବା ଡାଲି ଓ ଚାଉଳର ମୂଲ୍ୟ ୧୫ ଦିନ ଭିତରେ ଶୁଝିଦେବା ପାଇଁ ସର୍ତ୍ତ ରଖାଯାଇଛି।



ଏବେ ୨ ହଜାରରୁ ଅଧିକ ପରିବାର ଏହି ବ୍ୟାଙ୍କର ସଦସ୍ୟ ରହିଛନ୍ତି। ୨୦୧୬ରେ ପ୍ରୟାଗରାଜରେ ହୋଇଥିବା ଭୟଙ୍କର ବନ୍ୟା ପରେ ଗରିବମାନଙ୍କୁ ସାହାଯ୍ୟ କରିବା ପାଇଁ ପ୍ରଗତି ବାହିନୀ ପକ୍ଷରୁ ଏହା ଖୋଲାଯାଇଥିଲା। ଏହାର ପରିଚାଳନା ନିମନ୍ତେ ୨୧ ସଦସ୍ୟ ବିଶିଷ୍ଟ ଏକ ସମନ୍ୱୟ ସମିତି ଗଠନ କରାଯାଇଛି। ଏହି ସମିତି ଉପଯୁକ୍ତ ଗାଁ ଚୟନ କରିବା ପରେ ସେଠାରେ ଜଣେ ଦାୟିତ୍ୱସମ୍ପନ୍ନ ବ୍ୟକ୍ତିଙ୍କ ଘରେ ବ୍ୟାଙ୍କ୍ ଖୋଲାଯାଉଛି । ବ୍ୟାଙ୍କ୍‌ର ସଦସ୍ୟ ହେବା ପାଇଁ ଜଣଙ୍କୁ ୧ କିଲୋ ଚାଉଳ ଦେବାକୁ ପଡେ। ଗାଁରେ ସବୁ କାର୍ଯ୍ୟ ତଦାରଖ କରିବା ପାଇଁ ମଧ୍ୟ ଏକ ସଂଚାଳନ ସମିତି ଗଠନ କରାଯାଇଛି। ଯଦି ଜଣେ ଉଧାର ନେଇଥିବା ଖାଦ୍ୟଶସ୍ୟର ମୂଲ୍ୟ ସମୟସୀମା ଭିତରେ ଦେଇ ନ ପାରନ୍ତି ତେବେ ସମନ୍ୱୟ ସମିତି ତାଙ୍କୁ ଅଧିକ ସମୟ ଦେଇପାରିବାର ବ୍ୟବସ୍ଥା ରଖାଯାଇଛି। ଅତି ଗରିବ ଓ ଶୁଝିବା ପାଇଁ ଅସମର୍ଥ ବ୍ୟକ୍ତିଙ୍କୁ ଅନ୍ୟମାନେ ସହଯୋଗ କରି ଶୁଝିଦିଅନ୍ତି।

# କଙ୍ଗନାଙ୍କୁ ତାପସୀଙ୍କ କଡ଼ା ଜବାବ



**ନୂଆଦିଲ୍ଲୀ:** ତାପସୀ ପନ୍ନୁ ଦମ୍‌ଦାର ଅଭିନୟ କରି ବଲିଉଡ୍‌ରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଚାଲିଛନ୍ତି। ଅଭିନୟକୁ ଦର୍ଶକଙ୍କ ସମେତ ତାଙ୍କ ସହକଳାକାରମାନେ ମଧ୍ୟ ପସନ୍ଦ କରିଥାନ୍ତି। ଏପରି କି ଖୋଦ୍ ଅମିତାଭ୍ ବଚ୍ଚନ ମଧ୍ୟ ତାପସୀଙ୍କୁ ଅନେକ ତାରିଫ କରିଛନ୍ତି। ତେବେ ବଲିଉଡ୍ କୁଇନ୍ କଙ୍ଗନା ରଣାଓ୍ୱତ ଓ ତାଙ୍କ ଭଉଣୀ ରଙ୍ଗୋଲୀ କିନ୍ତୁ ତାପସୀଙ୍କୁ କିଛି ଖାସ୍ ପସନ୍ଦ କରନ୍ତି ନାହିଁ। ଉଭୟେ ଅନେକ ସମୟରେ ସୋସିଆଲ ମିଡିଆ ଏବଂ ମିଡିଆ ସାମ୍ନାରେ ମଧ୍ୟ ତାପସୀଙ୍କୁ ନେଇ କଟୁ ଟିପ୍ପଣୀ ରଖିଆସିଛନ୍ତି। ଏପରି କି ଥରେ ରଙ୍ଗୋଲୀ ତାପସୀଙ୍କୁ କଙ୍ଗନାଙ୍କ ଶସ୍ତା କପି ବୋଲି କହି ଚର୍ଚ୍ଚାକୁ ଆସିଥିଲେ।

କଙ୍ଗନା ଏବଂ ରଙ୍ଗୋଲୀଙ୍କ ଏଭଳି ଟିପ୍ପଣୀକୁ ନେଇ ପୂର୍ବରୁ ତାପସୀ କୌଣସି ପ୍ରତିକ୍ରିୟା ଦେଇ ନ ଥିବାବେଳେ ଏବେ କିନ୍ତୁ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, "ଯେପରି ଲଗାତର ଦୁଇ ଭଉଣୀ ମୋ ଉପରେ ଧ୍ୟାନ ଦେଉଛନ୍ତି, ମୋତେ ଲାଗୁଛି ସେମାନେ ମୋତେ ବହୁତ ଭଲ ପାଉଛନ୍ତି। ଏଥିପାଇଁ ମୁଁ ସେମାନଙ୍କୁ ସଲାମ୍ କରୁଛି, କାରଣ ମୋ ପାଖରେ ଏତେ ସମୟ ନାହିଁ ତାଙ୍କୁ ଧ୍ୟାନ ଦେବାପାଇଁ। " ତାପସୀ ପୁଣି କହିଛନ୍ତି, "ଭଲ ପାଇବା ଏବଂ ଘୃଣା ଦୁଇଟି ଯାକ ହୃଦୟରୁ ଆସିଥାଏ। ତେଣୁ ମୋତେ ଲାଗୁଛି ମୁଁ କଙ୍ଗନା-ରଙ୍ଗୋଲୀଙ୍କ ହୃଦୟରେ ନିଜ ପାଇଁ ସ୍ଥାନ ସୃଷ୍ଟି କରିପାରିଛି। ମୁଁ ଏପରି କ'ଣ କରିଛି ଯେ, ମୋତେ ଟାର୍ଗେଟ୍ କରାଯାଉଛି। କଙ୍ଗନା ଜଣେ ଭଲ ଅଭିନେତ୍ରୀ, ଆଉ ସେତିକି ଦିନ ପର୍ଯ୍ୟନ୍ତ ଭଲ ଅଭିନେତ୍ରୀ ହୋଇ ରହିବେ, ଯେପର୍ଯ୍ୟନ୍ତ ସେ ଭଲ ଚଳଚ୍ଚିତ୍ର କରୁଥିବେ। ସେ ଓ ତାଙ୍କ ଭଉଣୀ ମୋତେ ପସନ୍ଦ କରନ୍ତି ନାହିଁ, ଆଉ ଏଥିରେ ମୁଁ ପ୍ରଭାବିତ ନୁହେଁ। ଦୁଇ ଭଉଣୀ ନିଜ ପାଇଁ ହିଁ ଗାତ ଖୋଳୁଛନ୍ତି ଏବଂ ନିଜେ ହିଁ ଆହୁରି ଗଭୀରକୁ ଯାଉଛନ୍ତି। ମୁଁ ଏବେ ବି ଭଲ କାମ କରୁଛି। ଭଲ ଫିଲ୍ମର ଅଫର୍ ମିଳୁଛି। ଦର୍ଶକେ ମୋତେ ବହୁତ ପସନ୍ଦ ମଧ୍ୟ କରୁଛନ୍ତି। ସେମାନଙ୍କ ପାଇଁ ମୋ ଜୀବନରେ କୌଣସି ପରିବର୍ତ୍ତନ ଆସିନାହିଁ। ଜଣେ ଅଭିନେତ୍ରୀ ହିସାବରେ ମୁଁ ଆଜି ମଧ୍ୟ ତାଙ୍କୁ ସମ୍ମାନ କରେ। କିନ୍ତୁ ଜଣେ ମଣିଷ ହିସାବରେ ମୋତେ ଲାଗୁନି ତାଙ୍କଠାରେ କିଛି ଶିଖିବା ଭଳି ରହିଛି। ସେ ଉସ୍‌କାଇବାକୁ ପୁଣି କିଛି କହିବେ, କିନ୍ତୁ ମୁଁ କୌଣସି ପ୍ରତିକ୍ରିୟା ଦେବିନାହିଁ। " ଏମିତିରେ କଙ୍ଗନା ସବୁବେଳେ ରୋକ୍‌ଠୋକ୍ କଥା କହି ଚର୍ଚ୍ଚାରେ ରହିଥାନ୍ତି। କିନ୍ତୁ ତାପସୀଙ୍କ ସହ ତାଙ୍କ ଅସୁବିଧା କେଉଁଠି ସେ କଥା ସେ ନିଜେ ହିଁ ଜାଣିଥିବେ। ଅନ୍ୟପଟେ ତାପସୀଙ୍କ ଏପରି କଡ଼ା ଜବାବ୍ ଶୁଣିବା ପରେ କଙ୍ଗନା-ରଙ୍ଗୋଲୀଙ୍କ କ'ଣ ପ୍ରତିକ୍ରିୟା ରହୁଛି, ତାହା ଦେଖିବାକୁ ବାକି ରହିଲା।



# କ୍ୟାମେରା ଫ୍ରେମ୍‌ରେ ଦ୍ରୁତତମ ପିମ୍ପୁଡ଼ି

**ସାହାରା:** ଦଳଗତ କାର୍ଯ୍ୟ, ଏକତା ଏବଂ କର୍ମ ତତ୍ପରତା ପାଇଁ ଉଦାହରଣ ପାଲଟିଛନ୍ତି ପିମ୍ପୁଡ଼ି। ଏବେ ଏପରି କୀଟକୁ ନେଇ ପଦାକୁ ଆସିଛି ଅନେକ ରୋଚକ ତଥ୍ୟ। କ୍ୟାମେରା ଫ୍ରେମ୍‌ରେ କଏଦ ହୋଇଛନ୍ତି ଦୁନିଆର ଦ୍ରୁତତମ ପିମ୍ପୁଡ଼ି। ସାହାରା ମରୁଭୂମିର କଠିନ ପରିବେଶରେ ଅତି ସହଜରେ ଜୀବନ ଜିଇପାରୁଥିବା ଏହି ପିମ୍ପୁଡ଼ିଙ୍କ ବିଷୟରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉଜାଗର କରିଛନ୍ତି ଜର୍ମାନୀର ବିଶେଷଜ୍ଞ ଦଳ।

ପୃଥିବୀର ବୃହତ୍ତମ ମରୁଭୂମି ସାହାରାର ଉତ୍ତର ପ୍ରାନ୍ତୀୟ ଅଞ୍ଚଳରେ ଏହି ପ୍ରଜାତିର ପିମ୍ପୁଡ଼ି ବସା ଠାବ କରାଯାଇଛି। ରୁପା ଭଳି ଚିକ୍‌ମିକ୍ କରୁଥିବା ଏହି କୀଟ ନିମିଷକ ମଧ୍ୟରେ ନିଜ ଶରୀରର ଲମ୍ବାଠାରୁ ୧୦୮ ଗୁଣା କୁଦା ଲଗାଇବାରେ ସକ୍ଷମ। ପିମ୍ପୁଡ଼ିର ସେକେଣ୍ଡ ପ୍ରତି ବେଗ ୮୫୫ ମିମି ଯାଏ ରେକର୍ଡ କରାଯାଇଛି। କେବଳ ଏତିକି ନୁହେଁ, ୬୦ ଡିଗ୍ରୀ ତାପମାତ୍ରାରେ ମଧ୍ୟ ସେମାନେ ଅତି ସହଜରେ ନିଜକୁ ପରିବେଶ ସହିତ ଖାପଖୁଆଇ ପାରିଛନ୍ତି।

ଏହି କ୍ଷେତ୍ରରେ ଗବେଷଣା କରୁଥିବା ଉଲ୍ମ ୟୁନିଭର୍ସିଟିର ବିଶେଷଜ୍ଞମାନେ କହିଛନ୍ତି, ପିମ୍ପୁଡ଼ିଙ୍କ ଜୀବନଶୈଳୀ, ଗତିବିଧି ଜାଣିବାକୁ କ୍ୟାମେରା ଖଞ୍ଜାଯାଇଛି। ସେମାନଙ୍କ ଶରୀରରେ ସିଲ୍‌ଭର କୋଟେଡ୍ ସୂକ୍ଷ୍ମ ଚୁଟି ରହିଛି। ଏହା ସେମାନଙ୍କୁ ଅସହ୍ୟ ଗରମରୁ ରକ୍ଷା କରିଥାଏ। ଦ୍ୱିପ୍ରହର ଖଇଫୁଟା ଖରାରେ ସେମାନେ ନିଜର ଖାଦ୍ୟ ଅନ୍ୱେଷଣରେ ବାହାରିଥାନ୍ତି। ପଛପଟୁ ପବନ ବହିଲେ ସେମାନଙ୍କ ଗତି ଆହୁରି ବଢ଼ିଯାଏ। ମରୁଭୂମିରେ ବାସ କରୁଥିବା ଜୀବମାନେ ସାଧାରଣତଃ ପ୍ରଚଣ୍ଡ ରୌଦ୍ରତାପରୁ ନିଜକୁ ସୁରକ୍ଷିତ ରଖିବାକୁ ବାଲି ଭିତରେ ଲୁଚିଯାଇଥାନ୍ତି। ହେଲେ 'ସିଲ୍‌ଭର ଆଣ୍ଟ୍' ଏହାର ବିପରୀତ। ଏହି ପିମ୍ପୁଡ଼ି ନିଜ ଶରୀରରେ ପ୍ରତିକୂଳ ପ୍ରଭାବ ପଡ଼ିବା ଆଗରୁ ବସାକୁ ଫେରିଆସିବାକୁ ସକ୍ଷମ।

# ମିଳିଲାନି ବର, ୬୨ ହଜାର ଜରିମାନା ଦେବ ଏଜେନ୍ସି

**ଚଣ୍ଡିଗଡ଼:** ଝିଅ ହେଉ କି ପୁଅ ସବୁବେଳେ ପରଫେକ୍ଟ ଜୀବନ ସାଥୀଟିଏ ଖୋଜିଥାନ୍ତି। ଏଥିପାଇଁ ଆଜିକାଲି ମାଟ୍ରିମୋନିଆଲ ସାଇଟ୍ ଓ ଏଜେନ୍ସିଙ୍କ ଚାହିଦା କାହିଁରେ କ'ଣ। କିନ୍ତୁ ଗୋଟିଏ ଝିଅ ପାଇଁ ବର ଖୋଜି ନ ପାରିବା ଏକ ମାଟ୍ରିମୋନି ଏଜେନ୍ସିକୁ ମହଙ୍ଗା ପଡ଼ିଛି। ଚଣ୍ଡିଗଡ଼ର ଏହି ଏଜେନ୍ସି ଉପଯୁକ୍ତ ବର ଖୋଜି ନ ପାରିଥିବାରୁ ତାଙ୍କୁ ୬୨ ହଜାର ଟଙ୍କା ଜରିମାନା କରାଯାଇଛି। ଚଣ୍ଡିଗଡ଼ ଉପଭୋକ୍ତା ସେବାକେନ୍ଦ୍ରରେ ଅଭିଯୋଗକର୍ତ୍ତା ସୁରେନ୍ଦ୍ରପାଲ୍ ସିଂ ଚହଲ ଓ ତାଙ୍କ ସ୍ତ୍ରୀ ନରେନ୍ଦ୍ର କୌର ଚହଲ କରିଥିବା ଅଭିଯୋଗ ଅନୁସାରେ, ୨୦୧୭ରୁ ସେମାନେ ନିଜ ଡାକ୍ତର ଝିଅ ପାଇଁ ବର ଖୋଜୁଥିଲେ। ଏହି ସମୟରେ ଓ୍ୱେଡିଂ ଓ୍ୱିସ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ସଂସ୍ଥାର ଏଜେଣ୍ଟ ବର ଖୋଜିଦେବେ ବୋଲି କହିଥିଲେ। ଝିଅ ମାଙ୍ଗଳିକ ଥିବାରୁ ପୁଅ ମଧ୍ୟ ମାଙ୍ଗଳିକ ହେବ। ଏବଂ ପୁଅ ଆଖପାଖ ଅଞ୍ଚଳର ହେବା ସହ ଜାଟ୍ ସମ୍ପ୍ରଦାୟର ଓ ଡାକ୍ତର ହୋଇଥିବା ଆବଶ୍ୟକ ଥିଲା। ଏ ନେଇ ୨୬ ସେପ୍ଟେମ୍ବର ୨୦୧୭ରେ ସର୍ଭିସ୍ ଏଗ୍ରିମେଣ୍ଟ ହୋଇଥିଲା। ରୟାଲ ପ୍ୟାକେଜ୍ ପାଇଁ ଝିଅ ଘରଲୋକେ ଏଜେଣ୍ଟଙ୍କୁ ୫୦ହଜାର ଟଙ୍କା ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏଜେଣ୍ଟ ଜଣକ ଯେଉଁ ପୁଅମାନଙ୍କ ପ୍ରୋଫାଇଲ୍ ଦେଖାଇଲେ, ତାହା ଏଗ୍ରିମେଣ୍ଟ ହିସାବରେ ନ ଥିଲା। ଏହାଦ୍ୱାରା ସେମାନେ ଅଯଥାରେ ଖର୍ଚ୍ଚାନ୍ତ ହେବା ସହ ଏଜେଣ୍ଟ ଜଣକ ତାଙ୍କ ସମୟ ନଷ୍ଟ କରିଛନ୍ତି ବୋଲି ଉପଭୋକ୍ତା ମଞ୍ଚରେ ଅଭିଯୋଗ କରିଛନ୍ତି। ତେବେ ଉପଭୋକ୍ତାଙ୍କ ସମୟ ନଷ୍ଟ କରିବା ଅଭିଯୋଗରେ ଉକ୍ତ ଏଜେନ୍ସିକୁ ଉପଭୋକ୍ତା ମଞ୍ଚ ଦୋଷୀ ସାବ୍ୟସ୍ତ କରିଛି। ଫଳରେ ଓ୍ୱେଡିଂ ଓ୍ୱିସ୍ ସମ୍ପୃକ୍ତ ଉପଭୋକ୍ତାଙ୍କୁ ଦଣ୍ଡ ସ୍ୱରୂପ ୯ ପ୍ରତିଶତ ସର୍ଭିସ୍ ଟ୍ୟାକ୍ସ ସହିତ ୬୨ ହଜାର ଟଙ୍କା ଜରିମାନା ଦେବ ବୋଲି ସ୍ଥିର କରାଯାଇଛି।



# ରିକ୍ସା ବଞ୍ଚାଇଲା ଶିଶୁଙ୍କ ଜୀବନ

**ଟିକମ୍‌ଗଡ଼:** ଯାହାକୁ ରଖିବେ ହରି, ତାକୁ କିଏ ପାରିବେ ମାରି। ଏହି ଲୋକକଥା ସତ୍ୟ ପ୍ରମାଣିତ ହୋଇଛି ମଧ୍ୟପ୍ରଦେଶର ଟିକମ୍‌ଗଡ଼ ଜିଲାର ଏକ ୩ ବର୍ଷର ଶିଶୁପୁତ୍ରଙ୍କ କ୍ଷେତ୍ରରେ। ଶିଶୁଜଣକ ଶୁକ୍ରବାର ପରିବାର ସଦସ୍ୟଙ୍କ ସହ ଏକ କୋଠାର ଦ୍ୱିତୀୟ ମହଲା ବାଲ୍‌କୋନିରେ ଖେଳୁଥିଲେ। ଖେଳୁ ଖେଳୁ ଘଟିଥିଲା ଦୁର୍ଘଟଣା। ମା'ବାପାଙ୍କ ଆଖି ସାମ୍ନାରେ ଶିଶୁଜଣକ ପ୍ରାୟ ୩୫ ଫୁଟ ତଳ ରାସ୍ତା ଉପରକୁ ଖସି ପଡ଼ିଥିଲେ। କିନ୍ତୁ ସେତିକିବେଳେ ସେହି ବାଟ ଦେଇ ଯାଉଥିବା ଏକ ରିକ୍ସାର ସିଟ୍ ଉପରେ ଶିଶୁଜଣକ



ପଡ଼ିଯିବାରୁ ତାଙ୍କ ଜୀବନ ବଞ୍ଚିଯାଇଥିଲା। ରିକ୍ସାଚାଳକ ଏବଂ ସେଠି ଉପସ୍ଥିତ ଥିବା କେତେଜଣ ବ୍ୟକ୍ତି ଶିଶୁଙ୍କୁ ଉଦ୍ଧାର କରିବା ପରେ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ସିଟିସ୍କାନ, ଏକ୍ସ-ରେ ଆଦି ପରୀକ୍ଷା କରାଯିବା ପରେ ଶିଶୁ ଜଣକ ବିପଦମୁକ୍ତ ଥିବା ଡାକ୍ତର ଜଣାଇଥିଲେ। ଶିଶୁଙ୍କ ବାପା ଆଶିଷ ଜୈନ କହିଥିଲେ ଯେ, ତାଙ୍କ ପୁଅ ଖସିପଡ଼ିବାବେଳେ ବାଲ୍‌କୋନି ରେଲିଂକୁ ଧରି କିଛି ସମୟ ଝୁଲି ରହିଥିଲେ। ତାଙ୍କୁ ଉଦ୍ଧାର କରିବା ପୂର୍ବରୁ ସେ ନିୟନ୍ତ୍ରଣ ହରାଇ ତଳକୁ ଖସିପଡ଼ିଥିଲେ। କିନ୍ତୁ ଦେବଦୂତ ଭଳି ସେହି ସମୟରେ ରିକ୍ସାଚାଳକ ପହଞ୍ଚିଯାଇଥିଲେ ବୋଲି ଆଶିଷ କହିଛନ୍ତି। ଏହି ଘଟଣା ନିକଟସ୍ଥ ଏକ ସିସିଟିଭି କ୍ୟାମେରାରେ କଏଦ ହୋଇଯାଇଥିବାବେଳେ ସେହି ଭିଡିଓ ବିଭିନ୍ନ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଯାଇଛି। ଶିଶୁଙ୍କ ପରିବାର ଲୋକେ ରିକ୍ସାଚାଳକଙ୍କୁ ଅଶେଷ ଧନ୍ୟବାଦ ଜଣାଇବା ସହ ନୂଆ ପୋଷାକ ଓ ମିଠା ଦେଇ କୃତଜ୍ଞତା ଜଣାଇଥିଲେ।

# ୩୦ ଲକ୍ଷ ଯକ୍ଷ୍ମାରୋଗୀ ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ

**ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ରିପୋର୍ଟ**

**ଜେନିଭା:** ସ୍ୱାସ୍ଥ୍ୟ ସଚେତନତା ଓ ଅତ୍ୟାଧୁନିକ ଚିକିତ୍ସା ସୁବିଧା ସତ୍ତ୍ୱେ ଯକ୍ଷ୍ମାରୋଗୀଙ୍କ ସଂଖ୍ୟା କମୁନାହିଁ। ତେବେ ଏହି ରୋଗର ନିରାକରଣ ଲାଗି ପର୍ଯ୍ୟାପ୍ତ ଅର୍ଥାଭାବ ଏବେ ସମସ୍ୟା ହୋଇ



ଛିଡ଼ାହୋଇଛି। ଜୀବନରକ୍ଷକ ଚିକିତ୍ସା ସତ୍ତ୍ୱେ ଅନେକ ଲୋକ ପ୍ରାଣ ହରାଉଛନ୍ତି। ବିଶ୍ୱରେ ପ୍ରାୟ ୩୦ ଲକ୍ଷ ଯକ୍ଷ୍ମାରୋଗୀ ଉପଯୁକ୍ତ ଚିକିତ୍ସା ସୁବିଧାରୁ ବଞ୍ଚିତ ହେଉଛନ୍ତି। ୨୦୧୮ରେ ୮ଟି ଦେଶକୁ ବହୁଳ ଭାବେ ଯକ୍ଷ୍ମା ଗ୍ରାସ କରିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ରିପୋର୍ଟରୁ ଜଣାପଡ଼ିଛି। ଏହି ଦେଶଗୁଡ଼ିକ ହେଲା ବାଂଲାଦେଶ, ଚାଇନା, ଭାରତ, ଇଣ୍ଡୋନେସିଆ, ନାଇଜେରିଆ, ପାକିସ୍ତାନ, ଫିଲିପାଇନ୍ସ ଓ ଦକ୍ଷିଣ ଆଫ୍ରିକା। ବିଶ୍ୱରେ ପ୍ରାୟ ୭୦ ଲକ୍ଷ ଏହି ରୋଗୀ ଚିକିତ୍ସିତ ହୋଇଥାନ୍ତି। ୨୦୧୭ରେ ୬୪ ଲକ୍ଷ ଯକ୍ଷ୍ମାରୋଗୀ ଚିକିତ୍ସିତ ହୋଇଥିବା ସଙ୍ଗଠନ ପକ୍ଷରୁ ଦର୍ଶାଯାଇଛି। ୨୦୧୮ରେ ୧୫ ଲକ୍ଷ ଯକ୍ଷ୍ମୀ ରୋଗୀ ପ୍ରାଣ ହରାଇଥିବାବେଳେ ୨୦୧୭ରେ ଏହା ଥିଲା ୧୬ ଲକ୍ଷ। ସାଧାରଣତଃ ନିମ୍ନ ଓ ମଧ୍ୟବିତ୍ତ ବର୍ଗର ଗରିବ ଲୋକମାନଙ୍କୁ ଏହି ରୋଗ ଅଭିଶାପ ସଦୃଶ ହୋଇଥାଏ। ପ୍ରାଥମିକ ଚିକିତ୍ସାକୁ ଗୁରୁତ୍ୱ ଦିଆ ନ ଯିବା ଯୋଗୁ ଏହି ରୋଗ ଭୟଙ୍କର ରୂପ ଧାରଣ କରିଥାଏ। ବ୍ରାଜିଲ, ଚାଇନା, ରୁଷିଆ, ଜିମ୍ବାଓ୍ୱେରେ ଯକ୍ଷ୍ମାରୋଗୀଙ୍କ ସଂଖ୍ୟା ଅଧିକ ହେବାର ଆଶଙ୍କା ରହିଥିବାବେଳେ ସେମାନଙ୍କ ସଚେତନତା ଓ ତତ୍କାଳ ଚିକିତ୍ସା ମୃତ୍ୟୁହାରକୁ କମାଇବାରେ ସହାୟକ ହୋଇପାରିଛି। ବିଭିନ୍ନ ସେକ୍ଟରରେ କାର୍ଯ୍ୟ କଲେ ମଧ୍ୟ ଯଦି ଆମେ ନିଜକୁ ସ୍ୱାସ୍ଥ୍ୟ ସଚେତନ କରିପାରିବା ଓ ଚିକିତ୍ସା ସୁବିଧାର ଫାଇଦା ନେଇପାରିବା, ତେବେ ଦୀର୍ଘଜୀବୀ ହେବା ସମ୍ଭବ ହୋଇପାରିବ।



# ହେମାମାଳିନୀ କରିଥିଲେ ଧର୍ମ ପରିବର୍ତ୍ତନ

**ମୁମ୍ବାଇ:** ବଲିଉଡ୍ ଡ୍ରିମ୍ ଗର୍ଲ ହେମାମାଳିନୀ ୧୯୪୮ ଅକ୍ଟୋବର ୧୬ରେ ତାମିଲ୍‌ନାଡୁ ଥାଞ୍ଜାଭୁର ଜିଲାର ଆମ୍ମାନକୁଡ଼ିଠାରେ ଜନ୍ମଗ୍ରହଣ କରିଥିଲେ। ୧୯୬୪ରେ ତାମିଲ୍ ଫିଲ୍ମ ନିର୍ଦ୍ଦେଶକ ସି.ବି. ଶ୍ରୀଧର ତାଙ୍କୁ ରିଜେକ୍ଟ କରିଦେଇଥିଲେ। ତେବେ ୧୯୬୫ରେ ପାଣ୍ଡବ ବନବାସମ୍‌ରେ ତାଙ୍କୁ ଏକ ଛୋଟ ରୋଲ୍ ମିଳିଥିଲା। ଏହାପରେ ୧୯୬୮ରେ ସେ ରାଜକପୁରଙ୍କ ସହିତ 'ସପ୍‌ନୋ କା ସୌଦାଗର' ଫିଲ୍ମରେ ଅଭିନୟ କରିଥିଲେ। ଏହି ଫିଲ୍ମରେ ତାଙ୍କ ଅଭିନୟକୁ ଦର୍ଶକ ପସନ୍ଦ କରିଥିଲେ। ହେମା ବିବାହିତ ଧର୍ମେନ୍ଦ୍ରଙ୍କୁ ବିବାହ କରିବା ପାଇଁ ଧର୍ମ ପରିବର୍ତ୍ତନ କରିଥିଲେ। ଧର୍ମେନ୍ଦ୍ର ପଞ୍ଜାବୀ ଥିଲେ। ତେବେ ଦୁହେଁ ବିବାହ ଲାଗି ମୁସଲମାନ ଧର୍ମ ଗ୍ରହଣ କରିଥିଲେ। ହେମା ନିଜ ନାମ ଆୟେଶା ବିବି ରଖିଥିଲେ। ସେହିପରି ଧର୍ମେନ୍ଦ୍ର ନିଜ ନାମ ଦିଲାଓ୍ୱର ଖାଁ ରଖିଥିଲେ। ହେମାଙ୍କୁ ବିବାହ କରିବା ସମୟରେ ଧର୍ମେନ୍ଦ୍ରଙ୍କର ୪ ସନ୍ତାନ ଥିଲେ। ତାଙ୍କ ପ୍ରଥମ ସ୍ତ୍ରୀ ପ୍ରକାଶ କୌର ପିଲାମାନଙ୍କ ଲାଳନପାଳନ ଦାୟିତ୍ୱ ଗ୍ରହଣ କରିଥିଲେ।



ଇଣ୍ଡୋନେସିଆ ରାଷ୍ଟ୍ରପତି ଭାବେ ଜୋକୋ ୱିଡୋଡୋ ରବିବାର ଦ୍ୱିତୀୟ ଥର ପାଇଁ ଶପଥ ଗ୍ରହଣ କରିଛନ୍ତି। ସେ ଗଣତନ୍ତ୍ରର ସୁରକ୍ଷା, ଦୁର୍ନୀତି ବିରୋଧରେ ଲଢ଼େଇ ଓ ମୁସଲମାନ ବହୁଳ ରାଷ୍ଟ୍ରର ଆଧୁନିକୀକରଣ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲେ। ଇଣ୍ଡୋନେସିଆର ବିକାଶ ଲାଗି ସମସ୍ତେ ଏକାଠି ମିଶି କାମ କରିବାକୁ ଶପଥ ଗ୍ରହଣ ଅବସରରେ ସେ ଆହ୍ୱାନ ଦେଇଛନ୍ତି।






■ କେନ୍ଦ୍ରାପଡ଼ାରୁ ୱାଘା ବର୍ଡର ଯାତ୍ରା

# ସାଇକେଲରେ ବାହାରିଲେ ଫଇଜଲ




କେନ୍ଦ୍ରାପଡ଼ା ସହରର ପୁରୁଣା ବସ୍‌ଷ୍ଟାଣ୍ଡଠାରୁ ସାଇକେଲ ଯାତ୍ରାରେ ବାହାରୁଛନ୍ତି ଫଇଜଲ।

**କେନ୍ଦ୍ରାପଡା ଅଫିସ, ୨୦।୧୦**

କେନ୍ଦ୍ରାପଡା ଟାଉନ ଥାନା ଅନ୍ତର୍ଗତ ଜଇପୁରା ଗ୍ରାମର ସୟଦ ଫଇଜଲ ଅଲ୍ଲୀଙ୍କ ବୟସ ୬୩। ଏହି ପରିଣତ ବୟସରେ ସେ ପ୍ରାୟ ୭ ହଜାର କିଲୋମିଟର ସାଇକେଲରେ ଯାତ୍ରା କରିବାର ଅଭିଳାଷ ରଖିଛନ୍ତି। ପ୍ଲାଷ୍ଟିକ ମୁକ୍ତ ଭାରତ ଓ ଟ୍ରାଫିକ ନିୟମ ପ୍ରତି ସଚେତନତା ବାର୍ତ୍ତା ନେଇ ଫଇଜଲ କେନ୍ଦ୍ରାପଡାରୁ ୱାଘା ବର୍ଡର ପର୍ଯ୍ୟନ୍ତ ଯିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ସେ ସାଇକେଲରେ ୧୩ଟି ରାଜ୍ୟ ଅତିକ୍ରମ କରିବେ। ରବିବାର ପୂର୍ବାହ୍ନ ୮ଟାରେ ଫଇଜଲ ସହରର ପୁରୁଣା ବସଷ୍ଟାଣ୍ଡଠାରୁ ଏହି ଦୁଃସାହସିକ ସାଇକେଲ ଯାତ୍ରା ଆରମ୍ଭ କରିଛନ୍ତି। ଏଥିନେଇ ଜିଲାପାଳ ସମର୍ଥ ବର୍ମା, ଆଞ୍ଚଳିକ ପରିବହନ ଅଧିକାରୀ ନିଖିଲ କୁମାର ପଟ୍ଟନାୟକ, କେନ୍ଦ୍ରାପଡା ଏସଡିପିଓ ରାଜୀବ ଲୋଚନ ପଣ୍ଡାଙ୍କ ସମେତ ବହୁ ବୁଦ୍ଧିଜୀବୀ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସାଇକେଲ ଯାତ୍ରା ସମ୍ପର୍କରେ ଫଇଜଲ କୁହନ୍ତି, ପୂର୍ବରୁ ସୌଦିରେ ରହିବା ସମୟରେ ମଧ୍ୟ ସାଇକେଲରେ ଭ୍ରମଣ ନିଶା ଥିଲା। ପ୍ଲାଷ୍ଟିକ ମୁକ୍ତ ଭାରତ ଓ ଟ୍ରାଫିକ ନିୟମ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଇବା ଲକ୍ଷ୍ୟ ନେଇ ବାହାରିଛି। ୮୪ ଦିନ ଯାତ୍ରାରେ ରାଞ୍ଚି, ଲକ୍ଷ୍ନୌ, ଦିଲ୍ଲୀ, ଜମ୍ମୁ, ଅମୃତସର, ଭୋପାଳ, ଜବଲପୁର ଆଦି ସହରକୁ ଯିବା ପାଇଁ ଲକ୍ଷ୍ୟ ରଖିଛି।








କଙ୍ଗୋ ରାଜଧାନୀ କିନ୍‌ଶାସାରେ ବସ୍ ଦୁର୍ଘଟଣା ହେବାରୁ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ଲୁଫୁରୁ କିନଶାସା ଯାଉଥିବା ଉକ୍ତ ବସ୍‌ରେ ପାଖାପାଖି ୧୦୦ ଯାତ୍ରୀ ଥିଲେ। ଦୁର୍ଘଟଣା ପରେ ସେଥିରେ ନିଆଁ ଲାଗିଯାଇଥିଲା। ଅଧିକାଂଶଙ୍କ ଶରୀର ଜଳିଯାଇଥିବାରୁ ଚିହ୍ନଟ କରାଯାଇପାରିନାହିଁ।


**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରୁଦ୍ର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍ମିତାରାଣୀଙ୍କ ମୃତ୍ୟୁକୁ ନେଇ ଥମୁନି ରାଜନୀତି

- ଯାଜପୁର ଏସ୍‌ପିଙ୍କ ବିରୋଧରେ ଡିଜିପିଙ୍କୁ ଭେଟିଲା ଭାଜପା
- ଭାଜପା ଓ ବିଜେଡିକୁ କଂଗ୍ରେସର ଟାର୍ଗେଟ କଲେ ତାରା
- ସବୁ କଥାରେ ରାଜନୀତି କରୁଛି ଭାଜପା: ସୁଲତା
- ମହିଳାଙ୍କ ସମସ୍ୟା ସହ ଆମେ ସବୁବେଳେ ଅଛୁ: ଲେଖାଶ୍ରୀ

ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ପ୍ରସଙ୍ଗକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିବାରେ ଲାଗିଛି। ବିରୋଧୀ ଏବଂ ଶାସକ ଦଳ ନେତାଙ୍କ ମଧ୍ୟରେ ଏହି ପ୍ରସଙ୍ଗକୁ ନେଇ କାଦୁଅ ଫିଙ୍ଗା ବଢିବାରେ ଲାଗିଛି। ଏହି ଘଟଣାରେ ଯାଜପୁର ଜିଲା ଏସ୍‌ପିଙ୍କ ବିରୋଧରେ ଭାଜପାର ଏକ ପ୍ରତିନିଧି ଦଳ ଡିଜିପିଙ୍କ ନିକଟରେ ଫେରାଦ ହୋଇଛନ୍ତି। ଅନ୍ୟପଟେ କଂଗ୍ରେସ ଏହି ଘଟଣାରେ ଉଭୟ ବିଜେଡି ଓ ଭାଜପାକୁ ଦୋଷ ଦେଇଛି। ସେହିପରି ବିଜେଡି ଏହି ଘଟଣାକୁ ନେଇ ରାଜନୀତି ନ କରିବା ପାଇଁ ଯୁକ୍ତି ବାଢିଛି।

ସ୍ମିତାରାଣୀ ମୃତ୍ୟୁ ଘଟଣାରେ ରୂପେଶ ଭଦ୍ରାଙ୍କୁ ପୋଲିସ ଗିରଫ କରିଛି। ରୂପେଶଙ୍କ ସହ ସ୍ମିତାରାଣୀଙ୍କ ସମ୍ପର୍କ ଥିଲା ବୋଲି ଯାଜପୁର ଏସ୍‌ପି କହିଥିଲେ। ମାତ୍ର ଏହାକୁ ବିରୋଧ କରିଛି ଭାଜପା। ଭାଜପା କହିଛି, ମୃତକ ସ୍ମିତାରାଣୀଙ୍କ ଚରିତ୍ର ହନନ କରିବା ସହ ତଦନ୍ତକୁ ପ୍ରଭାବିତ କରାଯାଉଛି। ଗୋଟିଏ ଜଘନ୍ୟ ଅପରାଧ ମାମଲାରେ ତଦନ୍ତ ଚାଲୁଥିବା ବେଳେ ତଦନ୍ତ ରିପୋର୍ଟ ବା ଚାର୍ଜସିଟ୍ ଦାଖଲ ହେବା ପୂର୍ବରୁ ଏସ୍‌ପି ଚରଣସିଂହ ମୀନା ଆସି ଗଣମାଧ୍ୟମ ଆଗରେ ବିବୃତି ଦେଇ ଏହାକୁ ଆତ୍ମହତ୍ୟା ଦର୍ଶାଇ ତଦନ୍ତକୁ ପ୍ରଭାବିତ କରିବା ପାଇଁ ଏକ ଭୟଙ୍କର ଷଡଯନ୍ତ୍ର ରଚିଛନ୍ତି । ମୁଖ୍ୟ ଅଭିଯୁକ୍ତକୁ ଖସାଇବା ପାଇଁ ଏହା ବିଧିବଦ୍ଧ ଯୋଜନା। ସ୍ମିତାରାଣୀଙ୍କ ଚରିତ୍ର ହନନ କରିବା ଏବଂ ଘଟଣାକୁ ଏକ ଭିନ୍ନ ମୋଡ ଦେବା ଅଭିଯୋଗରେ ଯାଜପୁର ଏସ୍‌ପିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରବିବାର ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ଭେଟି ଦାବି କରିଛି।

ଅନ୍ୟପଟେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଭାଜପା ଓ ବିଜେଡି ଗୋଟିଏ ଘାଟରେ ପାଣି ପିଉଛନ୍ତି। ମୁଖ୍ୟ ଅଭିଯୁକ୍ତଙ୍କ ସହିତ ଉଭୟ ବିଜେଡି ଏବଂ ଭାଜପା ନେତାଙ୍କ ଫଟୋ ରହିଛି। ମୁଖ୍ୟ ଅଭିଯୁକ୍ତଙ୍କ ସହ ବିଜେଡି ଓ ଭାଜପା ନେତାଙ୍କ ସହ ଭଲ ସମ୍ପର୍କ ଅଛି ବୋଲି ତାରା କହିଛନ୍ତି। ତାରାଙ୍କ ଏଭଳି ମନ୍ତବ୍ୟକୁ ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ସମାଲୋଚନା କରି କହିଛନ୍ତି, କାହା ସହିତ ଫଟୋ ଉଠାଇଦେଲେ ସମ୍ପର୍କ ରହିଯାଇ ନ ଥାଏ। ପ୍ରମାଣ ଦେଇ ସେ କଥାବାର୍ତ୍ତା କରନ୍ତୁ। ଅଯଥା କଥା କଂଗ୍ରେସ କହୁଛି। ଭାଜପା ମହିଳା ମୋର୍ଚ୍ଚା ସବୁବେଳେ ମହିଳା ହକ୍ ପାଇଁ ଲଢେଇ ଜାରି ରଖିଛି। ସ୍ମୀତାରାଣୀ ହତ୍ୟାକାଣ୍ଡ କେମିତି ଘଟିଲା, ଯାଜପୁର ଏସ୍‌ପି ସେନେଇ ତଦନ୍ତ ନ କରି ରୂପେଶ ଭଦ୍ରାଙ୍କ ସହ ତାଙ୍କର କ'ଣ ସମ୍ପର୍କ ଥିଲା ସେନେଇ ତଦନ୍ତ କରିବାକୁ ଯାଇଥିଲେ। ସରକାରରେ ଥିବା ଏବଂ ବିରୋଧୀ ଭୂମିକା ତୁଲାଉଥିବା ଦଳ ସମସ୍ତେ ଏକାଠି ହୋଇ ଏହି ପ୍ରସଙ୍ଗରେ ଲଢେଇ କରିବା ଦରକାର। ଏଠି ଜଣାପଡୁଛି ଶାସକ ଦଳ ପକ୍ଷପାତିତା କରି ଅପବ୍ୟବହାର ଚଳାଉଛି ବୋଲି ସେ କହିଛନ୍ତି। ଅନ୍ୟପଟେ ବିଜେଡି ନେତ୍ରୀ ସୁଲତା ଦେଓ କହିଛନ୍ତି, ଭାଜପା ପାଖରେ କୌଣସି ପ୍ରସଙ୍ଗ ନାହିଁ। ପ୍ରତ୍ୟେକ କଥାକୁ ନେଇ ସେମାନେ ରାଜନୀତି କରିବାକୁ ଚେଷ୍ଟା କରୁଛନ୍ତି। ରାଜନୀତି ଛାଡି ଭାଜପା ଲୋକଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସୁଲତା କହିଛନ୍ତି।

## ସ୍ମିତାରାଣୀଙ୍କ ମୃତ୍ୟୁ ଘଟଣାରେ ମୁହଁ ଖୋଲିଲେ ସରପଞ୍ଚ

# 'ମୋ ସିନ୍ଦୂର, ସମ୍ପତ୍ତି ଉପରେ ଥିଲା ନଜର'

- ସରପଞ୍ଚଙ୍କ ଅଭିଯୋଗ ମନଗଢ଼ା: ସୁଶୀଲ
- ଆରୋପ ପ୍ରମାଣିତ କରିବାକୁ ଗ୍ରାମବାସୀଙ୍କ ଦାବି



ରସୁଲପୁର/ଧର୍ମଶାଳା, ୨୦।୧୦(ଡିଏନଏ)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ (ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଆସିଛି ନୂଆ ମୋଡ଼। ଏହି ଘଟଣାରେ ପୋଲିସ ଶନିବାର ସରପଞ୍ଚଙ୍କ ସ୍ୱାମୀ ରୂପେଶ ଭଦ୍ରଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇ କୋର୍ଟ ଚାଲାଣ କରିବା ପରେ ରବିବାର ଏ ନେଇ ମୁହଁ ଖୋଲିଛନ୍ତି ରୂପେଶଙ୍କ ସ୍ତ୍ରୀ ତଥା ଖୋଦ୍ ସରପଞ୍ଚ ମଧୁସ୍ମିତା ଭଦ୍ର। ମଧୁସ୍ମିତା ତାଙ୍କ ବୟାନରେ ସ୍ୱାମୀଙ୍କୁ ନିର୍ଦ୍ଦୋଷ ବୋଲି କହିବା ସହିତ ତାଙ୍କୁ ଷଡ଼ଯନ୍ତ୍ର କରି ଫସାଇ ଦିଆଯାଇଛି ବୋଲି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ପିଇଓ ସ୍ମିତାଙ୍କ ପରିବାର ସହିତ ତାଙ୍କ ପରିବାରର ଭଲ ସମ୍ପର୍କ ରହିଥିଲା। ଉଭୟ ପରିବାର ଅନେକ ସ୍ଥାନକୁ ଏକାଠି ବୁଲାବୁଲି କରିବାକୁ ଯାଇଥାନ୍ତି। ମାତ୍ର ଏସବୁ ଭିତରେ ମୋ ସ୍ୱାମୀଙ୍କ ସରଳତାର ସୁଯୋଗ ନେଇ ସମ୍ପତ୍ତି ଉପରେ ସ୍ମିତାଙ୍କର ନଜର ରହିଥିଲା। ସ୍ୱାମୀଙ୍କୁ ଫସେଇ ସେ ସମ୍ପତ୍ତି ହାତେଇବାକୁ ଚକ୍ରାନ୍ତ କରୁଥିଲେ। ସ୍ୱାମୀ ରୂପେଶ ଏହାକୁ ବାରଣ କରିବାରୁ ଏଭଳି ଘଟିଛି ବୋଲି ମଧୁସ୍ମିତା ପ୍ରକାଶ କରିଛନ୍ତି। ସେ ତାଙ୍କ ସ୍ୱାମୀ ରୂପେଶଙ୍କ ପାଇଁ ନ୍ୟାୟ ଭିକ୍ଷା କରିଛନ୍ତି। ଏପରିକି ରୂପେଶଙ୍କର କିଛି ଅସୁବିଧା ଉପୁଜିଲେ ସେ ଆତ୍ମହତ୍ୟା କରିବେ ବୋଲି ଧମକ ଦେଇଛନ୍ତି। ଅପରପକ୍ଷରେ ସ୍ମିତାଙ୍କ ମୃତ୍ୟୁ ପାଇଁ ରୂପେଶଙ୍କୁ ଦାୟୀ କରାଯାଇ ପୋଲିସ ତାଙ୍କୁ ଅଟକ ରଖି ପଚରା ଉଚରା ଚଳାଇଥିଲାବେଳେ ସେତେବେଳେ ମଧୁସ୍ମିତା ନୀରବତା ଅବଲମ୍ବନ କରିଥିଲେ। ରବିବାର ସେ ହଠାତ୍ ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲିବାକୁ ନେଇ ବିଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି। ମଧୁସ୍ମିତା ମୁହଁ ଖୋଲିଲା ପରେ ମୃତା ସ୍ମିତାରାଣୀଙ୍କ ସ୍ୱାମୀ ସୁଶୀଲ କୁମାର ବିଶ୍ୱାଳ ସରପଞ୍ଚଙ୍କ ଏଭଳି ଅଭିଯୋଗକୁ ମନଗଢ଼ା ଓ ମିଥ୍ୟା ବୋଲି କହିଛନ୍ତି। ଯଦି ତାଙ୍କର ଏଭଳି ଅଭିଯୋଗ ଥିଲା ତେବେ ସେ ପୂର୍ବରୁ କାହିଁକି ମୁହଁ ଖୋଲି ନ ଥିଲେ ବୋଲି ସୁଶୀଲ ପ୍ରଶ୍ନ କରିଛନ୍ତି। ପୋଲିସ କାର୍ଯ୍ୟାନୁଷ୍ଠାନକୁ ସାଧାରଣରେ ନାପସନ୍ଦ କରାଯାଇଥିବା ବେଳେ ଭାଜପା ପକ୍ଷରୁ ସୋମବାର ଯାଜପୁର ବନ୍ଦ ଡାକରା ଦିଆଯାଇଛି।

ସୂଚନା ଥାଉକି, ପିଇଓ ସ୍ମିତାରାଣୀଙ୍କ ମୃତ୍ୟୁ ଘଟଣାରେ ପୋଲିସ ଶନିବାର ସରପଞ୍ଚଙ୍କ ସ୍ୱାମୀ ରୂପେଶଙ୍କୁ ଆଇପିସି ୩୦୬ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା) ଦଫାରେ କୋର୍ଟ ଚାଲାଣ କରିଥିଲା। ତେବେ ଯାଜପୁର ଏସ୍‌ପି ଚରଣ ସିଂ ମୀନା ଶନିବାର ଏକ ଖବରଦାତା ସମ୍ମିଳନୀରେ ସ୍ମିତା ଓ ରୂପେଶଙ୍କ ସମ୍ପର୍କକୁ ଯେଉଁଭଳି ଭାବେ ଚିତ୍ରଣ କରିଥିଲେ ତାହାକୁ ନେଇ ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି ମୃତା ସ୍ମିତାଙ୍କ ଗାଁ ଚୋରମୁହାଁର ଲୋକେ। ଉକ୍ତ ଗ୍ରାମବାସୀ ଏସ୍‌ପି ମୀନାଙ୍କ ମତାମତକୁ ପ୍ରତିବାଦ କରି ସ୍ମିତାଙ୍କ ଚରିତ୍ରକୁ ନେଇ ଉଠାଇଥିବା ପ୍ରଶ୍ନକୁ ଏସ୍‌ପି ପ୍ରମାଣିତ କରିପାରିବେ କି ବୋଲି ପ୍ରଶ୍ନ କରିଛନ୍ତି। ସ୍ମିତାଙ୍କ ଚରିତ୍ରରେ ତ୍ରୁଟି ଥିବା କେବେ ଗାଁ ଲୋକେ ଦେଖିନାହାନ୍ତି ବୋଲି ଗାଁର ବରିଷ୍ଠ ନାଗରିକ ସତ୍ୟ ନାରାୟଣ ଆଚାର୍ଯ୍ୟ କହିଛନ୍ତି। ପୋଲିସ ମୃତା ସ୍ମିତାଙ୍କ ଚରିତ୍ର ଉପରେ ଆଣିଥିବା ଆରୋପକୁ ପ୍ରମାଣିତ କରନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

ଗତ ୧୬ତାରିଖ ବୁଧବାର ଅପରାହ୍ନରେ ପିଇଓ ସ୍ମିତାରାଣୀ ପଞ୍ଚାୟତର ଚାରିବାଟିଆ ଓ ସୁଭଦ୍ରାପୁର ଗ୍ରାମରେ ଭତ୍ତା ବଣ୍ଟନ କରି ଫେରିବା ପରେ ମଧ୍ୟାହ୍ନ ଭୋଜନ କରିବାକୁ ପଞ୍ଚାୟତ କାର୍ଯ୍ୟାଳୟଠାରୁ ୫୦୦ମିଟର ଦୂରରେ ଥିବା ରୂପେଶଙ୍କ ଗେଷ୍ଟ ହାଉସକୁ ଯାଇଥିଲେ। ଏହାର କିଛି ସମୟ ପରେ ଗେଷ୍ଟ ହାଉସର ଉପର ମହଲାରେ ସ୍ମିତାରାଣୀ ଆତ୍ମହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ପ୍ରଥମେ ଏକ ଅପମୃତ୍ୟୁ ମାମଲା(୧୬/୨୦୧୯) ରୁଜୁ କରିଥିଲା। ପରେ ଆଉ ଏକ ମାମଲା (ନଂ.୪୮୧/୨୦୧୯) ରୁଜୁ କରି ରୂପେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ୩୫ ଆତଙ୍କବାଦୀ...

ହୋଇଯାଇଛି। ସେଠାରେ ଥିବା ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଏବଂ ହିଜ୍‌ବୁଲ୍ ମୁଜାହିଦ୍ଦିନ ଆତଙ୍କବାଦୀଙ୍କ ମଧ୍ୟରୁ ୩୫ ଜଣ ନିହତ ହୋଇଛନ୍ତି। ଏହାକୁ ନେଇ ଉଭୟ ପଟୁ ଦୀର୍ଘ ସମୟ ଧରି ଗୁଳି ବିନିମୟ ଲାଗି ରହିଥିଲା। ଭାରତୀୟ ଯବାନଙ୍କ ଗୁଳିମାଡ଼ରେ ପାକିସ୍ତାନୀ ସେନାର କେତେକ ଶିବିର ଧ୍ୱଂସ ହୋଇଯିବା ସହ ୫ ସୈନ୍ୟ ଓ କେତେଜଣ ଅଧିକାରୀ ମଧ୍ୟ ନିହତ ହୋଇଥିବା ଖବର ମିଳିଛି, ଯାହାକୁ ପାକିସ୍ତାନ ଖଣ୍ଡନ କରିଛି। ପାକିସ୍ତାନୀ ସେନାର ଇଣ୍ଟର-ସର୍ଭିସେସ୍ ପବ୍ଲିକ୍ ରିଲେଶନ୍ସ (ଆଇଏସ୍‌ପିଆର୍) ପକ୍ଷରୁ କୁହାଯାଇଛି ଯେ, ଭାରତୀୟ ସେନାର ଅସ୍ତ୍ରବିରତି ଉଲ୍ଲଂଘନରେ ପିଓକେସ୍ଥିତ ଜୁରା, ଶାଖୋଟ ଓ ନୌଶେରୀ ସେକ୍ଟରରେ ଜଣେ ସୈନ୍ୟ ଓ ୪ ସାଧାରଣ ନାଗରିକ ନିହତ ହୋଇଥିବାବେଳେ ୨ ସୈନ୍ୟ ଏବଂ ୫ ନାଗରିକ ଆହତ ହୋଇଛନ୍ତି। ଅଧିକ ସଂଖ୍ୟକ ସୈନ୍ୟ ନିହତ ହୋଇଛନ୍ତି ବୋଲି ଭାରତୀୟ ସେନା ମିଛ ପ୍ରଚାର ଚଳାଇଥିବା ଆଇଏସ୍‌ପିଆର ମହାନିର୍ଦ୍ଦେଶକ ମେଜର ଜେନେରାଲ ଆସିଫ୍ ଗଫୁର ଟୁଇଟ୍ କରିଛନ୍ତି। ତେବେ ପିଓକେ ପ୍ରଧାନମନ୍ତ୍ରୀ ରଜା ଫାରୁକ୍ ହାଇଦର ଭାରତୀୟ ସେନାର କାର୍ଯ୍ୟାନୁଷ୍ଠାନରେ ପ୍ରତିପକ୍ଷ ସୈନ୍ୟଙ୍କ ମୃତାହତ ଖବର ସତ ବୋଲି ସ୍ୱୀକାର କରିଛନ୍ତି।

ଉତ୍ତର-ପୂର୍ବ କେନ୍ଦ୍ରଶାସିତ ଅଞ୍ଚଳର ଲଦାଖ ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ର ଲେହ-କାରାକୋରମ ରୋଡ୍ ଉପରେ ଏକ ନବନିର୍ମିତ ବ୍ରିଜ୍ ସୋମବାର ଉଦ୍‌ଘାଟନ କରାଯିବ। ରଣନୀତି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଥିବା ଏକ ବ୍ରିଜ୍ ଉଦ୍‌ଘାଟନ ପାଇଁ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଓ ସେନାମୁଖ୍ୟ ଜେନେରାଲ ବିପିନ ରାଓ୍ୱତ୍ ଯିବେ। ସେମାନଙ୍କ ଗସ୍ତର ଦିନକ ପୂର୍ବରୁ ପାକିସ୍ତାନୀ ସେନା ଓ ଆତଙ୍କବାଦୀଙ୍କ ଉପରେ ଏହି ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହାକୁ ନେଇ ସୀମାରେ ଉତ୍ତେଜନା ଦେଖାଦେଇଥିବାବେଳେ ରାଜନାଥ ଫୋନ୍‌ରେ ସେନାମୁଖ୍ୟ ରାଓ୍ୱତ୍‌ଙ୍କ ସହ ଆଲୋଚନା କରିଛନ୍ତି। ଏଲ୍‌ଓସିର ସ୍ଥିତି ଉପରେ ପ୍ରତିରକ୍ଷାମନ୍ତ୍ରୀ ବ୍ୟକ୍ତିଗତ ଭାବେ ନଜର ରଖିଥିବାବେଳେ ସମ୍ପୂର୍ଣ୍ଣ ଘଟଣାକ୍ରମ ନେଇ ଆଗକୁ ମଧ୍ୟ ଅବଗତ କରାଇବାକୁ ସେନାମୁଖ୍ୟଙ୍କୁ ପରାମର୍ଶ ଦେଇଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଆଜି ବିଜେପୁର...

ଉକ୍ତଦିନ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ଶିଳ୍ପସଂସ୍ଥା, ଦୋକାନ ବଜାର ଓ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିବ ।

ମୋଟ ଭୋଟରଙ୍କ ମଧ୍ୟରେ ପୁରୁଷ ଭୋଟରଙ୍କ ସଂଖ୍ୟା- ୧,୨୦,୧୩୫ ରହିଛି। ସେହିପରି ମହିଳାଙ୍କ ସଂଖ୍ୟା ୧,୧୨, ୧୧୪ ଓ ୧୫ ଜଣ ତୃତୀୟ ଲିଙ୍ଗ ମତଦାତା ରହିଛନ୍ତି। ସିଇଓଙ୍କ ଦ୍ୱାରା ବିଜେପୁରରେ ୬ ଅତି ସମ୍ବେଦନଶୀଳ(ନକ୍ସଲ ପ୍ରଭାବିତ) ଓ ୧୨୯ ସମ୍ବେଦନଶୀଳ ବୁଥ ଚିହ୍ନଟ କରାଯାଇଛି। ଭୋଟଦାନର ପରିଚାଳନା ପାଇଁ ୧,୮୯୫ ଜଣ ସରକାରୀ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ଏହା ବ୍ୟତୀତ ୩୨ ଜଣ ସେକ୍ଟର ଅଫିସର ସହ ୪୪୧ଟି ଯାନକୁ ନିର୍ବାଚନମଣ୍ଡଳୀରେ ନିୟୋଜିତ କରାଯାଇଛି। ନିର୍ବାଚନ ପରିଚାଳନା ପାଇଁ ୭୭ଜଣ ମାଇକ୍ରୋ ଅବଜରଭର ନିୟୋଜିତ ହେବାକୁ ଥିବାବେଳେ ୧୬ଟି ସ୍ଥାନରେ ଭିଡିଓଗ୍ରାଫି କରାଯିବ ବୋଲି ଶନିବାର ସିଇଓ ସୁଶୀଲ କୁମାର ଲୋହାନୀ ସୂଚନା ଦେଇଥିଲେ। ୨୭୫୦ ଭିନ୍ନକ୍ଷମ ମତଦାତାଙ୍କ ପାଇଁ ୨୮୫ଟି ହୁଇଲ ଚେୟାର ବ୍ୟବସ୍ଥା କରାଯାଇଛି। ୧୪୮ଟି ମତଦାନ କେନ୍ଦ୍ରକୁ ବ୍ରେଲି ବାଲଟ ପେପର ପଠାଯାଇଛି। ଭିନ୍ନକ୍ଷମଙ୍କୁ ଘରୁ ମତଦାନ କେନ୍ଦ୍ରକୁ ଆଣି ଶୃଙ୍ଖଳିତ ଢଙ୍ଗରେ ଭୋଟ ଦେବାର ବ୍ୟବସ୍ଥା କରିବା ପାଇଁ ୫୭୦ ଜଣ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି ।

ଉଲ୍ଲେଖଯୋଗ୍ୟ, ଏହି ନିର୍ବାଚନରେ ବିଜେଡି ପକ୍ଷରୁ ରୀତା ସାହୁ, ଭାଜପା ପକ୍ଷରୁ ସନତ ଗଡ଼ତିଆ ଏବଂ କଂଗ୍ରେସ ପକ୍ଷରୁ ଦିଲୀପ ପଣ୍ଡା ପ୍ରାର୍ଥୀ ହୋଇଛନ୍ତି। ଗତ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ପାରମ୍ପରିକ ଆସନ ହିଞ୍ଜିଳି ସହ ଏହି ଆସନରୁ ବିଧାୟକଭାବେ ନିର୍ବାଚିତ ହୋଇଥିଲେ। ପରେ ମୁଖ୍ୟମନ୍ତ୍ରୀ ହିଞ୍ଜିଳିକୁ ରଖି ବିଜେପୁର ଛାଡିଥିଲେ।

## ପ୍ରତିଯୋଗୀଙ୍କୁ...

ଟଙ୍କାରେ ଫିକ୍ସ ହୋଇଥିଲା। ଏନେଇ ଆମେ ଅଭିଯୋଗ କରିବାପରେ ଆମକୁ 'ଆଇଦର୍ ୟୁ ପେ ଅର୍ ସ୍ଲିପ୍ ଫର୍ ଦି କ୍ରାଉନ୍' ବୋଲି କହିଥିଲେ। ଆମେ ଚାହିଁଥିଲେ ଅନ୍ୟମାନଙ୍କ ଭଳି ଚୁପ୍ ରହିପାରିଥାନ୍ତୁ। ହେଲେ ବ୍ୟୁଟି ପାଜେଣ୍ଟ ନାଁରେ ମହିଳା ଓ ଯୁବତୀମାନଙ୍କୁ କିଭଳି ପ୍ରତାରିତ କରାଯାଉଛି ସେନେଇ ଆମେ ସମସ୍ତଙ୍କୁ ଜଣାଇବାକୁ ଚାହୁଁଛୁ। ଆଗକୁ ଯେପରି ଏଭଳି ଘଟଣାକୁ କେହି ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ଆମେ ଭାରତ ଫେରିବା ପରେ ଏହାର କଡ଼ା ପ୍ରତିବାଦ କରିବୁ।

### କିଛି ତଥ୍ୟ

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସରକାର ୭୯,୭୧୬ କୋଟି ଟଙ୍କା ମଞ୍ଜୁର କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୫୭,୮୭୦ କୋଟି ପ୍ରଦାନ କରାଯାଇଛି।

**– ବାସଗୃହ ଏବଂ ସହର ବ୍ୟାପାର ମନ୍ତ୍ରଣାଳୟ**

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ଆଜି ସ୍ୱାସ୍ଥ୍ୟ ଓ ପାରିବାରିକ ବୈଷମତାକୁ ଆପଣେଇବାକୁ ବାଧ ହେବେ। ଅବଶ୍ୟ ଅନ୍ୟାନ୍ୟ ଦୃଷ୍ଟିକୋଣରୁ ଆପଣଙ୍କ ପାଇଁ ଦିନଟି ବହୁତ ଭଲରେ ଭଲରେ ବିତିବ। କର୍ମ କ୍ଷେତ୍ରରେ ସହକର୍ମୀଙ୍କ ସହଯୋଗର ହାତ ଆପଣଙ୍କ ପାଖକୁ ଲମ୍ବି ଆସିବ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ବୃଷ**



ଚନ୍ଦ୍ର ସହ ରାହୁ ସଂଯୋଗ କାରଣରୁ ମନ ଭିତରେ ଯାହା ଥାଉନା କାହିଁକି ମୁହଁରେ କଅଁଳ କଥା କହି କାମ ହାସଲ କରିପାରିବେ। ବନ୍ଧୁଙ୍କ ସମର୍ଥନ କାମକୁ ଆଗକୁ ବଢାଇ ନେବାରେ ସାହାଯ୍ୟ କରିବ। ଆଲୋଚନା ପରିସରରେ ଯୁକ୍ତି ବଳରେ ସମସ୍ୟାର ସମାଧାନ କରିବେ। ମହିଳାମାନେ ପାରିବାରିକ ସମସ୍ୟାଗ୍ରସ୍ତ କାରଣରୁ ମନଦୁଃଖରେ ରହିପାରନ୍ତି।

**ମିଥୁନ**



କୋଣଭାବରେ ଗ୍ରହସ୍ଥିତି ହେତୁ ଆର୍ଥିକ ଉନ୍ନତି ମନୋବଳକୁ ବୃଦ୍ଧି କରିବ ଏବଂ ଅର୍ଥବଳରେ ଅସାଧ ସାଧନର ରାସ୍ତା ଉନ୍ମୁକ୍ତ ହେବ। କିନ୍ତୁ କାର୍ଯ୍ୟବ୍ୟସ୍ତତା ହେତୁ ମାନସିକ ଚାପ ବୃଦ୍ଧିଜନିତ ମୁଣ୍ଡବ୍ୟଥା ସହ ସ୍ୱାସ୍ଥ୍ୟହାନି ଦେଖାଦେଇପାରେ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କୀୟ ସମସ୍ୟା ଆସିବାର ଆଶଙ୍କା ରହିଛି।

**କର୍କଟ**



ଏକାଦଶରେ ପାପଗ୍ରହ କାରଣରୁ ଟିକିଏ ଟିକିଏ କଥାରେ ଅଯଥା ବିରକ୍ତିବୋଧ ଓ ଲଘୁ କ୍ରୋଧ ପ୍ରକାଶ କରି ଆତ୍ମୀୟସ୍ୱଜନଙ୍କ ବିରାଗଭାଜନ ହେବେ। ଅବଶ୍ୟ ପରିସ୍ଥିତକୁ ସାମ୍ନା କରିବାକୁ ଯାଇ ଉପସ୍ଥିତି ବୁଦ୍ଧି ପ୍ରୟୋଗକରି ସମ୍ଭାଳି ନେବେ। ଆଲୋଚନା, ବ୍ୟବସାୟ ପ୍ରଭୃତି ଯେକୌଣସି କ୍ଷେତ୍ରରେ ମଧ୍ୟ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ।

**ସିଂହ**



କର୍ମକ୍ଷେତ୍ରର ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ପ୍ରଗାଢ଼ ଚେଷ୍ଟା କରି ପାରନ୍ତି। ଅଧୁରା କାମକୁ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ଶିଳ୍ପ,ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସ୍ୱାସ୍ଥ୍ୟ ସଚେତନତା ଅଭାବରୁ ସାମୟିକ ଅସୁସ୍ଥତା ଦେଖାଦେବାର ଆଶଙ୍କା ଦେଖା ଦେଇପାରେ।

**କନ୍ୟା**



ଆଜି ଆପଣ ଏକାଧାରରେ ଅର୍ଥ, ସମ୍ମାନ, ବନ୍ଧୁମିଳନ, ଓ ସାମାଜିକ ପ୍ରତିଷ୍ଠାର୍ଜନ କରିବେ। ପାପଗ୍ରହ ମଧ୍ୟସ୍ଥ ବୁଧ ଓ ଗୁରୁ ମାତ୍ର ବିଭିନ୍ନ ପ୍ରକାରର ପାରିବାରିକ ଦୁଃଶ୍ଚିନ୍ତାରେ ମନକୁ ଆନ୍ଦୋଳିତ କରିପାରନ୍ତି। ଅଚାନକ ଭାବରେ ଅଶୌଚ ସମ୍ବାଦ ଶୁଣି ବିସ୍ମିତ ହେବେ। ଅଧିକାଂଶ କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ।

**ତୁଳା**



ମଙ୍ଗଳ ପ୍ରଭାବରେ ଜମିଜମା, ଗୃହ ପରିବର୍ତ୍ତନ, ସ୍ଥାନାନ୍ତର ତଥା ଅର୍ଥ ସମ୍ପର୍କୀୟ ଅନୁଚିନ୍ତା କରିବେ। ପାଖ,ପଡ଼ୋଶୀ/ସ୍ୱାମୀ/ସ୍ତ୍ରୀଙ୍କ ଆଲୋଚନା ପ୍ରଭୃତି ବିଷୟରେ ସମୟ ଅତିବାହିତ ହେବ। ଉପସ୍ଥିତି ବୁଦ୍ଧି ଖଟାଇ ପରିବାରର ଗୋଳମାଳିଆ ପରିସ୍ଥିତିକୁ ସମ୍ଭାଳି ନେବେ। ଦିନଭରି କାର୍ଯ୍ୟବ୍ୟସ୍ତ ରହିବେ।

**ବିଛା**



ବିଭିନ୍ନ ପ୍ରକାରର ରୁଚି ବିରୁଦ୍ଧ କାର୍ଯ୍ୟ ଆପଣଙ୍କ ମାନସିକ ଅସ୍ଥିରତାକୁ ବୃଦ୍ଧି କରିପାରେ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀ କିମ୍ବା ନିଜ ପରିସରରେ ବନ୍ଧୁବର୍ଗ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ସହଯୋଗର ପ୍ରତିଶ୍ରୁତି ବନ୍ଧୁଙ୍କଠାରୁ ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ବନ୍ଧୁଙ୍କ ଘରୋଇ କାମରେ ପାରିବାରିକ ସମସ୍ୟା ସମାଧାନ କରି ପ୍ରଶଂସିତ ହେବେ।

**ଧନୁ**



ଶନି ଓ ରାହୁଜନିତ ଆପଣଙ୍କ ଭୁଲ୍ ନିଷ୍ପତ୍ତି ଓ ବିବାଦୀୟ ମନ୍ତବ୍ୟ ପରିବେଶ ଓ ପରିସ୍ଥିତିକୁ ଗମ୍ଭୀର କରିଦେଇପାରେ। ପଡ଼ୋଶୀଙ୍କ କଥାରେ ପ୍ରଭାବିତ ହୋଇ ପରିବାରର ସଦସ୍ୟମାନେ ଆପଣଙ୍କୁ ଭୁଲ୍ ବୁଝିପାରନ୍ତି। ବ୍ୟବସାୟ ଓ ପରିବହନରେ ଆକସ୍ମିକ ସମସ୍ୟାକୁ ଅତି ଚତୁରତାର ସହ ସମାଧାନ କରପାରିବେ।

**ମକର**



ଆଜିର ଯାତ୍ରା ସମୟରେ ସ୍ଥାନ,କାଳ,ପାତ୍ରାନୁସାରୀ କଥାର ବ୍ୟତିକ୍ରମ ଅଯଥା ବିବାଦର ସୂତ୍ରପାତ କରିବ। ବେକାର କଥାରେ ଯୁକ୍ତିତର୍କ କରି ନିଜ ନିଜ ଭିତରେ ଅଯଥା କଳହରୁ ଦୂରେଇ ରୁହନ୍ତୁ। ଶିଳ୍ପ, ବାଣିଜ୍ୟ, କଳା, ସାହିତ୍ୟ,ସାମ୍ବାଦିକତା, ଏଜେନ୍ସିପ୍, ସଭାସମିତି ଓ ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ।

**କୁମ୍ଭ**



ସାଧାରଣ କଥାକୁ ନେଇ ବିତର୍କରୁ ଲୋକ ସମ୍ପର୍କ ହାନି ଓ ବନ୍ଧୁବର୍ଗଙ୍କ ସହ ସମ୍ପର୍କକୁ ତିକ୍ତ କରାଇବ। କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହୁଥିଲେ ମଧ୍ୟ କାମଟିକୁ ସମ୍ପନ୍ନ କରି ପାରିବେ ନାହିଁ କିମ୍ବା ଛାଡ଼ି ପାରିବେ ନାହିଁ। ବାଣିଜ୍ୟ, ବ୍ୟବସାୟ,ପରିବହନ, ମାଲିମକଦ୍ଦମା କିମ୍ବା ନିର୍ମାଣକାର୍ଯ୍ୟ ସମସ୍ୟା ବହୁଳ ହୋଇପାରେ।

**ମୀନ**



ଆପଣଙ୍କ ନିରପେକ୍ଷ ବିଚାରଧାରା ଜନାଦୃତ ସହ ସାମାଜିକ ପ୍ରତିଷ୍ଠା ପ୍ରଦାନରେ ସହାୟକ ହେବ। ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜକୁ ଖର୍ଚ୍ଚାନ୍ତ ହେବାକୁ ପଡିପାରେ। ଈର୍ଷା କରୁଥିବା ଲୋକମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ। ଆକସ୍ମିକ ଭାବେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

ଆଜି କାର୍ତ୍ତିକ କୃଷ୍ଣ ଅଷ୍ଟମୀ ସୋମବାର, ଅକ୍ଟୋବର ୨୧ ତାରିଖ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ଦିବା ଘ୧୨ ।୦୯ମି. ପରେ କର୍କଟ ଚନ୍ଦ୍ର, କନ୍ୟା ରାଶିର ଘାତଚନ୍ଦ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭ ।୧୮ମି. ମଧ୍ୟେ ଘ୮ ।୫୦ମି. ଗତେ, ଘ୧୧ ।୦୮ମି. ମଧ୍ୟେ ଅମୃତ ବେଳା। ସକାଳ ଘ୮ ।୦୬ମି. ଗତେ ଘ୧୦ ।୧୯ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୭ ।୧୩ମି. ଗତେ ଘ୮ ।୩୯ମି. ମଧ୍ୟେ ରାହୁକାଳ।


# classifieds Everyday 0674-2580101, 2549302




**SALE**

ପାତ୍ରପଡ଼ା NH ନିକଟରେ Yellowzone ଘରବାରି plot 1600sqft 44,00,000/ ତୁରନ୍ତ ଘର କରନ୍ତୁ। 9861709689. D-66797

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-66800

ଭୁବନେଶ୍ୱର ପଟିଆ ବିଗ୍‌ବଜାର, ରଘୁନାଥପୁର Royal Lagoon, Patia station, ଫୁଲନଖରା ନିକଟରେ Simplex, Duplex, 1, 2, 3BHK flat ମିଳୁଛି. 9658122456, 8327785834. D-68406

Mouza Krushnasaranpur-Ph(IV) Sqft. 450/, 1200 ବର୍ଗଫୁଟକୁ 5,40,000/-ରେ କିଣନ୍ତୁ। A.K. Swain-9337028135. D-68402

4BHK duplex with Gated Community at Balianta (land1400 & construction- 2200@ 55,00,000/- 2600@ 65,00,000/-) Mplanets: 9938219397, 9861022055. D-14782

ନିଜସ୍ୱ ସ୍ଥିତିବାନ ବାସୋପଯୋଗୀ 60' ପିଚୁରାସ୍ତାକୁ ଲାଗି ହଂସପାଳ 9937816565, 9937568585. D-68133

30'road BDA Yellowzone 2nos. gharabari boundary plot near SUM Hospital, Kalinga Nagar DAV School (size-2024) sqft.1950/- 9437240766, 9937044887. D-68405

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68142

"1460sqft., 3BHK Marble floor, fully furnished flat with all amenities ready for sale at Chandrama Complex, Master Canteen, Bhubaneswar. Call: 9776694573". D-14868

ଭୁବନେଶ୍ୱର ଗ୍ୟାରେଜ ଛକ ନିକଟରେ ଫ୍ଲାଟ୍ ବିକ୍ରିହେବ। Possession, Registration immediate 9178660666. D-14854




1200sqft. full furnished commercial office space for rent, 1st floor, Bomikhal, CTC Road, Bhubaneswar. Contact: 09880193309, 7411536937. D-68136




Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Full body herbal massage with refreshment expert therapist. 7381239385, 06742540855. D-68138

Newly open full body massage by ladies, gents therapist. 8018656899 D-60844

Ayurvedic full body massage by ladies, gents therapist. 7008773793 D-60845

Experience full body massage with us (expert). Call: 7377048581, 06742597822. D-68139

Herbal full body massage by smart / expert therapist. Contact: 8338067247. D-68140

Summer special mesmerizing offer expert therapeutic refreshing massage appointment. 9668374480. D-68141

**ଡକ୍ଟରେଟ୍ ଲାଭ**



Indian Institute of Technology (IIT) Bombay ରୁ ଅର୍ଥନୀତିରେ ଗବେଷଣା ପାଇଁ ଶ୍ରୀ କାଳନ୍ଦୀ ଚରଣ ପ୍ରଧାନଙ୍କୁ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। Prof. Dr. K.Narayananଙ୍କ ତତ୍ତ୍ୱାବଧାନରେ ତାଙ୍କର ଗବେଷଣାର ସନ୍ଦର୍ଭ 'Climate Change and Labour Migration: A Study of Selected Households & Villages in Semi-Arid Tropics of India, Dr. Pradhan ଜଗତ୍‌ସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ, ସାମନ୍ତରାପୁର ଗ୍ରାମର ଏକ ସାଧାରଣ ପରିବାରର ନାଥୁରାମ ପ୍ରଧାନ ଓ ଶୈଳବାଳା ପ୍ରଧାନଙ୍କ ସୁପୁତ୍ର ଅଟନ୍ତି। ସେ ବର୍ତ୍ତମାନ IIT Bombayରେ Research Associate ଭାବେ କାର୍ଯ୍ୟରତ ଅଛନ୍ତି। ଏହି ସଫଳତାର ଶ୍ରେୟ ସେ ତାଙ୍କ ବାପା, ମା', ଭାଇ, ସମ୍ପର୍କୀୟ ତଥା ସାଙ୍ଗସାଥୀ ଓ ପୂର୍ବରୁ ଅଧ୍ୟୟନ କରୁଥିବା Pondicherry Central University, Utkal University, SVM Collegeର ସମସ୍ତ ଅର୍ଥନୀତିର ଅଧ୍ୟାପିକା, ଅଧ୍ୟାପକ ମାନଙ୍କୁ କୃତଜ୍ଞତା ଜ୍ଞାପନ ଜଣାଇଛନ୍ତି।
ଧ-୧୪୮୭୦

**ନିରୁଦ୍ଦିଷ୍ଟ**



ରୁଦ୍ରନାରାୟଣ ରାୟ ଚୌଧୁରୀ (ବୁନୁ) ଗତ ୧୮।୧୦।୧୯ ତାରିଖରେ ଭୁବନେଶ୍ୱରରୁ କେଉଁଆଡ଼େ ଚାଲିଯାଇଛନ୍ତି। କୌଣସି ସହୃଦୟ ବ୍ୟକ୍ତି ବୁନୁଙ୍କ ସନ୍ଧାନ ପାଇଲେ ସ୍ଥାନୀୟ ଥାନା କିମ୍ବା ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀ- 8895124974, 8249385538 ରେ ଯୋଗାଯୋଗ ପାଇଁ ଅନୁରୋଧ।
D-56183

**୧ମ ଜନ୍ମଦିନ ଶୁଭେଚ୍ଛା**



**ଓମ୍‌କାର (ରୁଦ୍ର)**

ଆଜି ତୋର ପ୍ରଥମ ଜନ୍ମଦିବସରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।

**ଶୁଭେଚ୍ଛା ସହ:**
ପାପା, ମାମା, ଅଙ୍କିଦେଇ, ପରିବାରବର୍ଗ।
ଧ-୬୬୯୮୨

**ପାଠକଙ୍କ ପାଇଁ ସୂଚନା :** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ବ୍ରେକ୍‌ଜିଟ ସମୟସୀମା ଆଉ ୩ ମାସ ବଢ଼ାଇବା ଲାଗି ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ୟୁରୋପୀୟ ସଂଘ (ଇୟୁ)କୁ ପତ୍ର ଲେଖିଛନ୍ତି। ତେବେ ସେଥିରେ ସେ ସ୍ୱାକ୍ଷର କରିନାହାନ୍ତି। ୟୁରୋପୀୟ ସଂଘରୁ ବ୍ରିଟେନ ଅଲଗା ହେବାର ସମୟସୀମା ଅକ୍ଟୋବର ୩୧ ଧାର୍ଯ୍ୟ ହୋଇଥିଲାବେଳେ ନୂଆ ବ୍ରେକ୍‌ଜିଟ ଚୁକ୍ତିକୁ ବିଳମ୍ବିତ କରିବା ସପକ୍ଷରେ ଶନିବାର ଏମ୍‌ପିମାନେ ଭୋଟ ଦେଇଥିଲେ।










ଲୋକପ୍ରିୟ ଅଭିନେତା ସବ୍ୟସାଚୀ ମିଶ୍ର ଏବଂ ଅଭିନେତ୍ରୀ ଏଲିନା ସାମନ୍ତରାୟ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟକୁ ରବିବାର ସୌଜନ୍ୟମୂଳକ ପରିଦର୍ଶନରେ ଆସି ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କୁ ସାକ୍ଷାତ୍ କରିଛନ୍ତି। ସୂଚନାଥାଉ କି ସବ୍ୟସାଚୀ ଓ ଏଲିନାଙ୍କ ଅଭିନୀତ ଓଡ଼ିଆ ଚଳଚ୍ଚିତ୍ର 'ମାଲ ମହୁ ଜୀବନ ମାଟି' ଆସନ୍ତା ନଭେମ୍ବର ୮ରେ ମୁକ୍ତିଲାଭ କରିବାକୁ ଯାଉଛି।

# ଭିମ୍‌ସାରରେ ଚିକିତ୍ସାଧୀନ କଏଦୀଙ୍କ ମୃତ୍ୟୁ

**ସମ୍ବଲପୁର, ୨୦।୧୦ (ବ୍ୟୁରୋ):** ସମ୍ବଲପୁର ବୁର୍ଲାସ୍ଥିତ ଭିମ୍‌ସାରରେ ଚିକିତ୍ସିତ ହେଉଥିବା ଜଣେ ବିଚାରାଧୀନ କଏଦୀଙ୍କ ରବିବାର ଭୋର ପ୍ରାୟ ସାଢ଼େ ୫ଟାରେ ମୃତ୍ୟୁ ଘଟିଛି । ସେ ହେଲେ ପ୍ରକାଶ ସୁନା ଓରଫ ବଣ୍ଟି (୩୦)। ଗତ ୧୭ ତାରିଖ ବଣ୍ଟି ଅସୁସ୍ଥ ହୋଇପଡିବାରୁ ଜେଲ୍ କର୍ତ୍ତୃପକ୍ଷ ବୁର୍ଲା ଭିମ୍‌ସାରରେ ଭର୍ତ୍ତି କରିଥିଲେ। ତେବେ ସେ ସିକିଲସେଲ୍ ରୋଗରେ ପୀଡିତ ଥିଲେ ବୋଲି ଜେଲ୍ କର୍ତ୍ତୃପକ୍ଷ କହିଛନ୍ତି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଙ୍କ ମୃତ ଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ୨୪ରେ ପ୍ରବଳ ବର୍ଷା ସୂଚନା

**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)**

ଉତ୍ତର-ପଶ୍ଚିମ ମୌସୁମୀ ବାୟୁ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଆସନ୍ତା ୨୪ତାରିଖ ଦିନ ପ୍ରବଳ ବର୍ଷା ହେବ। ଗଜପତି, ଗଞ୍ଜାମ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଆଦି ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଛି। ସେଥିପାଇଁ ଏ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ଏହାଛଡ଼ା ସେଦିନ ପଶ୍ଚିମ ଓଡ଼ିଶା ଓ ଉତ୍ତର ଓଡ଼ିଶାର କିଛି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ହେବାର ଆଶଙ୍କା ରହିଛି। ଆକାଶ ମେଘୁଆ ରହୁଥିବାରୁ ଆସନ୍ତା ୨-୩ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ମଧ୍ୟ ବଢ଼ିବାର କି କମିବାର ସମ୍ଭାବନା ନାହିଁ। ରାତିରେ ପାରଦ ଖସିବାର ସମ୍ଭାବନା ବହୁତ କମ୍ ଥିବାରୁ ଏବେ ଶୀତ ହେବନି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। କିନ୍ତୁ ୪ ଦିନ ପରେ ଓଡ଼ିଶା ଆକାଶରେ ମେଘ କମ୍ ଦେଖାଯିବ। ରାତିରେ ପାରଦ କମିବାର ସମ୍ଭାବନା ରହିଛି ବୋଲି ପୂର୍ବାନୁମାନ କରାଯାଇଛି।

## କେନ୍ଦୁଝରରେ ବେଆଇନ ଖଣି ଖନନ
# ଜିଲା ପ୍ରଶାସନକୁ ଏନ୍‌ଜିଟିର ତାଗିଦ୍

**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)**




କେନ୍ଦୁଝର ଜିଲାରେ ବେଆଇନ ଭାବେ ଖଣି କାରବାରକୁ ପ୍ରୋତ୍ସାହନ ଦିଆଯାଉଛି। ଏହାକୁ ରୋକିବା ପାଇଁ ଜିଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେଉନାହିଁ। ଏହି କାରଣରୁ ଜାତୀୟ ସବୁଜ ଟ୍ରିବ୍ୟୁନାଲ୍(ଏନ୍‌ଜିଟି) ଜିଲା ପ୍ରଶାସନକୁ କଡ଼ା ତାଗିଦ୍ କରିଛନ୍ତି।

ଘସିପୁରା ଅଞ୍ଚଳର ମଦନପୁରରେ ଥିବା ଲାଟେରାଇଟ୍ ଖନନ ସଂକ୍ରାନ୍ତରେ ଏନ୍‌ଜିଟି ଏହି ନିର୍ଦ୍ଦେଶ ଦେଇଛନ୍ତି। ବେଆଇନ ଖଣିଜ ଉତ୍ତୋଳନ ପାଇଁ ମୁକ୍ତ ପରିବେଶ ସୃଷ୍ଟି କରାଯାଇଥିବା କୁହାଯାଇଛି। ସ୍ଥାନୀୟ ଅଞ୍ଚଳରେ ସବୁଜିମା ତଥା ପରିବେଶ ସୁରକ୍ଷାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ସେହିପରି ବେଆଇନ ଖନନ ପାଇଁ ସ୍ଥାନୀୟ ଗ୍ରାମବାସୀଙ୍କୁ ଜିଲା ପ୍ରଶାସନ ଦାୟୀ କରିବାକୁ ଏନ୍‌ଜିଟି ନାପସନ୍ଦ କରିଛନ୍ତି। ନିର୍ଦ୍ଦିଷ୍ଟ ଭାବେ କୁହାଯାଇଛି ଯେ, ସେହି ଅଞ୍ଚଳରୁ ଉତ୍ତୋଳନ କରାଯାଇଥିବା ଫଟୋଚିତ୍ରରୁ ଜେସିବି ଦ୍ୱାରା ଖନନ କରାଯାଉଥିବା ସ୍ପଷ୍ଟ ଜଣାପଡିଛି। ତେଣୁ ସ୍ଥାନୀୟ ବାସିନ୍ଦାଙ୍କୁ ଅଯଥାରେ ବିବାଦକୁ ଟଣାଯାଉଥିବା କୁହାଯାଇଛି। ସର୍ବୋପରି ସାମ୍ପ୍ରତିକ ସ୍ଥିତିରେ ବେଆଇନ ଖଣି ଖନନକୁ ବନ୍ଦ କରିବା ପାଇଁ ଏନ୍‌ଜିଟି ଜିଲା ପ୍ରଶାସନକୁ କହିଛନ୍ତି। ସେହିପରି ଏହି କାର୍ଯ୍ୟ ଦ୍ୱାରା ପ୍ରଭାବିତ ହୋଇଥିବା ବିସ୍ଥାପିତଙ୍କୁ ଉପଯୁକ୍ତ ଥଇଥାନ ଏବଂ ପୁନର୍ବାସ ନେଇ ମଧ୍ୟ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଆବଶ୍ୟକ ହେଲେ ଏହି କାର୍ଯ୍ୟ କରିବା ପାଇଁ ପୋଲିସ ଫୋର୍ସ ମୁତୟନ ସପକ୍ଷରେ ଏନ୍‌ଜିଟି ପକ୍ଷରୁ କୁହାଯାଇଛି।

# ୧୮ ମାସରେ ବଦଳିବ ସରକାରୀ କୋଠାର ରୂପରେଖ

## ଖୁବ୍‌ଶୀଘ୍ର ଆରମ୍ଭ ହେବ ଉଚ୍ଛେଦ ଓ ନିର୍ମାଣ

**ଭୁବନେଶ୍ୱର,୨୦।୧୦(ବ୍ୟୁରୋ)**

ରାଜଧାନୀରେ ଥିବା ସରକାରୀ କୋଠା ଏବଂ କ୍ୱାର୍ଟର୍ସଗୁଡିକ ନବୀକରଣ କରାଯିବ। ଏନେଇ ସାଧାରଣ ପ୍ରଶାସନ(ଜିଏ) ପକ୍ଷରୁ ସ୍ଥାନ ଚିହ୍ନଟ ହୋଇସାରିଛି। ପୂର୍ତ୍ତ ବିଭାଗ ମଧ୍ୟ ଏଥିପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ କରିସାରିଛି। ଚଳିତ ନଭେମ୍ବରରେ ପୁରାତନ କୋଠା ଭାଙ୍ଗିବା ନେଇ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡିଛି। ସେହିପରି ନୂତନ ନିର୍ମାଣ କାର୍ଯ୍ୟ ଆସନ୍ତା ୧୮ ମାସ ମଧ୍ୟରେ ସାରିବାକୁ ନିଷ୍ପତ୍ତି ନିଆଯାଇଛି। ସରକାରୀ ଆବାସ ଉନ୍ନୟନ କାର୍ଯ୍ୟକ୍ରମ(ଜିଏଡିପି) ଅନ୍ତର୍ଗତ ଏହି ସମସ୍ତ କାର୍ଯ୍ୟ କରାଯିବ। ପୁରୀସ୍ଥିତ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ଉନ୍ନୟନ ଭଳି ରାଜଧାନୀରେ ନୂଆ ସରକାରୀ କୋଠାର ନିର୍ମାଣକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି। ଏହି କାର୍ଯ୍ୟର ନିୟମିତ ବ୍ୟବଧାନରେ ସମୀକ୍ଷା କରିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ସାରିଛି। କମିଟି ଦ୍ୱାରା ପୂର୍ବରୁ କରାଯାଇଥିବା ୩ଟି ବୈଠକରେ ପୁରୁଣା କୋଠା ଭଙ୍ଗାଯିବା ସହ ନୂତନ ନିର୍ମାଣ ନେଇ ଆଲୋଚନା ହୋଇଛି।

କମିଟିରେ ମୁଖ୍ୟ ଶାସନ ସଚିବ ଅଧ୍ୟକ୍ଷ , ଅର୍ଥ ସଚିବ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବ ସଦସ୍ୟ ଏବଂ ପୂର୍ତ୍ତ ବିଭାଗର କମିଶନର ତଥା ସଚିବ ଆବାହକ ସଦସ୍ୟଭାବେ କାର୍ଯ୍ୟ କରୁଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ବିଧାନ ସୌଧ ସମ୍ମୁଖ ଭାଗ ଭଙ୍ଗାଯିବା ସହ ସେଠାରେ ବହୁତଳ ବିଶିଷ୍ଟ କୋଠା ନିର୍ମାଣ କରାଯିବ। ବିଧାନସଭାର ସମସ୍ତ ସଦସ୍ୟଙ୍କୁ ସେହି ସ୍ଥାନରେ ଟାଇପ-୭ ଆବାସ ଯୋଗାଇ ଦିଆଯିବ। ଏହା ବ୍ୟତୀତ ଜନ ପ୍ରତିନିଧିଙ୍କ ପାଇଁ ସ୍ୱତନ୍ତ୍ରଭାବେ ବ୍ୟାୟାମଶାଳା(ଜିମ୍), ଫୁଡ୍ କୋର୍ଟ, ଚାଲିବା ପାଇଁ ସ୍ଥାନ ଏବଂ ବିଭିନ୍ନ ଗୋଷ୍ଠୀ କେନ୍ଦ୍ର ରହିବ। ବିଧାୟକମାନଙ୍କ ପାଇଁ ନିର୍ମାଣ ପରେ କେତେ ମାତ୍ରାର ସ୍ଥାନ ବଳକା ରହୁଛି, ତାହାକୁ ଦୃଷ୍ଟିରେ ରଖି ବିଧାନସଭା କର୍ମଚାରୀଙ୍କ ପାଇଁ ଆବାସସ୍ଥଳୀ ନିର୍ମାଣ କରାଯିବ ବୋଲି ଜଣାପଡିଛି। ସେହିପରି ରାଜମହଲ ଛକରୁ ମାଷ୍ଟରକ୍ୟାଣ୍ଟିନ ମଧ୍ୟରେ ଥିବା ସିଙ୍ଗଲ୍ ଷ୍ଟୋରେଜ୍ କ୍ୱାର୍ଟର୍ସକୁ ଭଙ୍ଗାଯାଇ ବହୁମୁଖୀ ପ୍ରାସାଦ କେବଳ ବରିଷ୍ଠ ଅଧିକାରୀଙ୍କ ପାଇଁ ନିର୍ମାଣ କରାଯିବ। ଏହା ପରେ ପର୍ଯ୍ୟାୟକ୍ରମେ ୟୁନିଟ୍ ୧, ୨, ୩ରେ ଥିବା ସିଙ୍ଗଲ୍ ଷ୍ଟୋରେଜ୍ କ୍ୱାର୍ଟର୍ସକୁ ଭଙ୍ଗାଯିବ ବୋଲି ଜଣାପଡିଛି। ଏହି ସ୍ଥାନରେ ବିଭିନ୍ନ ସରକାରୀ କର୍ମଚାରୀଙ୍କ ପାଇଁ ଫ୍ଲାଟ ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି।

ସରକାର ଏପରି ନିଷ୍ପତ୍ତି ନେଇ ଥିବାରୁ କର୍ମଚାରୀଙ୍କ ମହଲରେ ସ୍ୱାଗତ କରାଯାଇଛି। ହେଲେ 'ଲୋକସେବା ଭବନ' ତଥା ସଚିବାଳୟ କର୍ମଚାରୀମାନେ ସ୍ୱତନ୍ତ୍ର ଭାବେ ଆବାସିକ କଲୋନୀ ପାଇଁ ପ୍ରସ୍ତାବ ରଖିଛନ୍ତି। ଉଲ୍ଲେଖଯୋଗ୍ୟ, ଏଜି, ଓଡ଼ିଶା ଖଣି ନିଗମ, ଇଡ୍‌କଲ୍ , ଡିପିଆଇ, ଓସିସି, ଆରବିଆଇ ଏବଂ ଏସ୍‌ବିଆଇର ସ୍ୱତନ୍ତ୍ର କର୍ମଚାରୀ କଲୋନୀ ରହିଛି। ଏହି ଢାଞ୍ଚାରେ ସଚିବାଳୟ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର କଲୋନୀ କରିବା ପାଇଁ ଦାବି କରାଯାଇଛି। ବର୍ତ୍ତମାନ କର୍ମଚାରୀମାନେ ରାଜଧାନୀର ବିଭିନ୍ନ ସ୍ଥାନ ଯଥା-ରେଣ୍ଟାଲ କଲୋନୀ, ସୈନିକ ସ୍କୁଲ, କଳ୍ପନା ଛକ ଅଞ୍ଚଳ ଏବଂ ବିଜେବି ନଗର ପ୍ରଭୃତିରେ ରହୁଛନ୍ତି। ତେଣୁ ଲୋକସେବା ଭବନ ନିକଟବର୍ତ୍ତୀ ୟୁନିଟ୍-୨ କିମ୍ବା ୩ରେ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର କଲୋନୀ ପାଇଁ ଦାବି କରାଯାଇଛି। ସରକାରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଖସଡ଼ା ଅନୁଯାୟୀ ୨୨୦ ରୁ ୨୪୦ କୋଟି ମଧ୍ୟରେ ପ୍ରସ୍ତାବିତ କାର୍ଯ୍ୟକୁ ସାରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ୨୦୨୧ ଅଗଷ୍ଟ ମାସ ପୂର୍ବରୁ ପ୍ରସ୍ତାବିତ ନିର୍ମାଣ ଯେପରି ବ୍ୟବହୃତ ହୋଇପାରୁଥିବା ସେଥିପ୍ରତି ଦୃଷ୍ଟି ଦିଆଯାଇଛି।


DSPL-119



POLICE COMMEMORATION DAY

Message

I am glad to know that Odisha Police observes the 60th Police Commemoration Day on 21st October 2019.

It is for the 60th year that the police martyrs of the country are being proudly remembered for their acts of heroism. They all continue to be inspiration and motivation to the in-service police personnel of all ranks with their loyalty to duty. Odisha Police has its own saga of daringness, valor and supreme sacrifices as it grows from strength to strength. I take this opportunity to salute all the brave hearts for being outstanding in discharging duty. It would be incomplete without appreciating the support of their families. It is for the present generation of police personnel to glorify the legacy and reputation of Odisha Police with their acts, character, alertness and responsiveness on every occasion.

I wish Police Commemoration Day would bring fresh energy, enthusiasm and spirit in our police personnel to overcome any challenge. My best wishes to Odisha Police.

(Ganeshi Lal)





ପୋଲିସ ଶହୀଦ ସ୍ମୃତି ଦିବସ

ବାର୍ତ୍ତା

ଓଡ଼ିଶା ପୋଲିସ ତରଫରୁ ୬୦ତମ **"ପୋଲିସ ଶହୀଦ ସ୍ମୃତି ଦିବସ"** ଅକ୍ଟୋବର ୨୧ ତାରିଖ, ୨୦୧୯ ଦିନ ପାଳନ କରାଯାଉଅଛି। ୧୯୬୦ ମସିହାରୁ ପାଳନ କରାଯାଉଥିବା ଏହି ଦିବସ ଆମର ବୀର ପୋଲିସ କର୍ମଚାରୀ ଓ ଅଧିକାରୀମାନଙ୍କ ତ୍ୟାଗ ଓ ବଳିଷ୍ଠ ଅବଦାନର ଏକ ମହାନ ସ୍ମୃତି ଏବଂ ଯୁବ ସମାଜ ପାଇଁ ପ୍ରେରଣାଦାୟୀ।

ଆଜିର ଏହି ପବିତ୍ର ଦିବସରେ ମୁଁ ସେହି ଶହୀଦ ପୋଲିସମାନଙ୍କ ଅମର ଆତ୍ମା ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ଓ ସେମାନଙ୍କ ପରିବାର ବର୍ଗଙ୍କୁ ମୋର ସମବେଦନା ଜଣାଉଛି।

(ନବୀନ ପଟ୍ଟନାୟକ)

12029/13/0026/1920

ରେଲୱେ ଏହାର ବୋର୍ଡ ଅଫିସରଙ୍କ ସଂଖ୍ୟା ୨୫ ପ୍ରତିଶତ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି। ବର୍ତ୍ତମାନ ଅଫିସର ସଂଖ୍ୟା ୨୦୦ ଥିଲାବେଳେ ଏହାକୁ ୧୫୦କୁ କମାଇ ଦିଆଯିବ। ନିର୍ଦ୍ଦେଶକ ସ୍ତର ଓ ତଦୂର୍ଦ୍ଧ୍ୱ ପାହ୍ୟାର ଅଫିସରମାନଙ୍କୁ ଜୋନାଲ କାର୍ଯ୍ୟାଳୟକୁ ବଦଳି କରାଯିବ। ପ୍ରଥମେ ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ରେଲୱେ ବୋର୍ଡ ଅଫିସର ସଂଖ୍ୟା କମାଇବା ପାଇଁ ଚିନ୍ତା କରାଯାଇଥିଲା।




# ଫନୀ ପରେ ନଡ଼ିଆଚାଷ ଚିନ୍ତା | ଯୋଜନା ହେଉଛି, ନାହିଁ ସଚେତନତା

**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)**

ଗତ ମେ ମାସ ୩ ତାରିଖରେ ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ଝଡ ଫନୀ ଉପକୂଳ ଓଡିଶାରେ ଭୟଙ୍କର ପ୍ରଭାବ ସୃଷ୍ଟି କରିଥିଲା। ବାତ୍ୟା ଫନୀ ଯୋଗୁ ମୁଖ୍ୟତଃ ଉପକୂଳିଆ ୬ ଜିଲା (ପୁରୀ, କଟକ, ଖୋର୍ଦ୍ଧା, ଯାଜପୁର, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡା)ରେ ବ୍ୟାପକ କ୍ଷତି ଘଟିଥିଲା। ବିଶେଷକରି ଉପକୂଳ ଓଡିଶାବାସୀଙ୍କ ରୋଜଗାରର ମୁଖ୍ୟପନ୍ଥା ନଡିଆ ଗଛ ଯେତିକି ଭାଙ୍ଗିଛି ତା'ର ହିସାବ ମଧ୍ୟ ଏଯାଏ ସରକାର କରିପାରୁନାହାନ୍ତି। ନଡିଆ ଚାଷୀଙ୍କୁ ସରକାର ସହାୟତା ଦେବାକୁ ଯୋଜନା କରୁଛନ୍ତି। ସେହିପରି ନଡିଆ ଚାଷ ବୃଦ୍ଧି କରିବା ସକାଶେ ନୂଆ ନୂଆ ଯୋଜନା କରାଯାଉଥିଲେ ମଧ୍ୟ ବ୍ୟାପକ ସଚେତନତା ସୃଷ୍ଟି କରାଯାଉ ନ ଥିବାରୁ ଚାଷୀ ଏହାର ଲାଭ ପାଇପାରୁନାହାଁନ୍ତି। ସେହିପରି ଫନୀ ସହାୟତା ପ୍ରଦାନରେ ପାତରଅନ୍ତର କରାଯାଉଥିବା ଅଭିଯୋଗ ହୋଇଛି।

ରାଜ୍ୟ ସରକାର ଏବଂ ସିଡିବି(ନାରିକେଳ ଉନ୍ନୟନ ବୋର୍ଡ) ପକ୍ଷରୁ ନଡିଆ ଚାଷ ପାଇଁ ଏକ ସ୍ୱତନ୍ତ୍ର ଯୋଜନା କରାଯାଇଛି। ୨୦୧୯-୨୦ ଆର୍ଥିକ ବର୍ଷ ମଧ୍ୟରେ ଅଧିକ ୫୬୩.୫ ହେକ୍ଟର ଜମିରେ ନଡିଆ ଚାଷ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏଥିପାଇଁ ବଜେଟରେ ରାଜ୍ୟ ସରକାର ୧୦୯ଲକ୍ଷ ଟଙ୍କା ବ୍ୟୟ ବରାଦ କରିଛନ୍ତି। ଗୋଟିଏ ହେକ୍ଟର ଚାଷ ଜମିରେ ମୋଟ ୧୭୫ଟି ଲେଖାଏ ନଡିଆ ଗଛ ଲଗାଇବାକୁ ସରକାର ସବ୍‌ସିଡି ବ୍ୟବସ୍ଥା କରିଛନ୍ତି। ହେକ୍ଟର ପିଛା ୨୪ହଜାର ଟଙ୍କା ସବ୍‌ସିଡି ସରକାର ପ୍ରଦାନ କରିବେ। ଚାଷୀମାନେ ନିଜ ହାତରୁ ଗଛ କିଣି ଲଗାଇବାପରେ ଏହି ଅର୍ଥ ଦୁଇଟି ପର୍ଯ୍ୟାୟରେ ଚାଷୀଙ୍କୁ ମିଳିବ। ପ୍ରଥମ ବର୍ଷ ସବ୍‌ସିଡି ବାବଦକୁ ୧୭,୫୦୦ଟଙ୍କା ରାଜ୍ୟ ସରକାର ପ୍ରଦାନ କରୁଥିବା ବେଳେ ଦ୍ୱିତୀୟ ବର୍ଷ ସିଡିବି ପକ୍ଷରୁ ୬ ହଜାର ୫୦୦ଟଙ୍କା ପ୍ରଦାନ କରାଯାଉଛି। ମାତ୍ର ଜଣେ କୃଷି ଅଧିକାରୀଙ୍କ କହିବାନୁଯାୟୀ ଏହି ଯୋଜନାରୁ ଚାଷୀ ଲାଭ ଉଠାଇପାରୁନାହାନ୍ତି। ଏନେଇ ଯଦି ବ୍ୟାପକ ପ୍ରଚାର କରାଯାଇପାରନ୍ତା ତେବେ ଚାଷୀ ସୁବିଧା ପାଆନ୍ତେ। ଅନ୍ୟପଟେ ରାଜ୍ୟ ସରକାର ନଡିଆ ଚାଷ ପାଇଁ ଆଉ ଏକ ସ୍ୱତନ୍ତ୍ର ଯୋଜନା କରିଛନ୍ତି। ଫନୀ ପରେ କ୍ଷତିଗ୍ରସ୍ତଙ୍କୁ ସ୍ୱତନ୍ତ୍ର ସାହାଯ୍ୟ ଯୋଗାଇବା ଲାଗି ସିଡିବି(କୋକୋନଟ୍ ଡେଭଲପମେଣ୍ଟ ବୋର୍ଡ) ଯୋଜନା କରିଛି। ଫନୀ ପ୍ରଭାବିତ ୬ ଜିଲା ପାଇଁ କୃଷି ବିଭାଗକୁ ମୋଟ ୨୯ କୋଟି ଟଙ୍କା ଦେବା ଲାଗି ସିଡିବି ଘୋଷଣା କରିଛି। ଏଥିରୁ ବର୍ତ୍ତମାନ ପର୍ଯ୍ୟନ୍ତ ମୋଟ କୃଷି ବିଭାଗକୁ ସିଡିବି ପକ୍ଷରୁ ୭ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହାଦ୍ୱାରା ଫସଲ ନଷ୍ଟ ହୋଇଥିବା ଅଞ୍ଚଳର ପୁନରୁଦ୍ଧାର ଏହି ଯୋଜନାର ମୂଳ ଲକ୍ଷ୍ୟ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଯୋଜନାରେ ଜଣେ ଚାଷୀଙ୍କୁ ୩୨ଟି ଗଛ କାଟିବା ପାଇଁ ଗୋଟାକୁ ୧ହଜାର ଟଙ୍କା ହିସାବରେ ସହାୟତା ମିଳିବ। ସେହି ସ୍ଥାନରେ ମୋଟ ୧୦୦ଟି ଗଛ ଲଗାଇବାକୁ ଗୋଟିଏ ଗଛ ପିଛା ୪୦ଟଙ୍କା ହିସାବରେ ୪ ହଜାର ଟଙ୍କା ଦିଆଯିବ। ମାତ୍ର ଏ ପର୍ଯ୍ୟନ୍ତ କେତେଜଣ ଫନୀ ପ୍ରଭାବରେ ଶୀକାର ହୋଇଥିବା ଚାଷୀ ଏହାର ଲାଭ ପାଇଲେଣି ସେ ନେଇ ସରକାର ଏ ପର୍ଯ୍ୟନ୍ତ ତଥ୍ୟ ପ୍ରସ୍ତୁତ କରିପାରିନାହାନ୍ତି।

## ସୁଫଳ ପାଇପାରୁ ନାହାନ୍ତି ଚାଷୀ



ପୁରୀ ଜିଲା ବାଲିଗୋରଡି ଗାଁର ନଡିଆ ଚାଷୀ ଭଗବାନ ସାହୁ କହିଛନ୍ତି, ସରକାର ନଡିଆ ଗଛ ଭାଙ୍ଗିଲେ ୨୫ଟା ଗଛ ପାଇଁ ଟଙ୍କା ମିଳିବ କହିଛନ୍ତି, ମିଳିନାହିଁ। ଯଦି ଗଛ କାଟିବା ଏବଂ ସେହି ସ୍ଥାନରେ ଗଛ ପୋତିବା ଲାଗି ସରକାର ଟଙ୍କା ଦେଉଛନ୍ତି ତେବେ ଭଲ କଥା। ଏ ବିଷୟରେ ଟିକେ ମାତ୍ର ଖବର ଆମ ପାଖରେ ନାହିଁ। ଯଦି ଏହି ଯୋଜନା ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଯାଆନ୍ତା ତେବେ ବହୁଲୋକ ଉପକୃତ ହୋଇପାରନ୍ତେ ବୋଲି ସେ କହିଛନ୍ତି। ସେହିପରି ଚାଷୀ ସୁବୋଧ ମିଶ୍ର କହିଛନ୍ତି, ବାତ୍ୟା ଯୋଗୁ ବହୁତଗୁଡିଏ ଗଛ ଭାଙ୍ଗିଗଲା। ବାତ୍ୟାକୁ ୬ମାସ ପୂରଣ ହେଲାପରେ ମଧ୍ୟ ଏ ପର୍ଯ୍ୟନ୍ତ ସରକାରଙ୍କ ଉପରୋକ୍ତ ଯୋଜନା ସମ୍ପର୍କରେ କିଛି ଜାଣିନାହୁଁ। ବର୍ତ୍ତମାନ ଗଛ ସଫା କରି ନୂଆ ଗଛ ପୋତିବାକୁ ଟଙ୍କା ଦେବା କଥା କହିଲେ କ'ଣ ହେବ। ଆମେମାନେ ତ ବହୁ କଷ୍ଟରେ ଟଙ୍କା ଯୋଗାଡ କରି ବାତ୍ୟା ସମୟରେ ଭାଙ୍ଗିଯାଇଥିବା ଗଛ ସଫା କଲୁ। କେବଳ ଚାଷୀଙ୍କୁ ସହାୟତା ଦେବା ନାଁରେ ହରିଲୁଟ କରିବାକୁ ଏହି ଯୋଜନା ବୋଲି ସେ କହିଛନ୍ତି।

ଫନୀ ପ୍ରଭାବିତ ଉପରୋକ୍ତ ୬ ଜିଲାରେ ନଷ୍ଟ ହୋଇଥିବା ନଡିଆ ଚାଷୀଙ୍କୁ କ୍ଷତିପୂରଣ ଅର୍ଥ ପ୍ରଦାନ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏଥିପାଇଁ ୫୦ କୋଟି ଟଙ୍କା କୃଷି ବିଭାଗକୁ ଦିଆଯାଇଛି। ବ୍ଲକସ୍ତରର ଅଧିକାରୀମାନେ ନଷ୍ଟ ହୋଇଥିବା ନଡିଆ ଚାଷୀଙ୍କ ତାଲିକା ପ୍ରସ୍ତୁତ କରିବାପରେ ସହାୟତା ବାବଦ ଅର୍ଥ ଲୋକଙ୍କୁ ଦିଆଯାଉଛି। ମିଳିଥିବା ସୂଚନା ମୁତାବକ ଗତ ୩ ତାରିଖ ସୁଦ୍ଧା ମୋଟ ୩୪କୋଟି ୬୭ଲକ୍ଷ ୭୬ ହଜାର ୫୦୦ଟଙ୍କା ଏ ପର୍ଯ୍ୟନ୍ତ କ୍ଷତିଗ୍ରସ୍ତଙ୍କୁ ପ୍ରଦାନ ସରିଛି। ପୁରୀର ସର୍ବାଧିକ ୧ଲକ୍ଷ ୨୭ହଜାର କ୍ଷତିଗ୍ରସ୍ତଙ୍କ ମଧ୍ୟରୁ ୭୯ହଜାର ୯୩୫ଜଣଙ୍କୁ ୩୨କୋଟି ୧୪ଲକ୍ଷ ୫୮ ହଜାର ୫୦୦ଟଙ୍କା ଦିଆସରିଛି। ମାତ୍ର କେନ୍ଦ୍ରାପଡା ଏବଂ କଟକ ଅଞ୍ଚଳର କ୍ଷତିଗ୍ରସ୍ତଙ୍କୁ ଏ ପର୍ଯ୍ୟନ୍ତ ସହାୟତା ଦିଆଯାଇନାହିଁ। କଟକର ୭,୧୭୮ ଏବଂ କେନ୍ଦ୍ରାପଡାର ୪୭୭ଜଣ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରାଯାଇଛି। ଜଣେ ଚାଷୀଙ୍କୁ ସର୍ବାଧିକ ୨୫ଟି ନଡିଆ ଗଛ ପାଇଁ ଗୋଟାଏ ପିଛା ୫୦୦ଟଙ୍କା ଲେଖା ସହାୟତା ଦିଆଯାଉଛି। ତେବେ ସହାୟତା ମିଳିବାରେ ବିଳମ୍ବ ହେବାକୁ ନେଇ ୪ଟି ମୁଖ୍ୟ କାରଣ ଦର୍ଶାଯାଇଛି। ଫନୀ ପରେ ଚାଷୀମାନେ ବ୍ୟାଙ୍କରେ ସେମାନଙ୍କ ଆକାଉଣ୍ଟ ଡିଟେଲସ୍ ନ ଦେଇପାରିବା, କମ୍ ସଂଖ୍ୟାରେ କମ୍ପ୍ୟୁଟର ଏବଂ କର୍ମଚାରୀ ରହିବା ଯୋଗୁ ସମ୍ପୂର୍ଣ୍ଣ ତାଲିକା ଅପଡେଟ୍ ନ ହେବା, ଡାଟାଏଣ୍ଟ୍ରି ଅପରେଟର ଭୁଲ୍ ତଥ୍ୟ ଦେବା, ଗୋଟିଏ ଜମି ପଟ୍ଟା ଏବଂ ଗଛର ତାଲିକା ଏକାଧିକ ବ୍ୟକ୍ତି ଦେବା ଯୋଗୁ ସହାୟତା ଦେବାରେ ବିଳମ୍ବ ହେଉଥିବା ମଧ୍ୟ ଦର୍ଶାଯାଇଛି। ମାତ୍ର ଚାଷୀଙ୍କ ଅଭିଯୋଗ ସହାୟତା ପ୍ରଦାନ କ୍ଷେତ୍ରରେ ବ୍ୟାପକ ପାତରଅନ୍ତର ଚାଲିଛି। ପ୍ରକୃତ ଚାଷୀଙ୍କୁ ଟଙ୍କା ମିଳୁ ନ ଥିବା ମଧ୍ୟ ଅଭିଯୋଗ ଆସିବାରେ ଲାଗିଛି। ଅନ୍ୟପଟେ ଜଣେ ସରକାରୀ ଅଧିକାରୀଙ୍କ କହିବାନୁଯାୟୀ, ନଡିଆ ଚାଷ କରିବାକୁ ଉପରିସ୍ଥ ଅଧିକାରୀମାନେ ବହୁତ ପ୍ରକାର ଯୋଜନା କରୁଛନ୍ତି କିନ୍ତୁ ସେନେଇ ଚାଷୀଙ୍କୁ ଯୋଜନା ସମ୍ପର୍କରେ ଅବଗତ କରାଇବାରେ ସକ୍ଷମ ହେଉନାହାନ୍ତି। ଧାନ ଚାଷ କରିବାକୁ ଚାଷୀଙ୍କୁ ସରକାର ଯେତିକି ଅବଗତ କରାଉଛନ୍ତି ଯଦି ନଡିଆ ଚାଷ ପାଇଁ ସେତିକି ଗୁରୁତ୍ୱ ଦେବେ ତେବେ ଲୋକଙ୍କ ମଧ୍ୟରେ ଆଗ୍ରହ ବଢ଼ିବ।




## ନଦୀରୁ ୩ ରୁପା ମୂର୍ତ୍ତି ଉଦ୍ଧାର



ଉଦ୍ଧାର ହୋଇଥିବା ରୂପା ମୂର୍ତ୍ତି।

**ବାଲୁଗାଁ, ୨୦।୧୦(ଡି.ଏନ୍.ଏ.)**

ବାଲୁଗାଁ ନିକଟ ଛେଡାପଦରସ୍ଥିତ ଶାଳିଆ ନଦୀର ଝିଞ୍ଜିରି ଶଙ୍ଖଠାରୁ ରବିବାର ୩ ରୁପା ନିର୍ମିତ ମୂର୍ତ୍ତି ଉଦ୍ଧାର ହୋଇଛି। ନୂଆ ଭଳି ଲାଗୁଥିବା ମୂର୍ତ୍ତିଗୁଡିକ ପାଣିରୁ ଉଦ୍ଧାର ହେବା ସମସ୍ତଙ୍କୁ ଚକିତ କରିଛି । ପ୍ରକାଶ ଯେ, ରବିବାର ସକାଳେ ସବୁଦିନ ଭଳି ଗବପଦର ଗ୍ରାମର ଧୀବର ଜଗବନ୍ଧୁ ଜାଲି ମାଛ ମାରିବା ନିମନ୍ତେ ଜାଲ ନେଇ ଉକ୍ତ ଶଙ୍ଖଠାରେ ଖନ୍ଦା ବସାଇଥିଲେ। ପୂର୍ବାହ୍ନ ୧୦ଘଟିକା ସମୟରେ ସେ ଜାଲ ଉଠାଇବା ବେଳେ ତାଙ୍କ ଗୋଡ଼ରେ ଏକ ସିମେଣ୍ଟ ଅଖା ବାଜିଥିଲା। ତାହାକୁ ସେ ଉଠାଇ ଦେଖିବାରୁ ସେଥିରେ ଶିବ, ଦୁର୍ଗା ଓ ରାଧାକୃଷ୍ଣଙ୍କ ୩ଟି ରୁପା ମୂର୍ତ୍ତି ଥିବା ଜାଣିଥିଲେ। ମୂର୍ତ୍ତିଗୁଡ଼ିକର ଉଚ୍ଚତା ୧ଫୁଟରୁ ଅଧିକ ହୋଇଥିବା ବେଳେ ଓଜନ ପ୍ରାୟ ୨କିଲୋଗ୍ରାମରୁ ଅଧିକ ହେବ। ସଙ୍ଗେ ସଙ୍ଗେ ସେ ଗ୍ରାମକୁ ଆସି ଗାଁ ମୁଖିଆ ହଟକିଶୋର ଜାଲି ଓ ଅନ୍ୟ ଗ୍ରାମବାସୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଖବର ପ୍ରଚାରିତ ହେବା ପରେ ମୂର୍ତ୍ତିଗୁଡ଼ିକୁ ଦେଖିବା ପାଇଁ ସେଠାରେ ଲୋକଙ୍କ ଭିଡ଼ ଜମି ଯାଇଥିଲା । ମୂର୍ତ୍ତିଗୁଡ଼ିକର ପ୍ରମାଣ ମିଳିଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଫେରାଇ ଦିଆଯିବ ନଚେତ୍ ଯଦି କେହି ଦାବିଦାର ନ ଥିବେ ତେବେ ଗ୍ରାମରେ ଥିବା ଶୈବପୀଠ ଶ୍ରୀ ଶ୍ରୀ ବାଙ୍କନିଧି ଦେବଙ୍କ ମନ୍ଦିରରେ ରଖାଯାଇ ପୂଜାର୍ଚ୍ଚନା କରାଯିବ ବୋଲି ଗାଁ ମୁଖିଆ ଜାଲି ପ୍ରକାଶ କରିଛନ୍ତି ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଆୟୁଶ୍ରୀ ଦାଶ



ଏସ୍.ଏସ୍. ଅଙ୍କିତ୍

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଆଜି କ୍ୟାବିନେଟ୍ ବୈଠକ

**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସୋମବାର ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହେବ। କ୍ୟାବିନେଟ୍‌ରେ ଗୁରୁତ୍ୱପୂର୍ଣ୍ଣ ୧୨ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିବ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ଏଥର କ୍ୟାବିନେଟ୍‌ରେ ପଞ୍ଚାୟତିରାଜ ବିଭାଗର ୩ଟି ପ୍ରସ୍ତାବ, ରାଜସ୍ୱ ବିଭାଗର ଗୋଟିଏ ପ୍ରସ୍ତାବ, ପୂର୍ତ୍ତ ବିଭାଗର ଦୁଇଟି ପ୍ରସ୍ତାବ, ଆଇନ ବିଭାଗର ଗୋଟିଏ ପ୍ରସ୍ତାବ ଉପରେ ମୋହର ବାଜିବ ବୋଲି ଜଣାପଡିଛି। ଅନ୍ୟପଟେ ରାଜ୍ୟ ସରକାର ମାଗଣାରେ ଜାତିଗତ ଓ ଆୟକର ପ୍ରମାଣପତ୍ର ଦେବାକୁ ଯୋଜନା କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଏନେଇ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ମିଳିଥିବା ସୂଚନା ମିତାବକ ରାଜ୍ୟ ସରକାର ଜାତିଗତ ଓ ଆୟକର ପ୍ରମାଣପତ୍ର ପାଇଁ ଆବେଦନ ଫି ଏବଂ ୟୁଜର୍ସ ଫି ସମ୍ପୂର୍ଣ୍ଣଭାବେ ଉଚ୍ଛେଦ କରିବା ଲାଗି ଯୋଜନା କରିଛନ୍ତି। ଅନୁସୂଚିତ ଜାତି ଓ ଜନଜାତି, ଏସ୍‌ଇବିସି ଏବଂ ଓବିସି ବର୍ଗଙ୍କୁ ଏଥିଲାଗି ଆଉ ଫି ଦେବାକୁ ପଡିବ ନାହିଁ। ଏ ସମ୍ପର୍କିତ ପ୍ରସ୍ତାବ ଉପରେ କ୍ୟାବିନେଟ୍ ମଞ୍ଜୁରୀ ମିଳିପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

## ମହିଳା ଆଇନଜୀବୀଙ୍କ ସନ୍ଦେହଜନକ ମୃତ୍ୟୁ

**ଭୁବନେଶ୍ୱର,(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର, ୨୦।୧୦ (ଡି.ଏନ୍.ଏ.)**



- ଭଡ଼ା ଘରୁ ଝୁଲନ୍ତା ମୃତଦେହ ଉଦ୍ଧାର କଲା ପୋଲିସ
- ପ୍ରେମିକ ଫେରାର: ରହସ୍ୟ ବଢ଼ାଇଲା ଶଙ୍ଖା, ସିନ୍ଦୂର
- ହତ୍ୟା କରାଯାଇଥିବା ଆଶଙ୍କା କଲେ ପରିବାର

ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ବିଜୟବିହାରସ୍ଥିତ ଏକ ଭଡ଼ାଘରୁ ଜଣେ ମହିଳା ଆଇନଜୀବୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ରବିବାର ଉଦ୍ଧାର କରିଛି। ସେ ହେଲେ ଭଦ୍ରକ ମେରାଇନ ଥାନା ଚୂଡାମଣି ଗାଁର ଦୀପାଳି ପ୍ରିୟଦର୍ଶିନୀ ଜେନା(୨୯)। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୧୬/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଆତ୍ମହତ୍ୟା ବୋଲି ପୋଲିସ ସନ୍ଦେହ କରୁଛି। ହେଲେ ତାଙ୍କ ସହ ଥିବା ପୁରୁଷ ବନ୍ଧୁ ଫେରାର ହେବା ଓ ଦୀପାଳି ଅବିବାହିତ ଥିବାବେଳେ ହାତରେ ଶଙ୍ଖା ଓ ମଥାରେ ସିନ୍ଦୂର ରହିଥିବାରୁ ଘଟଣାକୁ ରହସ୍ୟାବୃତ୍ତ କରିଦେଇଛି। ଅନ୍ୟପକ୍ଷରେ ପୁରୁଷ ବନ୍ଧୁ ବା ପ୍ରେମିକ ହିଁ ତାଙ୍କୁ ହତ୍ୟା କରିଥାଇପାରନ୍ତି ବୋଲି ପରିବାର ଲୋକେ ସନ୍ଦେହ କରୁଛନ୍ତି।

ପୋଲିସ ସୂଚନାନୁଯାୟୀ, ଦୀପାଳି ଲିଙ୍ଗିପୁର ବିଜୟବିହାରସ୍ଥିତ ଫ୍ଲାଟ୍ ନଂ.ସି/୩/୨ରେ ଥିବା ଘରକୁ ଭଡ଼ା ନେଇ ମା' ଓ ସାନଭଉଣୀଙ୍କ ସହ ରହୁଥିଲେ। ସେ ଭୁବନେଶ୍ୱର ବାରର ସଦସ୍ୟ ହୋଇ ନ ଥିଲେ ମଧ୍ୟ ନିୟମିତ କୋର୍ଟକୁ ଆସି ପ୍ରାକ୍ଟିସ୍ କରୁଥିଲେ। ତେବେ ଦୀପାଳି ଭଦ୍ରକରେ ଥିବାବେଳେ ବାଲେଶ୍ୱର ସିମୁଳିଆର ବ୍ୟବସାୟୀ ବିକ୍ରମ କେଶରୀ ମିଶ୍ରଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢି ଉଠିଥିଲା। ମଝିରେ ମଝିରେ ବିକ୍ରମ ଦୀପାଳି ରହୁଥିବା ଲିଙ୍ଗିପୁରସ୍ଥିତ ଭଡାଘରକୁ ଆସୁଥିଲେ। ଉଭୟ ପରିବାର ସେମାନଙ୍କ ପ୍ରେମସମ୍ପର୍କ ବିଷୟରେ ଜାଣିବା ପରେ ବିବାହ ପାଇଁ କଥାବାର୍ତ୍ତା ହୋଇଥିଲେ। ନିକଟରେ ଉଭୟଙ୍କ ବିବାହ ହୋଇଥାନ୍ତା। ସେଥିପାଇଁ ଦୀପାଳିଙ୍କ ମା' ଗାଁକୁ ଯାଇଥିଲେ ଓ ଘରେ ତାଙ୍କ ସହ ସାନଭଉଣୀ ଥିଲେ। ଶନିବାର ଅପରାହ୍ନ ୫ଟାରେ ପ୍ରେମିକ ବିକ୍ରମ ହଠାତ୍ ପହଞ୍ଚିବାରୁ ସାନଭଉଣୀ ତା'ର ସାଙ୍ଗଙ୍କ ସହ ପଳାଇ ଯାଇଥିଲେ। ରାତି ପ୍ରାୟ ୧୨ଟା ୩୦ରେ ବିକ୍ରମ ସାନଭଉଣୀଙ୍କୁ ଫୋନ୍ କରି ଦୀପାଳି ଘର ଭିତରପଟୁ କବାଟ ବନ୍ଦ କରି ଦେଇଥିବା କହିଥିଲେ। ତୁରନ୍ତ ସେ ଘରେ ପହଞ୍ଚିବା ବେଳକୁ ବିକ୍ରମ ନ ଥିଲେ। ତେବେ ଭିତରପଟୁ ବନ୍ଦ ଥିବା କବାଟ ବାଡେଇଥିଲେ ମଧ୍ୟ ନ ଖୋଲିବାରୁ ପଡୋଶୀ ଓ ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚିବା ପରେ କବାଟକୁ ତଡ଼ାଯାଇଥିଲା। ଦୀପାଳି ବେକରେ କପଡ଼ା ବାନ୍ଧି ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ତାଙ୍କ ନାକ ଓ ପାଟିରୁ ରକ୍ତ ବାହାରୁଥିଲା। ପୋଲିସ ମୃତଦେହ ଜବତ କରି ଖୋଳତାଡ଼ ଆରମ୍ଭ କରିଥିଲା।

ଅପରାହ୍ନ ୫ରୁ ରାତି ୧୨ ମଧ୍ୟରେ ଏମିତି କ'ଣ ଘଟିଲା ଯେ ଦୀପାଳି ଆତ୍ମହତ୍ୟା କଲେ। ପ୍ରେମିକ ବିକ୍ରମ ଧରାପଡିଲେ ଘଟଣାର ପ୍ରକୃତ କାରଣ ଜଣାପଡିବ। ଅନ୍ୟପକ୍ଷରେ ବାହାଘର ପୂର୍ବରୁ ଦୀପାଳି କାହିଁକି ସିନ୍ଦୂର ଓ ଶଙ୍ଖା ପିନ୍ଧିଥିଲେ ତାହାକୁ ନେଇ ମଧ୍ୟ ପୋଲିସ ତଦନ୍ତକୁ ଆଗକୁ ବଢ଼ାଇଛି। କିନ୍ତୁ ଦୀପାଳିଙ୍କ ମୃତ୍ୟୁ ଘଟଣାକୁ ପରିବାର ଲୋକେ ସହଜରେ ବିଶ୍ୱାସ କରିପାରୁ ନାହାନ୍ତି। ଭାଇ ବିଶ୍ୱରଞ୍ଜନ ଜେନା କହିଛନ୍ତି, ଭଉଣୀ ଆତ୍ମହତ୍ୟା କରିଥିବେ ବୋଲି ବିଶ୍ୱାସ ହେଉନି। ଠିକ୍ ତଦନ୍ତ କରାଯାଇ ସତ୍ୟାସତ୍ୟ ବାହାର କରାଯାଉ। ଭୁବନେଶ୍ୱର ବାର୍ ଆସୋସିଏଶନ ସମ୍ପାଦକ ବିଶ୍ୱ ନାରାୟଣ ମହାନ୍ତି କହିଛନ୍ତି, ପୋଲିସ ଗୁରୁତ୍ୱର ସହ ଉପଯୁକ୍ତ ତଦନ୍ତ କରୁ। ଯଦି ଦୀପାଳି ଆତ୍ମହତ୍ୟା କରିଛନ୍ତି ବୋଲି ପୋଲିସ କହୁଛି ତାହାର କାରଣ ବି ପଦାକୁ ଆସୁ। ଧଉଳି ଥାନାଧିକାରୀ ଜୟଦେବ ବିଶ୍ୱଜିତ୍ କହିଛନ୍ତି, ଉଭୟଙ୍କ ଫୋନ୍ କଲକୁ ଯାଞ୍ଚ କରାଯାଉଛି। ଫେରାର ଥିବା ପୁରୁଷ ବନ୍ଧୁଙ୍କୁ ଧରିବାକୁ ଉଦ୍ୟମ ଚାଲିଛି। ଶୀଘ୍ର ଘଟଣାର ପର୍ଦ୍ଦାଫାଶ ହେବ ବୋଲି ସେ କହିଛନ୍ତି।

## ଓପିଜିସିରେ ନଭେମ୍ବରରୁ ସ୍ୱାଭାବିକ ହେବ କୋଇଲା ଯୋଗାଣ



**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ):** ଓପିଜିସିକୁ ନଭେମ୍ବର ପହିଲାରୁ କୋଇଲା ଯୋଗାଣ ସ୍ୱାଭାବିକ ହେବ । ଏସଂକ୍ରାନ୍ତରେ ଶକ୍ତି ସଚିବ ବିଷ୍ଣୁପଦ ସେଠୀ କେନ୍ଦ୍ରୀୟ କୋଇଲା ସଚିବ ଅନିଲ୍ ଜୈନଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। କନିକା ସାଇଡ୍ ଦେଇ ଓପିଜିସିକୁ କୋଇଲା ଯୋଗାଣ ନେଇ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ମହାନଦୀ କୋଲ ଲିଃ(ଏମ୍‌ସିଏଲ୍) ଏବଂ ରେଳବାଇ ମଧ୍ୟରେ ଚୁକ୍ତିନାମ ସ୍ୱାକ୍ଷର ହେବ ବୋଲି ଜଣାପଡିଛି। ନିକଟରେ ନୂଆଦିଲ୍ଲୀରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ଏସମ୍ପର୍କିତ ନିଷ୍ପତ୍ତି ନିଆଯାଇଛି। ଝାରସୁଗୁଡ଼ା ଜିଲାର ବନହରପାଲିସ୍ଥିତ କୋଇଲା ଖଣିକୁ କେବଳ ଓପିଜିସିର ବ୍ୟବହାର ପାଇଁ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ସୁନ୍ଦରଗଡ଼ ଜିଲା ମନୋହରପୁର ଓ ଡିପ୍ ମନୋହରପୁର ସାଇଡ୍ କୋଇଲା ଖଣିକୁ ୨୦୧୫ରେ ଓପିଜିସିଏଲ୍‌କୁ ପ୍ରଦାନ କରାଯାଇଥିଲା। ସେହିପରି ବନହରପାଲିରୁ ଖନନ ସଂକ୍ରାନ୍ତୀୟ କେତେକ କଟକଣା ନିକଟ ଭବିଷ୍ୟତରେ ଉଠାଯିବ, ଏହା ଦ୍ୱାରା ପୂର୍ବାପେକ୍ଷା କୋଇଲା ଯୋଗାଣ ଆହୁରି ସ୍ୱାଭାବିକ ହେବ।

UTI Mutual Fund
Haq, ek behtar zindagi ka.

10 YEARS

# ୟୁଟିଆଇ ସ୍ୱତନ୍ତ୍ର

## ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ



# ଭଲ ବନାମ ଖରାପ ନିବେଶ ଅଭ୍ୟାସ

ନିବେଶ ଜଗତରେ ଆପଣଙ୍କ ଭଲ କିମ୍ବା ଖରାପ ଅଭ୍ୟାସଗୁଡ଼ିକ ଆପଣଙ୍କ ଆର୍ଥିକ ଭବିଷ୍ୟତ ନିର୍ଣ୍ଣୟ କରିଥାଏ।

ତେଣୁ, ଏଠାରେ ଆପଣଙ୍କ ପାଇଁ ନିବେଶ ଅଭ୍ୟାସଗୁଡ଼ିକର ଏକ ତାଲିକା ଦିଆଗଲା, ନିଜେ ଜାଣନ୍ତୁ ଓ ଅନ୍ୟମାନଙ୍କୁ ଜଣାନ୍ତୁ।

### ଭଲ ନିବେଶ ଅଭ୍ୟାସ

**କ) ଧୈର୍ଯ୍ୟ ରଖନ୍ତୁ**

ଏହା ହେଉଛି ଜଣେ ଭଲ ନିବେଶକଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଗୁଣ। ନିବେଶ ସଫଳତା ପାଇଁ ସମୟ ଲାଗିପାରେ, ତେଣୁ ଆପଣଙ୍କ ନିକଟରେ ଏକ ଦୀର୍ଘମିଆଦୀ ରଣନୀତି ରହିବା ଆବଶ୍ୟକ। ସ୍ୱଳ୍ପମିଆଦୀ ବଜାର ଅସ୍ଥିରତାରେ ଫସିବାକୁ ଏଡ଼ାଇବା ପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟଗୁଡ଼ିକ ପାଇଁ ସିଷ୍ଟମାଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି) ଜରିଆରେ ନିୟମିତ ଭାବେ ନିବେଶ କରନ୍ତୁ।

**ଖ) ବିବିଧକରଣ କରନ୍ତୁ**

ଜଣେ ସଫଳ ନିବେଶକ ହେବା ପାଇଁ, ଆପଣଙ୍କୁ ବିଭିନ୍ନ କ୍ଷେତ୍ର ଓ ଆସେଟ୍ କ୍ଲାସ୍‌ରେ ନିଜ ଫଣ୍ଡକୁ ଆବଣ୍ଟିତ କରିବାକୁ ହେବ । ଏହି ରଣନୀତି ଆପଣଙ୍କୁ ଆପଣଙ୍କ ରିସ୍କକୁ ବ୍ୟାପ୍ତ କରିବା ଓ କ୍ଷତିକୁ ନ୍ୟୂନତମ କରିବାରେ ସହାୟତା କରିଥାଏ। ଏହି ଉଦ୍ଦେଶ୍ୟ ପାଇଁ ମ୍ୟୁଚୁଆଲ ଫଣ୍ଡଗୁଡ଼ିକ ହେଉଛି ଏକ ଉପଯୁକ୍ତ ନିବେଶ ମାଧ୍ୟମ। ଆପଣ ଏକକ ଫଣ୍ଡ ମାଧ୍ୟମରେ ଅନେକ ସଂଖ୍ୟକ କମ୍ପାନୀର ସଂସ୍ପର୍ଶ ପାଇପାରିବେ।

**ଗ) ପେସାଦାର ସହାୟତା ହାସଲ କରନ୍ତୁ**

ନିଜ ନିବେଶକୁ ନେଇ ଆପଣଙ୍କ ମନରେ ଯଦି କୌଣସି ଶଙ୍କା ଥାଏ, ତେବେ ସାହାଯ୍ୟ ଲୋଡ଼ିବାରେ କୁଣ୍ଠାବୋଧ କରନ୍ତୁ ନାହିଁ । ଆପଣଙ୍କ ଯାତ୍ରାକୁ ସହଜ କରିବା ହେଉଛି ଆର୍ଥିକ ପରାମର୍ଶଦାତାମାନଙ୍କ ପେସା। ସେମାନେ କେବଳ ଯେ ଆପଣଙ୍କୁ ଉପଦେଶ ଦେବେ ତାହା ନୁହେଁ, ବରଂ ଆପଣଙ୍କୁ ଖାସ୍ ଆପଣଙ୍କ ଆବଶ୍ୟକତା ଅନୁଯାୟୀ ନିବେଶ ରଣନୀତି ପ୍ରସ୍ତୁତ କରିବାରେ ସାହାଯ୍ୟ କରିବେ।

### ଖରାପ ନିବେଶ ଅଭ୍ୟାସ

**କ) ଉଚ୍ଚତର ରିଟର୍ନ ପଛରେ ଧାଇଁବା**

ଅନେକ ଲୋକ ଏପରି ଫଣ୍ଡରେ ନିବେଶ କରିବାକୁ ଆଗଭର ହୋଇଥାନ୍ତି ଯେଉଁ ଫଣ୍ଡ ବିଗତ ବର୍ଷ ସର୍ବୋତ୍ତମ ରିଟର୍ନ ଦେଇଥିଲା। ଏହା ଏକ ଭଲ ରଣନୀତି ନୁହେଁ କାରଣ ଏକ ଫଣ୍ଡର ଅତୀତର ପ୍ରଦର୍ଶନ ତାହାର ଭବିଷ୍ୟତ ପ୍ରଦର୍ଶନର ସୂଚକ ନୁହେଁ । ଏହା ପରିବର୍ତ୍ତେ, ଆପଣଙ୍କ ନିବେଶ ରଣନୀତି ଆପଣଙ୍କ ଲକ୍ଷ୍ୟ ଓ ରିସ୍କ ନେବା କ୍ଷମତା ଉପରେ ପର୍ଯ୍ୟବସିତ ହେବା ଉଚିତ। ଆପଣଙ୍କ ଲକ୍ଷ୍ୟକୁ ଠିକ୍ ସମୟରେ ହାସଲ କରିବାରେ ସହାୟତା କରୁଥିବା ଫଣ୍ଡରେ ନିବେଶ କରନ୍ତୁ ।

**ଖ) ଗୋଠ ମାନସିକତା**

ଅନ୍ୟମାନଙ୍କୁ ଅନୁସରଣ କରିବା ଲୋକମାନଙ୍କ ଏକ ପ୍ରାକୃତିକ ପ୍ରବୃତ୍ତି ଅଟେ, ବିଶେଷକରି ଯେବେ ଏକ ନିର୍ଦ୍ଦିଷ୍ଟ ବିଷୟ ଉପରେ ତାଙ୍କର ପର୍ଯ୍ୟାପ୍ତ ଜ୍ଞାନ ନ ଥାଏ। ଏଇଥିପାଇଁ, ଅନେକ ବ୍ୟକ୍ତି ସେମାନଙ୍କ ବନ୍ଧୁ ଓ ପରିଜନଙ୍କ ନିବେଶ ପଦ୍ଧତିକୁ ଅନୁସରଣ କରନ୍ତି। କିନ୍ତୁ ଏହି ରଣନୀତି ଓଲଟା ଫଳ ଦେଇପାରେ କାରଣ ଏକ ସମୂହର ନିଷ୍ପତ୍ତି ସବୁବେଳେ ସଠିକ୍ ନିଷ୍ପତ୍ତି ହୋଇ ନ ଥାଏ। ନିଜର ଆର୍ଥିକ ଆବଶ୍ୟକତାକୁ ଚିହ୍ନଟ କରନ୍ତୁ ଓ ନିବେଶ ନିଷ୍ପତ୍ତି ନେବା ପୂର୍ବରୁ ଜଣେ ଆର୍ଥିକ ପରାମର୍ଶଦାତାଙ୍କ ସହ ଆଲୋଚନା କରନ୍ତୁ।

**ଗ) ନିଜ ପୋର୍ଟଫୋଲିଓର ସମୀକ୍ଷା ନ କରିବା**

ଆପଣ ମ୍ୟୁଚୁଆଲ ଫଣ୍ଡ କ୍ରୟ କରିଦେଲେ ହିଁ ନିବେଶ ପ୍ରକ୍ରିୟା ସରିଯାଏ ନାହିଁ । ସମୟ ସମୟରେ ଆପଣଙ୍କୁ ନିଜ ନିବେଶର ସମୀକ୍ଷା ମଧ୍ୟ କରିବାକୁ ହେବ। ସମୀକ୍ଷା ନ କଲେ, ଆପଣ ଅଜାଣତରେ ଟଙ୍କା ହରାଇପାରନ୍ତି। ଆପଣଙ୍କ ନିବେଶ ଆପଣଙ୍କ ଆଶା ଅନୁଯାୟୀ ପ୍ରଦର୍ଶନ କରୁଛି କି ନାହିଁ ଏହା ସୁନିଶ୍ଚିତ କରିବା ପାଇଁ ଆଦର୍ଶ ଭାବେ ବର୍ଷରେ ଅତି କମ୍‌ରେ ଦୁଇଥର ନିଜ ପୋର୍ଟଫୋଲିଓର ସମୀକ୍ଷା କରିବା ଆବଶ୍ୟକ।

**ଏହାପରେ କ'ଣ:** ଊର୍ଦ୍ଧ୍ୱମୁଖୀ ବଜାରକୁ ଭଲ ଓ ନିମ୍ନମୁଖୀ ବଜାରକୁ ଖରାପ ବୋଲି ବିବେଚନା କରାଯାଏ। କିନ୍ତୁ ସବୁ କ୍ଷେତ୍ରରେ ଏହା ସତ୍ୟ ନୁହେଁ । ବଜାର ନିମ୍ନମୁଖୀ ରହିଥିବା ସମୟରେ ମଧ୍ୟ ଆପଣ କିପରି ନିବେଶ କରିପାରିବେ ଏହା ପରବର୍ତ୍ତୀ ଭାଗରେ ବ୍ୟାଖ୍ୟା କରାଯାଇଛି।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

### ବିଶେଷଜ୍ଞ କୁହନ୍ତି

ଜଣେ ପାଠକ ଆମକୁ ପଚାରିଛନ୍ତି: ମୁଁ ନିକଟ ଅତୀତରେ ନିବେଶ କରିବା ଆରମ୍ଭ କରିଛି ଏବଂ କେଉଁ ବିକଳ୍ପ ବାଛିବି ତାହାକୁ ନେଇ ଆପଣଙ୍କ ପରାମର୍ଶ ଚାହୁଁଛି - ଏସ୍‌ଆଇପି ଭାବେ ମାସିକ ₹୫,୦୦୦ କିମ୍ବା ବାର୍ଷିକ ଏକକାଳୀନ ₹୫୦,୦୦୦ ?

**ବିଶେଷଜ୍ଞ ଏହି ଉତ୍ତର ଦେଇଛନ୍ତି**

**କ୍ଷେତ୍ର ମୋହନ ସାହୁ**
ଆର୍ଥିକ ବିଶେଷଜ୍ଞ

ଏକ ଏସ୍‌ଆଇପି ଆପଣଙ୍କୁ ବଜାର ଚକ୍ରର ବିଭିନ୍ନ ସ୍ତରରେ ନିବେଶ କରିବାର ଅନୁମତି ଦେଇଥାଏ। ବଜାର ତଳେ ରହିଥିବା ବେଳେ, ଫଣ୍ଡ ମ୍ୟାନେଜର ଅଧିକ ୟୁନିଟ୍ କ୍ରୟ କରନ୍ତି ଓ ବଜାର ଉଚ୍ଚରେ ରହିଥିବା ସମୟରେ ତାହାକୁ ଉଚ୍ଚ ମୂଲ୍ୟରେ ବିକ୍ରି କରିଥାନ୍ତି। ଏହା ୟୁନିଟ୍ କ୍ରୟର ୟୁନିଟ୍ ପିଛା ମୂଲ୍ୟକୁ ହ୍ରାସ କରିବାରେ ସହାୟତା କରିଥାଏ। ଏହି ପ୍ରକ୍ରିୟାକୁ ଟଙ୍କା ମୂଲ୍ୟ ହାରାହାରୀକରଣ କୁହାଯାଏ । ଯଦି ଆପଣ ଜଣେ ନବାଗତ ଓ ବଜାରର ପ୍ରକୃଷ୍ଟ ସମୟ ନିରୂପଣ କିପରି କରାଯାଏ ତାହା ଜାଣିନାହାନ୍ତି ତେବେ ସିଷ୍ଟମାଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି) ଆପଣଙ୍କ ପାଇଁ ସର୍ବୋତ୍ତମ ବିକଳ୍ପ ହେବ । ଆପଣଙ୍କ ପ୍ରଶ୍ନର ଉତ୍ତର ହେଉଛି ମାସିକ ₹୫,୦୦୦ର ନିୟମିତ ଏସ୍‌ଆଇପି ସୁରକ୍ଷିତ ବିକଳ୍ପ ଅଟେ – ବିଶେଷକରି ଯଦି ଆପଣ ଇକ୍ୱିଟି ଫଣ୍ଡରେ ନିବେଶ କରିବାକୁ ଚାହୁଁଥିବେ । କିନ୍ତୁ ଯଦି ଆପଣଙ୍କ ହାତରେ ନିବେଶ ପାଇଁ ₹୫୦,୦୦୦ ଅଛି ତେବେ ଏହାକୁ ପ୍ରଥମେ ଏକକାଳୀନ ଭାବେ ଏକ ଲିକ୍ୱିଡ୍ ଫଣ୍ଡରେ ନିବେଶ କରନ୍ତୁ ଓ ତା'ପରେ ସିଷ୍ଟମାଟିକ୍ ଟ୍ରାନ୍ସଫର୍ ପ୍ଲାନ୍ (ଏସ୍‌ଟିପି) ଜରିଆରେ ନିର୍ଦ୍ଧାରିତ ରାଶିକୁ ଇକ୍ୱିଟି ଫଣ୍ଡକୁ ସ୍ଥାନାନ୍ତର କରନ୍ତୁ।

### ଗୁରୁ କୁହନ୍ତି

**ସୁଶୀଲ କୁମାର ଦାସ**
ଆର୍ଥିକ ପରାମର୍ଶଦାତା

**ମୁଁ ଜଣେ ୬୦ ବର୍ଷ ବୟସ୍କ ଅବସରପ୍ରାପ୍ତ ବ୍ୟକ୍ତି। ମୋ ପାଖରେ ₹୧.୫ କୋଟି ଅଛି ଯାହାକୁ ମୁଁ ନିବେଶ କରିବାକୁ ଚାହୁଁଛି। ସ୍ଥିର ରିଟର୍ନ ପାଇଁ ସେହି ଅର୍ଥରାଶିକୁ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ଠିକ୍ ହେବ କି ?**

ଉତ୍ତମ ସ୍ୱାସ୍ଥ୍ୟସେବାର ଉପଲବ୍ଧତା ଓ ବିଜ୍ଞାନର ପ୍ରଗତି କାରଣରୁ ଲୋକମାନେ ଅଧିକ ସୁସ୍ଥ ତଥା ଦୀର୍ଘଜୀବୀ ହୋଇପାରୁଛନ୍ତି। ନିକଟ ଭବିଷ୍ୟତରେ ଲୋକମାନେ ସହଜରେ ୮୫ ବର୍ଷ ବୟସ ପର୍ଯ୍ୟନ୍ତ ଜିଇଁବା ଏକ ଅସାଧାରଣ କଥା ହୋଇରହିବ ନାହିଁ । ସ୍ଥିର ରିଟର୍ନ ପାଇଁ ଆପଣଙ୍କୁ ଯତ୍ନର ସହିତ ବିଭିନ୍ନ ମ୍ୟୁଚୁଆଲ ଫଣ୍ଡରେ ସେହି ₹୧.୫ କୋଟିକୁ ନିବେଶ କରିବାକୁ ହେବ । ଏ ବୟସରେ ନିବେଶ ପୁଞ୍ଜିର ସୁରକ୍ଷା ହେଉଛି ସର୍ବୋଚ୍ଚ ପ୍ରାଥମିକତା। ଆପଣ ସ୍ୱଳ୍ପ ରିସ୍କ ସହିତ ମଧ୍ୟମ ରିଟର୍ନ ପାଇଁ ୪୦% ରାଶିକୁ ସ୍ୱଳ୍ପ-ମିଆଦୀ ଡେବ୍‌ଟ ଫଣ୍ଡରେ ନିବେଶ କରିପାରିବେ। ସ୍ୱଳ୍ପମିଆଦୀ ଖର୍ଚ୍ଚଗୁଡ଼ିକୁ ପୂରଣ କରିବା ପାଇଁ ଆପଣ ଅତିକମ୍‌ରେ ୩୦ ପ୍ରତିଶତ ଲିକ୍ୱିଡ୍ ଫଣ୍ଡରେ ନିବେଶ କରିପାରିବେ, ଯାହାକୁ ଯେକୌଣସି ସମୟରେ ଅବିଳମ୍ବେ ମୁକୁଳାଯାଇପାରିବ। ଦୀର୍ଘମିଆଦରେ ଉଚ୍ଚ ମୁଦ୍ରାସ୍ଫୀତିକୁ ପରାଜିତ କରୁଥିବା ରିଟର୍ନ ପାଇବା ପାଇଁ ଆପଣ ହାଇବ୍ରିଡ୍ ଫଣ୍ଡରେ ୨୦% ଏବଂ ଇକ୍ୱିଟି ଫଣ୍ଡରେ ୧୦% ନିବେଶ କରିପାରିବେ।

ସମୟ ଭଲ ଥାଉ କି ଖରାପ,
ଏସ୍‌ଆଇପି ହୋଇପାରିବ ଆପଣଙ୍କ ସଙ୍ଗାତ ।
ଏକ ଭଲ ଭବିଷ୍ୟତ ପାଇଁ ନିବେଶ କରିବା ପାଇଁ ଏବେ ବି ବିଳମ୍ବ ହୋଇନାହିଁ । ଆଜି ହିଁ ଆରମ୍ଭ କରନ୍ତୁ !

**କ୍ୟୁଆର୍ କୋଡ୍ ଡାଉନ୍‌ଲୋଡ୍ ଓ ସ୍କାନ୍ କରିବାର ପଦ୍ଧତି:**
୧) ନିଜ ଫୋନ୍‌ରେ କ୍ୟୁଆର୍ କୋଡ୍ ଆପ୍ ଡାଉନ୍‌ଲୋଡ୍ କରନ୍ତୁ ।
୨) ଆପ୍‌କୁ ଚଲାନ୍ତୁ ଓ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ ।
୩) ଆପଣଙ୍କ ସ୍ମାର୍ଟଫୋନ୍ କୋଡ୍‌କୁ ପଢ଼ିବ ଓ ଆପଣଙ୍କୁ ଗନ୍ତବ୍ୟସ୍ଥଳୀରେ ପହଞ୍ଚାଇବ ।
ନିଜ ପାଇଁ ସ୍ଥିର କରିଥିବା ସମସ୍ତ ମାଇଲଖୁଣ୍ଟରେ ପହଞ୍ଚିବା ଲାଗି ଆପଣଙ୍କୁ କେତେ ପରିମାଣର ଅର୍ଥରାଶି ନିବେଶ କରିବାକୁ ହେବ ଏହା ହିସାବ କରିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ।

**ପାଠକୀୟ ମତ**
ଆପଣଙ୍କ ପାଖରେ ଯାହା ବି ଅଳ୍ପକିଛି ପଇସା ଅଛି ତାହାକୁ ଆପଣ ଖର୍ଚ୍ଚ କରିବେ ନା ନିଜର କରଜଗୁଡ଼ିକୁ ଶୁଝିବେ ନା ନିବେଶ କରିବେ ?

ନିଜ ଉତ୍ତର ଏସ୍ଏମ୍ଏସ୍ ମାଧ୍ୟମରେ ପଠାନ୍ତୁ।
Poll<SPACE>ଆପଣଙ୍କ ଉତ୍ତର ଟାଇପ୍ କରି 5676756କୁ ପଠାନ୍ତୁ ।
ଆପଣଙ୍କ ଉତ୍ତର ସହିତ ଆଉ କେତେଜଣ ସମ୍ମତ ତାହା ଆପଣ ପରବର୍ତ୍ତୀ ସଂସ୍କରଣରେ ଜାଣିପାରିବେ।

**ଫଳାଫଳ**
ପୂର୍ବବର୍ତ୍ତୀ ସଂସ୍କରଣରେ ଆମେ ଆପଣଙ୍କୁ ପଚାରିଥିଲୁ – ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ପୂର୍ବରୁ ଆପଣ ସମସ୍ତ ନିୟମ ଓ ସର୍ତ୍ତାବଳୀକୁ ପଢ଼ନ୍ତି ? ଆପଣ ସମ୍ମତ କି ?

ଆପଣଙ୍କ ମତାମତ ଏହିପରି ଥିଲା
ହଁ ୪୨%
ନା ୫୮%

# ବେଳେବେଳେ ଖରାପ ଭଲ ହୋଇଥାଏ

ଆର୍ଥିକ ବଜାର ରେଖାକାର ଢଙ୍ଗରେ ଉପରକୁ ଉଠି ନ ଥାଏ। ଏହା ଅସ୍ଥିର ଓ ଉପର ତଳ ହୋଇଥାଏ । ତେଣୁ, ବଜାର ନିମ୍ନମୁଖୀ ହେବାର ପ୍ରଥମ ଇଙ୍ଗିତରେ ହିଁ ଯଦି ଆପଣ ନିଜ ଫଣ୍ଡକୁ ବିକ୍ରି କରିଦିଅନ୍ତି ତେବେ ଆପଣ କ୍ଷତିର ସମ୍ମୁଖୀନ ହୋଇପାରନ୍ତି। ଅନ୍ୟ ଶବ୍ଦରେ, ବଜାରର ପତନକୁ ଆପଣ ଠିକ୍ ଭାବେ କାମରେ ଲଗାଇପାରୁନାହାନ୍ତି।

**ୱାରେନ୍ ବଫେଟ୍ ଥରେ କହିଥିଲେ: ଅନ୍ୟମାନେ ଲୋଭୀ ହେଲେ ଆପଣ ଭୟଭୀତ ହୁଅନ୍ତୁ ଓ ଅନ୍ୟମାନେ ଭୟଭୀତ ହେଲେ ଆପଣ ଲୋଭୀ ହୁଅନ୍ତୁ।**

ଆଦର୍ଶ ଭାବେ, ସର୍ବାଧିକ ରିଟର୍ନ ପାଇବାର ସର୍ବୋତ୍ତମ ଉପାୟ ହେଉଛି ବଜାର 'ଶୀର୍ଷତମ' ସ୍ତରରେ ରହିଥିବା ସମୟରେ ବିକ୍ରି କରିବା ଓ 'ନିମ୍ନତମ' ରହିଥିବା ସମୟରେ କିଣିବା। କିନ୍ତୁ ଶୀର୍ଷତମ ଓ ନିମ୍ନତମକୁ ନିରନ୍ତର ଭାବେ ଅନୁମାନ କରିବା ସମ୍ଭବ ନୁହେଁ । ତେଣୁ ଅନୁମାନର ଖେଳକୁ ପୂରାପୂରି ଏଡ଼ାଯିବା ଉଚିତ।

ସିଷ୍ଟମାଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି) ମାଧ୍ୟମରେ ମ୍ୟୁଚୁଆଲ ଫଣ୍ଡରେ ନିୟମିତ ନିବେଶ ଦ୍ୱାରା ଏହା ସମ୍ଭବ। ଏଠାରେ, ଆପଣଙ୍କୁ କେବଳ ପ୍ରତି ମାସରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥରାଶି ଆପଣଙ୍କ ପସନ୍ଦର ଫଣ୍ଡରେ ନିବେଶ କରିବାକୁ ହେବ। ଫଣ୍ଡ ମୂଲ୍ୟ ବୃଦ୍ଧି ପାଇଲେ ଆପଣଙ୍କ ଫଣ୍ଡର ନେଟ୍ ଆସେଟ୍ ଭାଲ୍ୟୁ (ଏନ୍‌ଏଭି) ବଢ଼ିଥାଏ। ଏବଂ ଯେବେ ଫଣ୍ଡ ମୂଲ୍ୟ ଖସିଯାଏ, ତେବେ ଆପଣ ସମାନ ମୂଲ୍ୟରେ ଫଣ୍ଡର ଅଧିକ ୟୁନିଟ୍ କିଣିପାରିବେ। ଏହାକୁ ଟଙ୍କା ମୂଲ୍ୟ ହାରାହାରୀକରଣ (ଆର୍‌ସିଏ) କୁହାଯାଏ ।

ଦୀର୍ଘ ମିଆଦରେ,ଏହି ରଣନୀତି ନିବେଶ ମୂଲ୍ୟର ହାରାହାରୀକରଣ କରିଥାଏ ଏବଂ ଆପଣଙ୍କୁ ବଜାରର ଉତ୍‌ଥାନ ଓ ପତନକୁ ଜଗିରହିବାର ଆବଶ୍ୟକତା ରହେନାହିଁ। ଅନ୍ୟ ଶବ୍ଦରେ କହିଲେ, ବଜାର ନିମ୍ନଗାମୀ ହେବ ମଧ୍ୟ ସକାରାତ୍ମକ ଫଳାଫଳ ଦେଇପାରେ।




ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

ଅଧିକ ବିବରଣୀ ପାଇଁ, ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: utiswatantrateam@gmail.com ରେ
■ ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ । ■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com

### ସ୍ୱତନ୍ତ୍ର କୁମାର ବୁଝାନ୍ତି:

## ବାଲି ବୁଲିବାକୁ ଯାଆନ୍ତୁ ମାସିକ ମାତ୍ର ₹୭,୫୦୦ରେ

ମନୋରମ ବେଳାଭୂମି, ଅସାଧାରଣ ଖାଦ୍ୟ ଏବଂ ଆହୁରି ଅନେକ ଆକର୍ଷଣ ପାଇଁ ବାଲି ବେଶ୍ ଜଣାଶୁଣା। ନିମ୍ନ ଅନୁଯାୟୀ ଡେବିଟ୍ ମ୍ୟୁଚୁଆଲ ଫଣ୍ଡରେ ମାସିକ ମାତ୍ର ₹୭,୫୦୦ ନିବେଶ କରି ଆପଣ ଏକ ବଢ଼ିଆ ଛୁଟିଦିନିଆ ଭ୍ରମଣର ମଜା ନେଇପାରିବେ।

| | |
|---|---|
| ନିବେଶ ଅବଧି | ୨୪ ମାସ |
| ରିଟର୍ନ ହାର | ୭.୨୭%* |
| ବୃଦ୍ଧାନ୍ତ ଅର୍ଥରାଶି | ₹୨ ଲକ୍ଷ |

ନିଶ୍ଚିତ ଭାବେ, ଆପଣଙ୍କ ସ୍ୱପ୍ନର ଛୁଟିଦିନ ଭିନ୍ନ ହୋଇପାରେ। ତେଣୁ, ଆସନ୍ତୁ ତା'ର ହିସାବ ଏବେ ହିଁ କରିନେବା।

**୧. ବିଚାରକୁ ନେବାଯୋଗ୍ୟ ଦିଗଗୁଡ଼ିକ**

| | |
|---|---|
| ଗନ୍ତବ୍ୟସ୍ଥଳୀ | |
| ଅବଧି | |

**୨. ଏକ ବଜେଟ ପ୍ରସ୍ତୁତ କରନ୍ତୁ**

| | |
|---|---|
| ବିମାନ ଟିକେଟ୍ | |
| ହୋଟେଲ | |
| କିଣାକିଣି | |
| ବିବିଧ ଖର୍ଚ୍ଚ | |
| ମୋଟ | |

**୩. ଏକ ଲକ୍ଷ୍ୟ କାଲକୁଲେଟର ବ୍ୟବହାର କରନ୍ତୁ**

ପ୍ରତିମାସରେ ଆପଣଙ୍କୁ କେତେ ନିବେଶ କରିବାକୁ ହେବ ଏହା ଜାଣିବା ପାଇଁ ମାନଦଣ୍ଡଗୁଡ଼ିକୁ ଲେଖନ୍ତୁ । ମୂଲ୍ୟାଙ୍କଗୁଡ଼ିକୁ କମ୍ ବେଶି କରି ଆପଣଙ୍କ ବଜେଟ ଓ ଆବଶ୍ୟକତାକୁ କ'ଣ ସୁହାଉଛି ତାହା ଦେଖନ୍ତୁ ।

**୪. ସଞ୍ଚୟ ଓ ନିବେଶ କରନ୍ତୁ**

ନିଜ ଲକ୍ଷ୍ୟରେ ପହଞ୍ଚିବା ପାଇଁ ପ୍ରତିମାସରେ ଆବଶ୍ୟକ ପରିମାଣ ନିବେଶ କରନ୍ତୁ।

*ଉତ୍ସ: ୯ ଅକ୍ଟୋବର, ୨୦୧୯ ସୁଦ୍ଧା ଭାଲ୍ୟୁ ରିସର୍ଚ୍ଚ ୱେବସାଇଟ୍ ଅନୁଯାୟୀ ଡେବ୍‌ଟ (ମନି ମାର୍କେଟ) ଉପରେ ୨-ବର୍ଷର ହାରାହାରି ରିଟର୍ନ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

ପରବର୍ତ୍ତୀ ସଂସ୍କରଣରେ: ଯାତ୍ରା ଯେତେ କଠିନ ହେଲେ ବି ଦୃଢ଼ମନା ବ୍ୟକ୍ତି କଦାପି ଅଟକିଯାଆନ୍ତି ନାହିଁ ।
ପରବର୍ତ୍ତୀ ସଂସ୍କରଣରେ, କଠିନ ସମୟରେ ଆପଣ କିପରି ଟଙ୍କା ସଞ୍ଚୟ କରିପାରିବେ ତାହାର ବାସ୍ତବବାଦୀ ଉପାୟଗୁଡ଼ିକ ଉପରେ ନଜର ପକାଇବା।

**f LIVE** କୁହାଯାଏ ଯେ ଟଙ୍କାଟିଏ ସଞ୍ଚୟ କରିବା ଅର୍ଥ ଟଙ୍କାଟିଏ ରୋଜଗାର କରିବା। ତେଣୁ, ଯଦି ଆପଣ ନିଜ ଆୟକୁ ବୃଦ୍ଧି କରିବାକୁ ଚାହୁଁଥାନ୍ତି ତେବେ କେବଳ ନିଜ ସଞ୍ଚୟକୁ ବୃଦ୍ଧି କରିବାର ଚେଷ୍ଟା କରନ୍ତୁ। କିପରି କରିବେ ଏହା ଜାଣିବା ପାଇଁ ୨୪ ଅକ୍ଟୋବର ୨୦୧୯ ଅପରାହ୍ନ ୫ ଘଟିକା ପରଠାରୁ ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ୍ ଲାଇଭ୍ ଶୋ' ଦେଖନ୍ତୁ – 'ସେଭିଂ ଇଜ୍ ଦ ନ୍ୟୁ କୁଲ୍'।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହିତ ପଢ଼ନ୍ତୁ ।

MUTUALFUNDS Sahi Hai

UTI Mutual Fund
Haq, ek behtar zindagi ka.

## ଏକ କପ୍ କଫି ନେବାକୁ ଚାହୁଁଛନ୍ତି ଏହି ୱୀକେଣ୍ଡରେ କିମ୍ବା
## ଏହାର ମଜା ନିଅନ୍ତୁ ଏକ ବିଶେଷ ଦୃଷ୍ଟିର ସହିତ?

#WeekendInvestmentPlan



ଆପଣଙ୍କ ମ୍ୟୁଚୁଆଲ୍ ଫଣ୍ଡ ବିତରକଙ୍କ ସହିତ ସମ୍ପର୍କ କରନ୍ତୁ ବା 8655097225 ରେ ମିସ୍‌ଡ କଲ୍ ଦିଅନ୍ତୁ ।

ଆପଣଙ୍କ ୱୀକେଣ୍ଡ କଫି ପ୍ଲାନ୍‌କୁ ଏକ ବିରତି ଦିଅନ୍ତୁ ଏବଂ ସଞ୍ଚୟ ରାଶିକୁ ଏସ୍‌ଆଇପି ଜରିଆରେ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ କରନ୍ତୁ । ଆପଣଙ୍କ ବଡ଼ ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରତିମାସରେ ଅନ୍ତତଃ ଗୋଟିଏ ୱୀକେଣ୍ଡ ରୁହନ୍ତୁ ।

ୟୁଟିଆଇ ସ୍ୱତନ୍ତ୍ର
ଏକ ନିବେଶକ ଶୈକ୍ଷଣିକ ପଦକ୍ଷେପ
SMS "UTIWIP" to 5676756

Scan this QR code to learn more about SIP

ୱୀକେଣ୍ଡ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (WIP)*
ଆପଣଙ୍କ ବଡ଼ ସ୍ୱପ୍ନକୁ ସାକାର କରିବା ପାଇଁ ଏକ ଛୋଟିଆ ପଦକ୍ଷେପ ନିଅନ୍ତୁ, ଲଗ୍ ଅନ୍ କରନ୍ତୁ www.utiswatantra.com
Follow us on

*ୱୀକେଣ୍ଡ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (WIP) କେବଳ ୟୁଟିଆଇ ଏମ୍ଏଫ୍ ଦ୍ୱାରା ଏକ ସଂଚାର ଦୃଷ୍ଟିକୋଣ ଅଟେ, ଯାହାକୁ ଏକ ନିୟମିତ ସମୟ ଅବଧି ଉପରେ ଏକ ବିଶିଷ୍ଟ ମ୍ୟୁଚୁଆଲ୍ ଫଣ୍ଡ ଯୋଜନାରେ ପୂର୍ବ-ନିର୍ଦ୍ଧାରିତ ତାରିଖରେ ଏକ ନିଶ୍ଚିତ ରାଶିର ଏକ ବ୍ୟବସ୍ଥିତ ନିବେଶ ଯୋଜନା (SIP) ପରି ଅନୁଶାସିତ ନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରସ୍ତୁତ କରାଯାଇଛି।

ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ସମସ୍ତ ଯୋଜନା ସମ୍ବନ୍ଧିତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢନ୍ତୁ ।



"ସମସ୍ତଙ୍କ ଭିତରେ ତୁମେ ନିଜକୁ ଚିହ୍ନ। ଭଗବାନଙ୍କୁ ଭଲ ପାଅ। ଭଗବାନଙ୍କ ଗୁଣ କୀର୍ତ୍ତନ କର। ଯାହାର ବୋଝ ବୋହିପାରିବାର ସାମର୍ଥ୍ୟ ଅଛି, ସେ ହିଁ କେବଳ ବୋଝ ବୋହିପାରିବ।
- -ଗୁରୁ ନାନକ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ୬୦ତମ ପୋଲିସ ସ୍ମୃତି ଉତ୍ସବ, ରିଜର୍ଭ ପୋଲିସ ଲାଇନ, ସକାଳ ୮ଟା ୩୦।
- ଅଲ ଇଣ୍ଡିଆ ୟୁଥ ଲିଗ ପକ୍ଷରୁ ଧାରଣା, ରାଜଭବନ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।
- ସମ୍ଭାବନା ଟ୍ରଷ୍ଟ ପକ୍ଷରୁ 'ଅକ୍ଷୟ ମହାନ୍ତି: ଅପାସୋରା ଗୀତି', ସୂଚନା ଭବନ, ସନ୍ଧ୍ୟା ୬ଟା।
- ଜାତୀୟସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ ଏବଂ ବିକ୍ରୟ ମେଳା, ପ୍ରଦର୍ଶନୀ ପଡ଼ିଆ, ସନ୍ଧ୍ୟା ୬ଟା।
- ସେବା ପ୍ରତିନିଧି ପକ୍ଷରୁ ସଫେଇ ନାମ ସଂକୀର୍ତ୍ତନ ଓ ଭଜନ ପରିବେଷଣ, ଶ୍ରୀଲିଙ୍ଗରାଜ ପରିସର, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**ଖୋର୍ଦ୍ଧା**
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ବେଗୁନିଆ ବ୍ଲକ ପରିସର, ପୂର୍ବାହ୍ନ ୧୦ଟା।

**ପୁରୀ**
- ୧୭ତମ ଲୋକ କଳା ଓ ୧୦ତମ କୃଷି ମେଳାର ଉଦ୍‌ଘାଟନୀ ଉତ୍ସବ, ମୁକ୍ତାକାଶ ରଙ୍ଗମଞ୍ଚ, ଶରଧାବାଲି, ସନ୍ଧ୍ୟା ୬ଟା।

**ବାଲିଅନ୍ତା**
- ଶ୍ରୀ ନିକୁଞ୍ଜବିହାରୀ ଦେବଙ୍କ ସ୍ଥାପନର ଶତବାର୍ଷିକ ଉତ୍ସବରେ ଭାଗବତ ପ୍ରବଚନ, ବାଲିଅନ୍ତା ନିକୁଞ୍ଜବିହାରୀ ମନ୍ଦିର, ସକାଳ ୭ଟାରୁ ସନ୍ଧ୍ୟା ୭ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## କେବିସିରେ ନଜରକୁ ଆସିବେ ଦୂତୀ

**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ):** ଭାରତର ଦ୍ରୁତତମ ଧାବିକା ଦୂତୀ ଚାନ୍ଦ କୌନ ବନେଗା କରୋଡ଼ପତି(କେବିସି)ରେ ନଜର ଆସିବେ। କେବିସିରେ ଅମିତାଭ ବଚ୍ଚନଙ୍କ ସାମ୍ନାରେ ହଟ୍ ସିଟ୍‌ରେ ବସିବେ ଦୂତୀ। ଓଡ଼ିଶାର ଦୌଡ଼ରାଣୀ ଦୂତୀ ବଲିଉଡ଼ର ସୁପରଷ୍ଟାର ଅମିତାଭ ବଚ୍ଚନଙ୍କ ପ୍ରଶ୍ନର ସମ୍ମୁଖୀନ ହେବେ। ଏନେଇ ଖୁବ୍ ଶୀଘ୍ର ସେ ଶୁଟିଂ ପାଇଁ ମୁମ୍ବାଇ ଯିବେ। ପୂର୍ବରୁ ଦୂତୀ କପିଲ ଶର୍ମା ଶୋ'ରେ ଭାଗ ନେଇ କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତରେ ପ୍ରଶଂସା ସାଉଁଟିଥିଲେ। ଆଉ ଏବେ କେବିସିରେ ଭାଗ ନେବା ଓ ବିଗ୍ ବିଙ୍କୁ ଭେଟିବା ପାଇଁ ଦୂତୀ ଉତ୍ସାହିତ ଅଛନ୍ତି।

## ସାପ ଦେହରୁ ବାହାରିଲା ବନିଶୀ କଣ୍ଟା





**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ):** ଓୟୁଏଟିସ୍ଥିତ ସେଣ୍ଟ୍ରାଲ କ୍ଲିନିକରେ ଏକ ତମ୍ପ ସାପର ଅସ୍ତ୍ରୋପଚାର କରାଯାଇ ଶରୀରରୁ ବନିଶୀ କଣ୍ଟା କଢ଼ାଯାଇଛି। ସାପଟିର ପାଟିଠାରୁ ପ୍ରାୟ ୪ ଇଞ୍ଚ ଦୂରତାରେ କଣ୍ଟାଟି ଲାଖି ରହିଥିଲା। ପ୍ରାଣୀ ଶଲ୍ୟ ଓ ରଞ୍ଜନ ରଶ୍ମି ବିଭାଗର ସହଯୋଗୀ ପ୍ରାଧାପକ ଡା. ବିଶ୍ୱଦୀପ ଜେନା ଓ ପିଜି ଛାତ୍ର ଦିଲୀପ କୁମାର ସାହୁ ପ୍ରଥମେ ଏକ୍ସ-ରେ କରି ସାପଟିର ଅସ୍ତ୍ରୋପଚାର କରିଥିଲେ। ପ୍ରାୟ ୩୦ମିନିଟ ଅପରେଶନ କରି ବନିସି କଣ୍ଟାକୁ ବାହାର କରିଥିଲେ। ସାପଟିର ଅବସ୍ଥା ଭଲ ଅଛି ଏବଂ ପୂରା କ୍ଷତ ଶୁଖିବା ପର୍ଯ୍ୟନ୍ତ ୧୦ ଦିନ ଅବଜରଭେଶନରେ ରଖାଯିବ। ଯଦି ଅପରେଶନ କରି କଣ୍ଟାଟିକୁ ବାହାର କରାଯାଇ ନ ଥାନ୍ତା ସାପଟି ଆଉ ଖାଦ୍ୟ ଖାଇ ପାରି ନ ଥାନ୍ତା ଏବଂ କ୍ଷତ ସ୍ଥାନରେ ଦ୍ରୁତ ସଂକ୍ରମଣ ହୋଇ ନିଶ୍ଚୟ ତା'ର ମୃତ୍ୟୁ ଘଟିଥାନ୍ତା ବୋଲି ଡା. ବିଶ୍ୱଦୀପ କହିଛନ୍ତି। ସୂଚନାଯୋଗ୍ୟ, ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନଛିପୁର ଗ୍ରାମରେ ମାଛ ଧରିବା ପାଇଁ ବନିଶୀରେ ଏକ ତମ୍ପ ସାପ ଫସି ଯାଇଥିଲା। ସାପଟି ୪ ଦିନ ପର୍ଯ୍ୟନ୍ତ ଛଟପଟ ହେଲା ପରେ ସ୍ଥାନୀୟ ଯୁବକ ଅନ୍ତର୍ଯ୍ୟାମୀ ଜେନା ଘଟଣାସ୍ଥଳରେ ପହଞ୍ଚି ସ୍ନେକ ହେଲ୍ପ ଲାଇନକୁ ଖବର ଦେଇଥିଲେ। ତେବେ ବାଲେଶ୍ୱରରେ ଚିକିତ୍ସା ସୁବିଧା ନ ଥିବାରୁ ଓୟୁଏଟିସ୍ଥିତ ଭେଟେରିନାରୀ କଲେଜକୁ ରେଫର କରାଯାଇଥିଲା। ଜଳେଶ୍ୱର ରେଞ୍ଜ ଅଫିସରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅସ୍ତ୍ରୋପଚାର ହୋଇଥିଲା।





ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ହସ୍ତଶିଳ୍ପ (ଟେରାକୋଟା) ପ୍ରଦର୍ଶନୀ 'ମୃତ୍ତିକା'ରେ ପଡ଼ିଥିବା ଏକ ଷ୍ଟଲ (ବାମ) ଏବଂ କଞ୍ଚାମାଟିରେ ସାମଗ୍ରୀ ପ୍ରସ୍ତୁତ କରାଯାଉଛି।

# ଗ୍ରାହକଙ୍କୁ ଆକୃଷ୍ଟ କରୁଛି 'ଖଦି ବଜାର', 'ମୃତ୍ତିକା'

**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)**

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ତରଫରୁ ୟୁନିଟ୍-୩ ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଚାଲିଥିବା ଜାତୀୟସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ ଏବଂ ବିକ୍ରୟ ମେଳା 'ଖଦି ବଜାର'ରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଜମୁଛି। ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାର ଦ୍ୱିତୀୟ ଦିବସରେ ଗ୍ରାହକମାନେ କିଣାକିଣି କରିବା ସହ ସୁସ୍ୱାଦୁ ଖାଦ୍ୟ ଏବଂ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇଥିଲେ। ରବିବାର ଯୋଗୁ ଭିଡ଼ ଅଧିକ ହେବାସହ ଶାଢ଼ୀ, ଓଢ଼ଣି ଓ ବିଭିନ୍ନ ଘରକରଣା ସାମଗ୍ରୀ ଥିବା ଷ୍ଟଲଗୁଡ଼ିକରେ ଅଧିକ ଭିଡ଼ ଦେଖିବାକୁ ମିଳିଥିଲା। ସେହିଭଳି ଚରଖାରେ ତିଆରି ହେଉଥିବା ସୂତା ଆଦିର ଲାଇଭ୍ ଡେମୋନ୍‌ଷ୍ଟ୍ରେଶନ ଦେଖିବାକୁ ମଧ୍ୟ ଭିଡ଼ ହୋଇଥିଲା। ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଆ ସିନେ ଜଗତର ବିଶିଷ୍ଟ କଣ୍ଠଶିଳ୍ପୀ ଆୟୁଷ୍ମାନ ନାୟକ, ପ୍ରିନ୍ସ ଓ ସୋନମଙ୍କ ସଙ୍ଗୀତର ଦର୍ଶକେ ମଜା ନେଇଥିଲେ। ଅପରାହ୍ନ ୧ଟାରୁ ରାତି ୯ଟା ୩୦ ପର୍ଯ୍ୟନ୍ତ ମେଳା ଖୋଲା ରହୁଛି। ଏଥିରେ ୬୦ ଷ୍ଟଲ୍ ଖୋଲାଯାଇଥିବାବେଳେ ପରେ ଦାବି ଯୋଗୁ ଆଉ ୬ଟି ଷ୍ଟଲ୍ ଖୋଲାଯାଇଛି।

ଅନ୍ୟପକ୍ଷରେ ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ଏଠାରେ ଚାଲିଥିବା ବାର୍ଷିକ ହସ୍ତଶିଳ୍ପ (ଟେରାକୋଟା) ପ୍ରଦର୍ଶନୀ 'ମୃତ୍ତିକା'ରେ ମଧ୍ୟ ରବିବାରିଆ ଭିଡ଼ ଜମିଥିଲା। ଆଗକୁ ଦୀପାବଳି ଆସୁଥିବାରୁ ମୃତ୍ତିକାରୁ ଦୀପ ସହ ଅନ୍ୟାନ୍ୟ ଘରକରଣା ସାମଗ୍ରୀ କିଣିବାକୁ ଲୋକ ଭିଡ଼ ଜମାଇଥିଲେ। ଦୀପ, ଦୀପଦାନି, ବିଭିନ୍ନ ଡିଜାଇନ୍‌ର ଷ୍ଟାଣ୍ଡ, ଲକ୍ଷ୍ମୀଙ୍କ ମୂର୍ତ୍ତି, ଟେରାକୋଟା ଲଣ୍ଠନ ଆଦି ସହ ମାଟି ହାଣ୍ଡି, ଗଛ ଲଗାଇବା ପାଇଁ ପ୍ଲାଣ୍ଟର୍, ମାଟିରେ ନିର୍ମିତ ପାଣି ବୋତଲ, ମାଠିଆ, ଟେରାକୋଟା ୱିଣ୍ଡ୍ ଚାର୍ମର ଭଳି ବିଭିନ୍ନ ଘରସଜ୍ଜା ସାମଗ୍ରୀର ଅଧିକ ଚାହିଦା ରହିଥିଲା। ଗ୍ରାହକ ଏଠାରେ ସାମଗ୍ରୀ କିଣିବା ସହ ଲାଇଭ୍ ଡେମୋନ୍‌ଷ୍ଟ୍ରେଶନ୍‌ରେ ମାଟିରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀରେ ୧୦୦ ଷ୍ଟଲ୍‌ରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା କାରିଗରମାନେ ସେମାନଙ୍କ ସାମଗ୍ରୀ ବିକ୍ରି କରୁଛନ୍ତି।

### ଜମିଲା ରବିବାରିଆ ଭିଡ଼



'ଖଦି ବଜାର'ର ଏକ ଷ୍ଟଲରେ ଲୋକେ ଶାଢ଼ୀ ଦେଖୁଛନ୍ତି।

ହିଷ୍ଟ୍ରି ଅଫ୍ ପାରାଦୀପ ପୁସ୍ତକ ଲୋକାର୍ପିତ

# ଆଞ୍ଚଳିକ ଇତିହାସ ଉଜ୍ଜୀବିତ ହେବା ଜରୁରୀ




**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)**

ଦେଶ ମହାଦେଶର ଇତିହାସ, କୌଣସି ଏକ ରାଜ୍ୟର ଇତିହାସକୁ ସମସ୍ତେ ପ୍ରକାଶିତ କରୁଛନ୍ତି। ପୁରାତନ ସଭ୍ୟତା, କଳା, ସଂସ୍କୃତିର ମଧ୍ୟ ପ୍ରସାରପ୍ରଚାର କରାଯାଉଛି। କିନ୍ତୁ ଆଞ୍ଚଳିକ ସ୍ଥାନଗୁଡ଼ିକର ଇତିହାସ ଏବେ ବି ସମାଜକୁ ଅଛପା ରହିଛି। 'ହିଷ୍ଟ୍ରି ଅଫ୍ ପାରାଦୀପ' ପୁସ୍ତକରେ ଯେପରି ପାରାଦୀପ ପରି ଏକ ସ୍ଥାନ ବିଷୟରେ ଜାଣିବାକୁ ମିଳୁଛି, ସେହିପରି ଅନ୍ୟ ଆଞ୍ଚଳିକ ସ୍ଥାନର ଇତିହାସ ଉଜ୍ଜୀବିତ ହେବା ଜରୁରୀ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ରବିବାର ସନ୍ଧ୍ୟାରେ ସ୍ଥାନୀୟ ପ୍ରେସ୍‌କ୍ଲବ୍‌ଠାରେ ଐତିହାସିକ ତଥା ଗବେଷକ ସ୍ୱର୍ଗତ ସତ୍ୟାନନ୍ଦ ପଣ୍ଡାଙ୍କ 'ହିଷ୍ଟ୍ରି ଅଫ୍ ପାରାଦୀପ' ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଓଡ଼ିଶାର ଏକ ସୁନ୍ଦର ଇତିହାସ ଅଛି। କିନ୍ତୁ ଆନ୍ତରିକତାର ଅଭାବ ହେତୁ ଏହା ଲୋକଲୋଚନକୁ ଆସିପାରୁନାହିଁ। ଓଡ଼ିଶା ଇତିହାସର ଅନେକ କଥା ଏହିପରି ଗବେଷକଙ୍କ ଦ୍ୱାରା ହିଁ ବାହାରକୁ ଆସିବ ବୋଲି ସେ କହିଥିଲେ। ଉତ୍ସବରେ ପୂର୍ବତନ ପୋଲିସ୍ ମହାନିର୍ଦ୍ଦେଶକ ଅମୀୟ ଭୂଷଣ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଭାରତୀୟ ଜାତୀୟ ଅଭିଲେଖାଗାରର ଉପନିର୍ଦ୍ଦେଶକ ଡ. ଲଲାଟେନ୍ଦୁ ଦାସ ମହାପାତ୍ର, ଐତିହାସିକା ଡ. ନିବେଦିତା ମହାନ୍ତି, ସ୍ତମ୍ଭକାର ଅନିଲ ଧୀର ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ପଣ୍ଡାଙ୍କ ଦ୍ୱାରା ଗବେଷିତ ହୋଇଥିବା କୈବର୍ତ୍ତ୍ୟ ସମାଜର ଜୀବନ ଜୀବିକା, କୁଜଙ୍ଗର ଇତିହାସ, ପାରାଦୀପ ବନ୍ଦର, ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ପ୍ରମୁଖ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଡ. ସତ୍ୟାନନ୍ଦ ପଣ୍ଡା ମେମୋରିଆଲ ଟ୍ରଷ୍ଟ ୱେବ୍‌ସାଇଟ ଉନ୍ମୋଚନ ହେବା ସହ ଡ. ପଣ୍ଡାଙ୍କ ଘଟଣାବହୁଳ ଜୀବନୀ ଉପରେ ଏକ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। ଟ୍ରଷ୍ଟର ଟ୍ରଷ୍ଟି ଶୁଭ୍ରାଂଶୁ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ସଦସ୍ୟ ଚନ୍ଦ୍ରକାନ୍ତ ପଣ୍ଡା ସଭା ପରିଚାଳନା କରିଥିଲେ। ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକଙ୍କୁ ଅଣ ଶିକ୍ଷକ କାର୍ଯ୍ୟରେ ଲଗାଉଛନ୍ତି ସରକାର

**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)**

ଓଡ଼ିଶା ପ୍ରାଥମିକ ବିଦ୍ୟାଳୟ ସଂଘ (ଓଇଷ୍ଟା) ପକ୍ଷରୁ ଶିକ୍ଷା ଅଧିକାର ଆଇନ୍ ପରିସରରେ ଶିକ୍ଷକଙ୍କ ସମସ୍ୟା ଓ ସମାଧାନ ଶୀର୍ଷକ ରାଜ୍ୟସ୍ତରୀୟ ଶିକ୍ଷକ କର୍ମଶାଳା ରବିବାର ସଂଗ୍ରାମ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନେତା ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଶିକ୍ଷକ ନେତୃମଣ୍ଡଳୀ ଯୋଗଦେଇଥିଲେ। କର୍ମଶାଳାରେ ଶିକ୍ଷକଙ୍କ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଶିକ୍ଷା ଅଧିକାର ଆଇନ ଅନୁସାରେ ପ୍ରାଥମିକ ଶିକ୍ଷକଙ୍କ ଯୋଗ୍ୟତା ଯୁକ୍ତ୨ ସିଟି କରାଯାଇଥିବାବେଳେ ୨୮୦୦ ଗ୍ରେଡ୍-ପେ ଅନୁସାରେ ଦରମା ଦିଆ ନ ଯାଇ ସରକାର ଶିକ୍ଷକଙ୍କୁ ଠକି ଚାଲିଛନ୍ତି। ଏପର୍ଯ୍ୟନ୍ତ ମୂଳ ପଦବୀ ମାଟ୍ରିକ ସିଟିରୁ ଯୁକ୍ତ୨ ସିଟିକୁ ଉନ୍ନୀତ କରାଯାଇନାହିଁ। ପଦବୀ ଓ ଦରମା ଲାଗୁ କରାଯାଉ ନାହିଁ। ସରକାର ସର୍ବଦା ଶିକ୍ଷକମାନଙ୍କୁ ଅଣଶିକ୍ଷକ କାର୍ଯ୍ୟରେ ଲଗାଉଥିବାରୁ ଗୁଣାତ୍ମକ ଶିକ୍ଷା ହ୍ରାସ ପାଉଛି ବୋଲି ଓଇଷ୍ଟା ପକ୍ଷରୁ କୁହାଯାଇଛି। ବିଭିନ୍ନ ସମସ୍ୟା ଉପରେ ଶିକ୍ଷକ ନେତୃମଣ୍ଡଳୀ ଆଲୋଚନା କରି ସମାଧାନ ପାଇଁ ମତ ରଖିବା ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଓଇଷ୍ଟାର ସଭାପତି ଯୁଧିଷ୍ଠିର ସାହୁ, ସମ୍ପାଦକ ଆରତ ଭଞ୍ଜନ ସାହୁ, ମହାସଚିବ ଜିତ୍ ରଞ୍ଜନ ମହାପାତ୍ର, ଗଣଶିକ୍ଷକ ସଂଘର ସଭାପତି ମହାଦେବ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭାବ, ଅସୁବିଧା ଜଣାଇଲେ ଟୁର୍ ଅପରେଟର୍

**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)**

ଓଡ଼ିଶା ପର୍ଯ୍ୟଟନ ସମ୍ଭାରରେ ପରିପୂର୍ଣ୍ଣ ହୋଇଥିଲେ ହେଁ ତାହାର ଠିକ୍ ଉପଯୋଗ ହୋଇପାରୁନାହିଁ। ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ପର୍ଯ୍ୟଟକଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ହୋଟେଲ, ରେସ୍ତୋରାଁ, ଆମ୍ୟୁଜମେଣ୍ଟ ପାର୍କ, ୱେଲ୍‌ନେସ୍ ସେଣ୍ଟର ଭଳି ବ୍ୟବସ୍ଥା ନ ଥିବାରୁ ଓଡ଼ିଶାକୁ ବିଦେଶୀ ପର୍ଯ୍ୟଟକ ଆସିବାକୁ ଅମଙ୍ଗ ହେଉଛନ୍ତି। ଓଡ଼ିଶା ଟ୍ରାଭେଲ୍ ବଜାରରେ ଯୋଗଦେଇଥିବା ଟୁର୍ ଅପରେଟର୍‌ମାନେ ଏଭଳି ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ପର୍ଯ୍ୟଟନରେ ସମୁଦ୍ର, ପାହାଡ଼, ଜଙ୍ଗଲ, ବନ୍ୟଜନ୍ତୁ, କଳା, ଐତିହ୍ୟ, ବୌଦ୍ଧ ଓ ଆଦିବାସୀ ପର୍ଯ୍ୟଟନ ସବୁକିଛି ଗୋଟିଏ ସ୍ଥାନରେ ଦେଖିବାକୁ ମିଳିବାକୁ ମିଳେ। ଏହା ଏକ ବିରଳ ଘଟଣା। ଏହାର ଠିକ୍ ଉପଯୋଗ କରାଗଲେ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶା ବହୁ ଆଗକୁ ଯାଇପାରିବ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଫିକି ସହଯୋଗରେ ଭୁବନେଶ୍ୱରରେ ୩ୟ ଥର ପାଇଁ ଆୟୋଜିତ ଓଡ଼ିଶା ଟ୍ରାଭେଲ ବଜାରରେ ଚଳିତ ବର୍ଷ ୧୬ ରାଷ୍ଟ୍ରରୁ ୨୫ ଆଗଧାଡ଼ିର ଟୁର୍ ଅପରେଟର୍ ଯୋଗଦେଇଥିଲେ। ୩ଟି ଫ୍ୟାମ୍ ଟ୍ରିପ୍‌ରେ ସେମାନଙ୍କୁ ଭୁବନେଶ୍ୱର, ପୁରୀ, କୋଣାର୍କ, ଚିଲିକା, ରଘୁରାଜପୁର, ଚନ୍ଦ୍ରଭାଗା, ମଙ୍ଗଳାଯୋଡ଼ି, ବୁଦ୍ଧିଷ୍ଟ ସର୍କିଟ୍, ଭିତରକନିକା ଭଳି ସ୍ଥାନ ସହ ଜନଜାତି ଏବଂ ହସ୍ତଶିଳ୍ପ ସଂଗ୍ରହାଳୟ ନିଆଯାଇଥିଲା। ଟ୍ରାଭେଲ ବଜାରର ଶେଷ ଦିନ ରବିବାରରେ ବିଦେଶୀ ଟୁର୍ ଅପରେଟର୍‌ମାନେ ହେରିଟେଜ୍ ଟ୍ରେଲ୍‌ରେ ମନ୍ଦିରମାଳିନୀ ସହର ଭୁବନେଶ୍ୱରର ବିଭିନ୍ନ ଐତିହାସିକ ମନ୍ଦିର ଓ କୀର୍ତ୍ତିରାଜି ବୁଲି ଦେଖିଥିଲେ। ପର୍ଶୁରାମେଶ୍ୱର ମନ୍ଦିରରୁ ଆରମ୍ଭ କରି ଏକାମ୍ର ବନ, ମୁକ୍ତେଶ୍ୱର, ଲିଙ୍ଗରାଜ ମନ୍ଦିର ଭଳି ପୁରାତନ ମନ୍ଦିର ପରିଦର୍ଶନ କରିଥିଲେ। ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ଯାଦବଙ୍କ ସହ ବିଭାଗୀୟ ବରିଷ୍ଠ ଅଧିକାରୀ ଏବଂ ଫିକି କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଚଳିତବର୍ଷ ମୋଟ ୨୫ ବିଦେଶୀ ଟୁର୍ ଅପରେଟର୍‌ଙ୍କ ସହ ୬୦ ଡୋମେଷ୍ଟିକ୍ ଟୁର୍ ଅପରେଟର୍ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟ ସରକାର ଟୁର୍ ଅପରେଟର୍‌ମାନଙ୍କ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ।

### ସରିଲା ଓଡ଼ିଶା ଟ୍ରାଭେଲ ବଜାର-୨୦୧୯



## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ସୁଦୀପ୍ତ



ତୃପ୍ତି



ବାଦଲ



ସୌମ୍ୟରଞ୍ଜନ



ଶିବରାମ



ଅଂଶୁମାନ



ରାଜୁ



ହରିଚନ୍ଦନ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୀୟ ମାୟା ଭାବରେ ଶରୀର ଧାରଣ କରନ୍ତି। ଅଧର୍ମ ପ୍ରବଳ ଓ ଧର୍ମ ହୀନବଳ ହୋଇ ଆସିଲେ ଧର୍ମର ରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।

- ବ୍ୟାସଦେବ

## ସଂକ୍ଷେପରେ

### ୪ ଜୁଆଡି ଗିରଫ

**ପାତ୍ରପଡା, ୨୦। ୧୦ (ଡି.ଏନ.ଏ.):** ଖଣ୍ଡଗିରି ଥାନା ରଘୁନାଥନଗର ଅଞ୍ଚଳରେ ଜୁଆ ଖେଳୁଥିବା ଅଭିଯୋଗରେ ପୋଲିସ ୪ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ରଘୁନାଥନଗରର ସାଗର ଶର୍ମା, ସରକନ୍ତରା ଅଞ୍ଚଳର ବିଭୂତି ସେଠୀ, ଏମ୍‌ସନଗର ଅଞ୍ଚଳର କେଶବ ଚନ୍ଦ୍ର ସାହୁ, ଡୁମ୍‌ଡୁମା ଅଞ୍ଚଳର ଆଶୁତୋଷ ଶତପଥୀ। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ରଘୁନାଥନଗର ନିକଟସ୍ଥ ଜଗନ୍ନାଥ ମନ୍ଦିର ପାଖରେ ଜୁଆ ଖେଳୁଥିବା ବେଳେ ପୋଲିସ ଚଢ଼ାଉ କରି ସେଠାରୁ ଏକ ତାସ୍ ମୁଠା, ୧୧ ହଜାର ଟଙ୍କା ଓ ୩ ଗୋଟି ମୋବାଇଲ ଫୋନ୍ ଜବତ କରିଥିଲା। ଥାନାରେ ନଂ. ୫୯୩/୧୯ରେ ମାମଲା ରୁଜୁ ହୋଇଛି।

### ବିଏମ୍‌ସି ଡ୍ରାଇଭରଙ୍କୁ ମାଡମାରି ୨ ଗିରଫ

**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ବିଏମ୍‌ସି ବିଦ୍ୟୁତ ବିଭାଗ ଗାଡି ଡ୍ରାଇଭରଙ୍କୁ ଆକ୍ରମଣ କରି ଫେରାର ଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଚନ୍ଦ୍ରଶେଖରପୁର ହରେକୃଷ୍ଣ ବସ୍ତି ଅଞ୍ଚଳର ବଳରାମ ପାରା ଓ ନିରଞ୍ଜନ ସାହୁ। ପୋଲିସ ସୂଚନା ମୁତାବକ, ମଙ୍ଗୁଲୁ ଖାନ ବିଏମ୍‌ସି ବିଦ୍ୟୁତ ବିଭାଗର ଗାଡି ଚଳାନ୍ତି। ଗତ ୧୭ ତାରିଖରେ ମଙ୍ଗୁଲୁ ଅନ୍ୟ କର୍ମଚାରୀଙ୍କ ସହ ହରେକୃଷ୍ଣ ବସ୍ତିରେ କାମ କରିବାକୁ ଯାଇଥିବା ସମୟରେ ତାଙ୍କ ସହ ବଳରାମ ଓ ନିରଞ୍ଜନଙ୍କର ପାଟିତୁଣ୍ଡ ହୋଇଥିଲା। ପରେ ଏହି ଦୁଇଜଣ ନିଶାସକ୍ତ ଅବସ୍ଥାରେ ମଙ୍ଗୁଲୁଙ୍କୁ ମାଡ ମାରିଥିଲେ।

# ଖରାଠାରୁ ଦୂରେଇ ରହିବାରୁ ବଢୁଛି ଅଷ୍ଟିଓପୋରୋସିସ୍ ରୋଗୀଙ୍କ ସଂଖ୍ୟା

**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)**

ବର୍ତ୍ତମାନ ସମୟରେ ଲୋକଙ୍କ ଜୀବନଶୈଳୀ ପରିବର୍ତ୍ତନ ହେଉଥିବାବେଳେ ରୋଗର ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଅଷ୍ଟିଓପୋରୋସିସ୍ ଆଜିର ସମୟରେ ଏକ ଜଣାଶୁଣା ରୋଗରେ ପରିଣତ ହୋଇଥିବାବେଳେ ଶହ ଶହ ରୋଗୀ ଏଥିରେ ଆକ୍ରାନ୍ତ ହେଉଛନ୍ତି। ହାଡ଼କୁ ଦୁର୍ବଳ କରୁଥିବା ଏହି ରୋଗ ସାଧାରଣତଃ ବିଳାସପୂର୍ଣ୍ଣ ଜୀବନଶୈଳୀ, ଧୂମ୍ରପାନ, ଅସ୍ୱାସ୍ଥ୍ୟକର ଖାଦ୍ୟ ଗ୍ରହଣ ଯୋଗୁ ହେଉଥିବା ବିଶେଷଜ୍ଞ ମତପ୍ରକାଶ କରିଛନ୍ତି। ବୟସ ଅନୁପାତରେ ହାଡ଼ ଦୁର୍ବଳ ତଥା ପତଳା ହେବା ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇଥିବାବେଳେ ହାଡ଼ର ଅବକ୍ଷୟ ହାର କିନ୍ତୁ ସମସ୍ତଙ୍କଠାରେ ସମାନ ନ ଥାଏ। ହର୍ମୋନାଲ୍ କାରଣ ବ୍ୟତୀତ ଲୋକମାନଙ୍କ ଆଧୁନିକ ଜୀବନଶୈଳୀ ହାଡ଼ ଅବକ୍ଷୟର ପ୍ରମୁଖ କାରଣ ହୋଇଥାଏ। ଖରାକୁ ଯାଉ ନ ଥିବାରୁ ଲୋକଙ୍କ ଶରୀର ଠିକ୍ ଭାବରେ ଭିଟାମିନ୍-ଡି ପାଇପାରି ନ ଥାଏ। ଶରୀରରେ କ୍ୟାଲସିୟମ୍ ଓ ଭିଟାମିନ୍-ଡି'ର ଅଭାବ ଏହି ରୋଗ ପାଇଁ ଅନେକ ପରିମାଣରେ ଦାୟୀ ବୋଲି ଏଣ୍ଡୋସ୍କୋପିକ୍ ସ୍ପାଇନ୍ ଓ ଆର୍ଥ୍ରୋସ୍କୋପିକ୍ ସର୍ଜନ ଡା. ପି. ସି. ଦେ କହିଛନ୍ତି। ୨୦୧୩ରେ ହୋଇଥିବା ଏକ ସର୍ଭେ ଅନୁଯାୟୀ, ଭାରତରେ ପ୍ରାୟ ୫ କୋଟି ଲୋକ ଅଷ୍ଟିଓପୋରୋସିସ୍‌ରେ ପୀଡ଼ିତ। ଇଣ୍ଡିଆନ୍ ଜର୍ନାଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ ଅନୁଯାୟୀ ପାଖାପାଖି ୮.୯୯% ରୋଗୀ ଅଷ୍ଟିଓପୋରୋସିସ୍ ଓ ୫୯.୫୫% ରୋଗୀ ଅଷ୍ଟିଓପେନିଆରେ ପୀଡ଼ିତ ଥିବା ଜଣାପଡ଼ିଛି। ଦୈନନ୍ଦିନ ଜୀବନରେ କ୍ଷୀର, ଆଲମଣ୍ଡ, ବିନ୍ସ, ଦହି ଭଳି ଅଧିକ କ୍ୟାଲସିୟମ୍‌ଯୁକ୍ତ ଖାଦ୍ୟ ଖାଇବା ସହ ପ୍ରତିଦିନ ୧୫ରୁ ୨୦ ମିନିଟ୍ ଖରାରେ ଛିଡ଼ାହେଲେ ଅଷ୍ଟିଓପୋରୋସିସ୍ ଭଳି ରୋଗଠାରୁ ଦୂରେଇ ରହି ହେବ ବୋଲି ଡା. ଦେ କହିଛନ୍ତି।

# କଡ଼ା ସୁରକ୍ଷାରେ ରହିବ ଭୁବନେଶ୍ୱର ରେଳ ଷ୍ଟେସନ

**ଭୁବନେଶ୍ୱର, ୨୦।୧୦(ବ୍ୟୁରେ)**

କଡ଼ା ସୁରକ୍ଷା ବଳୟ ଭିତରେ ରହିବ ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନ। ଷ୍ଟେଶନର ଦୁଇ ପାର୍ଶ୍ୱରେ ସୁରକ୍ଷା ପାଚେରି, ପୂରା ଷ୍ଟେଶନରେ ସିସିଟିଭି କ୍ୟାମେରା, ପ୍ଲାଟଫର୍ମ ନଂ.୬ରେ ଲଗେଜ ଓ ଭେହିକିଲ ସ୍କାନର ଲଗାଯିବ। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଦୁଇଦିନିଆ ସମୀକ୍ଷା ବୈଠକରେ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ଡିଜି ଅରୁଣ କୁମାର ଏହି ନିର୍ଦ୍ଦେଶ ଦେଇଛନ୍ତି। ଡିଜି ଦେଶର ୧୫୦ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେଶନର ଆର୍‌ପିଏଫ ଥାନାଧିକାରୀଙ୍କ ସହ ଆଲୋଚନା କରିଥିଲେ। କର୍ମଚାରୀ ସଂଖ୍ୟା ନ ବଢ଼ାଇ ଦକ୍ଷତା ବିକାଶ କରିବାକୁ ଡିଜି ଗୁରୁତ୍ୱ ଦେଇଛନ୍ତି। ଷ୍ଟେଶନରେ ନୂତନ ଉନ୍ନତ ସୁରକ୍ଷା ଉପକରଣ ଲଗାଇବା, ଯାନ୍ତ୍ରିକ କୌଶଳରେ ସୁରକ୍ଷା ଯାଞ୍ଚ, କାର୍ଯ୍ୟ ସମୟ ବୃଦ୍ଧି କରିବାକୁ ଆର୍‌ପିଏଫ ପୋଷ୍ଟଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରୀଙ୍କୁ ସମସ୍ୟାମୁକ୍ତ ସେବା ପ୍ରଦାନ ଆର୍‌ପିଏଫର ମୌଳିକ କର୍ତ୍ତବ୍ୟ। ଆର୍‌ପିଏଫ ସୁରକ୍ଷା କର୍ମଚାରୀ ଅପେକ୍ଷା ଯାତ୍ରୀଙ୍କ ଉତ୍ତମ ସହାୟକ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ଏହି ବାର୍ତ୍ତାକୁ କନଷ୍ଟେବଲଙ୍କ ପର୍ଯ୍ୟନ୍ତ ପହଞ୍ଚାଇବାକୁ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଡିଜି। ରେଳରେ ମାନବ ଚାଲାଣ, ନିଶା କାରବାର, ଇ-ଟିକଟ ଠକେଇ ଓ ଜାଲିଆତି, ଅନଧିକୃତ ଫେରିବାଲା ବିକ୍ରି ଶତ ପ୍ରତିଶତ ବନ୍ଦ କରିବା, କିନ୍ନରଙ୍କ ଉତ୍ପାତ, କୋଇଲା ଚାଲାଣ ଆଦି ପ୍ରସଙ୍ଗରେ ଡିଜି ଆଲୋଚନା କରିଛନ୍ତି।

ଆର୍‌ପିଏଫ୍ ପୋଷ୍ଟ ଥାନାଧିକାରୀ କାଳୁ ସେଠୀ କହିଛନ୍ତି, ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନ 'ଏ ଗ୍ରେଡ' ଷ୍ଟେଶନ ହୋଇଥିବାରୁ ଏହାର ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ଭୁବନେଶ୍ୱର ଷ୍ଟେଶନର ଉଭୟ ପାର୍ଶ୍ୱ ପାଚେରି ନିକଟରେ ସୁରକ୍ଷାକର୍ମୀ ମୁତୟନ ହେବେ। ଆଉ ୨୩ ହାଇ ରିଜୋଲ୍ୟୁଶନ ସିସିଟିଭି କ୍ୟାମେରା ଲଗାଯିବ। ଫେସ୍ ଡିଟେକ୍ସନ କ୍ୟାମେରା ମଧ୍ୟ ଲାଗିବ। ଷ୍ଟେଶନକୁ ସମ୍ପୂର୍ଣ୍ଣ ଆଲୋକିତ କରିବା ପାଇଁ ଆଉ ୧୭ ହାଇମାଷ୍ଟ ଲାଇଟ ଲଗାଯିବ। ପାଟ୍ରୋଲିଂକୁ ଅଧିକ ସକ୍ରିୟ କରିବା ଲାଗି ୪ ସେଗ୍‌ୱେ ବ୍ୟବହାର କରାଯିବ। କର୍ମଚାରୀମାନେ ବଡି ବିଅରିଂ କ୍ୟାମେରା ବ୍ୟବହାର କରିବେ। ଗତ ଏପ୍ରିଲରେ ଷ୍ଟେଶନରେ ଲାଗୁ ହୋଇଥିବା ସୁରକ୍ଷା ବ୍ୟବସ୍ଥା ଉପରେ ମଧ୍ୟ ଡିଜି ବିଶ୍ଳେଷଣ କରିଛନ୍ତି। ଏଠାରେ ଶତ ପ୍ରତିଶତ ଅନଧିକୃତ ଫେରିବାଲା ବିକ୍ରି ବନ୍ଦ ହୋଇଛି, ୯୯% କିନ୍ନରଙ୍କ ପ୍ରାଦୁର୍ଭାବ କମିଛି ଏବଂ କଡ଼ା ଚେକିଂ ଯୋଗୁ ଷ୍ଟେଶନ ଆର୍ଥିକ ଲାଭବାନ ହୋଇଛି। ବୁକିଂ କାଉଣ୍ଟରରୁ ୭% ଆୟ ବଢ଼ିଛି। ଏଣିକି ଭୁବନେଶ୍ୱର ଷ୍ଟେଶନକୁ ଆସୁଥିବା ଯାତ୍ରୀ ଏବେ ଭେହିକିଲ ସ୍କାନର, ମେଟାଲ ଡିଟେକ୍ଟର, ଲଗେଜ ସ୍କାନର, ସ୍ନିଫର ଡଗ୍ ଚେକିଂ, ଆର୍‌ପିଏଫ ଏସ୍କର୍ଟିଂ ଦେଇ ଷ୍ଟେଶନ ଭିତରକୁ ପ୍ରବେଶ କରିବେ।

### ଆରପିଏଫ୍ ଡିଜିଙ୍କ ସମୀକ୍ଷା ବୈଠକ

- ଲାଗିବ ୨୩ ସିସିଟିଭି, ଫେସ୍ ଡିଟେକ୍ସନ କ୍ୟାମେରା
- ଆଲୋକିତ କରିବ ୧୭ ହାଇମାଷ୍ଟ ଲାଇଟ୍
- ସେଗ୍‌ୱେରେ ହେବ ପାଟ୍ରୋଲିଂ



### ଆର୍‌ପିଏଫ୍‌କୁ ମିଳିବ ଆଇପିସି କ୍ଷମତା

ଆଗାମୀ ଦିନରେ ଆର୍‌ପିଏଫ୍‌କୁ ଆଇପିସି କ୍ଷମତା ମିଳିବାକୁ ଯାଉଛି। ଯାତ୍ରୀ ସମ୍ପର୍କିତ ଆପରାଧିକ ମାମଲାଗୁଡ଼ିକ ବର୍ତ୍ତମାନ ଜିଆର୍‌ପିରେ ରୁଜୁ ହେଉଛି। ଆର୍‌ପିଏଫ୍‌କୁ ଏହି କ୍ଷମତା ମିଳିଲେ ରେଲ୍‌ୱେରେ ଘଟୁଥିବା ଅପରାଧଗୁଡିକର ଶୀଘ୍ର ସମାଧାନ ହୋଇପାରିବ। ଏଥିସହ ଜିଆର୍‌ପି ଓ ଆର୍‌ପିଏଫ ମଧ୍ୟରେ ରହୁଥିବା ଦ୍ୱନ୍ଦ୍ୱ ଦୂର ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

### ବ୍ଲେଡ୍‌ରେ ଆକ୍ରମଣ କରି ସୁନା ଚେନ୍, ମୁଦି ଲୁଟ୍

**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ବିଶ୍ୱାଳବିକ୍ର ନିକଟରେ ରବିବାର ୩ଜଣ ଦୁର୍ବୃତ୍ତ ଜଣେ ଯୁବକଙ୍କୁ ବ୍ଲେଡରେ ଆକ୍ରମଣ କରି ସୁନା ଚେନ, ମୁଦି ଓ ପର୍ସ ଲୁଟି ନେଇଛନ୍ତି। ଆହତ ଜଣକ ହେଲେ ପାଣ୍ଡରା ଅଞ୍ଚଳର ଦୁର୍ଗାପ୍ରସାଦ ସେଠୀ। ତାଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଗାଙ୍କ ଅଭିଯୋଗକ୍ରମେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଦୁର୍ଗା ସନ୍ଧ୍ୟା ୬.୧୦ ସମୟରେ ଘରକୁ ଫେରୁଥିଲେ। ସେ ବ୍ରିଜ୍ ନିକଟରେ ହୋଇଥିବାବେଳେ ଦୁଇ ବାଇକରେ ୩ଜଣ ଯୁବକ ମୁହଁରେ କପଡା ବାନ୍ଧି ଆସି ତାଙ୍କୁ ଅଟକାଇଥିଲେ। ଦୁର୍ଗା କିଛି ବୁଝିବା ପୂର୍ବରୁ ସେମାନେ ବ୍ଲେଡରେ ତାଙ୍କ ଦେହର ବିଭିନ୍ନ ଅଂଶକୁ କାଟିବା ସହ ଲୁଟ କରି ଫେରାର ହୋଇଯାଇଥିଲେ। ଉକ୍ତ ଅଞ୍ଚଳରେ ପୋଲିସର ପାଟ୍ରୋଲିଂ କମ୍ ହେଉଥିବାରୁ ଏଭଳି ଲୁଟପାଟ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି।



### ଜନଜାତି ଅଳଙ୍କାର ପ୍ରସ୍ତୁତ କଲେ ପର୍ଯ୍ୟଟକ

**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)**

ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ 'କଳାଭୂମି' ପରିସରରେ ରବିବାର ପ୍ରଥମ ଥର ପାଇଁ ଜନଜାତି ଅଳଙ୍କାର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଏବଂ ରାଜ୍ୟ ବାହାରର ୨୪ ପର୍ଯ୍ୟଟକ ଏଥିରେ ଅଂଶଗ୍ରହଣ କରି ଓଡ଼ିଶାର ଜନଜାତିଙ୍କ ପାରମ୍ପରିକ ଅଳଙ୍କାର ପ୍ରସ୍ତୁତ କରିଥିଲେ। ଅଧିକାଂଶ ଜନଜାତିମାନେ ହାତରେ ପିନ୍ଧୁଥିବା କଡା ବା ବ୍ରେସ୍‌ଲେଟ୍ ପ୍ରସ୍ତୁତ କରିଥିଲେ। ଢେଙ୍କାନାଳର ଜୟକୃଷ୍ଣ ମହାରଣା, ସବିତା ସାହୁ ଏବଂ ଅନ୍ନପୂର୍ଣ୍ଣା ମହାରଣାଙ୍କ ତତ୍ତ୍ୱାବଧାନରେ ଏହି ଅଳଙ୍କାର କର୍ମଶାଳା ଅନୁଷ୍ଠିତ ହୋଇଥିଲା।

### ଶୋଭାଯାତ୍ରାରେ ସ୍ତନ କର୍କଟ ସଚେତନତା ବାର୍ତ୍ତା

**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ):** ହେଲ୍ଥ ଏଜ୍ ଇଣ୍ଡିଆ ପକ୍ଷରୁ ରବିବାର ସ୍ତନ କର୍କଟ ସଚେତନତା ମାସ ପାଳିତ ହୋଇଯାଇଛି। ଏହି ଅବସରରେ ଆର୍‌ସିଇ ନିକଟରୁ ଆପୋଲୋ ହସ୍ପିଟାଲ ପର୍ଯ୍ୟନ୍ତ ଶୋଭାଯାତ୍ରା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା। ଆପୋଲୋ ହସ୍ପିଟାଲର ମହେନ୍ଦ୍ର କୁମାର ମହାରଣା, କ୍ୟାନସର ବିଶେଷଜ୍ଞ ଡା. ନୀତିଶ ରଞ୍ଜନ ଆଚାର୍ଯ୍ୟ ଉପସ୍ଥିତ ରହି ଏହି ରୋଗର କାରଣ ଓ ନିରାକାରଣ ବୁଝାଇଥିଲେ। ଶୋଭାଯାତ୍ରାକୁ ଏସିପି ସାଗରିକା ରଥ, ସାମାଜିକ କର୍ମୀ ଅରୁନ୍ଧତୀ ଦେବୀ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ହେଲ୍ଥମେଟ୍‌ର ସଭାପତି ଅଞ୍ଜଳି ତ୍ରିପାଠୀ, ସମ୍ପାଦିକା ନିବେଦିତା ଭଞ୍ଜ ପରିଚାଳନା କରିଥିଲେ।




# କେନ୍ଦ୍ର ପବ୍ଲିକ ଆକାଉଣ୍ଟ୍ସ କମିଟିର ପୁରୀ ଗସ୍ତ

**ପୁରୀ ଅଫିସ, ୨୦।୧୦**

କେନ୍ଦ୍ର ପବ୍ଲିକ ଆକାଉଣ୍ଟ୍ସ କମିଟି (ପିଏସି)ର ସଦସ୍ୟମାନେ ରବିବାର ପୁରୀ ଗସ୍ତରେ ଆସିଥିଲେ। ଅଧୀର ରଞ୍ଜନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆସିଥିବା ୧୧ ଜଣିଆ କମିଟି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ସିଂହଦ୍ୱାର ନିକଟରେ ସେମାନଙ୍କୁ ପ୍ରଶାସନିକ ଅଧିକାରୀ ସ୍ୱାଗତ କରିବା ସହ ମନ୍ଦିରକୁ ନେଇଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବେଢା ପରିସର ଅନ୍ୟାନ୍ୟ ମନ୍ଦିର ବୁଲି ଦେଖିଥିଲେ। ଏହି ଅବସରରେ କମିଟି ପୁରୀ ବେଳାଭୂମିକୁ ମଧ୍ୟ ଯାଇଥିଲେ। ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ତାଙ୍କ ଛାତ୍ରୀଛାତ୍ରଙ୍କୁ ବାଲୁକା କଳା ଶିକ୍ଷା ଦେଉଥିବା ବେଳେ କମିଟି ସଦସ୍ୟମାନେ ସେଠାରେ ପହଞ୍ଚି ଦେଖିଥିଲେ। ଏମାନଙ୍କ ମଧ୍ୟରୁ କେତେଜଣ ସଦସ୍ୟ ଟୁଇଟ୍ କରି ପୁରୀ ବେଳାଭୂମିର ସ୍ୱଚ୍ଛତାକୁ ପ୍ରଶଂସା କରିବା ସହିତ ସୁଦର୍ଶନ ସେମାନଙ୍କ ଛାତ୍ରୀଛାତ୍ରଙ୍କୁ ବାଲୁକା କଳା ଶିକ୍ଷା ଦେଉଥିବା ପ୍ରତ୍ୟକ୍ଷ ଭାବେ ଦେଖି ଖୁସି ହୋଇଥିବା ଉଲ୍ଲେଖ କରିଛନ୍ତି। ବେଳାଭୂମିରେ ବାଲୁକା କଳା ଦେଖି ତାଙ୍କର ପିଲାଦିନ ବାଲିଘର ଖେଳ କଥା ମନେ ପଡିଯାଇଥିବା ଡ. ସତ୍ୟପାଲ ସିଂ ଟୁଇଟ୍‌ରେ ଦର୍ଶାଇଛନ୍ତି।



ମହାପ୍ରଭୁଙ୍କ ଦର୍ଶନ ସାରି ଶ୍ରୀମନ୍ଦିର ଆଗରେ କେନ୍ଦ୍ର ପବ୍ଲିକ ଆକାଉଣ୍ଟ୍ସ କମିଟି ସଦସ୍ୟ।



ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ରୋଡ୍‌ରେ ଜଙ୍ଗଲ କ୍ୟାମ୍ପ ଉଦ୍‌ଘାଟନ ଅବସରରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟ ଅତିଥି।

■ ଉଦ୍‌ଘାଟିତ ହେଲା ଜଙ୍ଗଲ କ୍ୟାମ୍ପ

# ପ୍ରକୃତିର ମଜା ନେବେ ପର୍ଯ୍ୟଟକ

**ପୁରୀ ଅଫିସ, ୨୦।୧୦**

ପର୍ଯ୍ୟଟନ ସହର ପୁରୀ। ଏଠାକୁ ପ୍ରତ୍ୟହ ଦେଶ ବିଦେଶର ପର୍ଯ୍ୟଟକ ଆସୁଛନ୍ତି। ହେଲେ ପ୍ରାକୃତିକ ଦୃଶ୍ୟରାଜି ମଧ୍ୟରେ ରାତି ବିତାଇବାକୁ ଚାହୁଁଥିବା ପର୍ଯ୍ୟଟକଙ୍କ ପାଇଁ ଏଠାରେ ସେମିତି ପର୍ଯ୍ୟାପ୍ତ ସୁଯୋଗ ନ ଥିଲା। ଏହାକୁ ଦୃଷ୍ଟିରେ ରଖି ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ରୋଡ୍‌ର ରିଟ୍ରିଟ୍ ସନ୍‌ଗ୍ରୀନ ଏରିଆରେ ତିଆରି ହୋଇଛି ଜଙ୍ଗଲ କ୍ୟାମ୍ପ। ଶନିବାର ଏହାକୁ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଥିଲେ, ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ ଇକୋ ଟୁରିଜମ୍ ବିକାଶ ଲାଭ କରୁଛି। ପୁରୀ ପାଇଁ ଇକୋ ଟୁରିଜମ୍‌ର ଆବଶ୍ୟକତା ଥିଲା। ଏହିଭଳି ପ୍ରକଳ୍ପ ହାତକୁ ନିଆଗଲେ ପର୍ଯ୍ୟଟକମାନେ ଅଧିକ ମାତ୍ରାରେ ଆକର୍ଷିତ ହେବେ। ଜଙ୍ଗଲ କ୍ୟାମ୍ପରେ ପର୍ଯ୍ୟଟକମାନେ ପ୍ରକୃତିର ଭରପୂର ମଜା ନେଇପାରିବେ। ଭାରତ ବାହାରେ ଏଭଳି ଚିନ୍ତାଧାରା ଦେଖିବାକୁ ମିଳୁଥିଲା। ଏବେ ଓଡ଼ିଶାରେ ଏହା ଉପଲବ୍ଧ ହେବା ନିଶ୍ଚିତ ରାଜ୍ୟ ପର୍ଯ୍ୟଟନ ଶିଳ୍ପ ପାଇଁ ଗୌରବର ବିଷୟ ବୋଲି ମନ୍ତ୍ରୀ କହିଥିଲେ। ବ୍ଲୁ ସ୍ଲାସ୍ ୱାଟର ପାର୍କର ପରିଚାଳନା ନିର୍ଦ୍ଦେଶକ ରାଜୀବ ପୂଜାରୀ ଏହି ଜଙ୍ଗଲ କ୍ୟାମ୍ପର ପରିକଳ୍ପନା କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ପୂଜାରୀ କହିଥିଲେ, କଂକ୍ରିଟ ଜଙ୍ଗଲ ଭିତରେ ଆଜିର ମଣିଷ ରୁନ୍ଧି ହୋଇଯାଉଛି। କିନ୍ତୁ ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ଲାଗି ଜଙ୍ଗଲ କ୍ୟାମ୍ପ ଆକର୍ଷଣ ସାଜିବ। ଏହା ପରିସରରେ ଜିପ୍ ଲାଇନ, ୱାଲ କ୍ଲାଇମ୍ବିଂ, କୋମାଣ୍ଡୋ ନେଟ୍, ରାପ୍ଲିଂ, ୱାଟର ଜୋର୍ବିଂ, ଲ୍ୟାଣ୍ଡ ଜୋର୍ବିଂ, ବୋଟିଂ, ଭି ବ୍ରିଜ, ବର୍ମା ବ୍ରିଜ୍ ଭଳି ଦୁଃସାହସିକ ଖେଳର ସୁଯୋଗ ରହିଛି। ଯେଉଁମାନେ ଜଙ୍ଗଲ କ୍ୟାମ୍ପରେ ରହିବେ ସେମାନଙ୍କ ପିଲାମାନେ ମଧ୍ୟ ଖେଳକୁଦ କରି ଭରପୂର ଖୁସି ମନାଇପାରିବେ। ଏଥିରେ ନ୍ୟାଶନାଲ ଆଡ୍‌ଭେଞ୍ଚର ଫାଉଣ୍ଡେଶନର ସଭାପତି ବ୍ରିଗେଡିୟର ରବି କୁମାର ମଧ୍ୟ ଯୋଗଦେଇଥିଲେ। ସଭା ପୂର୍ବରୁ ମନ୍ତ୍ରୀ ଜଙ୍ଗଲ କ୍ୟାମ୍ପ ପରିସରରେ ଥିବା ବିଭିନ୍ନ କଟେଜ୍ ବୁଲି ଦେଖିଥିଲେ।

# ଓଡ଼ିଆ ଅଖଣ୍ଡ ଜ୍ୟୋତି ପାଠକ-ପ୍ରଚାରକ ସମ୍ମିଳନୀ

**ଭୁବନେଶ୍ୱର,୨୦।୧୦**

ହରିଦ୍ୱାରରୁ ପ୍ରକାଶିତ ବୈଜ୍ଞାନିକ ଅଧ୍ୟାତ୍ମବାଦର ପତ୍ରିକା ଗାୟତ୍ରୀ ପରିବାରର ମୁଖପତ୍ର 'ଅଖଣ୍ଡ ଜ୍ୟୋତି' ଓଡ଼ିଆ ସଂସ୍କରଣର ରାଜ୍ୟସ୍ତରୀୟ ପାଠକ-ପ୍ରଚାରକ ସମ୍ମିଳନୀ ରସୁଲଗଡ଼ସ୍ଥିତ ଯୁଗଶକ୍ତି ଗାୟତ୍ରୀ ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶାନ୍ତିକୁଞ୍ଜ, ହରିଦ୍ୱାରର ବରିଷ୍ଠ କାର୍ଯ୍ୟକର୍ତ୍ତା ଚୈତରାମ ଯାଦବ ଯୋଗଦେଇ କହିଲେ, ଜ୍ଞାନଯଜ୍ଞ ହିଁ ସର୍ବଶ୍ରେଷ୍ଠ ଦାନ। ଅଖଣ୍ଡ ଜ୍ୟୋତି ପତ୍ରିକାରେ ଜୀବନର ସମସ୍ତ ସମସ୍ୟାର ଆଧ୍ୟାତ୍ମିକ ଉପାୟରେ ସମାଧାନ ମିଳିପାରୁଥିବାରୁ ଏହାର ପ୍ରଚାର, ପ୍ରସାର ଦ୍ୱାରା ସମସ୍ତଙ୍କୁ ସଦ୍‌ଜ୍ଞାନ ପ୍ରାପ୍ତ ହୋଇପାରିବ ବୋଲି ସେ କହିଥିଲେ। ଶାନ୍ତିକୁଞ୍ଜ ଆଞ୍ଚଳିକ କାର୍ଯ୍ୟାଳୟର ସମନ୍ୱୟକ ବଳରାମ ସାହୁ ଏହି ପତ୍ରିକା ଦ୍ୱାରା ଅସଂଖ୍ୟ ବ୍ୟକ୍ତି ଯୋଡ଼ି ହୋଇଥିବା କହିଥିବାବେଳେ ପତ୍ରିକାର ସହସମ୍ପାଦକ ପାଣ୍ଡବ ଜେନା ଗାୟତ୍ରୀ ପରିବାରର କାର୍ଯ୍ୟକର୍ତ୍ତାମାନେ ପ୍ରତିଦିନ ଏଭଳି ପତ୍ରିକା ତଥା ପ. ଶ୍ରୀରାମ ଶର୍ମାଙ୍କ ଦ୍ୱାରା ଲିଖିତ ସତ୍‌ସାହିତ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଜଣାଇବା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷାର ରାଜ୍ୟ ସଂଯୋଜକ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଯୁଗଶକ୍ତି ଗାୟତ୍ରୀ ଭବନର ବ୍ୟବସ୍ଥାପକ ଉପେନ୍ଦ୍ର ପାତ୍ର, ରାସ ବିହାରୀ ମହାନ୍ତି, ଡା. ରାସ ବିହାରୀ ମହାପାତ୍ର ଉଦ୍‌ବୋଧନ ଦେଇଥିଲେ। ବିଭିନ୍ନ ଜିଲ୍ଲାରୁ ଆସିଥିବା ପାଠକ-ବିତରକମାନେ ନିଜ ମତାମତ ଦେଇ ପତ୍ରିକାର ପାଠକ ସଂଖ୍ୟାକୁ ୧ଲକ୍ଷ ପର୍ଯ୍ୟନ୍ତ ପହଞ୍ଚାଇବାର ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ବେଣୁଧର ନାୟକ, ଋଷିନାଥ ମହାକୁର, ଉପେନ୍ଦ୍ର ମୁନି, ଦୁର୍ଗାପ୍ରସାଦ ରାୟ, ସନ୍ତୋଷ ଜେନା ଓ ରାଜେନ୍ଦ୍ର ପ୍ରସାଦ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।




ସମ୍ମିଳନୀରେ ଅତିଥି ଭାବେ ଯୋଗଦେଇଥିବା ଗାୟତ୍ରୀ ପରିବାରର କାର୍ଯ୍ୟକର୍ତ୍ତା।

## ଫଟୋରେ ଖବର



ଖୋର୍ଦ୍ଧା ସହରରେ ରବିବାର ଅନୁଷ୍ଠିତ ମା' ଗଜଲକ୍ଷ୍ମୀଙ୍କ ଭସାଣି ଶୋଭାଯାତ୍ରିରେ ସାମିଲ୍ ମେଢ଼।



ଭୁବନେଶ୍ୱର ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରୀରେ 'କଲେକ୍ସନ ୩୦'ରେ ପ୍ରଦର୍ଶିତ ଚିତ୍ରକଳା ଓ କଳାକୃତିକୁ କଳାପ୍ରେମୀ ବୁଲି ଦେଖୁଛନ୍ତି।




ଭାଷା ସଂସ୍କୃତି ସମାଜ ପକ୍ଷରୁ ଭୁବନେଶ୍ୱରର ରାଜଧାନୀ କଳା ସଂସଦରେ ରବିବାର ଅନୁଷ୍ଠିତ ମାସିକ ଆଲୋଚନାଚକ୍ର ଓ କବିତା ପାଠ ଉତ୍ସବରେ ଉପସ୍ଥିତ ଅତିଥିମାନେ।



ଆମେରିକାର ନରୱିଚ୍‌ସ୍ଥିତ ଓଟିସ୍ ଲାଇବ୍ରେରିରେ ୩ ମାସ ତଳେ ପ୍ରତିଷ୍ଠା କରାଯାଇଥିବା ୧୯୮୪ ଶିଖ୍ ଗଣହତ୍ୟା ସ୍ମାରକୀକୁ ରବିବାର ହଟାଇ ଦିଆଯାଇଛି। ୧୯୮୪ ଶିଖ୍ ବିରୋଧୀ ଦଙ୍ଗାରେ ପ୍ରାଣ ହରାଇଥିବା ଲୋକଙ୍କ ସ୍ମୃତିରେ ଏହାକୁ ସ୍ଥାପନ କରାଯାଇଥିଲା। ଏଥିରେ ଖଲିସ୍ତାନୀ ନେତା ଜର୍ନେଲ ସିଂ ଭିନ୍ଦ୍ରନୱାଲେଙ୍କ ଫଟୋ ରହିଥିଲା, ଯିଏକି ଭାରତ ସରକାରଙ୍କୁ ଗଣହତ୍ୟା ପାଇଁ ଦାୟୀ କରିଥିଲେ। ଏହାକୁ ହଟାଇବା ପାଇଁ ଭାରତ ପକ୍ଷରୁ ଅନୁରୋଧ କରାଯାଇଥିଲା।

## ସଂକ୍ଷେପରେ

ମୃତ୍ୟୁ ଏମିତି ବି ଆସେ...

### ପାଣି ଡେକ୍‌ଚିରେ ବୁଡ଼ି ଦୁଇ ବର୍ଷର ଶିଶୁପୁତ୍ର ମୃତ

ଦେବଗଡ଼, ୨୦।୧୦(ଡି.ଏନ୍.ଏ.): ମୃତ୍ୟୁ ଏମିତି ବି ଆସେ। ଖେଳୁଥିବା ଅବସ୍ଥାରେ ପାଣି ଭର୍ତ୍ତି ଏକ ଡେକ୍‌ଚିରେ ବୁଡ଼ି ୨ବର୍ଷର ଏକ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ଦୁନିଆ କ'ଣ ଜାଣିବା ଆଗରୁ ସେ ଦୁନିଆରୁ ଚାଲିଯାଇଛି। ରବିବାର ଏପରି ଏକ ଦୁଃଖଦ ଘଟଣା ଘଟିଛି ଦେବଗଡ଼ ଜିଲାର ତିଲେଇବଣି ବ୍ଲକ ଅନ୍ତର୍ଗତ ସମନ୍ତରାପାଲି ଗ୍ରାମରେ। ସୂଚନା ମତେ, ସକାଳ ପ୍ରାୟ ୮ଟାରେ ଉକ୍ତ ଗ୍ରାମର ପ୍ରଶାନ୍ତ ସାହୁଙ୍କ ପୁଅ ପ୍ରିନ୍ସ ଖେଳୁଥିଲେ। ଖେଳୁଖେଳୁ ଧାନ ସିଝାଇବା ପାଇଁ ପାଣି ଭର୍ତ୍ତିକରି ରଖାଯାଇଥିବା ବଡ଼ ଡ଼େକ୍‌ଚି ପାଖକୁ ଚାଲି ଯାଇଥିଲା। ପାଣିଭର୍ତ୍ତି ଡେକ୍‌ଚିରେ ମୁଣ୍ଡ ପୂରାଇ ଖେଳୁଥିବା ସମୟରେ ଓଲଟି ପଡ଼ିଥିଲା। ଫଳରେ ଶିଶୁ ଜଣକ ପାଣିରେ ବୁଡ଼ିଯାଇଥିଲା। ପରିବାର ଲୋକ କାମରେ ବ୍ୟସ୍ତଥିବାରୁ ହଠାତ୍ ଜାଣିପାରି ନ ଥିଲେ। ଶିଶୁର ମା' ପୁଅକୁ ଖୋଜି ଡେକ୍‌ଚି ଭିତରୁ ବାହାର କରି ତୁରନ୍ତ ଜିଲା ମୁଖ୍ୟ ଡ଼ାକ୍ତରଖାନାକୁ ଆଣିଥିଲେ। ହେଲେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

■ ଯନ୍ତାରେ ରହିବା ବର୍ଷେ ପୂରିବ

# ଏବେ ବି ଅନ୍ଧାରରେ 'ସୁନ୍ଦରୀ'ର ଭବିଷ୍ୟତ

ଅସମାପିକା ସାହୁ
ଭୁବନେଶ୍ୱର, ୨୦।୧୦



ସାତକୋଶିଆରେ ବାଘୁଣୀ 'ସୁନ୍ଦରୀ'ର ଭିବଷ୍ୟତକୁ ନେଇ ନିଶ୍ଚିତ ହୋଇପାରୁନି ବନ ବିଭାଗ। ଗତବର୍ଷ ନଭେମ୍ବର ୫ରୁ ଯନ୍ତାରେ ରହିଛି ବାନ୍ଧବଗଡ଼ର ଏହି ବାଘୁଣୀ। ବର୍ଷେ ବିତିବାକୁ ବସିଲାଣି, କିନ୍ତୁ ସୁନ୍ଦରୀର ଭବିଷ୍ୟତ ଏବେ ବି ଅନ୍ଧାକାରରେ ରହିଛି। କେଉଁଠି ରହିବ ସୁନ୍ଦରୀ। ଜନ୍ତା ଭିତରେ ନା ଜଙ୍ଗଲକୁ ଛଡ଼ାଯିବ, ତାହାର କୌଣସି ନିଷ୍ପତ୍ତି ହୋଇପାରୁ ନାହିଁ। ପୂର୍ବରୁ ବନ ବିଭାଗ କହିଥିଲା, ନିର୍ବାଚନ ପରେ ହିଁ ବାଘୁଣୀ ସୁନ୍ଦରୀ ଏନ୍‌କ୍ଲୋଜରରୁ ମୁକ୍ତ ହେବାର ରାସ୍ତା ବାହାରିବ। ନିର୍ବାଚନ ସରି ସରକାର ଗଠନ ହେଲା, କିନ୍ତୁ ଏଯାଏ ସୁନ୍ଦରୀକୁ ମୁକ୍ତ କରିବାର କୌଣସି ବାଟ ଫିଟିଲାନି। ଜାତୀୟ ବ୍ୟାଘ୍ର ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ଏବଂ ଭାରତୀୟ ବନ୍ୟପ୍ରାଣୀ ସଂସ୍ଥାନ(ଡବ୍ଲ୍ୟୁଆଇଆଇ) ସହିତ ବାରମ୍ବାର ଆଲୋଚନା ପରେ ମଧ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ସୁନ୍ଦରୀକୁ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରୁ ନାହାନ୍ତି। ନିକଟରେ ଏନ୍‌ଟିସିଏର ଟିମ୍ ସାତକୋଶିଆ ପରିଦର୍ଶନ କରିଥିଲା। ଆଉ କିଛିଦିନ ପରେ ମଧ ଟିମ୍ ପୁଣିଥରେ ସାତକୋଶିଆ ଆସି ବିଭାଗ ସହିତ ଆଲୋଚନା କରିବେ ବୋଲି ସୂଚନା ମିଳିଛି। ଏହାପରେ ବାଘୁଣୀ ସୁନ୍ଦରୀର ଭାଗ୍ୟ ବଦଳିବ ବୋଲି ଆଶା କରାଯାଉଛି।

ସେପଟେ ବିଶେଷଜ୍ଞଙ୍କ କହିବାନୁଯାୟୀ, ଦୀର୍ଘ ମାସ ହେଲା ସେ ଏନକ୍ଲୋଜରରେ ରହିଲାଣି। ନିଶ୍ଚିତ ଭାବେ ତା'ର ବ୍ୟାବହାରିକ ପରିବର୍ତ୍ତନ ଘଟିଥିବ। ତେଣୁ ତାକୁ ଜଙ୍ଗଲରେ ଛାଡ଼ିବା ସମ୍ଭବ ନୁହେଁ। ବିଶେଷଜ୍ଞଙ୍କ ମତାନୁସାରେ, ବାଘୁଣୀ ଘରୋଇ ହୋଇଯାଇଥିବାର ଆଶଙ୍କା ରହିଛି। ବାଘୁଣୀର ହିଂସ୍ର ଆଚରଣରେ ପରିବର୍ତ୍ତନ ଘଟିଥାଇପାରେ। ଶିକାର ଭୁଲିଯିବାର ସମ୍ଭାବନା ରହିଛି। ତାକୁ ବାହାରକୁ ଛାଡ଼ିବା ଉଚିତ ନୁହେଁ ବୋଲି ବିଶେଷଜ୍ଞମାନେ ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି।

**ଜଙ୍ଗଲୀ ବାଘୁଣୀକୁ ବନ୍ଦୀ ଜୀବନ ଦେଲା ବନ ବିଭାଗ**

'ସୁନ୍ଦରୀ'କୁ ବର୍ତ୍ତମାନ ଜଙ୍ଗଲରେ ଛଡ଼ାଗଲେ ବହୁତ କ୍ଷତି ହେବ। ଉଭୟ ବାଘୁଣୀ ଓ ଲୋକଙ୍କ ପାଇଁ ବିପଦ ଆସିବ। ବନ ବିଭାଗ ଜାଣିଶୁଣି ତା' ଜୀବନକୁ ନଷ୍ଟ କରିଦେଲା। ଏକ ଜଙ୍ଗଲୀ ବାଘୁଣୀକୁ ବନ୍ଦୀ ଜୀବନ ଦେଇଦେଲା। ଆନ୍ତଃରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରୋଜେକ୍ଟ କେବେ ବି ସଫଳ ହୋଇପାରିବ ନାହିଁ। ରାଜ୍ୟ ସରକାରଙ୍କ ଏହା ମୂର୍ଖାମି କାମ। ଅଯଥାରେ କୋଟି କୋଟି ଟଙ୍କା ନଷ୍ଟ ହେବା ସହିତ ପରିଶ୍ରମ ମଧ ଗଲା।

-ବିଶ୍ୱଜିତ୍ ମହାନ୍ତି, ବନ୍ୟପ୍ରାଣୀ ବିଶେଷଜ୍ଞ

**ସ୍ଥାନୀୟ ଗାଁ ଲୋକଙ୍କ ସହମତି ବି ନିଆଯାଉ**

ମଧପ୍ରଦେଶରୁ ବାଘୁଣୀକୁ ଅଣାଯିବା ପୂର୍ବରୁ ସ୍ଥାନୀୟ ଗାଁ ଲୋକଙ୍କ ସହିତ କଥା ହୋଇ ନିଷ୍ପତ୍ତି ନେବାର ଥିଲା। ମନଇଚ୍ଛା କାମ କଲେ, ବାଘୁଣୀ ମଣିଷ ମାରିବା ଅଭିଯୋଗ ଆସିଲା। ବର୍ତ୍ତମାନ ତାକୁ ବାହାରକୁ ଛାଡ଼ିବା ସମ୍ଭବପର ନୁହେଁ। ଗାଁ ଲୋକଙ୍କ ସହମତି ନ ନେଇ ଏବେବି ତାକୁ ଜଙ୍ଗଲରେ ଛଡ଼ାଯିବା ଉଚିତ ନୁହେଁ। ପୁଣି ତା'ର ବ୍ୟବହାରରେ ମଧ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇସାରିଥିବ।

- ଲାଲା ଏ. କେ. ସିଂ, ବନ୍ୟପ୍ରାଣୀ ବିଶେଷଜ୍ଞ

**ଆଶଙ୍କାରେ ଆନ୍ତଃରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକ୍ରିୟା**

ରାଜ୍ୟରେ ବ୍ୟାଘ୍ର ବଂଶ ବୃଦ୍ଧି ପାଇଁ ରାଜ୍ୟ ସରକାର ଆନ୍ତଃରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରିଥିଲେ। ଏଥିରେ ମଧ୍ୟପ୍ରଦେଶରୁ ୬ ଯୋଡ଼ା ବାଘ ଅଣାଯାଇ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ଛଡ଼ା ଯାଇଥାନ୍ତା। ପ୍ରଥମ ପର୍ଯ୍ୟାୟରେ ଗତବର୍ଷ ଜୁଲାଇରେ 'ମହାବୀର' ଓ ଅଗଷ୍ଟରେ 'ସୁନ୍ଦରୀ'କୁ ଆଣି ସାତକୋଶିଆରେ ଛଡ଼ାଗଲା। ଦୁଇ ମହାବଳ ବାଘକୁ ସଫଳତା ସହ ସ୍ଥାନାନ୍ତର କରିବା ପରେ ବନ ବିଭାଗ ଅତ୍ୟନ୍ତ ଉଚ୍ଚଭିଳାଷୀ ହୋଇପଡ଼ିଥିଲା। କିନ୍ତୁ ବନ ବିଭାଗର ସବୁ ସ୍ୱପ୍ନ ମାତ୍ର କେଇଟା ଦିନରେ ମରିଯାଇଥିଲା। ପ୍ରଥମେ 'ସୁନ୍ଦରୀ' ମଣିଷ ମାରିବା ଅଭିଯୋଗ ଆସିବା ପରେ ତାକୁ ଏନ୍‌କ୍ଲୋଜର ଭିତରେ ରଖାଗଲା। ଏହି ତାତି ଥମି ନ ଥିବା ବେଳେ 'ମହାବୀର'ର ମୃତ୍ୟୁ ହୋଇଥିଲା। ତେଣୁ ଆଗକୁ ମଧ୍ୟପ୍ରଦେଶ ଜଙ୍ଗଲ ବିଭାଗ ଆନ୍ତଃରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକ୍ରିୟା ପାଇଁ ଥିବା ଆଉ ୪ ବାଘ ଦେବେ କି ନାହିଁ, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟ ସରକାରଙ୍କ ଏହି ପ୍ରକଳ୍ପ ସଫଳ ହୋଇପାରିବ ନାହିଁ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରୁଛନ୍ତି।



କଟକର 'ମହାରାଣୀ ଦରବାର'ର ସ୍ପେଶାଲ ଖାଦ୍ୟ
ଦେଖନ୍ତୁ ଭିଡିଓ
YouTube /dharitrilive

### ଦୁର୍ଘଟଣାରେ ୨ ମୃତ

ସିମୁଳିଆ,୨୦।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମାର୍କୋଣା ପଞ୍ଚାୟତ ମାର୍କୋଣା ଅଞ୍ଚଳରେ ଶନିବାର ରାତିରେ ଦୁର୍ଘଟଣା ଘଟି ୨ଜଣଙ୍କ ମୃତ୍ୟୁ ଘଟିଛି। ଉଭୟେ ବାଇକ୍‌ରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯିବାରୁ ସେମାନଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ହେଲେ ଘଟଣା ସ୍ପଷ୍ଟ ହୋଇନାହିଁ।

ସ୍ଥାନୀୟ ଅଞ୍ଚଳରେ ଲକ୍ଷ୍ମୀପୂଜା ପାଇଁ ଶନିବାର ରାତିରେ ଅପେରା ମଞ୍ଚସ୍ଥ ହେଉଥିଲା। ଏହା ଦେଖିବା ପାଇଁ ମାର୍କୋଣା ଅଞ୍ଚଳର ସଞ୍ଜୟ ବିଶ୍ୱକର୍ମା(୧୭) ଓ ତାଙ୍କ ପଡ଼ୋଶୀ ନୟାପଲ୍ଲୀ ଅଞ୍ଚଳର ଜଗନ୍ନାଥ ସିଂ(୧୮) ଯାଇଥିଲେ। ତେବେ ଅପେରା ଚାଲିଥିବା ବେଳେ ଜଗନ୍ନାଥ ଓ ସଞ୍ଜୟ ଅନ୍ୟ ଜଣେ ସାଙ୍ଗର ମୋଟରସାଇକେଲ ନେଇଆସିଥିଲେ। ଗାଁ ମଝିରେ ମୋଟରସାଇକେଲ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ନୟନଯୋରିରେ ଜଣେ ପଡ଼ିଥିବା ବେଳେ ଅନ୍ୟ ଜଣେ ରାସ୍ତାରେ ପଡିଥିଲେ। ପୋଲିସ ଉଭୟଙ୍କ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଉଭୟଙ୍କ ମୁହଁ ଓ ମୁଣ୍ଡରେ ସାମାନ୍ୟ ଆଘାତ ଲାଗିଛି। ସୂଚନା ଯେ ସଞ୍ଜୟ ସ୍ଥାନୀୟ ସିମୁଳିଆ କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ବିଭାଗର ପ୍ରଥମ ବର୍ଷରେ ପଢୁଥିଲେ। ଏହି ଘଟଣା ପରେ ଅପେରା ବନ୍ଦ କରି ଦିଆଯିବା ସହିତ ପୂଜାକୁ ମଧ ଗ୍ରାମବାସୀ ବନ୍ଦ କରିଦେଇଛନ୍ତି।

### ଭିମ୍‌ସାରରେ ଡାକ୍ତରଙ୍କୁ ମାଡ଼

ସମ୍ବଲପୁର, ୨୦।୧୦ (ବ୍ୟୁରୋ)

■ ୨ ଅଭିଯୁକ୍ତ ଗିରଫ
■ ଅଭିଯୁକ୍ତଙ୍କ ବାପା ଆଣିଲେ ପାଲଟା ଅଭିଯୋଗ

ବୁର୍ଲା ଭିମ୍‌ସାର ନ୍ୟୁରୋ ସର୍ଜରୀ ବିଭାଗର ଡା. ସୂର୍ଯ୍ୟକାନ୍ତ ପାଢୀଯୋଶୀଙ୍କୁ ରବିବାର ପୂର୍ବାହ୍ନ ସାଢ଼େ ୧୧ଟାରେ ୨ଜଣ ଯୁବକ ମାଡ଼ ମାରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ମୁକୁନ୍ଦ ବେହେରା ଓ ଝସକେତନ ରାଉତ ନାମକ ଦୁଇ ଜଣ ଯୁବକଙ୍କୁ ବୁର୍ଲା ପୋଲିସ ଗିରଫ କରିଛି। ବୁର୍ଲା ଥାନାରେ ଭିମ୍‌ସାର ଅଧୀକ୍ଷକ ଡା. ଲାଲମୋହନ ନାୟକଙ୍କ ଲିଖିତ ଅଭିଯୋଗ ପରେ ଏକ ମାମଲା ରୁଜୁ ହୋଇଛି। ଅପରପକ୍ଷେ ଅଭିଯୁକ୍ତ ମକୁନ୍ଦଙ୍କ ବାପା ଠଣସୁନ୍ଦର ବେହେରା କହିଛନ୍ତି ଯେ, ସେ ଝାରସୁଗୁଡା ରେଙ୍ଗାଲିପଡାରୁ ଆସି ବୁର୍ଲାର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଡା. ସୂର୍ଯ୍ୟକାନ୍ତ ତାଙ୍କୁ ଚିକିତ୍ସା କରୁଛନ୍ତି। ରବିବାର ତାଙ୍କୁ ଡିସ୍‌ଚାର୍ଜ କରାଯିବ ବୋଲି ଡାକ୍ତର କହିଥିଲେ ବି ଉକ୍ତ ଘରୋଇ ଡାକ୍ତରଖାନାକୁ ଯାଇ ନ ଥିଲେ। ଏଣୁ ତାଙ୍କ ପୁଅ ଓ ପୁତୁରା ଡିସ୍‌ଚାର୍ଜ ବିଷୟରେ ବୁଝିବାକୁ ଡାକ୍ତରଙ୍କ ପାଖକୁ ଯାଇଥିଲେ। ହେଲେ ଓଲଟା ଡାକ୍ତର ଓ କର୍ମଚାରୀମାନେ ମିଶି ତାଙ୍କ ପୁଅ, ପୁତୁରାଙ୍କୁ ମାଡ ମାରିଛନ୍ତି। ଏହା ତଦନ୍ତ ସାପେକ୍ଷ ବୋଲି ଥନସୁନ୍ଦର ଦାବି କରିଛନ୍ତି।

■ ୧୬ ବର୍ଷ ଜେଲ୍‌ରେ ନାବାଳକ

### ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ସମନ

ଭୁବନେଶ୍ୱର, ୨୦।୧୦(ବ୍ୟୁରେ)

ଏକ ଅପରାଧ ଘଟଣାରେ ଜଣେ ନାବାଳକଙ୍କୁ ୧୬ ବର୍ଷ ଧରି ଜେଲ୍‌ରେ ରଖାଯିବା ଘଟଣାରେ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚଆରସି) ମୁଖ୍ୟ ଶାସନ ସଚିବଙ୍କୁ ସମନ ଜାରି କରିଛନ୍ତି। ଆସନ୍ତା ୧୦ ଡିସେମ୍ବର ସୁଦ୍ଧା ମୁଖ୍ୟ ଶାସନ ସଚିବ ଏହି ଘଟଣାରେ ସବିଶେଷ ରିପୋର୍ଟ ସହ ବ୍ୟକ୍ତିଗତ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମ୍‌କୋର୍ଟ ଆଇନଜୀବୀ ରାଧାକାନ୍ତ ତ୍ରିପାଠୀଙ୍କ ପିଟିଶନ ଆଧାରରେ କମିଶନ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ତୁରନ୍ତ ନାବାଳକଙ୍କୁ ମୁକ୍ତ କରିବାକୁ କମିଶନ ମୁଖ୍ୟ ଶାସନ ସଚିବଙ୍କୁ ନୋଟିସ ଜାରି କରିଛନ୍ତି। ସୂଚନାଥାଉ କି ଘଟଣା ଘଟିବା ସମୟରେ ଅଭିଯୁକ୍ତ ନାବାଳକଙ୍କ ବୟସ ୧୮ବର୍ଷରୁ କମ୍ ଥିଲା। ତାଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରାଯିବା ପରିବର୍ତ୍ତେ କୋର୍ଟଚାଲାଣ କରାଯାଇଥିଲା। ପ୍ରଶାସନ ଓ ପୋଲିସର ଦାୟିତ୍ୱହୀନତା ଯୋଗୁ ନାବାଳକ ଜଣକ ବାଳସୁଧାର ଗୃହ ବଦଳରେ ଅନ୍ୟ କଏଦୀଙ୍କ ଭଳି ଜେଲରେ ରହିଛନ୍ତି। ତେଣୁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ନାବାଳକଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ତ୍ରିପାଠୀ କମିଶନଙ୍କ ନିକଟରେ ନିବେଦନ କରିଛନ୍ତି।

# ଲାଲ୍ କରିଡର ମାଟିରୁ ଲାଲ୍ ଟମାଟୋର ସ୍ୱାଦ

## ୩ ଜିଲାର ଚାଷୀଙ୍କୁ ସମୃଦ୍ଧିର ବାଟ ବତାଇଛି ସୋଢ଼ ପଞ୍ଚାୟତ

ଶଶାଙ୍କଶେଖର ଝାଙ୍କର
ଦେବଗଡ଼, ୨୦।୧୦



ପାହାଡ଼ ପର୍ବତ ଘେରା ଦେବଗଡ଼ ଜିଲାର ଉପାନ୍ତ ତିଳେଇବଣି ବ୍ଲକ ସୋଢ଼ ଗ୍ରାମପଞ୍ଚାୟତ। ଦିନେ ଏହି ପଞ୍ଚାୟତ ମାଓବାଦୀମାନଙ୍କ ମୁଖ୍ୟ ଆଡ୍ଡାସ୍ଥଳ ଥିଲା। ଲାଲ କରିଡର ରୂପେ ପରିଚିତ ଏହି ଅଞ୍ଚଳ ୨୦୦୦ ମସିହା ବେଳକୁ ଜିଲା ଓ ରାଜ୍ୟ ପ୍ରଶାସନର ନିଦ ହଜେଇ ଦେଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ଅବ୍ୟବସ୍ଥା ଓ ବିପର୍ଯ୍ୟୟକୁ ଆଳକରି ମାଓବାଦୀମାନେ ସେଠାକାର ଗରିବ ତଥା ଆଦିବାସୀଙ୍କ ସହାୟତାରେ କାୟା ବିସ୍ତାର କରିଥିଲେ। ଅଧିକାଂଶ ସମୟରେ ଗଣମାଧ୍ୟମର ଶିରୋନାମାରେ ରହୁଥିବା ଏହି ଅଞ୍ଚଳ ଉପରେ ସରକାରଙ୍କ ଶୁଭଦୃଷ୍ଟି ପଡ଼ିଲା। ଧୀରେ ଧୀରେ ସେହି ପଞ୍ଚାୟତବାସୀ ବିକାଶର ସୂର୍ଯ୍ୟାଲୋକ ଦେଖିଲେ। ତଥାପି ସ୍ଥାନୀୟ ଅଧିବାସୀଙ୍କ ଦାରିଦ୍ର୍ୟ କମି ନ ଥିଲା। ଛେଳି, କୁକୁଡ଼ା, ଘୁଷୁରି ପାଳନ ସାଙ୍ଗକୁ ଜଙ୍ଗଲଜାତ ଦ୍ରବ୍ୟ ସେମାନଙ୍କ ଜୀବିକା ଥିଲା। ପାହାଡ଼ିଆ, ପଥୁରିଆ, ଢ଼ାଲୁ ଅଞ୍ଚଳ ସହ ଅମ୍ଳୀୟ ମାଟି, ଜଳସେଚନର ଅଭାବ ଉପରୋକ୍ତ ଅଞ୍ଚଳରେ ବ୍ୟବସାୟଭିତ୍ତିକ କୃଷି କରିବାରେ ମୁଖ୍ୟ ଅନ୍ତରାୟ ସାଜିଥିଲା। ତଥାପି ଗତ ଦଶନ୍ଧିର ଶେଷଆଡ଼କୁ ଏହି ପଞ୍ଚାୟତରେ ଆଦିବାସୀ ବହୁଳ କ୍ଷୁଦ୍ର ଗ୍ରାମ କାଲଚିପୋଡ଼ାଡ଼ିହରୁ ଆରମ୍ଭ ହେଲା ବର୍ଷାଦିନିଆ ଟମାଟୋ (ପାତଳଘଣ୍ଟା)ଚାଷ। ସେହି ଗ୍ରାମର ୨ ଯୁବକ ଗାଣ୍ଡୁରୁ ମି ଓ ତାଙ୍କ ଭାଇ ଗୋସେଇଁ ମି ପରୀକ୍ଷାମୂଳକ ଭାବେ ଆରମ୍ଭ କଲେ ବର୍ଷାଦିନିଆ ଟମାଟୋ ଚାଷ। ପ୍ରଥମ ଦୁଇ ଚାରି ବର୍ଷ ଲାଭକ୍ଷତିକୁ ହିସାବ ନ କରି ଅଳ୍ପ ପରିମାଣରେ ଚାଲୁ ରହିଲା ଏହି ଚାଷ। ଫୁଲ ଆସିଲା ବେଳକୁ ପ୍ରାୟ ଗଛ ସବୁ ମାଟିରେ ପଡ଼ିଯାଉଥିଲା। ଅଳ୍ପ ଗଛରେ ଫଳ ରହୁଥିଲା। ସେମାନେ ପ୍ରଥମେ ସ୍ଥାନୀୟ ଉଦ୍ୟାନ ବିଭାଗ କର୍ମଚାରୀ ଓ ପରେ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କୁ ଯୋଗାଯୋଗ କରି ଏହି ରୋଗର ସମ୍ପୂର୍ଣ୍ଣ ନିରାକରଣର ପନ୍ଥା ଖୋଜି ପାଇଲେ। ଏହା ପରେ ସଫଳତା ମିଳିଲା। ଗାଣ୍ଡୁରୁ ଓ ଗୋସେଇଁଙ୍କ ସହ ଧୀରେ ଧୀରେ ଗ୍ରାମର ଅନ୍ୟ ଚାଷୀମାନେ ବର୍ଷାଦିନିଆ ଟମାଟୋ ଚାଷ ଆରମ୍ଭ କରିଲେ। ବର୍ଷା ଋତୁ ହୋଇଥିବାରୁ ଜଳସେଚନର ଆବଶ୍ୟକତା ନ ଥିଲା। ଅଣ ଋତୁ ହୋଇଥିବାରୁ ଟମାଟୋର ବିକ୍ରିରେ କିଛି ଅସୁବିଧା ହେଉ ନ ଥିଲା। ସ୍ଥାନୀୟ ବଜାରରେ ଭଲ ଦାମ୍ ମଧ ମିଳିଲା। କ୍ରମେ ପଡ଼ୋଶୀ ବିରିଆମ୍, ସୋଢ଼ ସହିତ ଆଖପାଖ ଦୁଇ ଚାରିଟି ଗ୍ରାମର ଚାଷୀମାନେ ଏହି ଚାଷରେ ଲାଗିପଡ଼ିଲେ। କୃଷିବିଜ୍ଞାନୀମାନେ ଉପରୋକ୍ତ ଗାଁରେ ପହଞ୍ଚି ନୂତନ କୌଶଳ ପରୀକ୍ଷା କରାଇଲେ। ତା'ପରେ ଚାଷୀମାନଙ୍କ ଦ୍ୱାରା ତାହା ଆଦୃତ ହେବାକୁ ଲାଗିଲା।

ଏବେ ଉପରୋକ୍ତ ଅଞ୍ଚଳର ୧୦୦ ଏକର ଜମିରେ କେବଳ ଟମାଟୋ ଚାଷ ହେଉଛି। ଏକର ପିଛା ୮୦ରୁ ୯୦ କୁଇଣ୍ଟାଲ ପର୍ଯ୍ୟନ୍ତ ଟମାଟୋ ଉତ୍ପାଦନ କରି ସାଧାରଣ ଚାଷୀମାନେ ନିଜର ଆର୍ଥିକ ମାନଦଣ୍ଡ ସୁଦୃଢ଼ କରିପାରିଛନ୍ତି। ଏହି ଚାଷରେ ଉତ୍ସାହିତ ହୋଇ ଅନ୍ୟମାନେ ବି ଉନ୍ନତ ପଦ୍ଧତିର ପାତଳଘଣ୍ଟା ଚାରା ଲଗାଇବା, ଗଛର ଯତ୍ନ ନେବା ଓ ଫଳ ଅମଳ ପରବର୍ତ୍ତୀ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ଏବେ ସୋଢ଼ ପଞ୍ଚାୟତରୁ ପ୍ରତିଦିନ ତିନିରୁ ଚାରି ଟ୍ରକ ପାଚିଲା ଲାଲ ଟହଟହ ଟମାଟୋ ଅନ୍ୟ ଅଞ୍ଚଳକୁ ବିକ୍ରି ପାଇଁ ଯାଉଛି। ଦେବଗଡ଼ ଛଡ଼ା ସୁନ୍ଦରଗଡ଼, ସମ୍ବଲପୁର ଓ ଝାରସୁଗୁଡ଼ା ପରି ପଡ଼ୋଶୀ ଜିଲାର ପ୍ରମୁଖ ବଜାରରେ ଏବେ ସୋଢ଼ ଟମାଟୋର ଚାହିଦା ରହିଛି। ଦିନେ ଅନ୍ୟ ରାଜ୍ୟକୁ କାମଧନ୍ଦା ଖୋଜିବାକୁ ଯାଉଥିବା ମନୋଜ ଲାକ୍ରା, ଦିଲୀପ ଲାକ୍ରାଙ୍କ ପରି ଅନ୍ୟ ଯୁବକମାନେ ମଧ ଏହି ଟମାଟୋ ଚାଷରେ ଲାଗିଛନ୍ତି। ଗରିବ ଆଦିବାସୀଙ୍କ ଆର୍ଥିକ ସ୍ଥିତିକୁ ଦୃଢ଼ କରିଥିବା ଏହି ଟମାଟୋ ସ୍ଥାନୀୟ ଚାଷୀଙ୍କୁ ଲୋକ ଲୋଚନକୁ ଆଣିଛି। ମାଓବାଦୀ ତଥା ଅପହଞ୍ଚ ଇଲାକା ଭାବେ ଏକଦା ପରିଚିତ ଥିବା ସୋଢ଼ ପଞ୍ଚାୟତ ପାଖାପାଖି ତିନୋଟି ଜିଲାର ଚାଷୀମାନଙ୍କୁ ସମୃଦ୍ଧିର ନୂଆ ଦିଗଦର୍ଶନ ଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ।



## ଜିଲା ଟିଠି ଖୋର୍ଦ୍ଧା

### ଦଲାଲ ମାଧ୍ୟମ

ଚେଇଁ ଶୋଇଥିବ ଯିଏ ତାକୁ ଉଠାଇବ କିଏ। ଏହି ନ୍ୟାୟରେ ଚାଲିଛି ଆମ ପ୍ରଶାସନ। ସବୁ ଜାଣି ନ ଜାଣିଲା ପରି ଅଭିନୟ କରିବାରେ ଓସ୍ତାଦ। ଏଇ ଯେମିତି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ପରି ଗ୍ରାମୀଣ ଆବାସ ଯୋଜନାକୁ ଦେଖାଯାଉ। ଦଲାଲ ମାଧ୍ୟମରେ ହିତାଧିକାରୀଙ୍କଠାରୁ ସୁବ୍ୟବସ୍ଥିତ ଢଙ୍ଗରେ ଚାଲିଛି ଲାଞ୍ଚ ଆଦାୟ। ରାଜନୈତିକ ଦଳର କେତେଜଣ ସମର୍ଥକ ଏହି କାର୍ଯ୍ୟକୁ ଆଦରି ନେଇଛନ୍ତି। ହେଲେ ସେଭଳି ଅଭିଯୋଗ ହୋଇନାହିଁ ବୋଲି କହି ପ୍ରଶାସନ ଚୁପ୍ ରହୁଛି। ଟାଙ୍ଗୀ ବ୍ଲକ ଦେଉଳିପାଟଣା(ଅରାଙ୍ଗ) ଗାଁରେ ଏକ ପରିବାର ଦଲାଲଙ୍କୁ ଲୋକଲୋଚନକୁ ଆଣି ପ୍ରତିବାଦ କରିଛି। ହେଲେ ପ୍ରଶାସନ ସତ୍ୟ ମାନିବାକୁ ପ୍ରସ୍ତୁତ ନୁହେଁ। ଅଭିଯୋଗ ପରେ ବି ତଦନ୍ତ କରାଯାଉନି। ଅଭିଯୋଗକାରୀଙ୍କୁ ବରଂ ଧମକଚମକ ଦେଇ ଓହରିଯିବାକୁ ବାଧ କରାଯାଉଥିବାର ଅଭିଯୋଗ ଉଠିଲାଣି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନାଁ ରଖିବା ପାଇଁ ବିଡିଓ ଓ ଏବିଡିଓଙ୍କୁ ଲାଞ୍ଚ ଦିଆଯିବ ଦର୍ଶାଇ ପ୍ରଥମ ସୋପାନରେ ୧୦ ହଜାର ଟଙ୍କା ମଗା ଯାଇଥିଲା। ଲାଞ୍ଚ ନ ଦେଲେ ଯୋଜନାରୁ ନାଁକୁ ହଟାଇ ଦିଆଯିବ ବୋଲି ଧମକ ମିଳିଥିଲା। ସବୁ ସତ୍ତ୍ୱେ ଦେଉଳିପାଟଣା(ଅରାଙ୍ଗ) ଗାଁର ଜଣେ ବ୍ୟକ୍ତି ଲାଞ୍ଚ ଦେବାକୁ କୁଣ୍ଠିତ ହୋଇଥିଲେ। ଯୁକ୍ତି କରିଥିଲେ ସରକାର ମାଗଣା ଘର ଯୋଗାଇ ଦେଉଥିବାବେଳେ ଲାଞ୍ଚ କାହିଁକି ଦେବେ। ପୁଣି ଦଲାଲଙ୍କୁ କାହିଁକି ଦେବେ। ଏଭଳିସ୍ଥଳେ ୩ଜଣ ଦଲାଲ ମିଳିତ ଭାବେ ତାଙ୍କୁ ଆକ୍ରମଣ କରି ମାରପିଟ୍ କରିଥିଲେ। ଲାଞ୍ଚ ନ ଦେବାରୁ ପ୍ରତିବାଦକାରୀ ମାଡ଼ ଖାଇ ଚିକିତ୍ସିତ ହେଉଛନ୍ତି। ନ୍ୟାୟ ପାଇଁ ତାଙ୍କ ସ୍ତ୍ରୀ ଜଙ୍କିଆ ଥାନାରେ ଅଭିଯୋଗ କରିଥିଲେ। ସୁଫଳ କିନ୍ତୁ ମିଳିଲା ନାହିଁ। ବରଂ ଥାନାକୁ ଯିବା ପୂର୍ବରୁ ମାଡ଼ ମାରିଥିବା ଦଲାଲ ଆଗୁଆ ଅଭିଯୋଗ କରି ସାରିଥିଲେ। ଥାନାକୁ ଯିବା ପରେ ପରାମର୍ଶ ମିଳିଥିଲା ସମାଧାନ କରି ଚୁପ ରୁହ। ବିବାଦ ଆଗକୁ ବଢ଼ାଇଲେ କିଛି ସୁଫଳ ମିଳିବନି। ପୋଲିସର ପରାମର୍ଶ ନ ମାନିବାରୁ ମାମଲା ରୁଜୁ ହେଲା ନାହିଁ। ଏଥିରୁ ସରକାରଙ୍କର ମୋ ସରକାର ଯୋଜନା କେତେଦୂର କାର୍ଯ୍ୟକାରୀ ହେଉଛି ଅନୁମେୟ। ବିଡିଓଙ୍କ ନିକଟରେ ଅଭିଯୋଗ ପରେ ବି ଫାଇଲ ଚାପି ହୋଇରହିଛି। ବିଡିଓ କିନ୍ତୁ ଗଣମାଧ୍ୟମକୁ କହିଛନ୍ତି, ଅଭିଯୋଗ ପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ଦେଖାଯାଉ କେବେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

– ଲୋକନାଥ ମିଶ୍ର

### ଅସୁସ୍ଥ ଦନ୍ତାହାତୀର ମୃତ୍ୟୁ

ନାକଟୀଦେଉଳ, ୨୦।୧୦ (ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟୀଦେଉଳ ବନାଞ୍ଚଳ ଅନ୍ତର୍ଗତ ରାଇଲ୍ ଫରେଷ୍ଟ ସେକ୍ସନର ରାଇଲ ଗ୍ରାମର ଗ୍ରେବ୍ରେଲପଡାର ଶୁଦକଟେଇଠାରୁ ରବିବାର ସକାଳୁ ବନ ବିଭାଗ ଏକ ଦନ୍ତାହାତୀର ମୃତଦେହ ଉଦ୍ଧାର କରିଛି। ପ୍ରାୟ ୮ବର୍ଷର ହେବ ହାତୀଟି ଦୁଇ ସପ୍ତାହ ହେଲା ଅସୁସ୍ଥ ଥିଲା ବୋଲି ବନ ବିଭାଗ କହିଛି। ଗତ କିଛି ଦିନ ହେବ ରାଇଲ ଗ୍ରାମର ଆଖପାଖ ଅଞ୍ଚଳରେ ସେ ଅସୁସ୍ଥ ହୋଇ ବୁଲୁଥିଲା। ଶନିବାର ମଧାହ୍ନରେ ଗାଁ ମୁଣ୍ଡକୁ ଚାଲି ଆସିଥିଲା। ଗ୍ରାମବାସୀ ଏବଂ ବନବିଭାଗ କର୍ମଚାରୀ ଘଉଡାଇବାରୁ ଶୁଦକଟେଇଠାରେ ଏକ ରାଶି କ୍ଷେତ ନିକଟରେ ପଡିଯାଇଥିଲା। ଅତ୍ୟଧିକ ଅସୁସ୍ଥ ହେତୁ ସେଠାରୁ ଉଠି ପାରି ନ ଥିଲା। ବନ ବିଭାଗ କର୍ମଚାରୀ ରାତିସାରା ସେଠାରେ ଜଗି ରହିଥିଲେ। ରବିବାର ସକାଳୁ ତାର ମୃତ୍ୟୁ ଘଟିଥିଲା। ଖବର ପାଇ ରେଢ଼ାଖୋଲ ଡିଏଫଓ ସଂଗ୍ରାମ କେଶରୀ ବେହେରା, ସମ୍ବଲପୁର ଆଞ୍ଚଳିକ ବନ ସଂରକ୍ଷକ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ନାକଟୀଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା, ରେଢ଼ାଖୋଲ ବନାଞ୍ଚଳ ଅଧିକାରୀ ମୈତ୍ରୀମଞ୍ଜିତ ବିଶ୍ୱାଳ, ଗିରିଶ୍ଚନ୍ଦ୍ରପୁର ରେଞ୍ଜର ସୁଶାନ୍ତ କୁମାର ବଡା, ବଡବାହାଲ ରେଞ୍ଜର ପ୍ରଜ୍ଞାପରମିତା ଦୀପଙ୍କ ଉପସ୍ଥିତରେ ନାକଟୀଦେଉଳ ପ୍ରାଣୀଧନ ଚିକିତ୍ସକ ଦେବାଶିଷ ପଣ୍ଡାଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଯାଇଥିଲା। ପରେ ଜେସିବିରେ ଗାତ ଖୋଳି ସନ୍ଧ୍ୟାରେ ସେଠାରେ ପୋତି ଦିଆଯାଇଛି। ହାତୀ ମୁଣ୍ଡରେ ଏକ ଟ୍ୟୁମର ହୋଇଥିଲା। ତାହା ବଢ଼ିଯାଇ ପୂଜ ହୋଇଯାଇଥିବାରୁ ମୃତ୍ୟୁ ଘଟିଥିବା ପ୍ରାଣୀଧନ ଚିକିତ୍ସକ ପଣ୍ଡା କହିଛନ୍ତି। ଅପରପକ୍ଷରେ ହାତୀଟି ଅସୁସ୍ଥ ଥିବାରୁ ଦୁଇ ଦିନ ହେଲା ବନ ବିଭାଗ ଟିମ୍ ମନିଟରିଂ କରୁଥିଲେ ବୋଲି ଡିଏଫଓ ସଂଗ୍ରାମ କେଶରୀ ବେହେରା ପ୍ରକାଶ କରିଛନ୍ତି।

# ମଦ ବିରୋଧରେ ଗର୍ଜିଲେ ମହିଳା

ପରଜଙ୍ଗ, ୨୦।୧୦(ଡି.ଏନ.ଏ.)



ମଦ ବିରୋଧୀ ଶୋଭାଯାତ୍ରାରେ ସାମିଲ ହୋଇଥିବା ୫୦୦ରୁ ଊର୍ଦ୍ଧ୍ୱ ମହିଳା।

■ ବସୁଲେଇ ପଞ୍ଚାୟତକୁ ନିଶାମୁକ୍ତ କରିବାକୁ ନିଷ୍ପତ୍ତି
■ ସାମିଲ ହେଲେ ୭୦ ଏସ୍‌ଏଚ୍‌ଜିର ୫୦୦ରୁ ଊର୍ଦ୍ଧ୍ୱ ସଦସ୍ୟ
■ ସମର୍ଥନ ଜଣାଇଲେ ସରପଞ୍ଚ

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକର ବସୁଲେଇ ପଞ୍ଚାୟତକୁ ନିଶାମୁକ୍ତ କରିବାକୁ ରଣହୁଙ୍କାର ଦେଇଛନ୍ତି ମହିଳା ଗୋଷ୍ଠୀ। ରବିବାର ଏକ ବିଶାଳ ଶୋଭାଯାତ୍ରାରେ ୭୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ୫୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ସାମିଲ ହୋଇ ମଦ ବିରୋଧୀ ସ୍ଲୋଗାନ୍ ଦେଇ ନଗର ପରିକ୍ରମା କରିଥିଲେ।

ମଦ ବିରୋଧୀ ଅଭିଯାନର ନେତୃତ୍ୱ ନେଇଥିବା କର୍ମୀଙ୍କ କହିବା କଥା, ରାଜସ୍ୱ ବୃଦ୍ଧି ଲୋଭରେ ମଦବିକ୍ରିକୁ ସରକାର ପ୍ରୋତ୍ସାହନ ଦେଉଛନ୍ତି। ସବୁ ଜାଗାରେ ଅତି ସହଜରେ ମଦ ମିଳିଯାଉଛି। ମଦ ପାଇଁ ସାମାଜିକ ବ୍ୟବସ୍ଥା ଭାଙ୍ଗିଯିବାକୁ ବସିଛି। ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି। ସଡ଼କ ଦୁର୍ଘଟଣା, ହତ୍ୟା, ଲୁଣ୍ଠନ, ବଳାତ୍କାର ଭଳି ଆପରାଧିକ କାର୍ଯ୍ୟ ପଛରେ ପ୍ରମୁଖ କାରଣ ନିଶାସେବନ। ଏହାର ପ୍ରତିବାଦରେ ଏପରି ଅଭିଯାନ ଆରମ୍ଭ କରାଯାଇଛି।

ମହାସଂଘର ସଭାନେତ୍ରୀ ରେବତୀ ଜେନାଙ୍କ ନେତୃତ୍ୱରେ ଗୋଷ୍ଠୀ ସଦସ୍ୟମାନେ ନାରାବାଜି ଦେଇ ପଞ୍ଚାୟତର ୧୧ ଗୋଟି ୱାର୍ଡରେ ଜନସଚେତନତା ସୃଷ୍ଟି କରିଥିଲେ। ମଦ ନ ହଟିବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟପଟେ ଏସ୍‌ଏଚ୍‌ଜିର ଏପରି ପଦକ୍ଷେପକୁ ସମ୍ମାନ ଜଣାଇଛନ୍ତି ସରପଞ୍ଚ ସଞ୍ଜୟ କୁମାର ରାଉତ। ଏହି କାର୍ଯ୍ୟରେ ସେ ନିଶ୍ଚିତ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ମିତ୍ରଦ୍ରୋହୀ, କୃତଘ୍ନ ଓ ବିଶ୍ୱାସଘାତ - ଏମାନେ
ଚନ୍ଦ୍ର-ସୂର୍ଯ୍ୟ ଥିବାଯାଏ ନରକ ଭୋଗ କରନ୍ତି।
-ମହାକବି କାଳିଦାସ



## ସଂକ୍ଷେପରେ



### ଶ୍ରୀମନ୍ଦିରରେ ହବିଷିଆଳି ଅସୁସ୍ଥ

**ପୁରୀ ଅଫିସ, ୨୦।୧୦:** ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଯାଇଥିବାବେଳେ ଜଣେ ହବିଷିଆଳି ହଠାତ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସୂଚନା ମୁତାବକ, ନୟାଗଡ଼ ଜିଲା ରଣପୁରର ବିନୋଦିନୀ ମହାନ୍ତି (୭୯) ଅନ୍ୟ କେତେଜଣଙ୍କ ସହ ମିଶି ମୁକୁନ୍ଦମିଶ୍ର ନଗରରେ ଘରଭଡ଼ା ନେଇ ରହୁଛନ୍ତି। ଅନ୍ୟମାନଙ୍କ ସହ ରବିବାର ସକାଳେ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ହେଲେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ତାଙ୍କ ମୁଣ୍ଡ ବୁଲାଇ ଦେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

### ସେବାୟତଙ୍କ ବିୟୋଗରେ ଶୋକସଭା

**ପୁରୀ ଅଫିସ, ୨୦।୧୦:** ବରିଷ୍ଠ ସେବାୟତ ନରସିଂହ ମହାପାତ୍ରଙ୍କ ଦଶାହ ଅବସରରେ ରବିବାର ରାମଚଣ୍ଡୀ ଯୁବ ସଂଘ, ପଥର ଆଖଡା ପରିସରରେ ଓଡ଼ିଶୀ ବିକାଶ ପରିଷଦ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଡ. ରମାକାନ୍ତ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମହାପାତ୍ରଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଯୋଗଦେଇଥିବା ବ୍ୟକ୍ତିମାନେ ସ୍ୱର୍ଗତ ମହାପାତ୍ରଙ୍କ ସମ୍ପର୍କରେ କହିଥିଲେ। ଏଥିରେ ଗଣେଶ୍ୱର ପ୍ରହରାଜ, ରାମଚନ୍ଦ୍ର ସାହୁ, ବୁଲୁ ମହାନ୍ତି, ରାମ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ଆଜିଠୁ ଜାତୀୟ କୃଷି, ଲୋକମେଳା

**ପୁରୀ ଅଫିସ, ୨୦।୧୦:** ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ଆନୁକୂଲ୍ୟରେ ଜାତୀୟସ୍ତରୀୟ ୧୭ତମ ଲୋକମେଳା, ହସ୍ତଶିଳ୍ପ ପ୍ରଦର୍ଶନୀ ଓ ୧୦ମ କୃଷି ପ୍ରଦର୍ଶନୀ ସୋମବାରଠାରୁ ଆରମ୍ଭ ହେବ। ଏହା ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ୫ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ମୁକ୍ତାକାଶ ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ସମେତ ୨୧ଟି ରାଜ୍ୟର ୬୫୦ରୁ ଊର୍ଦ୍ଧ୍ୱ କଳାକାର ଭାଗ ନେବେ। ଏଥିସହିତ ଶରଧାବାଲିଠାରେ ଜାତୀୟସ୍ତରୀୟ କୃଷି ମେଳା ଆୟୋଜିତ ହେବ। ଏଥିରେ ଭାରତ ସରକାରଙ୍କ ଜୈବ ବିଜ୍ଞାନ ମନ୍ତ୍ରଣାଳୟ, ଜାତୀୟ ଉଦ୍ୟାନ ବୋର୍ଡ, ନାରିକେଳ ଉନ୍ନୟନ ବୋର୍ଡ, ଫିସ୍‌କୋଫେଡ୍, କ୍ରିପିକୋ, ଆୟୁଷ ମନ୍ତ୍ରଣାଳୟ, ରାଜ୍ୟ ସରକାରଙ୍କ ବିଭିନ୍ନ ସଂସ୍ଥା ଯୋଗଦାନ କରିବେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିତ୍ୱଙ୍କୁ ଶ୍ରୀକ୍ଷେତ୍ର ସମ୍ମାନ ପ୍ରଦାନ କରାଯିବ। ଆସନ୍ତା ୨୩ ତାରିଖରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାରମାନଙ୍କୁ ନେଇ ଦିଗବାରେଣିଠାରୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ସକାଳ ୮ଟାରେ ବେଳାଭୂମି ସଫେଇ ହେବ ବୋଲି ଶ୍ରୀକ୍ଷେତ୍ର ସୂଚନାର ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି ଏହା କହିଛନ୍ତି। ଏହି ସମ୍ମିଳନୀରେ ଦିବ୍ୟାଂଶୁ ପ୍ରସାଦ ଦାସ, ଭରତ ନାୟକ, ଚନ୍ଦ୍ରବିଜୟ ମିଶ୍ର, ନାରାୟଣ ପାତ୍ର, ଦାମୋଦର ଶତପଥୀ, ନବକିଶୋର ପ୍ରଧାନ, ସଂଗ୍ରାମ କାନୁନ୍‌ଗୋ ପ୍ରମୁଖ ଉପସ୍ଥିତ ଥିଲେ।

■ ଚିକିତ୍ସାରେ ଅବହେଳା ଅଭିଯୋଗ

# ଅକ୍ସିଜେନ ଲାଗିବାରେ ବିଳମ୍ବ: ନାବାଳକ ମୃତ

**କାର୍ଯ୍ୟାନୁଷ୍ଠାନ ଦାବିରେ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା**

ପୁରୀ ଅଫିସ, ୨୦।୧୦

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାରେ ଅବହେଳା। ଅକ୍ସିଜେନ ଲାଗିବାରେ ବିଳମ୍ବ ଯୋଗୁ ଜଣେ ନାବାଳକଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ପରିବାର ଲୋକେ ରବିବାର ପୂର୍ବାହ୍ନରେ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଖବର ପାଇ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ସିଟି ଡିଏସ୍‌ପି କ୍ଷୀରସାଗର ମଲ୍ଲିକ ପ୍ରମୁଖ ପହଞ୍ଚି ବୁଝାଶୁଝା କରିଥିଲେ। ଚିକିତ୍ସାରେ ଅବହେଳା ସମ୍ପର୍କରେ ପରିବାର ଲୋକେ ସଂପୃକ୍ତ ଡାକ୍ତର, ନର୍ସ ଓ କର୍ମଚାରୀଙ୍କ ବିରୋଧରେ କୁମ୍ଭାରପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସିଡିଏମ୍‌ଓ ନୀଳକଣ୍ଠ ମିଶ୍ର ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଥାନା ଅଧିକାରୀ କେ.ସି ସେଠୀ କୁହନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପଦକ୍ଷେପ ଗ୍ରହଣ କରାଯିବ। ବିଧାୟକ ମହାପାତ୍ର ଏଭଳି ଘଟଣାକୁ ନିନ୍ଦା କରିଛନ୍ତି।

ବ୍ରହ୍ମଗିରି ଭୁବନପତିର ଶଙ୍କର ସାହୁଙ୍କ ଏକମାତ୍ର ପୁଅ ସୁମନ ବ୍ରହ୍ମଗିରି କଲେଜରେ ଯୁକ୍ତ୨ରେ ଅଧ୍ୟୟନ କରନ୍ତି। ଗତ ଦେଢ଼ମାସ ତଳେ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ତାଙ୍କର ହୃଦ୍‌ଘାତଜନିତ ସମସ୍ୟା ଥିବା ଜାଣିବା ପରେ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲ ନେଇଯିବାକୁ ପରାମର୍ଶ ଦେଇଥିଲେ। ତେବେ ପରିବାର ଲୋକେ ସୁମନଙ୍କୁ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ସେ ସୁସ୍ଥ ଅନୁଭବ କରିବା ପରେ ଶନିବାର ଘରକୁ ନେଇଆସିଥିଲେ। ଅପରାହ୍ନ ୪ଟାରେ ପୁଣି ସେ ପୁଣି ଯନ୍ତ୍ରଣା ଅନୁଭବ କରିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତାଙ୍କୁ ସାଢ଼େ ୫ଟାରେ ମେଡିସିନ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଅକ୍ସିଜେନ୍ ଲାଗିଥିଲା। କିଛି ସମୟ ପରେ ଅକ୍ସିଜେନ୍ ସରିଯାଇଥିଲା। ପରେ ନୂତନ ଅକ୍ସିଜେନ ଲଗାଇବା ଲାଗି ପରିବାର ଅନୁରୋଧ କରିଥିଲେ। ତେବେ ଟେକ୍‌ନିସିଆନ୍ ନ ଥିବା ଦର୍ଶାଇ ଡ୍ୟୁଟିରେ ଥିବା ନର୍ସ, କର୍ମଚାରୀ ତାଙ୍କୁ ସହଯୋଗ କରି ନ ଥିଲେ। ଏପିରି କି ଡାକ୍ତରଙ୍କୁ ଡାକିବା ଲାଗି ଅନୁରୋଧ ସତ୍ତ୍ୱେ ମଧ୍ୟ ଡାକ୍ତର ଆସି ନ ଥିଲେ। ଏଭଳି ସ୍ଥିତିରେ ବିନା ଅକ୍ସିଜେନ ଯୋଗୁ ସୁମନଙ୍କ ମୃତ୍ୟୁ ହୋଇଥିଲା। ଘଟଣା ଜଣାପଡ଼ିବା ପରେ ସମ୍ପର୍କୀୟ ଭାଜପା ଯୁବମୋର୍ଚ୍ଚା ସଦସ୍ୟ ଜୟନ୍ତ କୁମାର ଦାଶ ପହଞ୍ଚି ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଗୃହକୁ ପଠାଇଥିଲା।



ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଖାର କର୍ମକର୍ତ୍ତା ପ୍ରସୂତି ଓ ଶିଶୁ ଯତ୍ନ କେନ୍ଦ୍ର ସଫେଇ କରୁଛନ୍ତି।

## ନଳାପାଣିରେ ଭାସିଲା ପ୍ରସୂତି ଓ ଶିଶୁୱାର୍ଡ

ପୁରୀ ଅଫିସ, ୨୦।୧୦

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ରବିବାର ପ୍ରସୂତି ଓ ଶିଶୁ ଯତ୍ନ କେନ୍ଦ୍ର(ଏମ୍‌ସିଏଚ୍) ୫ ମହଲା ପ୍ରସୂତି ଓ ଶିଶୁ ୱାର୍ଡ ନଳାପାଣିରେ ଭାସୁଥିବା ଦେଖିବାକୁ ମିଳିଛି। ସକାଳ ୬ଟାରୁ ୮ଟା ପର୍ଯ୍ୟନ୍ତ ନଳାପାଣି ୱାର୍ଡରେ ପଶିଥିଲା। ଏ ନେଇ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଦୁଇ ଘଣ୍ଟା ଧରି ରୋଗୀମାନେ ନଳାପାଣି ଯୋଗୁ ଯାତାୟାତ କରି ନ ପାରି ଶଯ୍ୟା ଉପରେ ବସି ରହିଥିଲେ। ଏହି ସମୟରେ ଶୌଚାଳୟରେ ଆଣ୍ଠୁଏ ଉଚ୍ଚର ନଳାପାଣି ଜମି ଯାଇଥିଲା। ଶୌଚାଳୟ ବ୍ୟବହାର ଲାଗି ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ସାମାଜିକ ଅନୁଷ୍ଠାନ ସଖାର କର୍ମକର୍ତ୍ତା ପହଞ୍ଚି ନଳାପାଣି ନିଷ୍କାସନର ବ୍ୟବସ୍ଥା କରିଥିଲେ। ଏଥିସହିତ ୱାର୍ଡ ସଫେଇ କରିଥିଲେ। ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

## ଓଡ଼ିଶାକୁ ବିଶ୍ୱର ସବୁଜ ରାଜଧାନୀ ପାଇଁ ସଂକଳ୍ପ



ଅତିଥିମାନେ ପତାକା ଦେଖାଇ ରାଲି ଶୁଭାରମ୍ଭ କରୁଛନ୍ତି।



ହାତୀ ପ୍ରତୀକକୁ ନେଇ ଶୋଭାଯାତ୍ରା।

ପୁରୀ ଅଫିସ, ୨୦।୧୦

ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ୍ ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ଶତାଧିକ ସବୁଜ ସେନା ବିଶ୍ୱକୁ ସବୁଜ, ସ୍ୱଚ୍ଛ ଓ ପ୍ରଦୂଷଣ ମୁକ୍ତ ପାଇଁ ଶପଥ ଓ ସଂକଳ୍ପ କରିଛନ୍ତି। ଏହି ସବୁଜ ଯୁଦ୍ଧରେ ଓଡ଼ିଶା ସମେତ ଦେଶ ବିଦେଶରେ ରହୁଥିବା ବହୁ ଓଡ଼ିଆ ଅଂଶଗ୍ରହଣ କରିବେ, ଯଦ୍ୱାରା ୨୦୩୫ ସୁଦ୍ଧା ଓଡ଼ିଶା ବିଶ୍ୱର ସବୁଜ ରାଜଧାନୀ ହେବ ବୋଲି ଘୋଷଣା କରିଛନ୍ତି ଗ୍ରୀନ ଆର୍ମି କମାଣ୍ଡର ଇନ୍ ଚିଫ୍ ଡ. ଦିଲୀପ ଶ୍ରୀଚନ୍ଦନ। ପ୍ରେରଣା ନେତୃତ୍ୱ ଓ ନିର୍ମାଲ୍ୟ, ମିଶନ୍ ଓଡ଼ିଶା, ଅଭିନନ୍ଦନିକା ଓ ଓଡ଼ିଶା ଯୁବ ଚେତନା ସଂଗଠନ ମିଳିତ ସହଯୋଗରେ ସକାଳେ ସିଂହଦ୍ୱାରରୁ ମେଢ଼, ନାଗା, ପାଇକଖେଳ ସହ ସବୁଜ ରାଲି ବାହାରି ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ପହଞ୍ଚିଥିଲା। ଏଠାରେ ଆୟୋଜିତ ସଭାରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଧାୟକ ସୁରେଶ ରାଉତରାୟ, ସେବାୟତ ମଧୁସୂଦନ ସିଂହାରୀ, ଡ. ପ୍ରକାଶ ଶ୍ରୀଚନ୍ଦନ, ଜଗନ୍ନାଥ ବସ୍ତିଆ, ଶଶାଙ୍କ ଚୁଡ଼ାମଣୀ, ରବୀନ୍ଦ୍ରନାଥ ବେହେରା, ଅମୀୟ ପଟ୍ଟନାୟକ, ବିଶ୍ୱମୋହନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇଥିବାବେଳେ ଅଭିନେତ୍ରୀ ବିଦ୍ୟୁସ୍ମିତା, ଆହାନା, ପଦ୍ମଜା, ଅଖିଳ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ମିଶନ୍ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର ସଭା ପରିଚାଳନା କରିଥିଲେ। ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯିବା ସହ ବେଳାଭୂମି ସଫେଇ କରାଯାଇଥିଲା। ବଦ୍ରି ମିଶ୍ର, ଶ୍ୟାମପ୍ରକାଶ ସେନାପତି ଓ ବିଶ୍ୱନାଥ ସେନାପତିଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ କରାଯାଇଥିଲା।

### ଆକ୍ରମଣ ମାମଲା: ଅଭିଯୁକ୍ତଙ୍କୁ ଅର୍ଥଦଣ୍ଡ

ପୁରୀ ଅଫିସ, ୨୦।୧୦

ଏକ ଆକ୍ରମଣ ମାମଲାର ବିଚାର କରି ଏସ୍‌ଡିଜେଏମ୍ ଆଇପିସି ଦଫା ୩୨୩ ଓ ୩୪ରେ ୩ ଅଭିଯୁକ୍ତଙ୍କୁ ୫ଶହ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଉକ୍ତ ଟଙ୍କା ଅନାଦେୟ ଏକ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ପ୍ରକାଶ କରିଛନ୍ତି। ସେମାନେ ହେଲେ ବ୍ରହ୍ମଗିରି ଥାନା କାଠୁଆ ଆରେଡିର ପୂର୍ଣ୍ଣ ଭୋଇ, ଭାଗୀରଥି ଭୋଇ ଓ କୁନି ଭୋଇ। ମିଳିଥିବା ସୂଚନା ପ୍ରକାରେ, ଗତ ୨୦୧୬ ଏପ୍ରିଲ ୪ ତାରିଖରେ ଉପରୋକ୍ତ ମୁଦାଲାମାନେ ସେହି ଗ୍ରାମର ବୀର ଭୋଇଙ୍କ ପୁଅ ବିପିନଙ୍କୁ କୌଣସି କାରଣକୁ ନେଇ ଗାଳିଗୁଲଜ କରିଥିଲେ। ଏ ନେଇ ବୀର ସେମାନଙ୍କୁ ପଚାରିବାରେ ସେମାନେ ଉତ୍ୟକ୍ତ ହୋଇ ଏକ କଟୁରିରେ ଆକ୍ରମଣ କରିଥିଲେ। ଏ ନେଇ ବୀରଙ୍କ ସ୍ତ୍ରୀଙ୍କ ଅଭିଯୋଗ କ୍ରମେ ବ୍ରହ୍ମଗିରି ଥାନାରେ ୫୭/୧୬ରେ ଏକ ମାମଲା ରୁଜୁ କରିଥିଲେ। ଉକ୍ତ ମାମଲାର ବିଚାର କରି କୋର୍ଟ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଏହି ରାୟ ଶୁଣାଇଛନ୍ତି।

### ଜୁଆର ମାଡ଼ରେ ୪ ପର୍ଯ୍ୟଟକ ଆହତ

ପୁରୀ ଅଫିସ, ୨୦।୧୦

ସମୁଦ୍ର ସ୍ନାନବେଳେ ରବିବାର ଜୁଆର ମାଡ଼ରେ ୩ ବଙ୍ଗୀୟ ପର୍ଯ୍ୟଟକଙ୍କ ସହ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଲାଇଫ୍‌ଗାର୍ଡମାନେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଆହତମାନେ ଟାଟା ନଗରର ରିନା ସିହ୍ନା ଏବଂ ପଶ୍ଚିମବଙ୍ଗର ସନ୍ଧ୍ୟା କୁଣ୍ଡୁ, କାର୍ତ୍ତିକ ଦେ ଓ ସୁନିତା ଚକ୍ରବର୍ତ୍ତୀ। ସମସ୍ତଙ୍କ ବାମ ଗୋଡ଼ରେ ଆଘାତ ଲାଗିଛି।

■ ହବିଷିଆଳିଙ୍କ ପାଇଁ ଅଧିକାରୀ ନାକେଦମ୍

## ନିଖୋଜ ହବିଷିଆଳି ବୀରଗୋବିନ୍ଦପୁରରୁ ଉଦ୍ଧାର

ପୁରୀ ଅଫିସ, ୨୦।୧୦

ଜଣେ ହବିଷିଆଳିଙ୍କ ପାଇଁ ରବିବାର ଦିନତମାମ୍ ଝାଳନାଳ ହୋଇଯାଇଛନ୍ତି ଅଧିକାରୀ। ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ରହୁଥିବା ବ୍ରହ୍ମଗିରିର ଟିକିନା ବରାଳ (୭୦) ସକାଳେ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ। ସମସ୍ତେ ଆଶ୍ରୟସ୍ଥଳୀକୁ ଫେରିଆସିଲେ, ହେଲେ ତାଙ୍କର ଦେଖା ମିଳିଲାନି। ବନ୍ଧୁବାନ୍ଧବ ଘରକୁ ଚାଲି ଯାଇଥିବେ ଭାବି କିଛି ସମୟ ଅପେକ୍ଷା କଲେ ଦାୟିତ୍ୱରେ ଥିବା କର୍ମଚାରୀ। ହେଲେ ମଧ୍ୟାହ୍ନ ଗଡି ଅପରାହ୍ନ ହେଲା, କିନ୍ତୁ ଟିକିନାଙ୍କ ସମ୍ପର୍କରେ କିଛି ସୂଚନା ମିଳିଲା ନାହିଁ। ଅନ୍ୟ ହବିଷିଆଳିଙ୍କୁ ପଚରାଉଚରା କରାଗଲା, ଶ୍ରୀମନ୍ଦିରକୁ ଯାଇ ତନ୍ନ ତନ୍ନ କରି ଖୋଜାଗଲା। ତାଙ୍କ ପରିବାରକୁ ଖବର ଦିଆଗଲା, ହେଲେ ସବୁଠୁ ଆସିଲା ନାହିଁର ଉତ୍ତର। ଏହାକୁ ନେଇ ଚିନ୍ତାରେ ପଡିଗଲେ ସମସ୍ତ କର୍ମଚାରୀ, ଅଧିକାରୀ ଏବଂ ସ୍ୱେଚ୍ଛାସେବୀ। ଅପରାହ୍ନ ଯାଇ ସନ୍ଧ୍ୟା ହେଲା ତଥାପି ଟିକିନା କେଉଁଠି କିଛି ଜଣାପଡିଲା ନାହିଁ। ନାକେଦମ୍ ହୋଇଗଲେ ଅଧିକାରୀ। ବିଭିନ୍ନ ଆଡକୁ ଫୋନ ଗଲା। ଶେଷରେ ଦିନତମାମ୍ ନିଖୋଜ ରହିଥିବା ହବିଷିଆଳିଙ୍କ ସମ୍ପର୍କରେ ରାତିରେ ସୂଚନା ମିଳିଥିଲା। ସେ ବୀରଗୋବିନ୍ଦପୁର ଗ୍ରାମରେ ଥିବା ଜଣାପଡିଥିଲା। ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳୀର ସୁପରଭାଇଜିଂ ଅଫିସର ସମଗ୍ର ଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟା ମଞ୍ଜରୀ ଦାସ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ପ୍ରମୁଖ ଅଧିକାରୀ ଯାଇ ଟିକିନାଙ୍କୁ ବୀରଗୋବିନ୍ଦପୁର ଗ୍ରାମରୁ ସାଥୀରେ ଆଣି ଆସିଥିଲେ। ତେବେ ଟିକିନା କିପରି ଏବଂ କାହିଁକି ସେଠାକୁ ଯାଇଥିଲେ ତାହା ଏବେ ସ୍ପଷ୍ଟ ଜଣାପଡି ନ ଥିବା ବେଳେ ସେ ତାଙ୍କ ସମ୍ପର୍କୀୟଙ୍କ ଘରକୁ ଯାଇଥିବା ଆଶ୍ରୟସ୍ଥଳୀ ପକ୍ଷରୁ କୁହାଯାଇଛି।

## ସମବାୟ ସମିତି କର୍ମଚାରୀ ସଂଘର ବୈଠକ

ପୁରୀ ଅଫିସ, ୨୦।୧୦

ପ୍ରାଥମିକ କୃଷି ସେବା ସମବାୟ ସମିତି କର୍ମଚାରୀ ସଂଘର ପରିଚାଳନା ବୈଠକ ସ୍ଥାନୀୟ ଆଖଣ୍ଡଳମଣି ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସମିତିର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସମିତି କର୍ମଚାରୀ କୃଷକମାନଙ୍କୁ ବିଭିନ୍ନ ପ୍ରସଙ୍ଗରେ ସହଯୋଗ କରୁଛନ୍ତି। ଅନ୍ୟପଟେ ସମିତିର ଦାବି ଉପରେ ବିଭାଗୀୟ କର୍ତ୍ତୃପକ୍ଷ ଅଣଦେଖା କରୁଛନ୍ତି। ସର୍ବନିମ୍ନ ମଜୁରି, ବକେୟା ଦରମା, ମାସର ୫ତାରିଖ ସୁଦ୍ଧା ଦରମା ପ୍ରଦାନ ଲାଗି ଦାବି କରିଛନ୍ତି। ଜିଲାର କେତେକ ବ୍ଲକ ସମିତିର ସମ୍ପାଦକ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରୁନାହାନ୍ତି। ବାରମ୍ବାର ଦାବି ସତ୍ତ୍ୱେ ଏଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ। କର୍ତ୍ତୃପକ୍ଷ ଉପରୋକ୍ତ ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ଧମକ ଦେଇଛନ୍ତି। ସଂଘ ସଭାପତି ପ୍ରତାପ ଚନ୍ଦ୍ର କୁଅଁରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲାର ସମସ୍ତ ବ୍ଲକର କମିଟି ସଭ୍ୟମାନେ ଯୋଗଦାନ କରିଥିଲେ।

## ସୁଦାମ ସ୍ୟାଣ୍ଡ ପାର୍କ ବୁଲିଲେ ମନ୍ତ୍ରୀ

ପୁରୀ ଅଫିସ, ୨୦।୧୦

ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ରୋଡ୍ ବାଲିଗୁଆଳି ଛକ ନିକଟରେ ରହିଛି ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ସୁଦାମ ପ୍ରଧାନଙ୍କ ସ୍ୟାଣ୍ଡ ପାର୍କ। ରବିବାର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏହି ପାର୍କ ପରିଦର୍ଶନ କରିଥିଲେ। ୟୁରୋପିଆନ ଢାଞ୍ଚାରେ ହୋଇଥିବା ବାଲୁକା କଳା ଏବଂ ସ୍ୟାଣ୍ଡ ଆନିମେଶନ ଦେଖି ପ୍ରଶଂସା କରିଥିଲେ। ଏହାକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ପ୍ରଦାନ ଲାଗି ସୁଦାମ ମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। ପ୍ରକାଶ ଯେ, ୨୦୧୮ ଜାନୁୟାରୀ ୪ରେ ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏହି ପାର୍କର ଉଦ୍‌ଘାଟନ କରିଥିଲେ। ଏହି ସ୍ୟାଣ୍ଡ ପାର୍କ ପୁରୀରୁ କୋଣାର୍କ ଯାଉଥିବା ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ଦେଶ ତଥା ବିଦେଶର ପର୍ଯ୍ୟଟକଙ୍କୁ ସୁଦାମଙ୍କ ସ୍ୟାଣ୍ଡ ପାର୍କ ଆକର୍ଷିତ କରିଥାଏ। ଗତ ବାତ୍ୟାରେ ଏହି ପାର୍କ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଲକ୍ଷାଧିକ ଟଙ୍କା କ୍ଷତି ଘଟିଥିବା ସୁଦାମ କହିଛନ୍ତି।

## ଡାକ୍ତରଖାନାରେ ଭଙ୍ଗାରୁଜା, ୨ ଅଟକ

ବ୍ରହ୍ମଗିରି,୨୦।୧୦(ଡି.ଏନ.ଏ.)

ବ୍ରହ୍ମଗିରି ଥାନା ଅନ୍ତର୍ଗତ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବାରୁ ରବିବାର ରାତି ସାଢେ ୭ଟା ସମୟରେ କେତେକ ଯୁବକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭଙ୍ଗାରୁଜା କରିଥିଲେ। ଖବରପାଇ ପୋଲିସ ୨ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଛି। ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ବିଜିପୁର ଗାଁର ଦୁଇଜଣ ଯୁବକ ସନ୍ଧ୍ୟା ସମୟରେ ଆହତ ଅବସ୍ଥାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। କିନ୍ତୁ ସେଠାରେ କୌଣସି ଡାକ୍ତର ନ ଥିବାରୁ ସେମାନେ ଉତ୍ତେଜିତ ହୋଇଥିଲେ। ପରେ ଅନ୍ୟ କର୍ମଚାରୀଙ୍କ ଦ୍ୱାରା ଚିକିତ୍ସିତ ହୋଇ ବାହାରକୁ ଯାଇ ହଠାତ୍ ଝରକା କାଚ ଗ୍ଲାସ ଭାଙ୍ଗିଥିଲେ।

## ୧୫ଶହ ଲିଟର ପୋଚ, ୫ଶହ କେଜି ଭାଙ୍ଗ ଜବତ

ପୁରୀ ଅଫିସ, ୨୦।୧୦

ପୁରୀ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ରବିବାର ପୁରୀ, ସଦର, ନିମାପଡା ପ୍ରଭୃତି ଅଞ୍ଚଳରେ ଚଢାଉ କରିଥିଲା। ଗେଣ୍ଡାପଡା, ନୋଳିଆସାହି ଏବଂ ନିମାପଡା ଅଞ୍ଚଳରୁ ୧୫ଶହ ଲିଟର ପୋଚ, ୨ଶହ ଲିଟର ମଦ ଏବଂ ୫ଶହ କେଜି ଭାଙ୍ଗ ଜବତ କରିଛନ୍ତି। ଏ ନେଇ ୩ଜଣଙ୍କୁ ଗିରଫ କରିଛନ୍ତି। ଗିରଫମାନେ ହେଲେ ନରେନ୍ଦ୍ରକୋଣର ଦାଶରଥି ଭୋଇ(୪୦) ଏବଂ ବାଲି ନୋଳିଆସାହିର ରାମ ପ୍ରସାଦ(୫୫) ଓ ବି. କାଳିଆମ୍ମା(୬୦)।



ଜବତ ପୋଚ ଏବଂ ମଦ ସହ ଗିରଫ ଅଭିଯୁକ୍ତମାନେ।

■ ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା କାର୍ଯ୍ୟକ୍ରମ

# ଭାବ ଭକ୍ତିର ପ୍ରାର୍ଥନାରେ ଭିଜିଲେ ଭକ୍ତ





ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।



ସିଂହଦ୍ୱାର ସମ୍ମୁଖରେ ରଙ୍ଗୋଲି ଏବଂ ଚିତ୍ରାଙ୍କନ କରାଯାଉଛି।

ପୁରୀ ଅଫିସ, ୨୦।୧୦

କାର୍ତ୍ତିକ ବ୍ରତ ପାଇଁ ଶ୍ରୀକ୍ଷେତ୍ରରେ ହବିଷିଆଳିଙ୍କ ଭିଡ଼ ଲାଗିଛି। ମଠ, ମନ୍ଦିର, ଧର୍ମଶାଳା ଏବଂ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଆଶ୍ରୟସ୍ଥଳୀରେ ହବିଷିଆଳି ରହି ବ୍ରତ ପାଳୁଛନ୍ତି। ଭୋରୁ ସ୍ନାନ କରି ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି। ଆଉ ଭାବ ଭକ୍ତିର କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ମହାପ୍ରଭୁଙ୍କ ପାଖରେ ସମର୍ପିତ ହେଉଛନ୍ତି। ରବିବାର ସକାଳେ ସିଂହଦ୍ୱାର ସମ୍ମୁଖରେ ଏମିତି ଅନେକ ହବିଷିଆଳିଙ୍କୁ ଦେଖିବାକୁ ମିଳିଥିଲା, ଯେଉଁମାନେ ମହାପ୍ରଭୁଙ୍କୁ ଦର୍ଶନ କରିସାରିବା ପରେ ଏମାର ମଠ ଚକଡାରେ ବସି ଭାବ ଭକ୍ତିର ପ୍ରାର୍ଥନାରେ ଭିଜି ଯାଇଥିଲେ। ଆହେ ଦୟାମୟ ବିଶ୍ୱବିହାରୀ... ପ୍ରାର୍ଥନାରେ ପ୍ରକମ୍ପିତ ହୋଇଥିଲା ସିଂହଦ୍ୱାର ସମ୍ମୁଖ। ଅବସର ଥିଲା ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା କାର୍ଯ୍ୟକ୍ରମ।

ପ୍ରଥମେ ଶଙ୍ଖଧ୍ୱନି ଏବଂ ଶ୍ରୀମନ୍ଦିର ପରିସର ବେଦ ପାଠଶାଳାର ଶିକ୍ଷକ ଓ ଛାତ୍ରଙ୍କ ବେଦଧ୍ୱନି ସହ ଅରୁଣସ୍ତମ୍ଭ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାପରେ ବାବା ସଚ୍ଚିଦାନନ୍ଦ ଦାସମହାରାଜ ଶ୍ରୀଜଗନ୍ନାଥାଷ୍ଟକମ୍ ଆବୃତ୍ତି କରିଥିଲେ। ପରେ ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଶ୍ରୀଗୀତଗୋବିନ୍ଦ ନୃତ୍ୟ (ଓଡ଼ିଶୀ) ପରିବେଷଣ କରାଯାଇଥିଲା। ଧର୍ମଗ୍ରନ୍ଥ ପାଠ ପରେ ସାମୂହିକ ପ୍ରାର୍ଥନାରେ ଡ. ନରେଶ ଚନ୍ଦ୍ର ଦାଶ ଆହେ ଦୟାମୟ ବିଶ୍ୱବିହାରୀ... ପ୍ରାର୍ଥନା ଗାନ କରିଥିଲେ। ତାଙ୍କ ସହିତ ତାଳ ଦେଇ ଉପସ୍ଥିତ ହବିଷିଆଳି ଏବଂ ଶ୍ରଦ୍ଧାଳୁ ଏହି ପ୍ରାର୍ଥନା ବୋଲିଥିଲେ। ବିଶ୍ୱବିହାରୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ଏହି ପ୍ରାର୍ଥନା ଗାଉଥିବା ବେଳେ ଅନେକ ଶ୍ରଦ୍ଧାଳୁ ଭାବବିହ୍ୱଳ ହୋଇପଡୁଥିଲେ। କେହି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୁଇହାତ ଟେକି ଦେଉଥିଲେ ତ ଆଉ କେହି ବସିବା ଜାଗାରେ ମୁଣ୍ଡିଆଟିଏ ମାରି ଠାକୁରଙ୍କ ନିକଟରେ ନିଜକୁ ସମର୍ପି ଦେଉଥିଲେ। ପରେ ପରେ ଯୋଗ ନିକେତନ ଏବଂ ଆଲୋକ ଯୋଗ ଗ୍ରୁପ୍ ପକ୍ଷରୁ ଯୋଗ ପ୍ରଦର୍ଶନ କରାଯାଇଥିଲା। ଶେଷରେ ରାଧାମୋହନ ବିଶୋଇ ଓ ତାଙ୍କ ସାଥୀଙ୍କ ପକ୍ଷରୁ ନାମ ସଂକୀର୍ତ୍ତନ କରାଯାଇ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରାଯାଇଥିଲା। ଏତଦ୍ ବ୍ୟତୀତ ରଙ୍ଗୋଲି ଏବଂ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ଦୁର୍ଗାମାଧବ କର ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ରାଙ୍କନ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଶ୍ରୀମନ୍ଦିର କାର୍ଯ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା। ଏଥିରେ ଉପଜିଲାପାଳ ଭବତାରଣ ସାହୁ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ଓଏସ୍‌ଡି ଶୁଭ୍ରାଂଶୁ ଶେଖର ପାଢ଼ୀ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସଙ୍କ ସମେତ ଶ୍ରୀମନ୍ଦିର ସ୍ୱାଧ୍ୟାୟ ପ୍ରକଳ୍ପ ସଂଯୋଜନା ମଣ୍ଡଳୀର ସଦସ୍ୟମାନେ ଉପସ୍ଥିତ ଥିଲେ।



ହିଂସା ସମୟରେ ଦେଶ ଦେଶ ମଧ୍ୟରେ ଶାନ୍ତି ଓ ବନ୍ଧୁତାକୁ ସୁନିଶ୍ଚିତ କରିପାରିବ ଭାରତୀୟ ସଭ୍ୟତାର ମୂଲ୍ୟବୋଧ।
-ରାମନାଥ କୋବିନ୍ଦ,
ରାଷ୍ଟ୍ରପତି



# ମହାରାଷ୍ଟ୍ର, ହରିୟାଣା ଭୋଟ ଆଜି

ମୁମ୍ବାଇ/ଚଣ୍ଡିଗଡ଼,୨୦।୧୦(ପି.ଟି.)

୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ଓ ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭା ନିର୍ବାଚନ ଲାଗି ଭୋଟଗ୍ରହଣ ସୋମବାର ସକାଳ ୭ରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ଉଭୟ ରାଜ୍ୟରେ ଭାଜପା ପୁନର୍ବାର କ୍ଷମତା ଦଖଲ କରିବାକୁ ଉଦ୍ୟମ ଜାରି ରଖିଛି। ମହାରାଷ୍ଟ୍ର ବିଧାନସଭାକୁ ନିର୍ବାଚିତ ହେବା ଲାଗି ପ୍ରତିଯୋଗିତାରେ ୨୩୫ ମହିଳାଙ୍କ ସମେତ ୩୨୩୭ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି।

ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ନାଗପୁର ଦକ୍ଷିଣପଶ୍ଚିମ ଆସନରୁ ଲଢୁଥିଲାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ପ୍ରାର୍ଥୀ ଅଶୋକ ଚଭନ ନନ୍ଦେଡ୍ ଜିଲାର ଭୋକାର ଆସନରୁ ପ୍ରାର୍ଥୀ ହୋଇଛନ୍ତି। ସେହିପରି ପୃଥ୍ୱୀରାଜ ଚଭନ କରାଦ ଦକ୍ଷିଣ ଆସନରୁ ନିର୍ବାଚନ ଲଢୁଛନ୍ତି। ଠାକ୍‌ରେ ପରିବାରର ପ୍ରଥମ ସଦସ୍ୟ ଭାବେ ନିର୍ବାଚନ ଲଢୁଥିବା ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେଙ୍କ ପୁଅ ଆଦିତ୍ୟ ମୁମ୍ବାଇର ୱର୍ଲି ଆସନରୁ ପ୍ରାର୍ଥୀ ହୋଇଛନ୍ତି। ଏଥିସହିତ ସତାରା ଲୋକ ସଭା ଆସନ ଲାଗି ମଧ୍ୟ ଉପନିର୍ବାଚନ ଅନୁଷ୍ଠିତ ହେଉଛି। ସେଠାରେ ଭାଜପା ଟିକେଟରେ ଲଢୁଥିବା ପୂର୍ବତନ ଏନ୍‌ସିପି ନେତା ତଥା ଏମ୍‌ପି ଉଦୟନରାଜେ ଭୋସ୍‌ଲେଙ୍କର କଂଗ୍ରେସ-ଏନ୍‌ସିପି ମେଣ୍ଟ ପ୍ରାର୍ଥୀ ଶ୍ରୀନିବାସ ପାଟିଲଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଭାଜପା ଓ ଏହାର ଛୋଟ ସହଯୋଗୀମାନେ ୧୬୪ ଆସନରେ ଲଢୁଥିଲାବେଳେ ଶିବସେନା ୧୨୪ ଆସନରେ ପ୍ରାର୍ଥୀ ଦେଇଛି। ଅନ୍ୟପକ୍ଷରେ ବିରୋଧୀ କଂଗ୍ରେସ ୧୪୭ ଓ ଏନ୍‌ସିପି ୧୨୧ ଆସନରେ ନିର୍ବାଚନ ଲଢୁଛି। ଅନ୍ୟ ଦଳ ମଧ୍ୟରୁ ରାଜ୍ ଠାକ୍‌ରେଙ୍କ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ୧୦୧ ଆସନରେ ପ୍ରାର୍ଥୀ ଦେଇଥିଲାବେଳେ ଏଥର ୧୪୦୦ ପ୍ରାର୍ଥୀ ସ୍ୱାଧୀନ ଭାବେ ଲଢୁଛନ୍ତି। ମୋଟ ୮ କୋଟି ୯୮ ଲକ୍ଷ ୩୯ ହଜାର ୬୦୦ ଭୋଟର ମତାଧିକାର ସାବ୍ୟସ୍ତ କରିବାକୁ ଥିଲାବେଳେ ସେଥିରୁ ୧ କୋଟି ୬ ଲକ୍ଷ ୭୬ ହଜାର ୧୩ ଜଣଙ୍କ ବୟସ ୧୮ରୁ ୨୫ ବର୍ଷ ମଧ୍ୟରେ। ମୋଟ ୯୬,୬୬୧ ଭୋଟଗ୍ରହଣ କେନ୍ଦ୍ରରେ ୬.୫ ଲକ୍ଷ ପୋଲିଂ କର୍ମଚାରୀ ଭୋଟ ପରିଚାଳନା କରିବେ।



ପୋଲିଂ ଅଫିସରମାନେ ଇଭିଏମ୍ ଓ ଅନ୍ୟ ଉପକରଣ ଧରି ସୋନିପତ୍ ଭୋଟ କେନ୍ଦ୍ରକୁ ଯାଉଛନ୍ତି।

## କ୍ଷମତାରେ ରହିବାକୁ ଭାଜପାର ଉଦ୍ୟମ

ହରିୟାଣାରେ ଭାଜପା ପୁନର୍ବାର କ୍ଷମତାରେ ରହିବାକୁ ଉଦ୍ୟମ ଚଳାଇଥିଲାବେଳେ କଂଗ୍ରେସ କ୍ଷମତାକୁ ଫେରିବା ଲାଗି ଜୋରଦାର କସରତ କରିଛି। ତେବେ ନିର୍ବାଚନରେ ୮୯ ଲକ୍ଷ ଯୁବ ଭୋଟରଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି କୁହାଯାଉଛି। ହରିୟାଣାରେ ୧.୮୩ କୋଟି ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୮୫ ଲକ୍ଷରୁ ଅଧିକ ମହିଳା ଭୋଟର ଓ ୨୫୨ ଜଣ କିନ୍ନର ରହିଛନ୍ତି। ୧୦୫ ମହିଳାଙ୍କ ସମେତ ୧୧୬୯ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ଭାଜପା ୭୫ ଆସନରେ ଜିତିବା ଲକ୍ଷ୍ୟ ରଖିଛି। ଇଣ୍ଡିଆନ ନ୍ୟାଶନାଲ ଲୋକ ଦଳ (ଆଇଏନ୍‌ଏଲ୍‌ଡି)ରୁ ଅଲଗା ହୋଇ ଦୁଷ୍ୟନ୍ତ ଚୌତାଲାଙ୍କ ନେତୃତ୍ୱରେ ଗଠିତ ଜନନାୟକ ଜନତା ଦଳ (ଜେଜେପି) ମଧ୍ୟ ଭଲ ଫଳାଫଳ ଆଶା ରଖିଛି। ମୋଟ ୧୯,୫୭୮ ବୁଥରେ ଭୋଟ ଗ୍ରହଣ ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଅନୁରାଗ ଅଗ୍ରୱାଲ କହିଛନ୍ତି। ଏଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

### ବିଭିନ୍ନ ରାଜ୍ୟରେ ଉପନିର୍ବାଚନ

## ୟୁପି ଭାଜପା, କଂଗ୍ରେସ ମୁଖ୍ୟଙ୍କ ପାଇଁ ବଡ଼ ପରୀକ୍ଷା

**ନୂଆଦିଲ୍ଲୀ,୨୦।୧୦(ପି.ଟି.):** ସୋମବାର ଉତ୍ତରପ୍ରଦେଶ ସମେତ ବିଭିନ୍ନ ରାଜ୍ୟ ବିଧାନସଭା ଓ ଲୋକ ସଭା ଆସନ ଲାଗି ଉପନିର୍ବାଚନ ହେଉଛି। ତେବେ ଉତ୍ତରପ୍ରଦେଶର ୧୧ ବିଧାନସଭା ଆସନରେ ଉପନିର୍ବାଚନ ରାଜ୍ୟର ଉଭୟ ଭାଜପା ଓ କଂଗ୍ରେସ ସଭାପତିଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ବୋଲି କୁହାଯାଉଛି। ୨୦୨୨ରେ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଥିଲାବେଳେ ଏଥରର ଉପନିର୍ବାଚନ ଏଥିପାଇଁ ଏକପ୍ରକାର ସେମିଫାଇନାଲ ହୋଇଥିବାରୁ ଭାଜପା ରାଜ୍ୟ ସଭାପତି ସ୍ୱତନ୍ତ୍ର ଦେବ ସିଂ ଓ କଂଗ୍ରେସ ମୁଖ୍ୟ ଅଜୟ କୁମାର ଲାଲୁ ସେମାନଙ୍କ ଦଳର ବିଜୟ ନେଇ ଆଶାବାଦୀ ଅଛନ୍ତି। ୧୧ ଆସନ ମଧ୍ୟରୁ ୮ଟି ଭାଜପା ଅକ୍ତିଆରରେ ଥିଲାବେଳେ ପ୍ରତାପଗଡ ଆସନ ସହଯୋଗୀ ଅପ୍‌ନା ଦଳ (ସୋନେଲାଲ୍) ଅଧୀନରେ ରହିଛି। ସମସ୍ତ ଆସନରେ ଭାଜପା, ବିଏସ୍‌ପି, ସମାଜବାଦୀ ପାର୍ଟି ଓ କଂଗ୍ରେସ ପ୍ରାର୍ଥୀ ଦେଇଛନ୍ତି।

ବିହାରରେ ଗୋଟିଏ ଲୋକ ସଭା ଓ ୫ ବିଧାନସଭା ଆସନ ଲାଗି ସୋମବାର ଉପନିର୍ବାଚନ ହେଉଛି। ଆସନ୍ତାବର୍ଷ ସେଠାରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ସୋମବାରର ଭୋଟକୁ ସେମିଫାଇନାଲ କୁହାଯାଉଛି। ସମସ୍ତିପୁର ଲୋକ ସଭା ଆସନ ସହିତ କିଶନଗଞ୍ଜ, ନାଥନଗର, ବେଲହାର, ସିମ୍ରି ବାଖତିୟାରପୁର ଓ ଦରୌଣ୍ଡା ବିଧାନସଭା ଆସନରେ ଭୋଟଗ୍ରହଣ କରାଯିବ।

ସୋମବାର ପଞ୍ଜାବର ୪ ବିଧାନସଭା ଆସନରେ ଉପନିର୍ବାଚନ ହେଉଥିଲାବେଳେ ପ୍ରତିଦ୍ୱନ୍ଦ୍ୱିତାରେ ୩୩ ପ୍ରାର୍ଥୀ ରହିଛନ୍ତି। ଫଗୱାରା, ଡାଖା, ଜଲାଲାବାଦ ଓ ମୁକେରିଆନ ଆସନରେ ପାଖାପାଖି ୭.୬୮ ଲକ୍ଷ ଭୋଟର ପ୍ରାର୍ଥୀମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଆଇନଶୃଙ୍ଖଳା ରକ୍ଷା ପାଇଁ ୭ କମ୍ପାନୀ ଅର୍ଦ୍ଧସାମରିକ ବାହିନୀ ଯବାନଙ୍କୁ ମୁତୟନ କରାଯାଇଛି। ରାଜସ୍ଥାନର ଜାଟ୍‌ବହୁଳ ମାଣ୍ଡୱା ଓ ଖିଁବସାର ବିଧାନସଭା ଆସନରେ ମଧ୍ୟ ସୋମବାର ଭୋଟଗ୍ରହଣ ହେଉଛି। ଏହି ଦୁଇ ଆସନରେ କଂଗ୍ରେସ, ଭାଜପା ଓ ରାଷ୍ଟ୍ରୀୟ ଲୋକତାନ୍ତ୍ରିକ ପାର୍ଟି (ଆର୍‌ଏଲ୍‌ପି) ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ସେହିପରି ହିମାଚଳପ୍ରଦେଶର ଦୁଇଟି ବିଧାନସଭା ଆସନରେ ସୋମବାର ଉପନିର୍ବାଚନ ଅନୁଷ୍ଠିତ ହେଉଛି। ପଚ୍ଛାଦ ଓ ଧରମଶାଳା ଆସନର ଦୁଇ ଭାଜପା ବିଧାୟକ ସୁରେଶ କାଶ୍ୟପ ଓ କିଶନ କପୁର ଲୋକ ସଭାକୁ ନିର୍ବାଚିତ ହେବାରୁ ସେଠାରେ ଉପନିର୍ବାଚନର ଆବଶ୍ୟକ ପଡିଥିଲା।

## ୨୮ ମାଓବାଦୀଙ୍କ ଆତ୍ମସମର୍ପଣ

ଦାନ୍ତେୱାଡା, ୨୦।୧୦

ଛତିଶଗଡ଼ର ଦାନ୍ତେୱାଡ଼ା ଜିଲାରେ ୨୮ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ସମ୍ପର୍କରେ ସୂଚନା ଦେଲେ ପୁରସ୍କାର ମିଳିବ ବୋଲି ଘୋଷଣା କରାଯାଇଥିଲା। ରାୟପୁରଠାରୁ ୩୪୦ କିମି ଦୂର କଟେକଲ୍ୟାଣ ଅଞ୍ଚଳରେ ଥିବା ଚିକପାଲ ପୋଲିସ କ୍ୟାମ୍ପରେ ବରିଷ୍ଠ ପୋଲିସ ଏବଂ ସିଆର୍‌ପିଏଫ୍ ଅଫିସରଙ୍କ ଆଗରେ ସେମାନେ ଅସ୍ତ୍ର ସମର୍ପଣ କରିଥିବା ଦାନ୍ତେୱାଡା ଏସ୍‌ପି ଅଭିଷେକ ପଲ୍ଲଭ ସୂଚନା ଦେଇଛନ୍ତି।



## ଦିଲ୍ଲୀରେ ଆକ୍ରମଣ ଆଶଙ୍କା

ନୂଆଦିଲ୍ଲୀ,୨୦।୧୦(ଆଇଏଏନ୍‌ଏସ୍)

### ୪୦୦ ସ୍ଥାନ ଉପରେ କଡ଼ା ନଜର

ଦୀପାବଳିରେ ଦିଲ୍ଲୀରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ପକ୍ଷରୁ ଆକ୍ରମଣ ଯୋଜନା ଚାଲିଥିବା ଗୋଇନ୍ଦା ସୂଚନା ମିଳିଛି। ଦିଲ୍ଲୀ ପୋଲିସ ପକ୍ଷରୁ ଏଥିପାଇଁ ରାଜଧାନୀର ୪୦୦ଟି ସମ୍ବେଦନଶୀଳ ସ୍ଥାନରେ କଡ଼ା ନଜର ରଖାଯାଇଛି। ୧୫ ଜିଲା ମଧ୍ୟରୁ ରୋହିଣୀ, ନର୍ଥ-ଇଷ୍ଟ, ନର୍ଥ-ୱେଷ୍ଟ, ନର୍ଥ, ଇଷ୍ଟ, ସେଣ୍ଟ୍ରାଲ୍, ନୂଆଦିଲ୍ଲୀ ଓ ଦ୍ୱାରକାକୁ ସମ୍ବେଦନଶୀଳ ମନେକରାଯାଉଛି। ନୂଆଦିଲ୍ଲୀର ସର୍ବାଧିକ ୨୦୦ କୋଠା ଓ ବଜାରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସେଥିମଧ୍ୟରେ ରହିଛି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ), ସେନା ଭବନ, ପାର୍ଲାମେଣ୍ଟ ହାଉସ, ରାଷ୍ଟ୍ରପତି ଭବନ, କନ୍ନଟ ପ୍ଲେସ୍ ଓ ଖାନ୍ ମାର୍କେଟ।

### ତୁର୍କୀ-ସିରିଆ ଅସ୍ତ୍ରବିରତିର ତୃତୀୟ ଦିନ

## ସୀମାରେ ଗଲାଣି ୨୧ ଜୀବନ



ଉତ୍ତର ସିରିଆ ସୀମା ତାଲ୍ ତମର୍‌ରେ ଆମେରିକା ସେନାର ଯୁଦ୍ଧଗାଡ଼ି ଅଟକିରହିଛି।

ଡମାସ୍କସ୍,୨୦।୧୦(ଆଇଏଏନ୍‌ଏସ୍)

ସିରିଆର ଉତ୍ତରପୂର୍ବାଞ୍ଚଳରେ ତୁର୍କୀର ଆକ୍ରମଣକୁ ବନ୍ଦ କରିବା ଲାଗି ୩ ଦିନ ପୂର୍ବେ ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ରାଜିନାମା ହୋଇଥିଲା। ଏହାପରଠାରୁ ସୀମାନ୍ତରେ ୨୦ ସାଧାରଣ ନାଗରିକ ଓ ଜଣେ ତୁର୍କୀ ସୈନ୍ୟ ନିହତ ହେଲେଣି। ଏଥିସହିତ ଅନ୍ୟ ୨୦ ଜଣ ଆହତ ହୋଇଛନ୍ତି। ନିହତ ୨୦ ନାଗରିକଙ୍କ ମଧ୍ୟରୁ ସିରିଆ ସୀମାନ୍ତ ସହର ରାସ୍ ଅଲ୍-ଆଇନ୍‌ର ଏକ ହସ୍ପିଟାଲରେ ୪ ଜଣଙ୍କ ମୃତ୍ୟୁ ଘଟିଥିବା କୁର୍ଦ୍ଦିଶ୍ ରେଡ କ୍ରିସେଣ୍ଟ ପକ୍ଷରୁ କୁହାଯାଇଛି। ତୁର୍କୀ ସେନା ଆକ୍ରମଣରେ ଉକ୍ତ ହସ୍ପିଟାଲ ଆଂଶିକ କ୍ଷତିଗ୍ରସ୍ତ ହୋଇଥିଲା। ଗୁରୁବାର ରାତିରେ ତୁର୍କୀ ରାଷ୍ଟ୍ରପତି ରେସେପ ତାୟିପ୍ ଏର୍ଡୋଗାନ୍ ଏବଂ ଆମେରିକା ଉପରାଷ୍ଟ୍ରପତି ମାଇକ୍ ପେନ୍ସଙ୍କ ମଧ୍ୟରେ ଅସ୍ତ୍ରବିରତି ରାଜିନାମା ସ୍ୱାକ୍ଷର ହୋଇଥିଲା। ସାମରିକ କାର୍ଯ୍ୟାନୁଷ୍ଠାନ ଯୋଗୁ ଏପର୍ଯ୍ୟନ୍ତ ସିରିଆ ତୁର୍କୀ ସୀମାରେ ୨୩୫ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହେବା ସହ ୬୭୭ ଜଣ ଆହତ ହେଲେଣି। ମୃତକଙ୍କ ମଧ୍ୟରେ ୨୨ ଶିଶୁ ଅନ୍ତର୍ଭୁକ୍ତ ବୋଲି କୁର୍ଦ୍ଦିଶ୍ କର୍ତ୍ତୃପକ୍ଷ ଶନିବାର କହିଥିଲେ। ଅନ୍ୟପକ୍ଷରେ ରବିବାର ସୀମାରେ ଅସ୍ତ୍ରବିରତି ଉଲ୍ଲଂଘନ ଯୋଗୁ ଜଣେ ସୈନ୍ୟ ନିହତ ହୋଇଥିବା ତୁର୍କୀ କର୍ତ୍ତୃପକ୍ଷ କହିଛନ୍ତି।

## ୟୁପି ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କମଲେଶଙ୍କ ପରିବାର

ଲକ୍ଷ୍ନୌ,୨୦।୧୦(ପି.ଟି.)

- ସବୁ ସହାୟତା ଯୋଗାଇଦେବାକୁ ଯୋଗୀଙ୍କ ପ୍ରତିଶ୍ରୁତି
- ହୋଟେଲରୁ ହତ୍ୟାକାରୀଙ୍କ ରକ୍ତଲଗା ଶାର୍ଟ ଜବତ

ଦୁଇଦିନ ପୂର୍ବେ ହତ୍ୟାର ଶିକାର ହୋଇଥିବା ହିନ୍ଦୁବାଦୀ ନେତା କମଲେଶ ତିୱାରୀଙ୍କ ପରିବାର ସଦସ୍ୟଙ୍କୁ ରବିବାର ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଭେଟି ସମସ୍ତ ସହାୟତା ଯୋଗାଇଦେବାର ପ୍ରତିଶ୍ରୁତି ଦେଇଛନ୍ତି। ଅପରାଧୀଙ୍କୁ ଫାଶୀଦଣ୍ଡ ଦେବା ଲାଗି ତାଙ୍କ ପରିବାର ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି କରିଥିଲେ। କମଲେଶଙ୍କ ମାଆ, ସ୍ତ୍ରୀ ଓ ତିନି ପୁଅଙ୍କ ସହ ମୁଖ୍ୟମନ୍ତ୍ରୀ ୩୦ ମିନିଟ ଆଲୋଚନା କରିଥିଲେ। ପୋଲିସ ତତ୍ପରତାର ସହ ଘଟଣାର ତଦନ୍ତ କରୁଛି, ଅପରାଧୀଙ୍କୁ କଦାପି ଛଡ଼ାଯିବ ନାହିଁ ବୋଲି ଆଦିତ୍ୟନାଥ କହିଥିଲେ।

କମଲେଶଙ୍କ ପରିବାର ସଦସ୍ୟ ତାଙ୍କ ପୁଅ ପାଇଁ ସରକାରୀ ଚାକିରି, ପରିବାରକୁ ସୁରକ୍ଷା ଓ ସୁରକ୍ଷା ପାଇଁ ବନ୍ଧୁକ ଲାଇସେନ୍ସ ଯୋଗାଇଦେବାକୁ ଦାବି କରିଥିଲେ। ଏଥିସହିତ ସେମାନେ ରହୁଥିବା କଲୋନୀକୁ କମଲେଶଙ୍କ ନାଁରେ ନାମିତ କରିବା ସହ ତାଙ୍କର ଏକ ପ୍ରତିମୂର୍ତ୍ତି ନିର୍ମାଣ ଲାଗି ମଧ୍ୟ ଦାବି କରିଥିବା ଏକ ସୂତ୍ରରୁ ଜଣାପଡିଛି। ମାମଲାର ଦ୍ରୁତ୍ ଶୁଣାଣି ଲାଗି ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିବା ଜଣାପଡିଛି।

କମଲେଶଙ୍କ ହତ୍ୟାକାରୀ ନାକା ହିଣ୍ଡୋଲା ଅଞ୍ଚଳର ଏକ ହୋଟେଲରେ ରହିଥିଲେ ବୋଲି ତଦନ୍ତ ବେଳେ ଜଣାପଡିଥିବା ପୋଲିସ କହିଛି। ହତ୍ୟାକାଣ୍ଡ ଦିନ ୨ ଜଣ ଧଳା ଶାର୍ଟ ପିନ୍ଧି ହାତରେ ମିଠା ପ୍ୟାକେଟ ନେଇ ବାହାରିଯାଇଥିଲେ ବୋଲି ହୋଟେଲ କର୍ମଚାରୀ ପୋଲିସକୁ ସୂଚନା ଦେଇଛନ୍ତି। ସେମାନେ ହୋଟେଲ ବେଡ୍‌ରେ ରକ୍ତ ଲାଗିଥିବା ଏକ ଧଳା ଶାର୍ଟ ଛାଡିଯାଇଛନ୍ତି। ଉକ୍ତ କୋଠରିରୁ ଏକ ନୂଆ ମୋବାଇଲ ଫୋନ୍‌ର ବକ୍ସ ମିଳିଛି। ପୋଲିସ ତୁରନ୍ତ ହତ୍ୟାକାରୀଙ୍କୁ ଗିରଫ କରିବ ବୋଲି କହିଛି। ସିସିଟିଭି ଫୁଟେଜ୍‌କୁ ପୋଲିସ ଯାଞ୍ଚ କରିବା ସହ ବିଭିନ୍ନ ଲୋକଙ୍କୁ ସନ୍ଦେହରେ ପଚରାଉଚରା କରୁଥିବା ପୋଲିସ ଡିଜି ଓ.ପି. ସିଂ କହିଛନ୍ତି।

## ୯ରେ କର୍‌ତାରପୁର କରିଡର ଉଦ୍‌ଘାଟନ

ଲାହୋର,୨୦।୧୦(ପି.ଟି.)

ବହୁପ୍ରତୀକ୍ଷିତ କର୍‌ତାରପୁର କରିଡର ଉଦ୍‌ଘାଟନ ନଭେମ୍ବର ୯ରେ ହେବ ବୋଲି ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ରବିବାର ଘୋଷଣା କରିଛନ୍ତି। ଏହି ପ୍ରସ୍ତାବିତ କରିଡର କର୍‌ତାରପୁରର ଦର୍‌ବାର ସାହିବ ସହ ପଞ୍ଜାବ ଗୁରୁଦାସପୁରର ଡେରା ବାବା ନାନକ ପୀଠକୁ ସଂଯୋଗ କରିବ ଏବଂ ଭାରତୀୟ ତୀର୍ଥଯାତ୍ରୀଙ୍କୁ ଭିଜାମୁକ୍ତ ଭ୍ରମଣ ସୁଯୋଗ ମିଳିବ। ଗୁରୁ ନାନକ ଦେବଙ୍କ ଦ୍ୱାରା ୧୫୨୨ରେ କର୍‌ତାରପୁର ସାହିବ ସ୍ଥାପନ କରାଯାଇଥିଲା। ଭାରତୀୟ ସୀମାଠାରୁ ଦରବାର ସହିବ ଗୁରୁଦ୍ୱାରା ପର୍ଯ୍ୟନ୍ତ କରିଡର ପାକିସ୍ତାନ ନିର୍ମାଣ କରୁଛି। ସେହିପରି ସୀମା ଏପଟୁ ଡେରା ବାବା ନାନକଙ୍କ ପୀଠ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଭାରତ କରିବ। କରିଡର ନିର୍ମାଣ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିଲାବେଳେ ୯ରେ ଉଦ୍‌ଘାଟନ ହେବ ଏବଂ ସାରା ବିଶ୍ୱର ଶିଖ୍‌ମାନଙ୍କୁ ବିଶ୍ୱର ସର୍ବବୃହତ ଗୁରୁଦ୍ୱାରା ଦର୍ଶନର ସୁଯୋଗ ମିଳିବ ବୋଲି ଇମ୍ରାନ ଫେସ୍‌ବୁକ୍ ପୋଷ୍ଟରେ କହିଛନ୍ତି। ନଭେମ୍ବର ୧୨ରେ ଶିଖ୍ ଧର୍ମର ପ୍ରତିଷ୍ଠାତା ଗୁରୁ ନାନକ ଦେବଙ୍କ ୫୫୦ତମ ଜନ୍ମବାର୍ଷିକୀ ପାଳନ ହେବ।

### ମନମୋହନ ଅତିଥି ହେବେନି, ତୀର୍ଥଯାତ୍ରୀ ଭାବେ ଯୋଗଦେବେ

କରିଡର ଉଦ୍‌ଘାଟନ ଉତ୍ସବରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଯୋଗଦେବେ ନାହିଁ। ସେ ସେଠାକୁ ଜଣେ ସାଧାରଣ ତୀର୍ଥଯାତ୍ରୀ ଭାବେ ଯିବେ ବୋଲି ଜଣାପଡିଛି। ଉଦ୍‌ଘାଟନ ଉତ୍ସବରେ ଯୋଗଦେବା ପାଇଁ ମନମୋହନ ପାକିସ୍ତାନର ନିମନ୍ତ୍ରଣକୁ ଗ୍ରହଣ କରିଥିବା ଏହାର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶି ଶନିବାର କହିଥିଲେ। ସ୍ୱତନ୍ତ୍ର ଅତିଥି ନୁହନ୍ତି, ଜଣେ ସାଧାରଣ ବ୍ୟକ୍ତି ଭାବେ ମନମୋହନ ନଭେମ୍ବର ୯ ଉଦ୍‌ଘାଟନ ଉତ୍ସବରେ ଯୋଗଦେବେ ବୋଲି କୁରେଶି ମୁଲ୍‌ତାନଠାରେ କହିଥିଲେ। ତେବେ ଉଦ୍‌ଘାଟନ ଉତ୍ସବରେ ମନମୋହନ ଯୋଗଦେଉ ନ ଥିବା ରବିବାର ତାଙ୍କ ଘନିଷ୍ଠ ସୂତ୍ରରୁ ସୂଚନା ଦିଆଯାଇଛି। ସେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ନେତୃତ୍ୱରେ ଯିବାକୁ ଥିବା ଶିଖ୍ ପ୍ରତିନିଧି ଦଳରେ ସାମିଲ ହେବେ। କର୍‌ତାରପୁର ଯିବା ଲାଗି ରବିବାରଠାରୁ ତୀର୍ଥଯାତ୍ରୀଙ୍କ ଅନ୍‌ଲାଇନ ରେଜିଷ୍ଟ୍ରେଶନ ଆରମ୍ଭ ହେବାକୁ ଥିଲା। ତେବେ କେତେକ ପ୍ରସଙ୍ଗରେ ଦୁଇ ଦେଶ ସହମତି ହୋଇ ନ ଥିବାରୁ ପଞ୍ଜୀକରଣ ଆରମ୍ଭ ହୋଇପାରି ନାହିଁ। ମୁଖ୍ୟତଃ ପ୍ରତି ତୀର୍ଥଯାତ୍ରୀଙ୍କ ଉପରେ ଇସ୍‌ଲାମାବାଦ ୨୦ ଡଲାର ସେବା ଟିକସ ଧାର୍ଯ୍ୟ କରିଥିବାରୁ ଏହାକୁ ନୂଆଦିଲ୍ଲୀ ବିରୋଧ କରୁଛି।



## ଉତ୍ତରାଖଣ୍ଡରେ ଭୂସ୍ଖଳନ: ୮ ମୃତ

ଡେରାଡୁନ,୨୦।୧୦(ପି.ଟି.)

ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲା ଅନ୍ତର୍ଗତ ଚଣ୍ଡିକାଧରଠାରେ ଭୂସ୍ଖଳନ ଘଟି ୮ ଜଣଙ୍କ ମୃତ୍ୟୁ ହୋଇଛି। ଶନିବାର ରାତିରେ ସେମାନେ ଦୁଇଟି ବାଇକ୍ ଓ ଗୋଟିଏ କାରରେ ଯାଉଥିଲାବେଳେ ମାଟି ଅତଡ଼ା ତଳେ ଚାପି ହୋଇଯାଇଥିଲେ। ମାଟି ଅତଡା ସହିତ ଏକ ବିଶାଳ ପଥର ଖସିବାରୁ ସେମାନଙ୍କ ଗାଡ଼ିକୁ ୫୦୦ ମିଟର ଗଭୀର ଗର୍ତ୍ତ ମଧ୍ୟକୁ ଠେଲିନେଇଥିଲା। ଘଟଣାସ୍ଥଳରେ ୫ ଜଣଙ୍କ ମୃତ୍ୟୁ ହୋଇଥିଲାବେଳେ ହସ୍ପିଟାଲରେ ଅନ୍ୟ ୩ ପ୍ରାଣ ହରାଇଛନ୍ତି। ମାଟିତଳୁ ୪ ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ଭୂସ୍ଖଳନ ବେଳେ ସେମାନେ ସୋନପ୍ରୟାଗରୁ ରୁଦ୍ରପ୍ରୟାଗ ଯାଉଥିଲେ। ମୃତକଙ୍କ ଲାଗି ରାଜ୍ୟପାଳ ବେବିରାଣୀ ମୌର୍ଯ୍ୟ ଓ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତ ଶୋକବ୍ୟକ୍ତ କରିଛନ୍ତି।



ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲାରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୦ | ୨୨.୪ |
| ଚାନ୍ଦବାଲି | ୩୨.୨ | ୨୪.୫ |
| କଟକ | ୩୩.୪ | ୨୨.୪ |
| ପାରାଦ୍ୱୀପ | ୩୩.୦ | ୨୬.୨ |
| ଭୁବନେଶ୍ୱର | ୩୩.୮ | ୨୪.୦ |
| ଗୋପାଳପୁର | ୩୩.୭ | ୨୪.୩ |
| ପୁରୀ | ୩୩.୮ | ୨୫.୦ |
| ଅନୁଗୋଳ | ୩୪.୧ | ୧୯.୬ |
| ବାରିପଦା | ୩୨.୬ | ୨୪.୦ |
| ଝାରସୁଗୁଡ଼ା | ୩୧.୨ | ୨୩.୮ |
| କେନ୍ଦୁଝର | ୩୧.୮ | ୨୧.୩ |
| ସମ୍ବଲପୁର | ୩୪.୩ | ୨୩.୦ |
| ସୁନ୍ଦରଗଡ଼ | ୩୪.୦ | ୧୬.୦ |
| ହୀରାକୁଦ | ୩୪.୧ | ୨୩.୭ |
| ତାଳଚେର | --- | ୨୩.୧ |
| ଭବାନୀପାଟଣା | ୩୧.୨ | ୨୨.୦ |
| ବଲାଙ୍ଗୀର | ୩୪.୦ | ୨୩.୫ |
| କୋରାପୁଟ | --- | ୧୭.୪ |
| ଫୁଲବାଣୀ | ୩୦.୮ | ୨୧.୦ |
| ଟିଟିଲାଗଡ଼ | ୩୪.୦ | ୨୦.୬ |
| ମାଲକାନଗିରି | ୨୯.୨ | --- |
| ସୋନପୁର | ୩୪.୦ | ୨୦.୬ |
| ଦାରିଙ୍ଗିବାଡ଼ି | --- | ୧୬.୫ |

ଡିଗ୍ରୀ ସେଲ୍‌ସିୟସ୍

## ଇତିହାସର ଆଇନାରେ

### ଅକ୍ଟୋବର ୨୧ର ପ୍ରମୁଖ ଘଟଣା

୧୯୮୭ ଅକ୍ଟୋବର ୨୧ରେ ଜାଫନାର ଏକ ହସ୍ପିଟାଲରେ ଆକ୍ରମଣ ଯୋଗୁ ୭୦ ରୋଗୀ ଓ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ସେତେବେଳେ ଶ୍ରୀଲଙ୍କାରେ ଗୃହଯୁଦ୍ଧ ଚାଲିଥିଲା। ସରକାର, ବିଦ୍ରୋହୀ ଏଲ୍‌ଟିଟିଇ ଏବଂ ସ୍ୱାଧୀନ ପର୍ଯ୍ୟବେକ୍ଷକମାନେ ଏହାକୁ ଗଣହତ୍ୟା କହିଥିଲେ। ଶ୍ରୀଲଙ୍କା ସୈନିକ ଓ ବିଦ୍ରୋହୀଙ୍କ ମଧ୍ୟରେ ଗୁଳିବିନିମୟ ଯୋଗୁ ଏଭଳି ଘଟିଥିଲା।

୧୯୯୪ ଅକ୍ଟୋବର ୨୧ରେ ଆମେରିକା ଓ ଉତ୍ତର କୋରିଆ ମଧ୍ୟରେ ରାଜିନାମା ସ୍ୱାକ୍ଷର ହୋଇଥିଲା। ଚୁକ୍ତି ଅନୁଯାୟୀ ଉତ୍ତରକୋରିଆ ଅଣୁଅସ୍ତ୍ର କାର୍ଯ୍ୟକ୍ରମ ବନ୍ଦ ରଖିବା ଓ ତଦାରଖ ପାଇଁ ଅନୁମତି ଦେବାକୁ ରାଜି ହୋଇଥିଲା। ତେବେ ୨୦୦୩ରେ ଚୁକ୍ତିନାମା ଭାଙ୍ଗିବା ପର୍ଯ୍ୟନ୍ତ କେତେକ ମୁଖ୍ୟ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇଥିଲା।

## ଦୀପିକାଙ୍କଠାରୁ ଟାଇମ୍ ମ୍ୟାନେଜ୍‌ମେଣ୍ଟ ଶିଖୁଛନ୍ତି ରଣବୀର

**ମୁମ୍ବାଇ:** ଅଭିନେତା ରଣବୀର ସିଂ ଏବଂ ଦୀପିକା ପାଦୁକୋନ୍ ବଲିଉଡ୍‌ର ସବୁଠୁ ଚର୍ଚ୍ଚିତ ଦମ୍ପତିଙ୍କ ମଧ୍ୟରୁ ଅନ୍ୟତମ। ଦୁହେଁ ସୋସିଆଲ ମିଡିଆରେ ମଧ୍ୟ ବେଶ୍ ଆକ୍ଟିଭ୍। ନିଜ ସାଂସାରିକ ଜଞ୍ଜାଳରେ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଉଭୟ ପରସ୍ପର ପାଇଁ ସମୟ ବାହାର କରିଦେଇଥାନ୍ତି। ବର୍ତ୍ତମାନ ଦୀପିକାଙ୍କଠାରୁ ଟାଇମ୍ ମ୍ୟାନେଜମେଣ୍ଟ ଶିଖୁଛନ୍ତି ରଣବୀର। ତାଙ୍କ ମତରେ ଦୀପିକା ଟାଇମ୍ ମ୍ୟାନେଜ୍‌ମେଣ୍ଟ କରିବାରେ ସିଦ୍ଧହସ୍ତ। ସେ ମୋ ଜୀବନରେ ଆସିବା ପରେ ବହୁତ କିଛି ଶିଖିବାକୁ ମିଳିଛି ବୋଲି ସେ କହିଛନ୍ତି। ବିବାହ ପରେ ପ୍ରଥମଥର ପାଇଁ ଦୁହେଁ '୮୩' ଫିଲ୍ମରେ ଏକତ୍ର ନଜରକୁ ଆସିବେ। ଫିଲ୍ମଟି ୧୯୮୩ ବିଶ୍ୱକପ୍ ଉପରେ ଆଧାରିତ। ନିକଟରେ ଏହି ଚଳଚ୍ଚିତ୍ରର ଶୁଟିଂ ଶେଷ ହୋଇଯାଇଛି। କବିର ଖାନ୍‌ଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ରଣବୀର ସିଂ ଭାରତୀୟ କ୍ରିକେଟ ଟିମର ପୂର୍ବତନ ଅଧିନାୟକ କପିଳ ଦେବଙ୍କ ଚରିତ୍ରରେ ନଜରକୁ ଆସିବେ। ଫିଲ୍ମ '୮୩' ରଣବୀର ସିଂଙ୍କ ଅଭିନୀତ ହିନ୍ଦୀ, ତାମିଲ ଏବଂ ତେଲୁଗୁରେ ପ୍ରସ୍ତୁତ ଏହା ପ୍ରଥମ ତ୍ରିଭାଷୀ ଫିଲ୍ମ ହେବ। ଏହି ଫିଲ୍ମର କିଛି ଭାଗ ଶୁଟିଂ ପ୍ରସିଦ୍ଧ ଲର୍ଡ୍ସ ଗ୍ରାଉଣ୍ଡରେ କରାଯାଇଛି।





ତୁମ୍ଭେମାନେ ଶତ୍ରୁମାନଙ୍କୁ ପ୍ରେମ କର, ଯେଉଁମାନେ ତୁମ୍ଭମାନଙ୍କୁ ଘୃଣା କରନ୍ତି, ସେମାନଙ୍କର ମଙ୍ଗଳ କର।
-ଯିଶୁଖ୍ରୀଷ୍ଟ



# ଷ୍ଟାଡିୟମକୁ ନ ଛାଡ଼ିଲେ ଖେଳକୁ ବିରୋଧ

ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)




କଳିଙ୍ଗ ଷ୍ଟାଡ଼ିୟମ ୱାର୍କର୍ସ ଆସୋସିଏଶନ ପକ୍ଷରୁ କଳିଙ୍ଗ ଷ୍ଟାଡ଼ିୟମକୁ ଘେରାଉ କରାଯାଇଛି।

କଳିଙ୍ଗ ଷ୍ଟାଡ଼ିୟମ ଭିତରକୁ ପ୍ରାତଃ ଭ୍ରମଣକାରୀଙ୍କୁ ପ୍ରବେଶ କରିବାକୁ ଦିଅ। ନଚେତ୍ ନଭେମ୍ବର ୧ ଓ ୨ ରେ ହେବାକୁ ଥିବା ଅନ୍ତର୍ଜାତୀୟ ହକି ଖେଳକୁ ବିରୋଧ କରାଯିବ। ପ୍ରାତଃ ଭ୍ରମଣ କରିବାକୁ ଆସୁଥିବା ହଜାର ହଜାର ଲୋକ ଉକ୍ତ ଖେଳକୁ ବିରୋଧ କରିବେ ବୋଲି ପ୍ରକାଶ ପାଇଛି। ରବିବାର କଳିଙ୍ଗ ଷ୍ଟାଡ଼ିୟମ ୱାର୍କର୍ସ ଆସୋସିଏଶନ ପକ୍ଷରୁ ଗେଟ ନଂ. ୩ର ସମ୍ମୁଖରେ ଆୟୋଜିତ ଏକ ପ୍ରତିବାଦ ସଭାରେ ଏହା ପ୍ରକାଶ ପାଇଛି। ପ୍ରାତଃ ଭ୍ରମଣକାରୀଙ୍କୁ ଷ୍ଟାଡ଼ିୟମ ଭିତରକୁ ପ୍ରବେଶ ଅନୁମତି ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

କଳିଙ୍ଗ ଷ୍ଟାଡ଼ିୟମକୁ ସାଧାରଣ ନାଗରିକଙ୍କ ପ୍ରବେଶ ନିଷେଧ କରାଯାଇଛି। ଏହାର ପ୍ରତିବାଦରେ କଳିଙ୍ଗ ଷ୍ଟାଡ଼ିୟମ ୱାର୍କର୍ସ ଆସୋସିଏଶନ ରବିବାର କଳିଙ୍ଗ ଷ୍ଟାଡ଼ିୟମକୁ ଘେରାଉ କରିଥିଲା। ପ୍ରାତଃ କଳିଙ୍ଗ ଷ୍ଟାଡ଼ିୟମ ଗେଟ୍ ନଂ. ୩ ସମ୍ମୁଖରେ ପାଖାପାଖି ୬ ଶହ ଲୋକ, ସାମାଜିକ କର୍ମୀ ବାସୁଦେବ ଭଞ୍ଜଙ୍କ ନେତୃତ୍ୱରେ ଏହି ପ୍ରତିବାଦରେ ସାମିଲ ହୋଇଥିଲେ। ସେଠାରେ ପ୍ରତିବାଦକାରୀଙ୍କର ସୁରକ୍ଷା କର୍ମୀ ଓ ପୋଲିସ କର୍ମଚାରୀଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଫଳରେ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଏକ ନିର୍ଦ୍ଦିଷ୍ଟ ସ୍କୁଲ୍‌ର ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଷ୍ଟାଡ଼ିୟମରେ ଫୁଟ୍‌ବଲ ଖେଳିବା ପାଇଁ ଦିଆଯାଉଛି। ହେଲେ ବରିଷ୍ଠ ନାଗରିକ ଓ ସାଧାରଣ ଲୋକଙ୍କୁ ଭିତରକୁ ପ୍ରବେଶ କରିବାକୁ କାହିଁକି ଅନୁମତି ମିଳୁନି ଏ ନେଇ ଉପସ୍ଥିତ ଲୋକେ ପ୍ରଶ୍ନ କରିଥିଲେ। ଏନେଇ ପରେ କଳିଙ୍ଗ ଷ୍ଟାଡ଼ିୟମ ସମ୍ମୁଖରେ ଏକ ସଭା ଅନୁଷ୍ଠିତ ହୋଇଥିଲା।

# ରୋଗୀଙ୍କ ସମ୍ପର୍କୀୟଙ୍କୁ ବାଉନ୍‌ସରଙ୍କ ଆକ୍ରମଣ

ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)

ହସ୍ପିଟାଲ ପରିସରରେ ବାଉନ୍‌ସରଙ୍କ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଛି। ରବିବାର ନୟାପଲ୍ଲୀ ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ରୋଗୀଙ୍କ ସମ୍ପର୍କୀୟଙ୍କୁ ବାଉନ୍‌ସର ଆକ୍ରମଣ କରିଥିଲେ। ଏହାକୁ ନେଇ ହସ୍ପିଟାଲ ପରିସରରେ ପ୍ରବଳ ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ ଆଇଆରସି ଭିଲେଜରେ ରହୁଥିବା ସର୍ବେଶ୍ୱର ସାମଲ ପୁଅ ଅସିତଙ୍କ ପେଟରେ ଥିବା ଷ୍ଟୋନ ଅପରେଶନ ପାଇଁ ଉକ୍ତ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ରବିବାର ଅପରେଶନ ହେବାକୁ ଥିବା ବେଳେ ଡାକ୍ତରଙ୍କ ସହ ପରାମର୍ଶ ପାଇଁ ସର୍ବେଶ୍ୱରଙ୍କୁ ଉପରକୁ ଯିବାକୁ ବାଉନ୍‌ସର ଦେଇ ନ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ଏ ନେଇ ସର୍ବେଶ୍ୱରଙ୍କ ସମ୍ପର୍କୀୟମାନେ ପହଞ୍ଚିଯିବାରୁ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏଥିରେ ସର୍ବେଶ୍ୱରଙ୍କ ସମ୍ପର୍କୀୟ ମନୋଜ କୁମାର ସାମଲଙ୍କ ମୁଣ୍ଡଫାଟି ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଏ ନେଇ ସର୍ବେଶ୍ୱରଙ୍କ ଅଭିଯୋଗ କ୍ରମେ ପୋଲିସ ହସ୍ପିଟାଲ ପରିସରର ସିସିଟିଭି ଫୁଟେଜକୁ ଯାଞ୍ଚ କରିଥିଲା। ଆକ୍ରମଣ କରିଥିବା ଅଭିଯୁକ୍ତ ବାଉନ୍‌ସରମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇଛି।

## ସଂକ୍ଷେପରେ

### ସ୍କାଉଟ୍ସ ଓ ଗାଇଡ୍ସର ବେସିକ୍ ତାଲିମ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର, ୨୦।୧୦(ବ୍ୟୁରୋ): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ସଙ୍ଗଠନ ଆନୁକୂଲ୍ୟରେ ଅଣତାଲିମପ୍ରାପ୍ତ ଶିକ୍ଷକମାନଙ୍କ ପାଇଁ ବେସିକ୍ ତାଲିମ ଶିବିର ରବିବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲାରୁ ୫୭ ସ୍କାଉଟ୍ ମାଷ୍ଟର ଓ ୭୨ ଗାଇଡ୍ କ୍ୟାପ୍‌ଟେନ୍ ଉକ୍ତ ତାଲିମରେ ଯୋଗଦେଇଛନ୍ତି। ସ୍କାଉଟ୍ ବିଭାଗରେ ୭ ତାଲିମ ଦାତା ଓ ଗାଇଡ୍ ବିଭାଗ ପାଇଁ ମଧ ୭ ତାଲିମଦାତ୍ରୀ ନିଯୁକ୍ତ ହୋଇ ଉକ୍ତ ଶିବିର ପରିଚାଳନା କରୁଛନ୍ତି। ରାଜ୍ୟ ମୁଖ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଶିବିରକୁ ରାଜ୍ୟ ମୁଖ୍ୟ କମିଶନର ଡ. କାଳୀ ପ୍ରସାଦ ମିଶ୍ର ଉଦ୍‌ଘାଟନ କରିଥିଲେ। ତାଲିମ ପରେ ପ୍ରତ୍ୟେକ ସ୍କାଉଟ୍ ମାଷ୍ଟର ଓ ଗାଇଡ୍ କ୍ୟାପଟେନ୍ ସକ୍ରିୟ ଭାବେ ନିଜ ନିଜ ଜିଲାରେ ସ୍କାଉଟ୍ ଓ ଗାଇଡ୍ ୟୁନିଟ୍ ଖୋଲି ଛାତ୍ରୀଛାତ୍ରଙ୍କ ସାମୂହିକ ବିକାଶ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ରାଜ୍ୟ କୋଷାଧକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ଦାଶ ମଧ ତାଲିମ ନେବାକୁ ଆସିଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସମାଜ ସେବା ପାଇଁ ପ୍ରେରଣା ଦେବାକୁ ଉତ୍ସାହିତ କରିଥିଲେ।

### ପଟିଆ ଜାଭିୟର ସ୍କୁଲରେ ବିଜ୍ଞାନ ମେଳା

ଭୁବନେଶ୍ୱର, ୨୦।୧୦(ବ୍ୟୁରୋ) : ପଟିଆସ୍ଥିତ ଜାଭିୟର ହାଇସ୍କୁଲରେ ରବିବାର ଆୟୋଜିତ ହୋଇଯାଇଛି ବିଜ୍ଞାନ ମେଳା। ୬୦ଟି ପ୍ରକଳ୍ପକୁ ମେଳାରେ ସ୍ଥାନ ଦିଆଯାଇଥିବାବେଳେ ପିଲାମାନଙ୍କ ମନୋରଞ୍ଜନ ପାଇଁ ସ୍କୁଲ ପକ୍ଷରୁ ଚାରୋଟି ଖାଦ୍ୟ ଷ୍ଟଲ ଓ ତିନୋଟି ଗେମ୍ ଷ୍ଟଲ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଫାର ପ୍ରଧାନ ବୈଜ୍ଞାନିକ ଡ. ଏସ.ସି. ରଥ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଦେଶର ବିକାଶ ପାଇଁ ପ୍ରତି ଛାତ୍ରୀଛାତ୍ର ନିଜ ଭିତରେ ଥିବା ବିଜ୍ଞାନର ଦିଶାକୁ ବିକଶିତ ଦିଗରେ ନେବାକୁ ସେ ପରାମର୍ଶ ଦେଇଥିଲେ।

### ବାରଙ୍ଗର ଗଣପର୍ବ ପାଇଁ ୩ ଅନୁଷ୍ଠାନର ବୈଠକ

ବାରଙ୍ଗ,୨୦।୧୦(ଡି.ଏନ.ଏ.): ଆଗକୁ ଆସୁଛି ବାରଙ୍ଗର ଗଣପର୍ବ କାର୍ତ୍ତିକେଶ୍ୱର ପୂଜା ଉତ୍ସବ। ଏ ନେଇ ରବିବାର ବାରଙ୍ଗ ଆଞ୍ଚଳିକ ଶାନ୍ତିକମିଟି, ୪୮ ମଣ୍ଡଳ ସଙ୍କୀର୍ତ୍ତନ କମିଟି, ବାରଙ୍ଗ ମହୋତ୍ସବ କମିଟିର ପୃଥକ ଭାବେ ବୈଠକ ଅନୁଷ୍ଠିତ ହୋଇଛି। ଶାନ୍ତିକମିଟିର ସଭାପତି ପ୍ରତାପଚନ୍ଦ୍ର ପାଣିଙ୍କ ସଭାପତିତ୍ୱରେ ମା' ସାରଙ୍ଗେଇ ପୀଠରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସମ୍ପାଦକ ସୁରେଶ ମହାନ୍ତି, କାର୍ଯ୍ୟକାରୀ ସଭାପତି ଅଶୋକ ରାଉତଙ୍କ ସମେତ ସମସ୍ତ ପୂଜାମଣ୍ଡପର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ଚଳିତବର୍ଷ ୧୦୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ହେବାକୁ ଥିବା ପୂଜା ଉପରେ ବିଭିନ୍ନ ଆଲୋଚନା ହୋଇଥିଲା। ଚଳିତବର୍ଷ ୧୨ତାରିଖରେ ପୂଜା ଆରମ୍ଭ ହୋଇ ୧୭ରେ ଭସାଣି କରିବା ପ୍ରାଥମିକ ପର୍ଯ୍ୟାୟରେ ନିଷ୍ପତ୍ତି ହୋଇଛି। ବାରଙ୍ଗ ମହୋତ୍ସବ କମିଟିର ବୈଠକ ସଭାପତି ପ୍ରେମାନନ୍ଦ ସାହୁଙ୍କ ସଭାପତିତ୍ୱରେ ତ୍ରିଶୁଳିଆ ବଜାରରେ ଥିବା ରାମଲୀଳା ମଣ୍ଡପରେ ଅନୁଷ୍ଠିତ ହୋଇଛି। ସେହିପରି ବାରଙ୍ଗ ୪୮ ମଣ୍ଡଳ ସଂକୀର୍ତ୍ତନ କମିଟି ପକ୍ଷରୁ କନକଦୁର୍ଗା ମନ୍ଦିରରେ ମହନ୍ତ କିଶୋରପାଣିଙ୍କ ସଭାପତିତ୍ୱରେ ଅଧିକାରୀ ଦିଲୀପ ସାମନ୍ତରାୟ ଯୋଗଦେଇ ସଭା ଆୟୋଜିତ ହୋଇଥିଲା। ଏଥିରେ ଆଖପାଖ ଗ୍ରାମର ସଙ୍କୀର୍ତ୍ତନ ମଣ୍ଡଳୀର ନେତୃବୃନ୍ଦମାନେ ଯୋଗଦେଇ କାର୍ତ୍ତିକ ପୂର୍ଣ୍ଣିମାରେ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ।

### ଈଶ୍ୱରଙ୍କ ସାନ୍ନିଧ୍ୟ ଲାଭ ପାଇଁ ନାମ ଜପ

ପୁରୁଣା ଭୁବନେଶ୍ୱର, ୨୦।୧୦ (ଡି.ଏନ.ଏ.): ଜୀବନରେ ଈଶ୍ୱରଙ୍କ କୃପା ଲାଭ ପାଇଁ ମହାପ୍ରଭୁଙ୍କ ନାମ ଜପ କରିବା ମାଧ୍ୟମ ଅଟେ। ଶୁକ୍ରବାର ରାଜଧାନୀ ଉପକଣ୍ଠ ଲକ୍ଷ୍ମୀନାରାୟଣପୁର ଗ୍ରାମରେ ୧୪ତମ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ପ୍ରବଚନ ଓ ଜ୍ଞାନଯଜ୍ଞ ଆଧାତ୍ମିକ କାର୍ଯ୍ୟକ୍ରମ ଉଦ୍‌ଘାଟନ ଉତ୍ସବରେ ଅତିଥିମାନେ ଉପରୋକ୍ତ ମତ ରଖିଛନ୍ତି। ସନ୍ତୋଷ ମହାରାଜ ବ୍ୟାସ, ପୂର୍ଣ୍ଣଚନ୍ଦ୍ର ପାତ୍ର କର୍ତ୍ତା ଭାବେ କାର୍ଯ୍ୟ ତୁଲାଇ ଥିଲେ। ପୁରୀ ଜଗନ୍ନାଥ ଚେତନାଚକ୍ରର ପଣ୍ଡିତ ରବିନାରାୟଣ ହୋତା ଉଦ୍‌ଘାଟକ ଥିଲେ। ଜୟ ଶ୍ରୀରାମ ଆଧାତ୍ମିକ ଚେତନା ପରିଷଦ ଏବଂ ରବିନାରାୟଣ ସାମନ୍ତରାୟ, ପ୍ରମୋଦ ମହାରଣା, ପ୍ରମୁଖ ଉପସ୍ଥିତ ଥିଲେ।

## ■ ନାବାଳିକା ବଳାତ୍କାର ଘଟଣା

# ୮ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

କଟକ ଅଫିସ, ୨୦।୧୦

ନିଆଳି ଥାନା ଅଞ୍ଚଳରେ ଗତ ଅଗଷ୍ଟ ୮ରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ଦିପୁନା ଭୋଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ଘଟଣାକୁ ନେଇ ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଏକ ମାମଲା ରୁଜୁ କରିଥିଲେ। ଏହି ଘଟଣାର ତଦନ୍ତ କରି ୮ ସପ୍ତାହ ମଧ୍ୟରେ ଚାର୍ଜଶିଟ ଦାଖଲ କରିବାକୁ ଏନ୍‌ଏଚ୍‌ଆର୍‌ସି ଡିଜି, ଏସ୍‌ପି ଏବଂ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଓଡ଼ିଶା ଭିକ୍ଟିମ କମ୍ପେନ୍‌ସେସନ ସ୍କିମ୍-୨୦୧୮ ଅନୁଯାୟୀ ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମାନବାଧିକାର କର୍ମୀ ଦାସ ଦାବି କରିଛନ୍ତି। ଆଇନ ଅନୁଯାୟୀ ବଳାତ୍କାର ପୀଡ଼ିତାଙ୍କ ଚାର୍ଜଶିଟ୍ ୨ ମାସ ଭିତରେ ଦାଖଲ କରିବା ନିୟମ ରହିଛି। କିନ୍ତୁ ପୋଲିସ ଜାଣିଶୁଣି ଏହାକୁ ଚାପି ରଖୁଛି। ନାବାଳିକାଙ୍କୁ ବଳାତ୍କାର ଘଟଣାରେ ୪ଲକ୍ଷରୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ମିଳିବା ନିୟମ ରହିଛି। କିନ୍ତୁ ପୀଡ଼ିତା ଏହି କ୍ଷତିପୂରଣ ପାଇବାରୁ ବଞ୍ଚିତ ରହୁଛି ଏବଂ କୋର୍ଟ କଚେରି ମାମଲା ସମୟରେ ଆର୍ଥିକ ଯନ୍ତ୍ରଣାରେ ପୀଡ଼ିତ ହୋଇ ମାନସିକ ଭାରସାମ୍ୟ ହରାଇବାର ଦୃଷ୍ଟାନ୍ତ ରହିଛି। ଏଣୁ ପୀଡ଼ିତାଙ୍କୁ ନ୍ୟାୟ ଦେବା ସହ କ୍ଷତିପୂରଣ ବାବଦରେ ୭ ଲକ୍ଷ ଟଙ୍କା ଦେବାକୁ ମାନବାଧିକାର କର୍ମୀ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଗତ ଅଗଷ୍ଟ ୭ ତାରିଖ ସନ୍ଧ୍ୟାରେ ନାବାଳିକା ଜଣକ ଏକୁଟିଆ ଘରେ ଥିବାବେଳେ ଦିପୁନା ତାଙ୍କୁ ପ୍ରଲୋଭନ ଦେଖାଇ ଛାତ ଉପରକୁ ଡାକି ନେଇ ବଳାତ୍କାର କରିଥିଲେ। ଏ ନେଇ ନାବାଳିକାଙ୍କ ମା'ଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ. ୧୭୮/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ ମାନବାଧିକାର କର୍ମୀ ଦାସ ଏନ୍‌ଏଚ୍‌ଆରସିଙ୍କ ନିକଟରେ ମାମଲା ଦାଏର କରିଥିଲେ।

# ଗଜଲକ୍ଷ୍ମୀ ପୂଜାରେ ୪ ଜଣଙ୍କୁ ସମ୍ବର୍ଦ୍ଧିତ

ପୁରୁଣା ଭୁବନେଶ୍ୱର,୨୦।୧୦ (ଡି.ଏନ.ଏ.)

ପୋଖରୀପୁଟଠାରେ ମା' ଭୁଆସୁଣି ଯୁଥ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଗଜଲକ୍ଷ୍ମୀ ପୂଜା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଟ୍ରଷ୍ଟ ପକ୍ଷରୁ ୨ଜଣ ଡାକ୍ତର, ଜଣେ ସାମାଜିକ କର୍ମୀ, ଜଣେ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ ଯୋଗ ଦେଇଥିଲେ। ହୃଦୟ ବଲ୍ଲଭ ସାମନ୍ତରାୟ ସଭା ପରିଚାଳନା କରିଥିବା ବେଳେ ଡ. ଶିଶିର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# କୃଷକ ତାଲିମ ଶିବିର ଉଦ୍‌ଯାପିତ

ନରାଜ,୨୦।୧୦(ଡି.ଏନ.ଏ.)

କେନ୍ଦ୍ରୀୟ ସମନ୍ୱିତ ରୋଗ ପୋକ ପରିଚାଳନା ସମିତି ପକ୍ଷରୁ ଡମପଡା ବ୍ଲକର ଚାରିଘରିଆ ଏବଂ ଘାଷିପୁଟ ଗ୍ରାମରେ ୧୪ ସପ୍ତାହ ବ୍ୟାପୀ ଚାଲିଥିବା କୃଷକ କ୍ଷେତ୍ର ବିଦ୍ୟାଳୟର କୃଷକ ତାଲିମ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସିଆଇପିଏମ୍‌ସିର ମୁଖ୍ୟ ଡ. ରାହୁଲ ମିଶ୍ର, ବଂଶୀଧର ମୋଦକ, ବୈଷୟିକ ଅଧିକାରୀ ଡ. ରତ୍ନ ପାଣ୍ଡେ, ଡ. ଇପସିତା ସୱାଇଁ ଯୋଗ ଦେଇଥିଲେ। ଏହି ଶିବିରରେ ସିଆଇପିଏମ୍‌ସି ଅଧିକାରୀମାନେ କୃଷକ ଭଉଣୀ ଭାଇଙ୍କୁ ବିହନ ବିଶୋଧନ, ଚାରା ବିଶୋଧନ, ଟ୍ରାଇକୋର୍ଡ଼ମା ଭିରିଡି ଏବଂ ପିସିଲୋମାଇସୀସର ବ୍ୟବହାର ଏବଂ ନିମ୍ବ ଗଛର ପତ୍ର ଏବଂ ମଞ୍ଜିରୁ କିପରି କୀଟନାଶକ ପ୍ରସ୍ତୁତ କରାଯାଇଥାଏ ତାହା ତାଲିମ ଦେଇଥିଲେ। ଶେଷରେ ସିଆଇପିଏମ୍‌ସି ପକ୍ଷରୁ କୃଷକ ଭଉଣୀ ଭାଇଙ୍କୁ ରବର ଜୋତା, ହସ୍ତ ଆବରଣ ଗ୍ଲୋବ, ଚଷମା ଏବଂ ଶରୀର ଆବରଣ ପାଇଁ ଆପ୍ରୋନ ଆଦି ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡମପଡା ବ୍ଲକର ସହକାରୀ କୃଷି ଅଧିକାରୀ ଗଣେଶ୍ୱର ରଥ, ବ୍ଲକ ବୈଷୟିକ ପରିଚାଳକ ବିଧୁଭୂଷଣ ଜେନା ଏବଂ କୁଶପଙ୍ଗି ପଞ୍ଚାୟତର କୃଷି କର୍ମଚାରୀ ମାଧବାନନ୍ଦ ଓଝା ଉପସ୍ଥିତ ଥିଲେ।

# ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରେ ମାନବ ସମ୍ବଳ ସିମ୍ପୋଜିୟମ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୨୦।୧୦(ବ୍ୟୁରେ)

ଗତାନୁଗତିକ ଧାରାଠାରୁ ଊର୍ଦ୍ଧ୍ୱକୁ ଯାଇ ଅଧୁନାତନ ସମସ୍ୟା ସମାଧାନ କରିବା ଦିଗରେ ମାନବ ସମ୍ବଳର ଦାୟିତ୍ୱବୋଧ ଗୁରୁତ୍ୱପୂର୍ଣ୍ଣ। ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର ୯ମ ଜାତୀୟ ମାନବ ସମ୍ବଳ ସିମ୍ପୋଜିୟମରେ ବିଶିଷ୍ଟ ଅତିଥି ତଥା ଭୁବନେଶ୍ୱର ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ ସନ୍ତୋଷ କୁମାର କାମିଲା ଏହି କଥା କହିଛନ୍ତି। ସମ୍ମାନିତ ଅତିଥି ମେଡିସିସ ଏଡୁଟେକ୍ ଅଧକ୍ଷ ଏମ୍.ଏନ୍ ରାଓ ପ୍ରଶାସନିକ ପରିଚାଳନା ଓ ଦକ୍ଷତା ବିକାଶ ଦିଗରେ ସୂଚନା ଓ ପ୍ରସାରଣ ଜ୍ଞାନର ଉପାଦେୟତା ବିଷୟରେ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟ କୁଳାଧକ୍ଷ ପ୍ରଫେସର ବିଶ୍ୱଜିତ୍ ପଟ୍ଟନାୟକ ମାନବ ସମ୍ବଳ ବିକାଶ ଦିଗରେ ଯାନ୍ତ୍ରିକ ବିଜ୍ଞାନର ଉପଯୋଗିତା ଏକାନ୍ତ ପରିହାର୍ଯ୍ୟ ବୋଲି କହିଥିଲେ। ଏହି ଆଲୋଚନାଚକ୍ରରେ ଏନ୍‌ଟିପିସି ଜିଏମ୍ ଦେବସ୍ମିତା ତ୍ରିପାଠୀ, ୟୁନିଭର୍ସାଲ ସାମ୍ପୋ ଜେନେରାଲ ଇନସ୍ୟୁରାନ୍ସର ମାନବ ସମ୍ବଳ ମୁଖ୍ୟ ତନ୍ମୟ ପଣ୍ଡା, ଏସ୍‌ଆର ଷ୍ଟିଲ ଇଣ୍ଡିଆର ମାନବ ସମ୍ବଳ ମୁଖ୍ୟ ପି.କେ. ମହାନ୍ତି ଯୋଗଦେଇ ମାନବ ସମ୍ବଳ ବିଷୟରେ ଆଲୋଚନା କରିଥିଲେ। କୁଳପତି ପ୍ରଫେସର କଲ୍ୟାଣ ଶଙ୍କର ରାୟ, ପ୍ରୋ-ଭାଇସ ଚାନ୍ସେଲର ପ୍ରଫେସର ଫଲଗୁ ନିରଞ୍ଜନା ଉପସ୍ଥିତ ଥିଲେ। ପ୍ରଫେସର ଭକ୍ତ ବନ୍ଧୁ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# କୁଢ଼ କୁଢ଼ ଆବର୍ଜନାରେ ଭର୍ତ୍ତି କୁଆଖାଇ

## ■ ସଫେଇ କଲେ, ସଚେତନତା ବାର୍ତ୍ତା ବାଣ୍ଟିଲେ



କୁଆଖାଇ ନଦୀକୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଯୁବଛାତ୍ରର ସଦସ୍ୟ ଓ ଛାତ୍ରୀଛାତ୍ରମାନେ ସଫେଇ କରୁଛନ୍ତି।

ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)

ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଯୁବଛାତ୍ର ସାମ୍ମୁଖ୍ୟ ପକ୍ଷରୁ କୁଆଖାଇ ସଫେଇ କରାଯାଇଛି। ରବିବାର ପୂର୍ବାହ୍ନରେ ସାମ୍ମୁଖ୍ୟ ପକ୍ଷରୁ ନଦୀ ପଠାରେ ପଡ଼ିଥିବା ଅଳିଆ ଆବର୍ଜନା ସହ ପୂଜାରେ ବ୍ୟବହୃତ ସାମଗ୍ରୀ, ପ୍ଲାଷ୍ଟିକ୍ ଓ ପଲିଥିନକୁ ସଫା କରାଯାଇଛି। ଏଥିସହ ପ୍ଲାଷ୍ଟିକ ଏବଂ ପଲିଥିନ୍ ମୁକ୍ତ କୁଆଖାଇ ଦିଗରେ ଜନ ସଚେତନତା କରାଯାଇଛି। ରାଜ୍ୟ ସରକାରଙ୍କୁ ଏହା ଉପରେ ଦୃଷ୍ଟି ଆକର୍ଷଣ କରିବା ପାଇଁ ଅନୁରୋଧ କରାଯାଇଛି।

କୁଆଖାଇ ନଦୀର ଜଳକୁ ନଦୀ ପାର୍ଶ୍ୱରେ ଥିବା ଗାଁ ଏବଂ ଏହାର ଆଖପାଖ ଅଞ୍ଚଳ ଲୋକେ ବ୍ୟବହାର କରିଥାନ୍ତି। ନଦୀ ଦେଇ ଯାଇଥିବା ପାଇପ୍ ଲାଇନ୍ ଦ୍ୱାରା ଭୁବନେଶ୍ୱରର ସବୁ ଅଞ୍ଚଳକୁ ପାଣି ଯୋଗାଯାଇଥାଏ। କିନ୍ତୁ ଦୁର୍ଗା ପୂଜା ପରବର୍ତ୍ତୀ ଅବସ୍ଥାରେ ନଦୀପଠାରେ ବହୁତ ଅଳିଆ, ଆବର୍ଜନା ପଡ଼ି ରହିଛି। ଫଳରେ ନଦୀ ଜଳ ଅପରିଷ୍କାର ହେଉଛି। ଯେହେତୁ ଏହାକୁ ଲୋକେ ବ୍ୟବହାର କରୁଛନ୍ତି ଏହାକୁ ସଫେଇ ରଖିବା ପ୍ରଶାସନର ଦାୟିତ୍ୱ। ଏଥିପ୍ରତି କେହି ବି ଦୃଷ୍ଟି ଦେଉନାହାନ୍ତି କି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ସେଥିପାଇଁ ସାମ୍ମୁଖ୍ୟ ପକ୍ଷରୁ ଏହି ସଫେଇ କରାଯାଇଛି। ସଫେଇରେ ପ୍ରୀତେଶ ରଞ୍ଜନ ଦାସ, ଅମିତ୍ କୁମାର ସାହୁ, ନବୀନ ପଣ୍ଡା, ପ୍ରେମ୍ ଥାଟୋଇ, କେଶବ ପ୍ରଧାନ ଏବଂ ବହୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ବିଡିଏ କଲୋନୀ ହେବ ପଲିଥିନ ମୁକ୍ତ

## ଆମ୍ବିସନ କ୍ଲବର ସଚେତନତା ଅଭିଯାନ

ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)

ବିଡିଏ କଲୋନୀକୁ ପଲିଥିନ ମୁକ୍ତ କରିବା ସହ ସ୍ୱଚ୍ଛ ଭାରତ ସଚେତନତା କାର୍ଯ୍ୟକ୍ରମ ରବିବାର ସକାଳେ ଅନୁଷ୍ଠିତ ହୋଇଯାଇଛି। ଆମ୍ବିସନ କ୍ଲବର ସଦସ୍ୟ ଏବଂ ଯୁବ ସାମାଜିକ କର୍ମୀ ଅଶୋକ କୁମାର ବେହେରାଙ୍କ ନେତୃତ୍ୱରେ ବିଡିଏ କଲୋନୀ ଏବଂ ୱାର୍ଡ ନଂ. ୧୩ରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିବେଶକୁ ସ୍ୱଚ୍ଛ ରଖିବାକୁ ହେଲେ ପ୍ରଥମେ ଆମେ ନିଜ ଘରକୁ ପରିଷ୍କାର ରଖିବା ସହ ପଲିଥିନର ବ୍ୟବହାରକୁ ବର୍ଜନ କରିବାକୁ ପଡିବ ବୋଲି କଲୋନୀରେ ଯୁବତୀଯୁବକମାନେ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଘରେ ୨ଟି ଡଷ୍ଟବିନ ବ୍ୟବହାର କରିବା, ଗୋଟିଏରେ ଶୁଖିଲା ଆବର୍ଜନା ଏବଂ ଅନ୍ୟଟିରେ ପୁଣି ବ୍ୟବହାର ଯୋଗ୍ୟ ଆବର୍ଜନାକୁ ଅଲଗା ପକାଇବା ସେ ନେଇ କଲୋନୀରେ ଲୋକମାନଙ୍କୁ ସଚେତନ କରିବା ସହ ଲିଫଲେଟ ବାଣ୍ଟିଥିଲେ। ସାମାଜିକ କର୍ମୀ ଅଶୋକ ଝାଡୁମାରି ସଫେଇ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଆମ୍ବିସନ କ୍ଲବ୍‌ର ସଭାପତି ଆଶିଷ ଦାସ, ସମ୍ପାଦକ ଅରୁଣ ସାହୁ, କୋଷାଧକ୍ଷ ଦେବୀଦତ୍ତ ନାୟକ ଓ ଅନ୍ୟ ସଦସ୍ୟମାନେ ସହଯୋଗର ହାତ ବଢାଇଥିଲେ।

# ଶ୍ରୀଲିଙ୍ଗରାଜ ଦେବ ନୀଳାଚଳ ସତ୍‌ସଙ୍ଗ ପ୍ରତିଷ୍ଠା ଉତ୍ସବ

ପୁରୁଣା ଭୁବନେଶ୍ୱର,୨୦।୧୦(ଡି.ଏନ.ଏ.)

ଶ୍ରୀରାମକୃଷ୍ଣ ସେବାଶ୍ରମ ଟିକାତଳ, ଖୋର୍ଦ୍ଧାର ପ୍ରତିଷ୍ଠାତା ତଥା ପ୍ରସିଦ୍ଧ ଶ୍ରୀଜଗନ୍ନାଥ ଓ ଶୈବ ଧର୍ମର ପ୍ରବକ୍ତା ସ୍ୱାମୀ ଭାଗବତାନନ୍ଦ ପୁରୀଙ୍କ ଆନୁକୂଲ୍ୟରେ ବିଭିନ୍ନ ଜିଲାର ଶତାଧିକ ଭକ୍ତ ପବିତ୍ର କାର୍ତ୍ତିକ ମାସରେ ଶ୍ରୀଲିଙ୍ଗରାଜଙ୍କ ଦାମୋଦର ବେଶ ଦର୍ଶନ କରିଥିଲେ। ଏହି ଅବସରରେ ଶ୍ରୀଲିଙ୍ଗରାଜ ଦେବ ନୀଳାଞ୍ଚଳ ସତ୍‌ସଙ୍ଗ ପ୍ରତିଷ୍ଠା କରାଯାଇଥିଲା। ମା' ପାର୍ବତୀଙ୍କ ମନ୍ଦିରରେ ଭଜନ, ଧ୍ୟାନ ଓ ଯୋଗ ଆଦି କ୍ରିୟା ମହାରାଜା ଭକ୍ତମାନଙ୍କୁ ଶିକ୍ଷା ଦେଇଥିଲେ। କୋଟି ଲିଙ୍ଗେଶ୍ୱର ଶ୍ରୀଲିଙ୍ଗରାଜଙ୍କର ମହିମାକୁ ସେ ଶାସ୍ତ୍ରୀୟ ପ୍ରମାଣ ସହ ବର୍ଣ୍ଣନା କରିଥିଲେ। ଶ୍ରୀଲିଙ୍ଗରାଜ ମନ୍ଦିର ସହ ଶ୍ରୀଜଗନ୍ନାଥ ମନ୍ଦିରର ଯେଉଁ ମଧୁର ସମ୍ପର୍କ ଅଛି ତାକୁ ମଧ ବ୍ୟାଖ୍ୟା କରିଥିଲେ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ ଶ୍ରୀଲିଙ୍ଗରାଜ କ୍ଷେତ୍ରର ମାହାତ୍ମ୍ୟ ବର୍ଣ୍ଣନା କରିଥିଲେ। ରାଧାମୋହନ ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା ଓ ଡ. କାଳୀ କିଙ୍କର ପଟ୍ଟନାୟକ ଶ୍ରୀଲିଙ୍ଗରାଜ କ୍ଷେତ୍ରର ଗୁଣଗାନ କରିଥିଲେ। ମନ୍ଦିରରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ମହିମା ଓ ଶିବ ପଞ୍ଚାକ୍ଷରୀ ମନ୍ତ୍ର ପ୍ରତି ମାସ ତୃତୀୟ ରବିବାର ପୂର୍ବାହ୍ନ ୧୦ଟାରେ ନିୟମିତ କରାଯିବ ବୋଲି ସ୍ଥିର କରାଯାଇଛି। ଶ୍ରୀଲିଙ୍ଗରାଜଙ୍କ ଉପରେ ଗବେଷଣା କରୁଥିବା ପଣ୍ଡିତମାନଙ୍କୁ ଆମନ୍ତ୍ରଣ କରାଯାଇ ତାଙ୍କଠାରୁ ନିୟମିତ ଶାସ୍ତ୍ର ଶ୍ରବଣ କରାଯିବ।

# ଅଟୋ ପାର୍କିଂ, ଯାତ୍ରୀ ପରିବହନରେ କଟକଣା

ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)

■ ୩ ପ୍ରମୁଖ ଛକରେ ପାର୍କିଂ ପାଇଁ ସ୍ଥାନ ଚିହ୍ନଟ

■ ୩ରୁ ଅଧିକ ଯାତ୍ରୀ ନେଲେ କାର୍ଯ୍ୟାନୁଷ୍ଠାନ

ନୂଆ ମୋଟର ଯାନ ଆଇନ ଲାଗୁ ହେବା ପରେ ପୋଲିସ ଓ ଆରଟିଓ ପକ୍ଷରୁ ଯାଞ୍ଚ କଡ଼ାକଡ଼ି କରାଯାଇ ବଡ଼ଧରଣର ଜରିମାନା ଆଦାୟ କରାଯାଇଥିଲା। ଫଳରେ ରାଜଧାନୀରେ ବିନା କାଗଜପତ୍ରରେ ଗଡୁଥିବା ଅଧା ଅଟୋ ଗାଏବ ହୋଇଯାଇଥିଲା। କିନ୍ତୁ କାଗଜପତ୍ର ପ୍ରସ୍ତୁତି ପାଇଁ ୩ମାସ ମହଲତ ମିଳିବା ପରେ ଯେଉଁ କଥାକୁ ସେହି କଥା। ଅଟୋ ଚାଳକମାନେ ମନଇଚ୍ଛା ଯେଉଁଠି ପାଇଲେ ପାର୍କିଂ କଲେ ଓ ରାସ୍ତା ମଝିରେ ଅଟକାଇ ଯାତ୍ରୀ ନେଲେ। ଏନେଇ ସାଧାରଣ ଲୋକଙ୍କ ଅସନ୍ତୋଷ ବଢିବା ପରେ ଅଟୋ ପାର୍କିଂ ଓ ଯାତ୍ରୀ ପରିବହନ କ୍ଷେତ୍ରରେ କଟକଣା ଲାଗୁ କରାଯାଇଛି।

ରାଜଧାନୀର ୩ଟି ସ୍ଥାନରେ ଅଟୋ ପାର୍କିଂ ଚିହ୍ନଟ କରାଯାଇଛି। ସେଗୁଡିକ ହେଲା କଳ୍ପନା ଛକ, ରାଜମହଲ ଛକ ଓ ବାଣୀବିହାର ଛକ। ଏହି ୩ ସ୍ଥାନରେ କେଉଁଠି ଗାଡି ପାର୍କିଂ କରାଯିବ ତାହା ଟ୍ରାଫିକ ଡିସିପି ସାଗରିକା ନାଥ ଓ ଟ୍ରାଫିକ ଏସିପି କେ.କେ ପାଣିଗ୍ରାହୀ ପରିଦର୍ଶନ କରି ଚିହ୍ନଟ କରିଛନ୍ତି। ଏନେଇ କମିଶନରେଟ ପୋଲିସ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

କଳ୍ପନା ଛକର ରାଜ୍ୟ ସଂଗ୍ରହାଳୟ ସମ୍ମୁଖରେ କୌଣସି ଗାଡି ପାର୍କିଂ କରାଯିବ ନାହିଁ। କିନ୍ତୁ ବିଏମ୍‌ସି ଅଫିସ୍‌ର ବିପରୀତ ଦିଗ ଅର୍ଥାତ୍ ମାଉସୀମା ମନ୍ଦିର ପଟରେ ଅଟୋ ଧାଡି କରି ପାର୍କିଂ କରିବାକୁ କୁହାଯାଇଛି। କୌଣସି ଅଟୋ ରାସ୍ତା ଉପରେ ଏବଂ ଅଗ୍ନିଶମ ଅଫିସ ଓ ରାଜ୍ୟ ସଂଗ୍ରହାଳୟର ୫୦ ମିଟର ପର୍ଯ୍ୟନ୍ତ ପାର୍କିଂ କରିବେ ନାହିଁ। କେବଳ ଅଟୋ ନୁହେଁ, ଅଗ୍ନିଶମ ଅଫିସଠାରୁ ରାଜ୍ୟ ସଂଗ୍ରହାଳୟ ପର୍ଯ୍ୟନ୍ତ କୌଣସି ବସ୍, ଟ୍ୟାକ୍ସି, ୪ଚକିଆ ଏବଂ ୨ଚକିଆ ଯାନକୁ ପାର୍କିଂ କରିବାକୁ ମନା କରାଯାଇଛି। ବସ୍‌ଗୁଡିକ 'ବସ୍ ୱେ' ନିକଟରେ ରହିବେ।

ବାଣୀବିହାର ଛକରେ ୩ ସ୍ଥାନରେ ଅଟୋ ପାର୍କିଂ କରିବାକୁ ଅନୁମତି ମିଳିଛି। ସେଗୁଡ଼ିକ ହେଲା ଉତ୍କଳ ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖ ବାମପଟ, ମେଟ୍ରୋ ବିଲ୍ଡିଂ ସମ୍ମୁଖ ଓ ଆଚାର୍ଯ୍ୟବିହାର ଯିବା ରାସ୍ତାର ବାମପଟ। ସେହିଭଳି ରାଜମହଲ ଛକରେ ମଧ ୩ଟି ସ୍ଥାନ ପାର୍କିଂ ପାଇଁ ଚିହ୍ନଟ କରାଯାଇଛି। ସେଗୁଡ଼ିକ ହେଲା ଶିଶୁଭବନ ଯିବା ରାସ୍ତାର ବାମପଟ, ଏଜି ଛକ ଯିବା ରାସ୍ତାର ବାମପଟ ଏବଂ କଳ୍ପନା ଯିବା ରାସ୍ତାର ବାମପଟ।

ରବିବାର ଅପରାହ୍ନରେ ଅନୁଷ୍ଠିତ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଟ୍ରାଫିକ ଡିସିପି ସାଗରିକା ନାଥ, ଟ୍ରାଫିକ ଏସିପି କେ.କେ. ପାଣିଗ୍ରାହୀ ଏବଂ ଅଟୋ ମହାସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅଟୋ ଚାଳକମାନେ ଯଦି ମଦ ପିଇ ଗାଡି ଚଳାଇବେ, ୩ଜଣରୁ ଊର୍ଦ୍ଧ୍ୱ ଯାତ୍ରୀ ପରିବହନ କରିବେ ଏବଂ ପାର୍କିଂ ନିୟମ ନ ମାନିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି।



# କେତେ ଉପକାରୀ ଜୁସ୍

ଟଟକା ଫଳମୂଳରେ ପ୍ରସ୍ତୁତ ଜୁସ୍ ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ତାହା କହିବା ବାହୁଲ୍ୟ। ଜୁସ୍‌ରେ ଭିଟାମିନ୍-ଏ, ସି, ଇ ଏବଂ ଫୋଲିକ ଏସିଡ ଭରି ରହିଛି। ଶରୀରରୁ ଖରାପ କୋଲେଷ୍ଟରଲକୁ ବାହାର କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ହାର୍ଟକୁ ସୁସ୍ଥ ରଖିବାରେ ଜୁସ୍ ସାହାଯ୍ୟ କରିଥାଏ। ଯଦି ଜଣେ ବ୍ୟକ୍ତି ପ୍ରତିଦିନ ଜୁସ୍ ପିଅନ୍ତି ତେବେ ତାହା କ୍ୟାନସର ଆଶଙ୍କା ଦୂର କରିଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ଏହା ଶରୀରକୁ ଶକ୍ତି ଯୋଗାଇବା ସହ ହିମୋଗ୍ଲୋବିନ୍ ପରିମାଣକୁ ସନ୍ତୁଳିତ ରଖିଥାଏ। ମସ୍ତିଷ୍କକୁ ସୁସ୍ଥ ରଖିବା ସହ ଏହାକୁ ଅଧିକ କ୍ରିୟାଶୀଳ କରିଥାଏ ଜୁସ୍। ଦୀର୍ଘଦିନର କୋଷ୍ଠକାଠିନ୍ୟ ସମସ୍ୟାରୁ କେତେକାଂଶରେ ଏହା ଉପଶମ ଦେଇଥାଏ। ଜୁସ୍‌ରେ ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ଭରି ରହିଛି। ଗର୍ଭବତୀଙ୍କ ପାଇଁ ଜୁସ୍ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହା ମଧ୍ୟ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।



# ସକାରାତ୍ମକ ମାନସିକତା ଓ ସୁସ୍ଥ ହାର୍ଟ



ହୃଦ୍‌ଜନିତ ରୋଗ ଆଜିକାଲି ଏକ ସାଧାରଣ କଥା ପାଲଟି ଗଲାଣି ବୋଲି କୁହାଯାଇପାରେ। ଅସନ୍ତୁଳିତ ଜୀବନଶୈଳୀ ବ୍ୟତୀତ ବ୍ଲଡପ୍ରେସର, ଡାଇବେଟିସ୍ ଆଦି ସ୍ୱାସ୍ଥ୍ୟ ସମସ୍ୟାର ପ୍ରଭାବ ହାର୍ଟ ଉପରେ ପଡ଼ିଥାଏ। ହାର୍ଟକୁ ସୁସ୍ଥ ରଖିବାର ଏକ ସରଳ ତଥା ସହଜ ଉପାୟ ନିକଟରେ ଆମେରିକୀୟ ହୃଦ୍‌ରୋଗ ବିଶେଷଜ୍ଞମାନେ ଖୋଜି ପାଇଛନ୍ତି। ଏକ ସଦ୍ୟତମ ସର୍ଭେରୁ ସେମାନେ ଜାଣିପାରିପଛନ୍ତି ଯେ, ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ସକାରାତ୍ମକ ରଖନ୍ତି ତେବେ ତାହାର ସୁପ୍ରଭାବ ହାର୍ଟ ଉପରେ ପଡ଼ିଥାଏ। ସକାରାତ୍ମକ ମାନସିକତାର ହାର୍ଟ ଉପରେ ପ୍ରଭାବ ଶୀର୍ଷକ ବିଷୟକୁ ନେଇ ସେମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କ ମାନସିକତା ସକାରାତ୍ମକ ରହୁଥିଲା ସେମାନଙ୍କର ହାର୍ଟ ପୂର୍ବାପେକ୍ଷା ଅଧିକ ସକ୍ରିୟ ରହୁଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବୟସ ବଢ଼ିବା ସହ ଜଣେ ବ୍ୟକ୍ତି ନିଜ ହାର୍ଟକୁ ନେଇ ଅଧିକ ସଚେତନ ରହିବା ଆବଶ୍ୟକ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

# ଏଚ୍‌ଆଇଭି ଭୂତାଣୁକୁ ନିୟନ୍ତ୍ରଣ କରିବ ଗ୍ଲାଇକୋପଲିମର

ବର୍ତ୍ତମାନ ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଥିବା ରୋଗଗୁଡିକ ମଧ୍ୟରୁ ଏଡ୍‌ସ ଅନ୍ୟତମ। ଏଚ୍‌ଆଇଭି ଭାଇରସ ଯୋଗୁ ଏହି ରୋଗ ହୋଇଥାଏ। ତେବେ ଏଭଳି ଭାଇରସକୁ ନିୟନ୍ତ୍ରଣରେ ରଖିବାକୁ ଏକ ନୂଆ ଇଞ୍ଜେକଶନ ପ୍ରସ୍ତୁତ କରାଯାଇଛି। ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏଥିରେ ସଫଳ ହୋଇଛନ୍ତି। ସୁଗାର ମଲିକ୍ୟୁଲକୁ ଏକାଠି କରି ସେମାନେ 'ଗ୍ଲାଇକୋପଲିମର' ନାମକ ତତ୍ତ୍ୱ ପ୍ରସ୍ତୁତ କରିଛନ୍ତି। ଏହାକୁ ନେଇ ନୂଆ ଇଞ୍ଜେକଶନ ତିଆରି କରାଯାଇଛି। ଜଣେ ଏଡ୍‌ସ ଆକ୍ରାନ୍ତ ବ୍ୟକ୍ତି ଏହି ଇଞ୍ଜେକଶନ ନେଲେ ତାଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ। କେବଳ ସେତିକି ନୁହେଁ, ସୁସ୍ଥ କୋଷ (ସେଲ୍)ଗୁଡ଼ିକୁ ଏହା ଏଚଆଇଭି ଭୂତାଣୁ ଦ୍ୱାରା ସଂକ୍ରମିତ ହେବାକୁ ଦେଇ ନଥାଏ।

# ପିଠି ଯନ୍ତ୍ରଣା ପାଇଁ ନୂଆ ଇଞ୍ଜେକ୍ଶନ

ପିଠି ଯନ୍ତ୍ରଣାରୁ ଉପଶମ ପାଇବା ପାଇଁ ଆମେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇଥାଉ। ଏପରିକି କେତେକ ଘରୋଇ ଉପଚାର ମାଧ୍ୟମରେ ଏହି ଯନ୍ତ୍ରଣାକୁ କେତେକାଂଶରେ ଲାଘବ ମିଳିଥାଏ। ଏପରି ସମସ୍ୟାରୁ ତୁରନ୍ତ ଉପଶମ ପାଇବା ପାଇଁ ନିକଟରେ ଏକ ଇଞ୍ଜେକଶନ ପ୍ରସ୍ତୁତ କରାଯାଇଛି। ଓହିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଦୁଇ ବର୍ଷ ଧରି ଚେଷ୍ଟା ଜାରି ରଖି ଏପରି ଏକ ଇଞ୍ଜେକଶନ ପ୍ରସ୍ତୁତ କରିଛନ୍ତି। ଖାସ୍ କଥା ହେଲା, ଏହି ନୂଆ ଇଞ୍ଜେକଶନର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। କେବଳ ସେତିକି ନୁହେଁ, ଡାଇବେଟିସ ରୋଗୀ ଏହାକୁ ମଧ୍ୟ ନେଇପାରିବେ ଏବଂ ଏହାଦ୍ୱାରା ରକ୍ତରେ ସୁଗାର ପରିମାଣ ଆଦୌ ପ୍ରଭାବିତ ହେବ ନାହିଁ ବୋଲି ଉକ୍ତ ୟୁନିଭର୍ସିଟିର ପ୍ରଫେସର ଡା. ଷ୍ଟେଭିନ୍ କୋହେନ୍ ପ୍ରକାଶ କରିଛନ୍ତି। ତେବେ ପରୀକ୍ଷାମୂଳକ ଭାବରେ ଏହି ଇଞ୍ଜେକଶନରୁ ସଫଳତା ମିଳିଛି ବୋଲି ସେ କହିଛନ୍ତି।

## ନୋବେଲ ପୁରସ୍କାର ପଦାର୍ଥ ବିଜ୍ଞାନ-୨୦୧୯

# ବିଶ୍ୱର ଗଠନ ଓ ଇତିହାସ



ଇ. ମାୟାଧର ସ୍ୱାଇଁ

''ଏହି ଅଜଣା ବସ୍ତୁର ନାମ 'କୃଷ୍ଣବସ୍ତୁ' ଓ 'କୃଷ୍ଣଶକ୍ତି' ଦିଆଯାଇଛି। ପରବର୍ତ୍ତୀ ଅଧ୍ୟୟନରୁ ଜଣାପଡ଼ିଛି ଯେ ବିଶ୍ୱରେ ୨୬ ପ୍ରତିଶତ ହେଉଛି କୃଷ୍ଣବସ୍ତୁ ଓ ୬୯ ପ୍ରତିଶତ କୃଷ୍ଣ ଶକ୍ତି। କୃଷ୍ଣବସ୍ତୁ ପଦାର୍ଥକୁ ଆକର୍ଷଣ କରୁଥିବାବେଳେ କୃଷ୍ଣଶକ୍ତି ବିକର୍ଷଣ କରିଥାଏ। ଏହି ଦୁଇ ରହସ୍ୟମୟ ବସ୍ତୁ ବର୍ତ୍ତମାନ ପଦାର୍ଥ ବିଜ୍ଞାନୀମାନଙ୍କ ପାଇଁ ଏକ ଆହ୍ୱାନ ସଦୃଶ ହୋଇଛି। ଜେମ୍‌ସ ପିବଲ୍‌ସଙ୍କ ଏହି ଯୁଗାନ୍ତକାରୀ ଆବିଷ୍କାର ପାଇଁ ତାଙ୍କୁ ଏହି ବର୍ଷର ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯିବା ପାଇଁ ଘୋଷଣା କରାଯାଇଛି। ଏହି ବର୍ଷ ଅନ୍ୟ ଦୁଇଜଣଙ୍କୁ ଜ୍ୟୋତିର୍ବିଜ୍ଞାନରେ ଉତ୍କର୍ଷ କାର୍ଯ୍ୟ ପାଇଁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ ପାଇଁ ଘୋଷଣା କରାଯାଇଛି। ସେମାନେ ହେଉଛନ୍ତି ସୁଇଜରଲାଣ୍ଡର ଦୁଇ ଜ୍ୟୋତିର୍ବିଦ୍ ମାଇକେଲ୍ ମେୟର ଓ ଡିଡିଏର୍ କୁଇଲୋଜ୍।''

ବିଶ୍ୱ ହେଉଛି ଅନନ୍ତ ଓ ଅସୀମ। କୋଟି କୋଟି ଗାଲାକ୍‌ସିକୁ ନେଇ ଏହା ଗଠିତ ଏବଂ ପ୍ରତ୍ୟେକ ଗାଲାକ୍‌ସିରେ ଅଗଣିତ ନକ୍ଷତ୍ର ରହିଛି। ଆମେମାନେ ଏହାର କିୟଦଂଶ ମାତ୍ର ଦେଖିପାରୁଛେ। ଆଦିମ କାଳରୁ ପୃଥିବୀ ବାହାରର ବିଶ୍ୱ ସମ୍ବନ୍ଧରେ ଜାଣିବା ପାଇଁ ମନୁଷ୍ୟ ମନରେ ଉତ୍ସୁକତା ଦେଖାଦେଇଛି। କିନ୍ତୁ ଗତ ଶତାବ୍ଦୀରୁ ବୈଜ୍ଞାନିକମାନେ ବିଶ୍ୱର ଗଠନ ଓ ଇତିହାସ ସମ୍ବନ୍ଧରେ ଧାରଣା କରିପାରିଲେ। ପୂର୍ବରୁ ବିଶ୍ୱାସ କରାଯାଉଥିଲା ଯେ, ବିଶ୍ୱ ହେଉଛି ସ୍ଥିର ଏବଂ ଏହାର ପରିବର୍ତ୍ତନ ନାହିଁ। ଏହାକୁ ସ୍ଥିତାବସ୍ଥା ତତ୍ତ୍ୱ କୁହାଯାଏ। କିନ୍ତୁ ୧୯୨୦ ଦଶକରେ ଆମେରିକୀୟ ଜ୍ୟୋତିର୍ବିଜ୍ଞାନୀ ଏଡୱଇନ୍ ହବଲ୍‌ଙ୍କ ପର୍ଯ୍ୟବେକ୍ଷଣରୁ ଜଣାପଡ଼ିଲା ଯେ ବିଶ୍ୱ ପ୍ରସାରିତ ହେଉଛି। ହବଲ୍‌ଙ୍କ ଆବିଷ୍କାର ଥିଲା ଯେ ଗାଲାକ୍‌ସିଗୁଡ଼ିକ ଆମଠାରୁ କ୍ରମଶଃ ଦୂରକୁ ଚାଲିଯାଉଛନ୍ତି ଏବଂ ଯେଉଁ ଗାଲାକ୍‌ସି ଆମଠାରୁ ଯେତେ ଦୂରରେ ଅଛି, ତାହା ସେତେ ଅଧିକ ବେଗରେ ଦୂରେଇ ଯାଉଛି। ଏହା ପୂର୍ବରୁ ଏହା ମଧ୍ୟ ୧୯୧୬ ମସିହାରେ ପ୍ରକାଶିତ ଆଇନଷ୍ଟାଇନଙ୍କ ସାଧାରଣ ଆପେକ୍ଷିକ ତତ୍ତ୍ୱରୁ ଜଣାପଡ଼ିଥିଲା। ଆଶ୍ଚର୍ଯ୍ୟଜନକ ଯେ ଆଇନଷ୍ଟାଇନ ନିଜେ ସ୍ଥିତାବସ୍ଥା ତତ୍ତ୍ୱର ସମର୍ଥକ ଥିଲେ ଏବଂ ତାଙ୍କ ତତ୍ତ୍ୱରୁ ବିଶ୍ୱ ପ୍ରସାରଣର ସୂଚନା ଜଣାପଡ଼ିବା ପରେ ସେ ତାଙ୍କ ସମୀକରଣରେ ଏକ ଧ୍ରୁବାଙ୍କ ଯୋଗକରି ବିଶ୍ୱକୁ ସ୍ଥିତାବସ୍ଥାକୁ ଆଣିଥିଲେ। ମାତ୍ର ହବଲ୍‌ଙ୍କ ପର୍ଯ୍ୟବେକ୍ଷଣରୁ ବିଶ୍ୱ ପ୍ରସାରଣ ଆବିଷ୍କାର ହେବା ପରେ ସେ ଏହି ଧ୍ରୁବାଙ୍କକୁ ବାହାର କରି ଦେଇଥିଲେ ଏବଂ ଏହାକୁ ତାଙ୍କର ଏକ 'ବଡ଼ ଭୁଲ୍' ଭାବେ କହିଥିଲେ।

ବିଶ୍ୱ ପ୍ରସାରଣରୁ ଅନୁମାନ କରାଗଲା ଯେ ବିଶ୍ୱ ଅନେକ ବର୍ଷ ତଳେ ଗୋଟିଏ ଛୋଟ ବିନ୍ଦୁରେ ଥିଲା ଏବଂ ପ୍ରଚଣ୍ଡ ବିସ୍ଫୋରଣ ପରେ ଏହା ପ୍ରସାରିତ ହୋଇଛି। ଏହାକୁ ବିଶ୍ୱ ସୃଷ୍ଟିର 'ବିଗ୍ ବ୍ୟାଙ୍ଗ୍' ବା 'ବୃହତ୍ ବିସ୍ଫୋରଣ' ତତ୍ତ୍ୱ କୁହାଯାଏ। ବୈଜ୍ଞାନିକମାନେ ଗଣନା କରି ଜାଣିପାରିଲେ ଯେ ଏହା ଆଜିଠାରୁ ୧୪ ବିଲିୟନ୍ ବର୍ଷ ପୂର୍ବେ ଘଟିଥିଲା ଏବଂ ସେତେବେଳେ ଏହା ଅତି ଉତ୍ତପ୍ତ ଓ ସଘନ ଥିଲା। ଏହାପରେ ବିଶ୍ୱ ପ୍ରସାରିତ ହୋଇ କ୍ରମଶଃ ଥଣ୍ଡା ହେଲା। ବିଗ୍ ବ୍ୟାଙ୍ଗ୍‌ର ୪୦୦,୦୦୦ ବର୍ଷ ପରେ ବିଶ୍ୱ ସ୍ୱଚ୍ଛ ହେଲା ଏବଂ ଏହା ମଧ୍ୟ ଦେଇ ଆଲୋକ ଗତି କରିପାରିଲା। ଏପରିକି ଆଜି ମଧ୍ୟ ଏହି ପ୍ରାଚୀନ ସୂକ୍ଷ୍ମତରଙ୍ଗ (ମାଇକ୍ରୋୱେଭ୍) ବିକିରଣ ବିଶ୍ୱର ଅନେକ ଅଜଣା ତଥ୍ୟକୁ ଧରି ମହାକାଶରେ ଅଛି। ଏହା ''ସୂକ୍ଷ୍ମତରଙ୍ଗ ପୃଷ୍ଠଭୂମି ବିକିରଣ'' ନାମରେ ଜଣା ଏବଂ ଏହାର ତାପମାତ୍ରା ପରମ ଶୂନରେ ଅଛି।

କାନାଡ଼ାର ବୈଜ୍ଞାନିକ ଜେମ୍‌ସ ପିବଲ୍‌ସ ୧୯୬୦ ଦଶକରୁ ବିଶ୍ୱର ଆଦ୍ୟକାଳର ଅଳ୍ପ କିଛି ବିକିରଣ ଉପରେ ଗବେଷଣା କରି ବିଶ୍ୱ ଗଠନର ଭୌତିକ ପ୍ରକ୍ରିୟା ଓ ଇତିହାସ ଆବିଷ୍କାର କରିଛନ୍ତି। ସେ ଏକ ତାତ୍ତ୍ୱିକ ମଡ଼େଲ୍ ପ୍ରସ୍ତୁତ କରି ତାହା ସାହାଯ୍ୟରେ ସେ ବିଶ୍ୱର ଆକାର ଏବଂ ଏଥିରେ ଥିବା ବସ୍ତୁ ଓ ଶକ୍ତିର ଆକଳନ କରିଥିଲେ। ପରେ 'ନାସା'ର କୋବେ ପ୍ରକଳ୍ପରେ ପୃଷ୍ଠଭୂମି ବିକିରଣ ମାପ ସହିତ ତାଙ୍କ ଗଣନା ପ୍ରାୟ ସମାନ ଥିଲା। ପୃଷ୍ଠଭୂମି ବିକିରଣର ପରିବର୍ତ୍ତନକୁ ଅଧ୍ୟୟନ କରି ସେ ପ୍ରକାଶ କରିଥିବା ଫଳାଫଳରୁ ଜଣାପଡ଼ିଛି ଯେ ବିଶ୍ୱର ଜଣା ଗ୍ରହ, ନକ୍ଷତ୍ର, ଗାଲାକ୍‌ସି ଆଦି ଏହାର ମାତ୍ର ୫ ପ୍ରତିଶତ ବସ୍ତୁରୁ ନିର୍ମିତ ଏବଂ ଅବଶିଷ୍ଟ ୯୫ ପ୍ରତିଶତ ସମ୍ବନ୍ଧରେ ଆମକୁ କିଛି ଜଣାନାହିଁ। ଏହି ଅଜଣା ବସ୍ତୁର ନାମ 'କୃଷ୍ଣବସ୍ତୁ' ଓ 'କୃଷ୍ଣଶକ୍ତି' ଦିଆଯାଇଛି। ପରବର୍ତ୍ତୀ ଅଧ୍ୟୟନରୁ ଜଣାପଡ଼ିଛି ଯେ ବିଶ୍ୱରେ ୨୬ ପ୍ରତିଶତ ହେଉଛି କୃଷ୍ଣବସ୍ତୁ ଓ ୬୯ ପ୍ରତିଶତ କୃଷ୍ଣ ଶକ୍ତି। କୃଷ୍ଣବସ୍ତୁ ପଦାର୍ଥକୁ ଆକର୍ଷଣ କରୁଥିବାବେଳେ କୃଷ୍ଣଶକ୍ତି ବିକର୍ଷଣ କରିଥାଏ। ଏହି ଦୁଇ ରହସ୍ୟମୟ ବସ୍ତୁ ବର୍ତ୍ତମାନ ପଦାର୍ଥ ବିଜ୍ଞାନୀମାନଙ୍କ ପାଇଁ ଏକ ଆହ୍ୱାନ ସଦୃଶ ହୋଇଛି। ଜେମ୍‌ସ ପିବଲ୍‌ସଙ୍କ ଏହି ଯୁଗାନ୍ତକାରୀ ଆବିଷ୍କାର ପାଇଁ ତାଙ୍କୁ ଏହି ବର୍ଷର ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯିବା ପାଇଁ ଘୋଷଣା କରାଯାଇଛି। ଏହି ବର୍ଷ ଅନ୍ୟ ଦୁଇଜଣଙ୍କୁ ଜ୍ୟୋତିର୍ବିଜ୍ଞାନରେ ଉତ୍କର୍ଷ କାର୍ଯ୍ୟ ପାଇଁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ ପାଇଁ ଘୋଷଣା କରାଯାଇଛି। ସେମାନେ ହେଉଛନ୍ତି ସୁଇଜରଲାଣ୍ଡର ଦୁଇ ଜ୍ୟୋତିର୍ବିଦ୍ ମାଇକେଲ୍ ମେୟର ଓ ଡିଡିଏର୍ କୁଇଲୋଜ୍। ଉଭୟେ ୧୯୯୫ ଅକ୍ଟୋବରରେ ଆମ ସୌରଜଗତ ବାହାରେ ପ୍ରଥମ ଗ୍ରହକୁ ଆବିଷ୍କାର କରିଥିବାରୁ ସେମାନଙ୍କୁ ଏହି ସମ୍ମାନ ଦିଆଯାଇଛି। ଆମେ ଜାଣୁ ଯେ ସୌରଜଗତରେ ସୂର୍ଯ୍ୟ ଚାରିପଟେ ଆଠଟି ଗ୍ରହ ପରିକ୍ରମଣ କରୁଛନ୍ତି। ସୂର୍ଯ୍ୟ ହେଉଛି ଆକାଶଗଙ୍ଗା ଗାଲାକ୍‌ସିର କୋଟି କୋଟି ନକ୍ଷତ୍ର ମଧ୍ୟରୁ ଗୋଟିଏ ସାଧାରଣ ନକ୍ଷତ୍ର। ଏଣୁ ଜ୍ୟୋତିର୍ବିଦ୍‌ମାନଙ୍କ ମନରେ ପ୍ରଶ୍ନ ଥିଲା ଯେ, ଯଦି ସୂର୍ଯ୍ୟ ଗୋଟିଏ ଗ୍ରାହିକ ପଦ୍ଧତି ସୃଷ୍ଟି କରିପାରିଲା, ତାହାହେଲେ ବିଶ୍ୱରେ ଥିବା ଅଗଣିତ ନକ୍ଷତ୍ର ମଧ୍ୟରୁ କ'ଣ କୌଣସିଟିରେ ଗ୍ରହ ନାହିଁ? ସେମାନେ ଯଦିଓ ଗ୍ରହ ଥିବାର ନିଶ୍ଚିତ ଥିଲେ, ବୈଷୟିକ ଓ ପ୍ରଯୁକ୍ତିବିଦ୍ୟା ବିକାଶର ଅଭାବରୁ ଏହାକୁ ଆବିଷ୍କାର କରିପାରି ନ ଥିଲେ।

ମେୟର ଓ କୁଇଲୋଜ୍ ଫ୍ରାନ୍‌ସର ହାଉତେ-ପ୍ରୋଭେନ୍‌ସ ପର୍ଯ୍ୟବେକ୍ଷଣାଗାରରେ ଗୋଟିଏ ବର୍ଣ୍ଣାଳିବୀକ୍ଷକ ଯନ୍ତ୍ର (ସ୍ପେକ୍ଟ୍ରୋସ୍କୋପ୍) ନିର୍ମାଣ କରି ତାହା ସାହାଯ୍ୟରେ ଆକାଶଗଙ୍ଗା ଗାଲାକ୍‌ସିରେ ଆମ ସୂର୍ଯ୍ୟ ଭଳି ଏକ ନକ୍ଷତ୍ର ଚାରିପଟେ ପରିକ୍ରମଣ କରୁଥିବା ଗୋଟିଏ ସୌରେତର ଗ୍ରହକୁ ଆବିଷ୍କାର କଲେ। ଏହାର ନାମ ହେଉଛି ''୫୧ ପିଗାସି ବି''। ଏହା ଆମଠାରୁ ୫୦ ଆଲୋକବର୍ଷ ଦୂରରେ ପିଗାସସ୍ ନକ୍ଷତ୍ରମଣ୍ଡଳରେ ଅବସ୍ଥିତ। ଏହା ହେଉଛି ବୃହସ୍ପତି ଭଳି ଗୋଟିଏ ଗ୍ୟାସୀୟ ପିଣ୍ଡ। ଏହା ନିଜ ନକ୍ଷତ୍ର ଚାରିପଟେ ପ୍ରତି ଚାରି ଦିନରେ ଥରେ ଘୂରିଆସେ। ଏଣୁ ଏହାର କକ୍ଷ ହେଉଛି ନକ୍ଷତ୍ରର ଅତି ନିକଟତର (କେବଳ ଆଠ ନିୟୁତ କିଲୋମିଟର) ଏବଂ ଏହାର ତାପମାତ୍ରା ୧୦୦୦ ଡିଗ୍ରୀ ସେଣ୍ଟିଗ୍ରେଡ୍‌ରୁ ଅଧିକ। ଏହି ଆବିଷ୍କାର ଜ୍ୟୋତିର୍ବିଜ୍ଞାନରେ ଏକ ବିପ୍ଲବର ସୂତ୍ରପାତ କଲା। ଏହାପରେ ଜ୍ୟୋତିର୍ବିଦ୍‌ମାନେ ଭୂପୃଷ୍ଠରେ ଥିବା ଦୂରବୀକ୍ଷଣ ଯନ୍ତ୍ର ଏବଂ ମହାକାଶରେ ଅବସ୍ଥାପିତ ହୋଇଥିବା ଘୂର୍ଣ୍ଣାୟମାନ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ୪୦୦୦ରୁ ଅଧିକ ସୌରେତର ଗ୍ରହ ଆବିଷ୍କାର କରିଛନ୍ତି। ବିଶେଷଭାବେ କେପଲର ମହାକାଶ ଦୂରବୀକ୍ଷଣ ଯନ୍ତ୍ର ୨୩୦୦ରୁ ଅଧିକ ସୌରେତର ଗ୍ରହ ଆବିଷ୍କାର କରିଛି ଏବଂ ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକାର ଟେସ୍ ମହାକାଶ ଦୂରବୀକ୍ଷଣ ଯନ୍ତ୍ର ଆମ ନିକଟରେ ଥିବା ଦୁଇ ଲକ୍ଷରୁ ଅଧିକ ନକ୍ଷତ୍ରକୁ ପର୍ଯ୍ୟବେକ୍ଷଣ କରି ଗ୍ରହର ସନ୍ଧାନ ନେଉଛି। ଏହି ଗ୍ରହଗୁଡ଼ିକର ଆକାର, ଓଜନ, କକ୍ଷ ଆଦିରେ ଅନେକ ବୈଚିତ୍ର୍ୟ ରହିଛି। ଏଗୁଡ଼ିକୁ ଅଧ୍ୟୟନ କରି ଗ୍ରହଗୁଡ଼ିକ କିପରି ସୃଷ୍ଟି ହୋଇଛି, ତାହା ଜାଣିହେବ। ଜ୍ୟୋତିର୍ବିଦ୍‌ମାନେ ସେଥିମଧ୍ୟରୁ ଗୋଟିଏ ପ୍ରକାର ଗ୍ରହର ସନ୍ଧାନରେ ଅଛନ୍ତି, ଯାହା ପୃଥିବୀ ଭଳି ହୋଇଥିବ ଏବଂ ନିଜ ନକ୍ଷତ୍ରର 'ବାସଯୋଗ୍ୟ ଅଞ୍ଚଳ'ରେ ରହିଥିବ। ଏହାଫଳରେ ସେଠାରେ ତାପମାତ୍ରା ଅତି ଅଧିକ କିମ୍ବା ଅତି କମ୍ ହୋଇ ନ ଥିବ ଏବଂ ତରଳ ଅବସ୍ଥାରେ ଜଳ ରହିଥିବ, ଯାହା ଜୀବ ଉଦ୍ଭବ ପାଇଁ ଜରୁରୀ।

ଏହି ବର୍ଷର ନୋବେଲ ପଦାର୍ଥ ବିଜ୍ଞାନୀମାନେ ବ୍ରହ୍ମାଣ୍ଡ ସମ୍ବନ୍ଧରେ ଆମର ଧାରଣାକୁ ସବୁଦିନ ପାଇଁ ପରିବର୍ତ୍ତନ କରି ଦେଇଛନ୍ତି। ଜେମ୍‌ସ ପିବଲ୍‌ସ ୧୯୩୫ ମସିହାରେ କାନାଡ଼ାରେ ଜନ୍ମଗ୍ରହଣ କରିଛନ୍ତି ଏବଂ ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରିନ୍‌ସଟନ୍ ବିଶ୍ୱବିଦ୍ୟାଳୟରେ ଆଲବର୍ଟ ଆଇନଷ୍ଟାଇନ ବିଜ୍ଞାନ ପ୍ରଫେସର ଅଛନ୍ତି। ମାଇକେଲ୍ ମେୟର ସୁଇଜରଲାଣ୍ଡରେ ୧୯୪୨ ମସିହାରେ ଓ ଡିଡିଏର୍ କୁଇଲୋଜ୍ ସୁଇଜରଲାଣ୍ଡରେ ୧୯୬୬ ମସିହାରେ ଜନ୍ମଗ୍ରହଣ କରିଛନ୍ତି ଏବଂ ଉଭୟେ ବର୍ତ୍ତମାନ ସୁଇଜରଲାଣ୍ଡର ଜେନେଭା ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅଛନ୍ତି। ମୋଟ ପୁରସ୍କାର ଅର୍ଥରାଶି ୯ ନିୟୁତ ସୁଇଡେନ୍ କ୍ରୋନ୍‌ରୁ ଅଧା ପିବଲ୍‌ସ ପାଇବେ ଏବଂ ଅନ୍ୟ ଅର୍ଦ୍ଧକୁ ଅନ୍ୟ ଦୁଇଜଣ ବିଜ୍ଞାନୀ ସମାନ ଭାବେ ପାଇବେ।

*-୭୦, ଲକ୍ଷ୍ମୀବିହାର, ଫେଜ୍-୧, ଭୁବନେଶ୍ୱର, ମୋ- ୯୪୩୮୬୯୩୭୨୪*



ଜେମ୍‌ସ ପିବଲ୍‌ସ



ମାଇକେଲ୍ ମେୟର



ଡିଡିଏର୍ କୁଇଲୋଜ୍

# ଦୀପାବଳି ଓ ପ୍ରଦୂଷଣ



ନିକୁଞ୍ଜ ବିହାରୀ ସାହୁ

ଆଲୋକର ପର୍ବ ଦୀପାବଳି। ଏହି ପର୍ବରେ ବିଭିନ୍ନ ପ୍ରକାର ବାଣ ଫୁଟାଯାଇଥାଏ। ଆଲୋକ ଏବଂ ଶବ୍ଦର ମାହୋଲ ସିନା ମନକୁ କ୍ଷଣିକ ଆନନ୍ଦ ଦିଏ, ହେଲେ ତାହାର କୁପ୍ରଭାବ ପରିବେଶ ଏବଂ ସମାଜ ଉପରେ ପଡ଼ିଥାଏ। ବାଣ ଫୁଟାଇବା ବେଳେ ଅନେକେ ଆହତ ହୋଇଥାଆନ୍ତି। କେତେକେ ଏହାର ରାସାୟନିକ ବାଷ୍ପ ସଂସ୍ପର୍ଶରେ ଆସି ଅସୁସ୍ଥ ଅନୁଭବ କରନ୍ତି। ବିଶେଷଭାବରେ ବାଣର ଶବ୍ଦ ଆମର ଶ୍ରବଣ ଶକ୍ତିକୁ ଅଧିକ ପ୍ରଭାବିତ କରିଥାଏ। କେବଳ ଦୀପାବଳି ନୁହେଁ, ମୂର୍ତ୍ତି ବିସର୍ଜନ ସମୟରେ ଫୁଟା ଯାଉଥିବା ବାଣ ଓ ଆସତବାଜିରୁ ଅନେକ ବିଷାକ୍ତ ଗ୍ୟାସ ନିର୍ଗତ ହୋଇଥାଏ। ସେଗୁଡ଼ିକ ମଧ୍ୟରେ ପ୍ରମୁଖ ହେଲା-ସଲଫର ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍, କାର୍ବନ ମନୋକ୍ସାଇଡ ଇତ୍ୟାଦି। ଏଗୁଡିକ ବାୟୁ ପ୍ରଦୂଷଣ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ଶ୍ୱାସ ରୋଗ ଯଥା ଆଜ୍‌ମା ଏବଂ ବ୍ରୋଙ୍କାଇଟିସ୍ ଇତ୍ୟାଦି ସୃଷ୍ଟି କରିଥାଏ।

ପୂଜା ମଞ୍ଚ ଏବଂ ପୂଜା ଅବସରରେ ଆୟୋଜିତ ମେଲୋଡି, ଭସାଣି ସମୟରେ କୋଳାହଳ ଏବଂ ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ଶବ୍ଦଉତ୍ସ-ମାଇକ୍, ଲାଉଡ୍‌ସ୍ପିକର, ଡିଜେ ଇତ୍ୟାଦିର ବ୍ୟବହାର ଆଜିକାଲି ପୂଜାର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଗଲାଣି। ଏସବୁ ଅଧିକ ଡେସିବେଲ (ଶବ୍ଦ ତୀବ୍ରତାର ମାପକ) ଯୁକ୍ତ ଧ୍ୱନି ନିର୍ଗତ କରିଥାଆନ୍ତି, ଯାହା ଶ୍ରବଣ ଶକ୍ତିର ଅବକ୍ଷୟ, ଉଚ୍ଚ ରକ୍ତଚାପ, ହୃଦ୍‌ଘାତ, ଅନିଦ୍ରା ଏବଂ ମାନସିକ ଅବସାଦ ଇତ୍ୟାଦି ସ୍ୱାସ୍ଥ୍ୟଗତ ସମସ୍ୟାମାନ ସୃଷ୍ଟି କରିଥାଏ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ ପୂଜା ସମୟରେ କୋଳାହଳର ସର୍ବୋଚ୍ଚ ସୀମାକୁ ୬୫ ଡେସିବେଲ ମାତ୍ରାରେ ସୀମିତ ରଖାଯାଇଛି। ହେଲେ ବେଳେବେଳେ କେତେକ କ୍ଷେତ୍ରରେ ଏହା ୧୦୦ ଡେସିବେଲ ଟପି ଯାଉଥିବାର ଦୃଷ୍ଟାନ୍ତ ରହିଛି। ଶବ୍ଦ ପ୍ରଦୂଷଣ ମାତ୍ରାକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱଳ୍ପ ଡେସିବେଲଯୁକ୍ତ ଶବ୍ଦ ବାଣ ଫୁଟାଇବା ଦରକାର। ଅଧିକ ଶବ୍ଦ କରୁଥିବା ବାଣ କେବଳ ଶ୍ରବଣ ଶକ୍ତିକୁ ଗଭୀର ଭାବରେ ପ୍ରଭାବିତ କରି ନ ଥାଏ ଏଥିରୁ ନିର୍ଗତ ବିଷାକ୍ତ ରାସାୟନିକ ତତ୍ତ୍ୱ ଦ୍ୱାରା ପରିବେଶ ପ୍ରଦୂଷିତ ହୋଇଥାଏ। ତେଣୁ ପରିବେଶକୁ ପ୍ରଦୂଷିତ ନ କରିବା ଭଳି ବାଣ ଫୁଟାଇବା ଆବଶ୍ୟକ। କେବଳ ସେତିକି ନୁହେଁ ବାଣ ଫୁଟାଇବା ସମୟରେ ଆମେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଦରକାର। ଏହି ସମୟରେ ନିଆଁ ଲାଗିଯିବାର ଆଶଙ୍କା ଥାଏ। ତେଣୁ ଅଗ୍ନି ନିର୍ବାପକ ଜିନିଷ- ବାଲି, ପାଣି ଆଦି ପାଖରେ ରଖନ୍ତୁ। ବାଣଠାରୁ ଯଥେଷ୍ଟ ଦୂରତାରେ ନିଜକୁ ରଖି ବାଣ ଫୁଟାନ୍ତୁ। ଛୋଟ ପିଲାଙ୍କୁ ବାଣ ଫୁଟାଇବାକୁ ଦିଅନ୍ତୁ ନାହିଁ। କାରଣ ଅସାବଧାନତାରୁ ସେମାନେ ଦୁର୍ଘଟଣାର ସମ୍ମୁଖୀନ ହୋଇପାରନ୍ତି। ବାଣ ଫୁଟାଇବା ସମୟରେ ହୃଦ୍‌ରୋଗୀମାନେ ଏହାଠାରୁ ନିଜକୁ ଦୂରେଇ ରଖିବା ଦରକାର।

**''ଶବ୍ଦ ପ୍ରଦୂଷଣ ମାତ୍ରାକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱଳ୍ପ ଡେସିବେଲଯୁକ୍ତ ଶବ୍ଦ ବାଣ ଫୁଟାଇବା ଦରକାର। ଅଧିକ ଶବ୍ଦ କରୁଥିବା ବାଣ କେବଳ ଶ୍ରବଣ ଶକ୍ତିକୁ ଗଭୀର ଭାବରେ ପ୍ରଭାବିତ କରି ନ ଥାଏ ଏଥିରୁ ନିର୍ଗତ ବିଷାକ୍ତ ରାସାୟନିକ ତତ୍ତ୍ୱ ଦ୍ୱାରା ପରିବେଶ ପ୍ରଦୂଷିତ ହୋଇଥାଏ। ତେଣୁ ପରିବେଶକୁ ପ୍ରଦୂଷିତ ନ କରିବା ଭଳି ବାଣ ଫୁଟାଇବା ଆବଶ୍ୟକ।''**

ବାଣ ଫୁଟାଇବା ଆଜିକାଲି ଏକ ସଉକ ପାଲଟିଗଲାଣି। ବିଶେଷଭାବରେ ଯୁବପିଢ଼ି ଅଧିକ ଶବ୍ଦ କରୁଥିବା ଏବଂ ବିଭିନ୍ନ ଷ୍ଟାଇଲ୍‌ର ବାଣ ଆଣି ଫୁଟାଇ ଥାଆନ୍ତି। ହେଲେ ଏହାର କୁପ୍ରଭାବ ସମ୍ପର୍କରେ ଅବଗତ ହେବା ଜରୁରୀ। ଏହି ସମୟରେ ଯଦି ଆମେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ତେବେ ଏହି ପର୍ବରୁ ବେଶ୍ ଆନନ୍ଦର ସହ ପାଳନ କରିପାରିବା।

*-ଏଜୁକେଶନ ଅଫିସର, ଭୋପାଳ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ*



“ ସରକାର ଗ୍ୟାସ ଭିତ୍ତିକ ଅର୍ଥବ୍ୟବସ୍ଥା ଉପରେ ଧ୍ୟାନ କେନ୍ଦ୍ରିତ କରିଥିବା ବେଳେ ଭାରତ ଏକ୍ଷେତ୍ରରେ ପ୍ରମୁଖ ସ୍ଥଳ ହେବ।
– ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ



“ ସରକାରଙ୍କ ଇ-ଯାନ ନୀତି ମୁତାବକ ପ୍ରସ୍ତୁତ ହେବା ସହ ଜାନୁୟାରୀରେ ନୂଆ ଇ-ଚେତକ ଆଣିବାକୁ ଯୋଜନା ରହିଛି।
– ରାଜୀବ ବଜାଜ, ଏମ୍‌ଡି ବଜାଜ ଅଟୋ



## ସଂକ୍ଷେପରେ

### ୪ ଦିନ ବନ୍ଦ ରହିବ ବ୍ୟାଙ୍କ

**ନୂଆଦିଲ୍ଲୀ,୨୦-୧୦:** ଚଳିତ ସପ୍ତାହରେ ଦେଶର ବିଭିନ୍ନ ପ୍ରାନ୍ତରେ ୪ ଦିନ ବ୍ୟାଙ୍କ ବନ୍ଦ ରହିବ। ବ୍ୟାଙ୍କ ଧର୍ମଘଟ ଏବଂ ବିଧାନସଭା ନିର୍ବାଚନ ରହୁଥିବା ମହାରାଷ୍ଟ୍ର ଏବଂ ହରିୟାଣାରେ ବ୍ୟାଙ୍କ ୩ ଦିନ କାମ କରିବ। ମଙ୍ଗଳବାର ବ୍ୟାଙ୍କ ଧର୍ମଘଟ ଯୋଗୁ ଦେଶର ଅନ୍ୟ ପ୍ରାନ୍ତରେ କେବଳ ଗୋଟିଏ ଦିନ ବ୍ୟାଙ୍କ ସେବା ବନ୍ଦ ରହିବ ବୋଲି ଜଣାପଡିଛି। ମହାରାଷ୍ଟ୍ର ଏବଂ ହରିୟାଣାରେ ସୋମବାର ବିଧାନସଭା ନିର୍ବାଚନ ଲାଗି ରିଜର୍ଭ ବ୍ୟାଙ୍କ ଏହି ଦୁଇ ରାଜ୍ୟରେ ବ୍ୟାଙ୍କ ଛୁଟି ନେଇ ଘୋଷଣା କରିଛି। କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡରେ ସୋମବାର ବ୍ୟାଙ୍କ ଖୋଲା ରହିବ। ଅଲ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ ଆସୋସିଏଶନ (ଏଆଇବିଇଏ) ଏବଂ ବ୍ୟାଙ୍କ ଏମ୍ପ୍ଲଇଜ ଫେଡେରେଶନ ଅଫ ଇଣ୍ଡିଆ( ବିଇଏଫ୍ଆଇ) ମଙ୍ଗଳବାର ଦିନିକିଆ ବ୍ୟାଙ୍କ ଧର୍ମଘଟରେ ସାମିଲ ହେବେ। ଏହି ଦିନ ବ୍ୟାଙ୍କ କାରବାର ପ୍ରଭାବିତ ହେବାର ଆଶଙ୍କା ରହିଛି। ୨୩,୨୪ ଏବଂ ୨୫ରେ ସାରା ଦେଶରେ ବ୍ୟାଙ୍କ କାରବାର ସାମାନ୍ୟ ରହିବ। ୨୬ ତାରିଖ ଚତୁର୍ଥ ଶନିବାର ପାଇଁ ବ୍ୟାଙ୍କ ବନ୍ଦ ରହିବ। ୨୭ ଅକ୍ଟୋବର ରବିବାର ଏବଂ ଦୀପାବଳି ରହିଥିବାରୁ ବ୍ୟାଙ୍କ ଏହିଦିନ ବନ୍ଦ ରହିବ। ୨୮ ଅକ୍ଟୋବର ବ୍ୟାଙ୍କ ଖୋଲାରହିବାକୁ ଥିବା ବେଳେ ଦୀପାବଳି ପର୍ବକୁ ଧ୍ୟାନରେ ରଖି ମୁମ୍ବାଇରେ ଏହି ଦିନ ବ୍ୟାଙ୍କ ବନ୍ଦ ରହିବ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

### ଚାଇନା ଛାଡୁଥିବା କମ୍ପାନୀଙ୍କୁ ଭାରତ ଆଣିବାକୁ ଯୋଜନା

**ନୂଆଦିଲ୍ଲୀ,୨୦-୧୦:** ନିବେଶ ଲାଗି ଚାଇନାରେ ବିଭିନ୍ନ ସମସ୍ୟା ସାମ୍ନା କରୁଥିବା କିମ୍ବା ଚାଇନା ଛାଡୁଥିବା କମ୍ପାନୀଙ୍କୁ ଭାରତ ଆଣିବା ଲାଗି ଯୋଜନା କରାଯାଉଛି। ସେହି କମ୍ପାନୀଗୁଡିକ ଲାଗି ଭାରତକୁ ନିବେଶର ଏକ ପ୍ରମୁଖ ସ୍ଥଳ ଭାବେ ଗଢି ତୋଳିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥି ଲାଗି ପ୍ରକ୍ରିୟା ମଧ ଆରମ୍ଭ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ରୂପରେଖ ପ୍ରଦାନ କରିବା ଲାଗି ସରକାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ରବିବାର ସୂଚନା ଦେଇଛନ୍ତି। ଏଭଳି ସ୍ଥିତିରେ ଚାଇନା ଛାଡୁଥିବା କମ୍ପାନୀଗୁଡିକ ଲାଗି ଭାରତ ନିବେଶର ଏକ ପ୍ଲାଟଫର୍ମ ହୋଇପାରିବ ବୋଲି ସେ କହିଛନ୍ତି। ସରକାର ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଶିଳ୍ପ ଲିଡରଙ୍କୁ ଭେଟିବା ସହ ଭାରତକୁ ସେମାନଙ୍କୁ ଆମନ୍ତ୍ରଣ କରିବେ। ଇଲେକଟ୍ରୋନିକ୍ସ, ଲିଥିୟମ ଆୟନ ବ୍ୟାଟେରି, ସେମି କଣ୍ଡକ୍ଟର ଭଳି କ୍ଷେତ୍ରରେ କମ୍ପାନୀଙ୍କୁ ନଜରରେ ରଖାଯାଇଥିବା ସେ କହିଛନ୍ତି।

# ବିକ୍ରି ହେବ ଏୟାର ଇଣ୍ଡିଆର ୧୦୦% ଅଂଶଧନ

ନୂଆଦିଲ୍ଲୀ,୨୦-୧୦




- ଆସନ୍ତା ମାସରେ ପ୍ରାରମ୍ଭିକ ବିଡିଂ
- କମ୍ପାନୀ ଉପରେ ୫୮,୦୦୦ କୋଟି ଋଣ
- ଚୂଡାନ୍ତ ପର୍ଯ୍ୟାୟରେ ଇଓଆଇ ଦସ୍ତାବିଜ
- ବୃହତ୍ ପରିମାଣର କ୍ଷତି ସହି ଚାଲିଛି କମ୍ପାନୀ

ସରକାର ରାଷ୍ଟ୍ରାୟତ୍ତ ଏୟାର ଇଣ୍ଡିଆର ୧୦୦% ଅଂଶଧନ ବିକ୍ରି ନେଇ ଯୋଜନା ରଖିଛନ୍ତି। ଏଥି ଲାଗି ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହି ଧାରାରେ ଆସନ୍ତା ମାସରେ ପ୍ରାଥମିକ ବିଡ୍ ଆହ୍ୱାନ କରାଯିବ। କ୍ଷତିରେ ଚାଲୁଥିବା ଏହି ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀରେ ଅଂଶଧନ ହାସଲ ନେଇ କିଛି କମ୍ପାନୀ ଆଗ୍ରହ ଦେଖାଇଥିବା ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ରବିବାର ସୂଚନା ଦେଇଛନ୍ତି। ଏୟାର ଇଣ୍ଡିଆ ଉପରେ ବର୍ତ୍ତମାନ ୫୮,୦୦୦ କୋଟି ଟଙ୍କାର ଋଣ ରହିଛି। ଏହା ବୃହତ୍ ପରିମାଣର ପରିଚାଳନା କ୍ଷତି ମଧ୍ୟ ସହୁଛି।

ଅଂଶଧନ ବିକ୍ରି ପ୍ରକ୍ରିୟା ଅନ୍ତର୍ଗତ ଏକ୍ସପ୍ରେଶନ ଅଫ୍ ଇଣ୍ଟରେଷ୍ଟ(ଇଓଆଇ) ଦସ୍ତାବିଜକୁ ବର୍ତ୍ତମାନ ଚୂଡାନ୍ତ ରୂପ ଦିଆଯାଉଥିବା ସୂଚନା ରହିଛି। କମ୍ପାନୀର ୧୦୦% ଅଂଶଧନ ବିକ୍ରି ଯୋଜନା ଧାର୍ଯ୍ୟ ହୋଇଥିବା ବେଳେ ଚଳିତ ମାସ କିମ୍ବା ଆଗାମୀ ମାସରେ ଏ ନେଇ ବିଡ୍ ଆହ୍ୱାନ କରାଯାଇ ପାରେ। ନୂଆ କରି ଉନ୍ନତିକରଣ ହୋଇଥିବା ଇ-ବିଡିଂ ସିଷ୍ଟମରେ ଏହି ପ୍ରକ୍ରିୟା ସମ୍ପାଦିତ ହେବ। ଅକ୍ଟୋବର ୨୨ରେ ବିମାନ କମ୍ପାନୀର ବୋର୍ଡ ବୈଠକ ବସିବ। ଆର୍ଥିକ ବର୍ଷ ୨୦୧୯ର ବିଭିନ୍ନ କାର୍ଯ୍ୟଧାରା ଉପରେ ଏଠାରେ ତର୍ଜମା କରାଯିବ। ଏହାର ଅବ୍ୟବହିତ ପୂର୍ବରୁ ଗତ ସପ୍ତାହରେ ବେସାମରିକ ବିମାନ ଚଳାଚଳ ସଚିବ ପ୍ରଦୀପ ସିଂ ଖରୋଲା ଏକ ରିଭ୍ୟୁ ବୈଠକ ଡାକିଥିଲେ।

ଘରୋଇକରଣ ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ଶ୍ରମିକ ସଙ୍ଗଠନଗୁଡିକ ସହ ବିମାନ କମ୍ପାନୀର ପରିଚାଳନା ସଂସ୍ଥା ପକ୍ଷରୁ ଏକ ବୈଠକ ମଧ ଅନୁଷ୍ଠିତ ହୋଇଥିଲା। ନିଯୁକ୍ତି ଚାଲିଥିବା ଭୟରେ ଶ୍ରମିକ ସଙ୍ଗଠନଗୁଡିକ ଏହି ପ୍ରସ୍ତାବକୁ ବିରୋଧ କରୁଛନ୍ତି। ଏୟାର ଇଣ୍ଡିଆ ଆସେଟ ହୋଲ୍ଡିଂ ଲିମିଟେଡ ନାମକ ସ୍ପେଶାଲ ପର୍‌ପୋଜ ଭେଇକିଲ ଦ୍ୱାରା ବଣ୍ଡ ଜାରି କରାଯିବା ସହ ବିମାନ କମ୍ପାନୀର ୩୦ ହଜାର କୋଟି ଟଙ୍କାର ଋଣକୁ ଶୁଝି ବାଲାନ୍ସ ଶିଟ୍ ସ୍ୱଚ୍ଛ କରିବା ଲାଗି ଯୋଜନା ରଖାଯାଇଛି।




## ଅରୁନ୍ଧତୀ ଭୁବନେଶ୍ୱର ଶାଖାର ନୂଆ ଫ୍ଲୋର

ଭୁବନେଶ୍ୱର,୨୦-୧୦(ବ୍ୟୁରୋ)

ଅରୁନ୍ଧତୀ ଜୁଏଲର୍ସ ଭୁବନେଶ୍ୱର ଶାଖା ପକ୍ଷରୁ ଦ୍ୱିତୀୟ ଫ୍ଲୋର ଶନିବାର ଶୁଭାରମ୍ଭ ହୋଇଛି। କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ସାହୁ, ଏମ୍‌ଡି ବ୍ରହ୍ମାନନ୍ଦ ମେହେର, ଡାଇରେକ୍ଟର ଅଚ୍ୟୁତାନନ୍ଦ ମେହେର, ଅରୁନ୍ଧତୀ ମେହେର ଏହାକୁ ଉଦ୍‌ଘାଟନ କରିଥିଲେ। କମ୍ପାନୀର ଭୁବନେଶ୍ୱର ଶାଖା ବର୍ତ୍ତମାନ ୭,୫୦୦ ବର୍ଗଫୁଟ ପରିମିତ ସ୍ଥାନରେ ସେବା ଯୋଗାଣ ଧାରା ଜାରି ରଖିବ ବୋଲି ଏମ୍‌ଡି ବ୍ରହ୍ମାନନ୍ଦ ମେହେର କହିଛନ୍ତି। ଶୋ'ରୁମରେ ସ୍ୱତନ୍ତ୍ର ଡାଇମଣ୍ଡ, ପ୍ଲାଟିନମ ଏବଂ ବ୍ରାଇଡାଲ ଲାଉଞ୍ଜ ଆରମ୍ଭ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଅପରପକ୍ଷରେ ୨୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ସର୍ବଶ୍ରେଷ୍ଠ ଧନତେରାସ ଅଫର ଆରମ୍ଭ କରାଯାଇଛି। ହଲମାର୍କ ସୁନା ଗହଣା କ୍ରୟ ଉପରେ ଗ୍ରାହକ ୨,୫୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ପାଇବେ। ସେହିଭଳି ପ୍ରତି କ୍ରୟରେ ମାଗଣା ଗୋଲ୍ଡ କଏନ, ସିଲଭର କଏନ, ଲଣ୍ଡନ ଭ୍ରମଣ ଏବଂ ଲକ୍ଷପତି ହେବାର ସୁଯୋଗ ଗ୍ରାହକ ଲାଭ କରିପାରିବେ। ଭୁବନେଶ୍ୱର ସମେତ, ସମ୍ବଲପୁର, ବଲାଙ୍ଗୀର, ଭବାନୀପାଟଣା ଏବଂ ବରଗଡରେ ଶୋ'ରୁମ ସହ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ସନ୍ତୁଷ୍ଟ ଗ୍ରାହକଙ୍କୁ ଅରୁନ୍ଧତୀ ସେବା ଯୋଗାଇ ଦେଉଛି। ଉତ୍କୃଷ୍ଟ ମାନ ଏବଂ ଡିଜାଇନ ଗହଣା, ସର୍ବୋତ୍ତମ ଗ୍ରାହକ ସେବା, ସ୍ୱଚ୍ଛ ବ୍ୟବସାୟିକ ପଦ୍ଧତି ଦ୍ୱାରା ଗ୍ରାହକଙ୍କ ନିକଟରେ ବିଶ୍ୱାସ ଭାଜନ ହୋଇପାରିଥିବା ମେହେର କହିଛନ୍ତି।

## କାନାରା ନଲେଜ ଚାମ୍ପ କ୍ୱିଜ୍ ବିଜେତା ଘୋଷଣା

ଭୁବନେଶ୍ୱର,୨୦-୧୦(ବ୍ୟୁରୋ)




କାନାରା ବ୍ୟାଙ୍କ ଭୁବନେଶ୍ୱର ସର୍କଲ କାର୍ଯ୍ୟାଳୟ ପକ୍ଷରୁ ଜେନେରାଲ ନଲେଜ କ୍ୱିଜ କାନାରା ନଲେଜ ଚାମ୍ପ ସ୍ଥାନୀୟ ରେଳ ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ନିର୍ଦ୍ଦେଶକ ବି.ପି. ଶର୍ମା ଏବଂ ସର୍କଲ ମୁଖ୍ୟ ଶ୍ରୀକାନ୍ତ ମହାପାତ୍ର ଏହାକୁ ଶୁଭାରମ୍ଭ କରିଥିଲେ। ରାଜ୍ୟର କୋଣ ଅନୁକୋଣରୁ ପ୍ରାୟ ୧୫୦ ସ୍କୁଲ ଏଥିରେ ଭାଗ ନେଇଥିଲେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ଦିଗରେ ବିଭିନ୍ନ ପଦକ୍ଷେପ ମୁତାବକ ବ୍ୟାଙ୍କ ପକ୍ଷରୁ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ପୋଖରୀପୁଟ ଡିଏଭି ପବ୍ଲିକ ସ୍କୁଲର ସାହିଲ ନାୟକ ଏବଂ ଅର୍ପଣ ଚକ୍ରବର୍ତ୍ତୀ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଦ୍ୱିତୀୟ ସ୍ଥାନରେ ମଦର ପବ୍ଲିକ ସ୍କୁଲର ବୈଭବ ତ୍ରିପାଠୀ, ଉତ୍କର୍ଷ ପଣ୍ଡା ଏବଂ ତୃତୀୟ ସ୍ଥାନରେ ଡିଏଭି ପବ୍ଲିକ ସ୍କୁଲ କଟକର ବିଘ୍ନେଶ ଦାସ, ଅଙ୍କିତ ଜେନା ରହିଛନ୍ତି। ସାରା ଦେଶରେ ବ୍ୟାଙ୍କ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରୁଛି। ଗ୍ରେକ୍ୟାମ୍ପ ଏହି କ୍ୱିଜକୁ ପରିଚାଳନା କରିଛି। କ୍ୱିଜ ମାଷ୍ଟର ମାନସ ନାୟକଙ୍କ ସମେତ ବ୍ୟାଙ୍କର ଅଧିକାରୀ, କର୍ମଚାରୀ, ଅଭିଭାବକମାନେ ଏହି ଅବସରରେ ଉପସ୍ଥିତ ଥିଲେ। ବାଙ୍ଗାଲୋରରେ ନଭେମ୍ବର ୧୦ରେ ଜାତୀୟ ସ୍ତରର ଚୂଡାନ୍ତ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

## ୟୁକୋ ବ୍ୟାଙ୍କର ଋଣ ମୁକ୍ତି ଯୋଜନା

ଭୁବନେଶ୍ୱର, ୨୦-୧୦

ୟୁକୋ ବ୍ୟାଙ୍କ ଭୁବନେଶ୍ୱର, ବାଲେଶ୍ୱର ଏବଂ ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏହାର ପୁରାତନ ଋଣଗ୍ରହୀତାମାନଙ୍କ ପାଇଁ ଆକର୍ଷଣୀୟ ଋଣ ମୁକ୍ତି ଯୋଜନା ଆରମ୍ଭ କରାଯାଇଛି। ଏହି ଯୋଜନାରେ ବନ୍ଧକ ନଥିବା ୧ କୋଟି ଟଙ୍କା ପର୍ଯ୍ୟନ୍ତ ସମସ୍ତ ଋଣକୁ ଅନ୍ତର୍ଭୁକ୍ତ କରାଯାଇଛି। ୩୦ ଜୁନ ୨୦୧୯ ସୁଦ୍ଧା ଘୋଷିତ ହୋଇଥିବା ଏନ୍‌ପିଏ ଆକାଉଣ୍ଟଗୁଡିକ ଏହି ଯୋଜନାର ଲାଭ ନେଇ ପାରିବେ। ବ୍ୟାଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ଇଚ୍ଛୁକ ଋଣ ଗ୍ରହୀତା, ଋଣ ଖିଲାପକାରୀମାନଙ୍କୁ ଏହି ସୁଯୋଗ ପ୍ରଦାନ କରାଯାଉଛି। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଇଚ୍ଛୁକ ଋଣ ଗ୍ରହୀତା, ଋଣ ଖିଲାପକାରୀମାନେ ଏହି ଯୋଜାନର ଲାଭ ନେବା ପାଇଁ ଶାଖା ପ୍ରବନ୍ଧକ କିମ୍ବା ଆଞ୍ଚଳିକ ପ୍ରବନ୍ଧକମାନଙ୍କ ସହ ଯୋଗାଯୋଗ କରିପାରିବେ।

## ସେଣ୍ଟ୍ରାଲର ଦିୱାଲି ଅଫର

ଭୁବନେଶ୍ୱର,୨୦-୧୦(ବ୍ୟୁରୋ)

CENTRAL BRAND.NEW

ସେଣ୍ଟ୍ରାଲ ଷ୍ଟୋର ପକ୍ଷରୁ ଦୀପାବଳି ଅବସରରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଏହି ସମୟରେ ଗ୍ରାହକ ଷ୍ଟୋରରୁ ୩ ହଜାର ଟଙ୍କା କିମ୍ବା ତଦୂର୍ଦ୍ଧ୍ୱର କ୍ରୟ ଉପରେ ୩ ହଜାର ଟଙ୍କାର ସେଣ୍ଟ୍ରାଲ ଗିଫ୍ଟ ଭାଉଚର ଲାଭ କରିପାରିବେ। ଆଇସିଆଇସିଆଇ ବ୍ୟାଙ୍କ ଡେବିଟ କ୍ରେଡିଟ କାର୍ଡ ବ୍ୟବହାରକାରୀମାନେ ୬ ହଜାର ଟଙ୍କାର ସର୍ବନିମ୍ନ କ୍ରୟ ଉପରେ ୧୦% ଅତିରିକ୍ତ ରିହାତି, ପ୍ରତି କାର୍ଡରେ ସର୍ବାଧିକ ୧୦୦୦ ଟଙ୍କାର ରିହାତି ପାଇପାରିବେ। ଷ୍ଟୋରରେ ଗ୍ରାହକଙ୍କ ଲାଗି ଗିଫ୍ଟର ସମ୍ଭାର ମଧ ପ୍ରଦାନ କରାଯାଉଛି। ଫ୍ୟାଶନପ୍ରେମୀଙ୍କ ପାଇଁ ୧୦ ହଜାରରୁ ଉର୍ଦ୍ଧ୍ୱ ବିଶ୍ୱ ସ୍ତରୀୟ ଷ୍ଟାଇଲ ଗ୍ରାହକଙ୍କ ଲାଗି ଉପଲବ୍ଧ ରହିଛି। ଓନଲି, ଭେରୋମୋଡା, ଗ୍ଲୋବାଲ ଦେଶୀ ଭଳି ଲୋକପ୍ରିୟ ବ୍ରାଣ୍ଡରୁ ଆରମ୍ଭ କରି ମହିଳାଙ୍କ ଲାଗି ଅନାରକଲି କୁର୍ତ୍ତୀ, ବୁଣାହୋଇଥିବା ସୁଟ ଏବଂ ଲେହେଙ୍ଗା ଆଦିର ସମ୍ଭାର ରହିଛି। ପୁରୁଷଙ୍କ ଲାଗି ଆଲେନସୋଲି, ଇଣ୍ଡିଗୋ ନେଶନ, ପାର୍କ ଆଭେନ୍ୟୁ ଭଳି ବିଭିନ୍ନ ବ୍ରାଣ୍ଡ ସାମିଲ ରହିଛି। ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଶପିଂର ସୁବିଧା ପ୍ରଦାନ ଲାଗି ଅଫର ଘୋଷଣା କରାଯାଇଥିବା ସେଣ୍ଟ୍ରାଲର ସିଇଓ ବିଷ୍ଣୁ ପ୍ରସାଦ କହିଛନ୍ତି।

## ବ୍ରାଣ୍ଡ୍ ଫ୍ୟାକ୍ଟ୍ରିରେ ପାର୍ବଣ ସେଲ

ଭୁବନେଶ୍ୱର,୨୦-୧୦(ବ୍ୟୁରୋ)




ବ୍ରାଣ୍ଡ ଫ୍ୟାକ୍ଟ୍ରି ପକ୍ଷରୁ ପାର୍ବଣ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ ଷ୍ଟୋରରେ ଆକର୍ଷଣୀୟ ଡିସ୍‌କାଉଣ୍ଟ ପ୍ରଦାନ କରାଯାଉଛି। ୨୦୦ରୁ ଉର୍ଦ୍ଧ୍ୱ ଫ୍ୟାଶନ ବ୍ରାଣ୍ଡ ଷ୍ଟୋରରେ ଉପଲବ୍ଧ ରହିଛି। ଗ୍ରାହକମାନେ ଏଠାକୁ ଆସି ମନ ପସନ୍ଦ ମୁତାବକ ବ୍ରାଣ୍ଡ ପୋଷାକ ଚୟନ କରିବା ସହ ଆକର୍ଷଣୀୟ ରିହାତିର ଲାଭ ନେବାକୁ କମ୍ପାନୀ ପକ୍ଷରୁ କୁହାଯାଇଛି। ନାଇକ, ଆଡିଡାସ, ସ୍କେଚର୍ସ, ଫିଲା, ରିବକ, କନଭର୍ସ, ପାର୍କ ଆଭେନ୍ୟୁ, ଆଲେନସୋଲି, ଲିକୁପର, ଲିଭାଇସ, ପେପେ, ଓନଲି, ଡିଜନୀ, ଜିନି ଆଣ୍ଡ ଜନି, ସ୍କାଏବ୍ୟାଗସ୍, ଲ୍ୟାଭି ଏବଂ ଅନ୍ୟ ବ୍ରାଣ୍ଡରେ ପୋଷାକ ପତ୍ର ଏଠାରେ ଉପଲବ୍ଧ ରହିଛି। ସାରା ବର୍ଷ ୨୦ରୁ ୭୦ % ପର୍ଯ୍ୟନ୍ତ ରିହାତି ଗ୍ରାହକଙ୍କ ଲାଗି ଉପଲବ୍ଧ ରହିଛି। ଏଭଳି ଅଫର ଦ୍ୱାରା ରିହାତି ମୂଲ୍ୟରେ ଗ୍ରାହକଙ୍କୁ ସେମାନଙ୍କ ପ୍ରିୟ ଫ୍ୟାଶନ ବ୍ରାଣ୍ଡ ଚୟନ କରିବାର ସୁଯୋଗ ପ୍ରଦାନ କରୁଛୁ ବୋଲି ବ୍ରାଣ୍ଡ ଫ୍ୟାକ୍ଟ୍ରିର ସିଇଓ ସୁରେଶ ସାଧୱାନି କହିଛନ୍ତି।

### ୫,୦୭୨ କୋଟି ନିବେଶ କଲେ ଏଫ୍‌ପିଆଇ

**ନୂଆଦିଲ୍ଲୀ,୨୦-୧୦:** ଚଳିତ ମାସ ବର୍ତ୍ତମାନ ପର୍ଯ୍ୟନ୍ତ ଫରେନ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ) ମାନେ ପୁଞ୍ଜି ବଜାରରେ ୫,୦୭୨ କୋଟି ଟଙ୍କାର ନିବେଶ କରିଛନ୍ତି। ପୁଞ୍ଜି ବଜାର ଡିପୋଜିଟୋରୀ ତଥ୍ୟ ମୁତାବକ ବିଦେଶୀ ନିବେଶକମାନେ ୪୯୭୦ କୋଟି ଟଙ୍କା ଇକ୍ୱିଟିରେ ଏବଂ ୧୦୨ କୋଟି ଟଙ୍କା ଡେଟରେ ନିବେଶ କରିଥିବା ଜଣାପଡିଛି।


**ଟିକାବାଲି ନିୟନ୍ତ୍ରିତ ବଜାର କମିଟି, ରାଇକିଆ, ଜିଲ୍ଲା-କନ୍ଧମାଳ**

**ବିଜ୍ଞାପନ:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ଗୋଦାମ ଏବଂ ଦୋକାନ ଗୃହକୁ କୃଷିଜାତ ଦ୍ରବ୍ୟ କିଣାବିକା ସକାଶେ ନିୟନ୍ତ୍ରିତ ବଜାର କମିଟି ତରଫରୁ ବ୍ୟବସାୟୀମାନଙ୍କୁ ଭଡ଼ା ସୂତ୍ରରେ ଯୋଗାଇ ଦିଆଯିବା ପାଇଁ ସ୍ଥିର କରାଯାଇଅଛି। ଏଣୁ ଇଚ୍ଛୁକ ବ୍ୟବସାୟୀ ଆସନ୍ତା ତା.୦୨।୧୧।୨୦୧୯ ସୁଦ୍ଧା ସେମାନଙ୍କର ପାସପୋର୍ଟ ସାଇଜ୍ ଏକଗୋଟି ଫଟୋ, ଆଧାର କାର୍ଡ ଏବଂ ଅମାନତ ଜମା ଟଙ୍କାକୁ ଯେ କୌଣସି ଜାତୀୟ ବ୍ୟାଙ୍କର ଚେକ୍ କିମ୍ବା ଡ୍ରାଫ୍ଟ ମାଧ୍ୟମରେ ସାଦା କାଗଜରେ ଦରଖାସ୍ତ କରି ନିୟନ୍ତ୍ରିତ ବଜାର କମିଟିର ମୁଖ୍ୟ କାର୍ଯ୍ୟାଳୟ ରାଇକିଆଠାରେ ଦାଖଲ କରିବାକୁ ଅନୁରୋଧ।

| କ୍ରମିକ ନଂ. | ବଜାର ପ୍ରାଙ୍ଗଣର ନାମ | ଦୋକାନ ଓ ଗୋଦାମ ଗୃହ କ୍ଷମତା | ଅମାନତ ଜମା ଟଙ୍କା | ମାସିକ ଭଡ଼ା |
|---|---|---|---|---|
| ୧. | ଟିକାବାଲି | ୫୦୦ ମେଟ୍ରିକ ଟନ ଗୋଦାମ ପ୍ରତି | ୫୦,୦୦୦/- | ୧୨,୦୦୦/- |
| ୨. | ରାଇକିଆ | ଦୋକାନ ଗୃହ ପ୍ରତି (ବଡ଼ ୨ ଗୋଟି) | ୫୦,୦୦୦/- | ୫,୦୦୦/- |
| ୩. | ରାଇକିଆ | ଦୋକାନ ଗୃହ ପ୍ରତି (ସାନ ୫ ଗୋଟି | ୪୦,୦୦୦/- | ୪,୦୦୦/- |
| ୪. | କ.ନୂଆ ଗାଁ | ୫୦୦ ମେଟ୍ରିକ ଟନ ଗୋଦାମ ପ୍ରତି | ୫୦,୦୦୦/- | ୧୨,୦୦୦/- |

ଯୋଗାଯୋଗ: ୯୪୩୮୨୧୨୪୪୯ (ରାଇକିଆ)

**ସ୍ୱା./- ଉପ-ଜିଲ୍ଲାପାଳ, ବାଲିଗୁଡ଼ା-ତଥା-ଅଧ୍ୟକ୍ଷ, ଟିକାବାଲି ନିୟନ୍ତ୍ରିତ ବଜାର କମିଟି, ରାଇକିଆ**



**OFFICE OF THE COLLECTOR & DISTRICT MAGISTRATE, KANDHAMAL**
**(SPORTS SECTION)**

Tender Call Notice No. 839 Date: 19.10.2019

**SHORT TENDER CALL NOTICE**

Sealed tenders are invited by Registered Post / Speed Post from intends and well established Firms / Agencies / Dealers / Manufactures for supply of Dress Materials, Shoes Materials and Game Equipments in respect of Sports Hostel, Phulbani having valid GST Certificate, Dealership Certificate, VAT Clearance Certificate, PAN Card required test Certificate in conformity with detailed Tender Call Notice. The General Bid Sheet / Terms & conditions for supply of Sports Goods and along with last date of receipt and opening of Tender will be available with District Sports Office, Kandhamal from 21.10.2019 to 06.11.2019 during Office hours from 11.00AM to 4.00PM on all working days on payment of Rs. 500/- (Rupees Five Hundred) only in shape of cash which is non-refundable and can be downloaded from Website NIC, Collectorate, Kandhamal, Phulbani (www.kandhamal.nic.in).

The authority reserves the right to accept or reject any or all the tenders without assigning any reason thereof.

*Sd./- District Sports Officer, Kandhamal*



**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା**
(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮, ଭୁବନେଶ୍ୱର- ୭୫୧୦୧୨

ସଂଖ୍ୟା- ୧୧୦୬୯ / IND-II-PH-810 ତାରିଖ: ୧୯।୧୦।୨୦୧୯

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ଜେ.ଏସ୍.ଡବ୍ଲ୍ୟୁ. ଉତ୍କଳ ଷ୍ଟିଲ୍ ଲିମିଟେଡ଼ ଓଡ଼ିଶାର ଜଗତ୍‌ସିଂହପୁର ଜିଲ୍ଲା, ଏରସମା ତହସିଲ ଅନ୍ତର୍ଗତ ପାରାଦ୍ୱୀପ ନିକଟରେ ୧୩.୨ ଏମ୍.ଟି.ପି.ଏ. ଅଶୋଧିତ ଇସ୍ପାତ, ୯୦୦ ମେଗାୱାଟ୍ କ୍ୟାପ୍ଟିଭ୍ ପାୱାର ପ୍ରକଳ୍ପ ଏବଂ ୧୦ ଏମ୍.ଟି.ପି.ଏ. ସିମେଣ୍ଟ ପ୍ରକଳ୍ପ ପ୍ରତିଷ୍ଠା କରିବା ନିମନ୍ତେ** ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମିତ୍ତ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାରି କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୨୨।୧୧।୨୦୧୯ରିଖ ଦିବା ୯.୩୦ ଘଟିକା ସମୟରେ ଜଗତସିଂହପୁର ଜିଲ୍ଲା, ଏରସମା ତହସିଲ, ଗଡ଼କୁଜଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗଡ଼କୁଜଙ୍ଗ ଜଗନ୍ନାଥ ମନ୍ଦିର ସମ୍ମୁଖ (ଖାତା ନଂ. ୬୪୬, ସର୍ବସାଧାରଣ ପ୍ଲଟ୍ ନଂ.୫୮୩ ଏବଂ ଦାଣ୍ଡ ପ୍ଲଟ୍ ନଂ.୧୪୭୩) ବଡ଼ଦାଣ୍ଡରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜଗତସିଂହପୁର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଜଗତସିଂହପୁର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ଜଗତସିଂହପୁର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର- ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପାରାଦ୍ୱୀପ।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ www.ospcboard.orgରୁ ମଧ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ପାରାଦ୍ୱୀପସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./- ସଦସ୍ୟ ସଚିବ



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER(P&C), IDCO, IDCO TOWER, BHUBANESWAR.
Tender Call Notice No. H.O./P&C/EST-E-1092/03/2014/17587 Dt.17.10.2019

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**1.Name of the Work :-** Construction of approach road to 9.00 Ac. patch land (Part-B) of Mahisapat, Dhenkanal.
2. Estimated cost : **Rs.39.18 Lakhs (Approx.)**
3. Period of completion : **03 (Three) Calendar Months**
4. Other details :

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| CGM (P&C), IDCO, IDCO Tower, Janpath, Bhubaneswar | Tender/Bid Ref. No. PC/EST/ E-28/2019-20 | 22.10.2019 at 16.00 Hrs. | 02.11.2019 up to 17.00 Hrs. |

Further details can be seen from the e-Procurement Portal www.tendersodisha.gov.in and Corrigendum or Addendum if any will not be published in news papers and can only be seen in the e-procurement portal as well as in IDCO website.

Sd/-
Chief General Manager(P&C), I/C, IDCO, Bhubaneswar



**OFFICE OF THE MUNICIPAL COUNCIL, SUNABEDA**

No. 6157/ Dt. 18.10.19

**TENDER CALL NOTICE**

Sealed tenders in Plain paper are invited from the intending Firms / Agencies / Contractors / WSHGS for impounding of stray cattle's in a designated place identified by the municipality. The tender is valid for 1 (One) year from the date of execution of agreement. The tender paper should reach in the office of the Executive Officer, Sunabeda Municipality through registered post / speed post/ courier or by hand upto 1.00PM of Dt.30.10.2019 and the same will be open on same day at 4.00PM in the presence of tenderers or their authorized agent if present. The tenderer should submit the attested copy of valid registration certificate of firm / GST registration certificate / PAN Card / TIN No. along with the tender paper. The tenderer should submit security deposited of Rs. 5000/- in shape of bank draft / bankers cheque in favour of the Executive Officer, Sunabeda Municipality from any nationalized bank and attached the same along with the tender paper. The tenderer should tender the rate for one year and the same amount will be deposited in municipality office in two equal installment without fail. This office is not held responsible for any delay in receipt of the tender documents. This office is not responsible for any incident or death of animals at the time of drive and impounding of cattle. The success full tenderer shall provide the feeding, drinking water to the impounding cattle daily positively with cleaning of cattle pound. The fees of animals will be collect by the successful tenderer fixed by the municipality @ Rs. 150/- per Buffalo, Rs. 100/- per Cow & Bulk & Rs. 50/- per calf with proper receipt which can not be exceed. The entire process will be supervised by a designated person by the municipality. The tender call notice will be available in this office website i.e. www.sunabedamunicipality.in. The undersigned reserves the right to reject any or all the tenders without assigning any reason thereof.

*Sd./- Executive Officer, Sunabeda Municipality*

" ଚଳିତ ବର୍ଷ କିଛି ସଫଳତା ହାସଲ କରିବାକୁ ହେଲେ ଆମ ଦଳକୁ ସ୍ଥିର ପ୍ରଦର୍ଶନ ସହ ପ୍ରତିଟି ମ୍ୟାଚକୁ ସମାନ ଗୁରୁତ୍ୱ ଦେଇ ଖେଳିବାକୁ ପଡ଼ିବା।–ଜିନେଡିନ ଜିଡାନ୍, ରିୟଲ ମାଡ୍ରିଡ କ୍ଲବ ମ୍ୟାନେଜର



" ଗତ ଦୁଇ ବର୍ଷ ମଧ୍ୟରେ ସର୍ଫରାଜ ଅହମ୍ମଦ ଅନେକ ଅଭିଜ୍ଞତା ହାସଲ କରିଛନ୍ତି। ତାଙ୍କୁ ବହିଷ୍କାର ନ କରି ଫର୍ମ ଫେରିବା ପର୍ଯ୍ୟନ୍ତ ସୁଯୋଗ ଦିଆଯିବା ଉଚିତ୍ ଥିଲା।–ଜାଭେଦ ମିଆଁଦାଦ୍, ପାକିସ୍ତାନର ମହାନ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ହିଜାବ ମହିଳା ଫୁଟ୍‌ବଲରଙ୍କୁ ସାହାଯ୍ୟ କଲେ ପ୍ରତିପକ୍ଷ ଖେଳାଳି

ପ୍ୟାରିସ,୨୦।୧୦: ନିକଟରେ ଏକ ମହିଳା ଫୁଟବଲ ମ୍ୟାଚ୍‌ରେ ଘଟିଥିବା ଘଟଣା ସୋସିଆଲ ମିଡିଆରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ଜୋର୍ଡାନର ଶାବାବ ଅଲ ଓର୍ଡନ କ୍ଲବ ଓ ଆରବ ଅର୍ଥଡକ୍ସ କ୍ଲବ ମଧ୍ୟରେ ୱାଫ ମହିଳା କ୍ଲବ ଚାମ୍ପିୟନଶିପ୍ ମ୍ୟାଚ୍ ଖେଳାଯାଇଥିଲା। ମ୍ୟାଚ୍‌ରେ ଗୋଟିଏ ଦଳର ମହିଳାମାନେ ହିଜାବ ପରିଧାନ କରି ଖେଳୁଥିଲେ। ପ୍ରତିପକ୍ଷ ଖେଳାଳିଙ୍କ ଟ୍ୟାକେଲରୁ ବର୍ତ୍ତିବା ପାଇଁ ଉଦ୍ୟମ କରୁଥିବାବେଳେ ଜଣେ ଖେଳାଳିଙ୍କ ହିଜାବ ଖସି ଯାଇଥିଲା। ଏହାପରେ ଯାହା ପ୍ରତିପକ୍ଷ ଦଳର ଖେଳାଳିମାନେ କଲେ, ତାହା ସଭିଙ୍କ ହୃଦୟ ଜିତିନେଇଥିଲା। ଉକ୍ତ ଖେଳାଳିଙ୍କ ନିକଟରେ ଥିବା ସମସ୍ତ ଖେଳାଳିମାନେ ତାଙ୍କୁ ଘେରି ରଖି ହିଜାବ ଠିକ୍ କରିବାକୁ ସମୟ ଦେଇଥିଲେ। ପ୍ରତିପକ୍ଷ ଖେଳାଳିଙ୍କ ସମ୍ମାନ ପ୍ରଦର୍ଶନ ଓ କ୍ରୀଡ଼ାବିତ୍ ମନୋଭାବକୁ ଷ୍ଟାଡିୟମ ଉପସ୍ଥିତ ଦର୍ଶକ ଖୁସି ପ୍ରକଟ କରିଥିଲେ। ଶାବାବ ଅଲ ଓର୍ଡାନ କ୍ଲବ ଟୁର୍ଣ୍ଣାମେଣ୍ଟ ଜିତିଥିଲା। ହେଲେ ତାଙ୍କର ପ୍ରତିପକ୍ଷ ଦଳକୁ ସହାୟତା କରିବାର ମନୋଭାବ ଯୋଗୁ ଇଣ୍ଟରନେଟ୍‌ରେ ସଭିଙ୍କ ହୃଦୟ ଜିତୁଛି।

### ପ୍ରମୋଦଙ୍କ ପଏଣ୍ଟ ୬୩୦୦ରେ ପହଞ୍ଚିଲା



ଭୁବନେଶ୍ୱର, ୨୦।୧୦(କ୍ରୀଡ଼ା ପ୍ରତିନିଧି): ଡେନ୍‌ମାର୍କର କୋପେନହାଗେନଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ୨ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ଏଥି ସହିତ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ତାଙ୍କର ର୍‍ୟାଙ୍କିଙ୍ଗ ପଏଣ୍ଟ ୬,୩୦୦ରେ ପହଞ୍ଚିଛି। ଫଳରେ ଅଲିମ୍ପିକ୍ସରେ ତାଙ୍କର ଅଂଶଗ୍ରହଣ କ୍ରମେ ଦୃଢ଼ ହେବାରେ ଲାଗିଛି। ନିୟମ ଅନୁସାରେ ସର୍ବାଧିକ ର୍‍ୟାଙ୍କିଙ୍ଗ ପଏଣ୍ଟ ପାଇଥିବା ୬ ପ୍ରତିଯୋଗୀ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ। ବର୍ତ୍ତମାନ ସୁଦ୍ଧା ପ୍ରମୋଦଙ୍କ ର୍‍ୟାଙ୍କିଙ୍ଗ ପଏଣ୍ଟର ପାଖାପାଖି ଆଉ କୌଣସି ଆଥଲେଟ୍ ପହଞ୍ଚି ପାରିନାହାନ୍ତି। ଅଲିମ୍ପିକ୍ସ ପୂର୍ବରୁ ଆଉ ଅଳ୍ପ ପ୍ରତିଯୋଗିତା ଥିବାରୁ ପ୍ରମୋଦ ଅଲିମ୍ପିକ୍ସ ଯୋଗ୍ୟତାର ଦ୍ୱାରରେ ପହଞ୍ଚି ଯାଇଛନ୍ତି। ପ୍ରମୋଦଙ୍କ ତଳକୁ ଦ୍ୱିତୀୟ ସ୍ଥାନରେ ରହିଥିବା ଡାନିଏଲ ବାଥେଲ ୩,୭୭୦ ପଏଣ୍ଟରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦଙ୍କ ଡବଲ୍ସ ପାର୍ଟନର ମନୋଜ ସରକାର ୩୧୮୦, ଦାଇସୁକେ ଫୁଜିହାରା ୩୦୫୦, ଉକୁନ ରୁକେଣ୍ଡି ୨୬୩୦ ଓ ବିକ୍ରମ କୁମାର ୧୫୭୦ ପଏଣ୍ଟ ପାଇଛନ୍ତି।



କୋଚିଠାରେ ରବିବାର ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ)ର ଉଦ୍‌ଘାଟନୀ ଉତ୍ସବରେ ଟାଇଗର ଶ୍ରଫ ଓ ଦିଶା ପଟାନିଙ୍କ ନୃତ୍ୟ ପ୍ରଦର୍ଶନ।

# ଓଡ଼ିଶାରେ ହେବ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍

ଭୁବନେଶ୍ୱର, ୨୦।୧୦
(କ୍ରୀଡ଼ା ପ୍ରତିନିଧି)

ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍(ମହିଳା, ପୁରୁଷ)ର ୬୮ତମ ସଂସ୍କରଣ ଓଡ଼ିଶାରେ ଅନୁଷ୍ଠିତ ହେବ। ଓଡ଼ିଶା ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଡିସେମ୍ବର ୨୫ରୁ ଆରମ୍ଭ ହେବ। ୨୦୨୦ ଜାନୁୟାରୀ ୨ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଭାରତର ୩୫ଟି ଲେଖାଏ ମହିଳା ଓ ପୁରୁଷ ଦଳର ପାଖାପାଖି ୮୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ରାଜ୍ୟରେ ପ୍ରଥମଥର ପାଇଁ ସମ୍ମାନଜନକ ଜାତୀୟ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଓଡ଼ିଶାରେ ପୂର୍ବରୁ ୨ଥର ଭଲିବଲର ଜାତୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ମାତ୍ର ଏହି ୨ଥର ଯାକ ଜୁନିୟର ସ୍ତରର। ୨୦୦୯ରେ ଜାତୀୟ ଜୁନିୟର ଏବଂ ୨୦୧୯ରେ ଜାତୀୟ ସବ୍‌ଜୁନିୟର ପ୍ରତିଯୋଗିତା କିଟ୍ ପରିସରରେ ଅନୁଷ୍ଠିତ ହୋଇଥିଲା।

# ଉଦ୍‌ଘାଟନୀ ମ୍ୟାଚରେ ବ୍ଲାଷ୍ଟର୍ସ ବିଜୟୀ

**ଇଣ୍ଡିଆନ ସୁପର ଲିଗ୍**

କୋଚି, ୨୦।୧୦

ଇଣ୍ଡିଆନ ସୁପର ଲିଗ୍ ୨୦୧୯-୨୦ର ଉଦ୍‌ଘାଟନୀ ମ୍ୟାଚରେ ଦୁଇଥର ରନର୍ସଅପ୍ କେରଳ ବ୍ଲାଷ୍ଟର୍ସ ବିଜୟ ଲାଭ କରିଛି। ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଏହି ମ୍ୟାଚରେ ଦଳ ଦୁଇଥର ଚାମ୍ପିୟନ ଏଟିକେକୁ ୨-୧ ଗୋଲରେ ପରାସ୍ତ କରିଛି। ଖେଳର ୬ଷ୍ଠ ମିନିଟ୍‌ରେ ଏଟିକେ ତରଫରୁ କାର୍ଲ ମ୍ୟାକ୍ ହ୍ୟୁଗ୍‌ଗୋଲ୍ ଓପନ କରିଥିଲେ। ହେଲେ ୩୦ତମ ମିନିଟ୍‌ରେ ବାର୍ଥୋଲୋମ୍ୟୁ ଓଜ୍‌ବେଚେଙ୍କ ପେନାଲ୍‌ଟି ଗୋଲ ସହାୟତାରେ କେରଳ ବ୍ଲାଷ୍ଟର୍ସ ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲା। ପ୍ରଥମାର୍ଦ୍ଧ ଖେଳ ଶେଷଭାଗରେ ଅର୍ଥାତ ୪୫ତମ ମିନିଟ୍‌ରେ ଓଜ୍‌ବେଚେ ଆଉ ଏକ ଗୋଲ ସ୍କୋର କରି ତାଙ୍କ ଦଳକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ଏଟିକେ ଏକାଧିକ ଗୋଲ ଦେବାର ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ଫଳରେ କେରଳ ବିଜୟୀ ହୋଇଥିଲା। ଇଣ୍ଡିଆନ ସୁପର ଲିଗ୍ ଏଣିକି ଦେଶର ଟପ୍ ଡିଭିଜନ ଲିଗ୍‌ର ମାନ୍ୟତା ଲାଭ କରିଛି। ଫଳରେ ଲିଗ୍ ପର୍ଯ୍ୟାୟ ଟେବୁଲ ଟପର ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ପ୍ଲେ-ଅଫ୍ ଖେଳିବା ସୁଯୋଗ ପାଇବ। ସୂଚନାଯୋଗ୍ୟ, ୨୦୧୪ରେ ଆଇଏସଏଲର ପ୍ରଥମ ସଂସ୍କରଣରେ କେରଳ ବ୍ଲାଷ୍ଟର୍ସକୁ ପରାସ୍ତ କରି ଏଟିକେ ଉଦ୍‌ଘାଟନୀ ଟାଇଟଲ ଜିତିଥିଲା। ଉଦ୍‌ଘାଟନୀ ଉତ୍ସବରେ ଟାଇଗର ଶ୍ରଫ୍ ଏବଂ ଦିଶା ପଟାନିଙ୍କ ନୃତ୍ୟ ଦର୍ଶକଙ୍କୁ ଆମୋଦିତ କରିଥିଲା।

# ରଗ୍‌ବୀ ବିଶ୍ୱକପ: ଜାପାନ ଯିବେ ଓଡ଼ିଶାର ମନ୍ଦୁଇ

ଭୁବନେଶ୍ୱର, ୨୦।୧୦
(କ୍ରୀଡ଼ା ପ୍ରତିନିଧି)

ଜାପାନରେ ହେବାକୁ ଯାଉଥିବା ରଗ୍‌ବୀ ବିଶ୍ୱକପକୁ ନିକଟରୁ ଦେଖିବା ପାଇଁ ଓଡ଼ିଶାର ପ୍ରତିଭା ସମ୍ପନ୍ନ ଖେଳାଳି ମନ୍ଦୁଇ ସଏଙ୍କ ପାଇଁ ସୁଯୋଗ ଆସିଛି। ଇଣ୍ଡିଆନ ରଗ୍‌ବୀ ୟୁନିୟନ ପକ୍ଷରୁ ଲକି ଡ୍ର ଜରିଆରେ ୮ (୪ ବାଳିକା, ୪ ବାଳକ) ରଗ୍‌ବୀ ପ୍ରତିଭା ଏବଂ ୨ ଜଣ ଚେୟାରପର୍ସନଙ୍କୁ ଜାପାନ ପଠାଇବାକୁ ମନୋନୟନ କରାଯାଇଛି। ଏହି ତାଲିକାରେ କେନ୍ଦ୍ରାପଡ଼ାର ମନ୍ଦୁଇ ସାମିଲ ଅଛନ୍ତି। ୪ ବାଳିକାଙ୍କ ମଧ୍ୟରେ ଓଡ଼ିଶାର ମନ୍ଦୁଇ, ବିହାରର ଗୁରିଆ କୁମାରୀ, ଜମ୍ମୁ କଶ୍ମୀରର ଜୁନାଇରା ଅମ୍ବର ଓ ତାମିଲନାଡୁର ଆର. ପ୍ରିୟା ସ୍ଥାନ ପାଇଛନ୍ତି। ମନୋନୀତ ରଗ୍‌ବୀ ପ୍ରତିଭାମାନେ ବିଶ୍ୱକପ ଦେଖିବା ସହ ଜାପାନ କିଡ୍ସ ରଗ୍‌ବୀ ସ୍ପିରିଟ୍ ଫେଷ୍ଟିଭାଲରେ ଅଂଶଗ୍ରହଣ କରିବେ। ୧୪ ବର୍ଷୀୟା ମନ୍ଦୁଇଙ୍କ ପ୍ରକୃତ ଘର ହେଉଛି ମୟୂରଭଞ୍ଜ ଜିଲା ମହୁଲଡିହା ନିକଟସ୍ଥ ପୋଖରିଆବାଡ଼ି ଗ୍ରାମରେ। ସେ ମାତ୍ର ୧ ବର୍ଷର ହୋଇଥିବାବେଳେ ପିତୃ ବିୟୋଗ ଘଟିଥିଲା। ପରେ ତାଙ୍କ ମା', ୨ ବଡ଼ ଭଉଣୀ ଓ ବଡ଼ ଭାଇ କେନ୍ଦ୍ରାପଡ଼ା ଚାଲି ଆସିଥିଲେ। ୭ମ ଶ୍ରେଣୀରେ ପଢ଼ୁଥିବା ମନ୍ଦୁଇ ଆନ୍ତଃ ସ୍କୁଲ ମିଟ୍‌ରେ ଭାଗ ନେଇଆସୁଛନ୍ତି। ରାଜ୍ୟ ପକ୍ଷରୁ ଜାତୀୟସ୍ତରରେ ପ୍ରତିନିଧିତ୍ୱ କରିବା ତାଙ୍କର ଲକ୍ଷ୍ୟ। ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ମନ୍ଦୁଇଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ମନ୍ଦୁଇ ସଏଙ୍କ ସହ ଉପେନ୍ଦ୍ର କୁମାର ମହାନ୍ତି।

# ସେମିରେ କର୍ଣ୍ଣାଟକ, ଗୁଜରାଟ

ବେଙ୍ଗାଲୁରୁ, ୨୦।୧୦(ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଚାଲିଥିବା ଏକଦିବସୀୟ କ୍ରିକେଟ୍ ପ୍ରତିଯୋଗିତା ବିଜୟ ହଜାରେ ଟ୍ରଫିର ନକ୍‌ଆଉଟ୍ ପର୍ଯ୍ୟାୟ ରବିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ କର୍ଣ୍ଣାଟକ ଓ ଗୁଜରାଟ ଯଥାକ୍ରମେ ପୁଡୁଚେରୀ ଓ ଦିଲ୍ଲୀକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ଅନ୍ୟ ୨ଟି କ୍ୱାର୍ଟର ଫାଇନାଲରେ ପଞ୍ଜାବ ଓ ତାମିଲନାଡୁ ଏବଂ ଛତିଶଗଡ଼ ଓ ମୁମ୍ବାଇ ପରସ୍ପରକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ପ୍ରଥମ କ୍ୱାର୍ଟର ଫାଇନାଲରେ କର୍ଣ୍ଣାଟକ ୮ ଉଇକେଟ୍‌ରେ ବିଜୟୀ ହୋଇଛି। ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପୁଡୁଚେରୀ ସାଗର ତ୍ରିବେଦୀ (୫୪) ଓ ଭିନେଶ୍ୱରନ ମାରିମୁଥୁ (୫୮)ଙ୍କ ଅର୍ଦ୍ଧଶତକ ବଳରେ ୫୦ ଓଭରରେ ୯ ଉଇକେଟ୍ ହରାଇ ୨୦୭ ରନ୍ ସଂଗ୍ରହ କରିଥିଲା। ଘରୋଇ କର୍ଣ୍ଣାଟକ ପକ୍ଷରୁ ପ୍ରବୀଣ ଦୁବେ ୩ ଏବଂ ଅଭିମନ୍ୟୁ ମିଥୁନ ଓ ଭି. କୌଶିକ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ କର୍ଣ୍ଣାଟକ ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ୪୧ ଓଭରରେ ୨ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

# ଦୂତୀ ଭୋଗ୍ ଇଣ୍ଡିଆ ସ୍ପୋର୍ଟ୍ସ ପର୍ସନ ଅଫ୍ ଦି ଇୟର

ଭୁବନେଶ୍ୱର, ୨୦।୧୦(କ୍ରୀଡ଼ା ପ୍ରତିନିଧି)

ଭୋଗ୍ ଇଣ୍ଡିଆ ମାଗାଜିନ ପକ୍ଷରୁ ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦଙ୍କୁ ସ୍ପୋର୍ଟ୍ସ ପର୍ସନ ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯାଇଛି। ବମ୍ବେଠାରେ ଶନିବାର ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ବିଭିନ୍ନ ବିଭାଗରେ ଶ୍ରେଷ୍ଠତ୍ୱ ପାଇଁ ପୁରସ୍କାର ଲାଭ କରିଥିବା ଅନ୍ୟ ସେଲିବ୍ରିଟିଙ୍କ ସହ ଦୂତୀଙ୍କୁ ଶ୍ରେଷ୍ଠ କ୍ରୀଡ଼ାବିତ୍‌ଭାବେ ପୁରସ୍କୃତ କରାଯାଇଛି। ଏହା ବ୍ୟତୀତ ଭୋଗ୍ ଇଣ୍ଡିଆ ମାଗାଜିନ ନଭେମ୍ବର ସଂସ୍କରଣର ପ୍ରଚ୍ଛଦପଟରେ ଦୂତୀ ସ୍ଥାନ ପାଇବେ। ଦୂତୀ ପୁରସ୍କାର ସହ ନିଜ ଫଟୋ ଥିବା ମାଗାଜିନର ପ୍ରଚ୍ଛଦପଟ ପୃଷ୍ଠାକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ନିକଟରେ ରାଞ୍ଚିରେ ଅନୁଷ୍ଠିତ ଆଥଲେଟିକ୍ ମିଟ୍‌ରେ ଦୂତୀ ମହିଳା ୧୦୦ ମିଟର ରେସ୍‌କୁ ୧୧.୨୨ ସେକେଣ୍ଡରେ ଅତିକ୍ରମ କରି ନିଜ ନାମରେ ଥିବା ଜାତୀୟ ରେକର୍ଡକୁ ଭାଙ୍ଗିଥିଲେ। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି।






ପୁରସ୍କାର ସହ ଦୂତୀ ଚାନ୍ଦ (ବାମ) ।

# ମାର୍କ୍ୱେଜଙ୍କୁ ସିଜନର ୧୦ମ ଟାଇଟଲ

ମୋଟେଗି (ଜାପାନ), ୨୦।୧୦ (ପି.ଟି.)

ରେପସୋଲ ହୋଣ୍ଡା ଟିମ୍‌ର ବିଶ୍ୱ ଚାମ୍ପିୟନ ମାର୍କ ମାର୍କ୍ୱେଜ ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ଜାପାନର ଟ୍ୱିନ ରିଙ୍ଗ୍ ମୋଟେଗିଠାରେ ଅନୁଷ୍ଠିତ ମୋଟୁଲ ଗ୍ରାଁ ପ୍ରିରେ ସେ ଚଳିତ ସିଜନରେ ତାଙ୍କର ୧୦ମ ଟାଇଟଲ ହାସଲ କରିଛନ୍ତି। ମୋଟେଗିଠାରେ ମୋଟୋଜିପିରେ ପ୍ରଥମ ଥର ପୋଲ୍ ପୋଜିଶନ ହାସଲ କରିଥିବା ୨୬ ବର୍ଷୀୟ ଏହି ହୋଣ୍ଡା ରାଇଡର ୪୨:୪୨.୪୯୨ ସେକେଣ୍ଡ ଟାଇମିଂ ସହ ଟାଇଟଲ ଜିତିଥିଲେ। ଗ୍ରୀଡ଼ର ତୃତୀୟ ସ୍ଥାନର ରେସଆରମ୍ଭ କରିଥିବା ୟାମାହା ଏସଆରଟିର ଫାବିଓ କ୍ୱାର୍ଟାରାରୋ ମାର୍କ୍ୱେଜଙ୍କଠାରୁ ୦.୮୭୦ ସେକେଣ୍ଡ ଟାଇମ ବ୍ୟବଧାନରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୨୪ ଲାପ୍ ବିଶିଷ୍ଟ ରେସ୍‌ରେ ଡୁକାଟିର ଆଣ୍ଡ୍ରିଆ ଡୋଭିଜିଓସୋ (୪୨:୪୮.୮୧୭ ସେକେଣ୍ଡ) ୪ ସ୍ଥାନ ଉପରକୁ ଉଠି ତୃତୀୟ ହୋଇଥିଲେ। ସିଜନର ଆଉ ୩ଟି ରେସ୍ ବାକି ଥିବାବେଳେ ରବିବାରର ଏହି ବିଜୟ ସହ ମାର୍କ୍ୱେଜ ରେପସୋଲ ହୋଣ୍ଡା ପାଇଁ କନଷ୍ଟ୍ରକ୍ଟର ଟାଇଟଲ ହାସଲ କରିପାରିଛନ୍ତି। ୨୦୧୬ ଏବଂ ଗତବର୍ଷ ପରେ ମାର୍କ୍ୱେଜ ତୃତୀୟ ଥର ପାଇଁ ଜାପାନ ମୋଟୋ ଜିପି ଟାଇଟଲ ଜିତିଛନ୍ତି। ଏଠାକୁ ଆସିବା ପୂର୍ବରୁ ମାର୍କ୍ୱେଜ ଥାଇଲ୍ୟାଣ୍ଡରେ ଅନୁଷ୍ଠିତ ଗତ ରେସ୍‌ରେ କ୍ରମାଗତ ଚତୁର୍ଥ ଥର ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିସାରିଛନ୍ତି। ସ୍ପେନର ଏହି ୨୬ ବର୍ଷୀୟ ରାଇଡର ମୋଟ ୮ଥର ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିସାରିଛନ୍ତି।





ଦିଲ୍ଲୀ ହାଫ୍ ମାରାଥନ୍ ବିଜେତା ଆଣ୍ଡାମଲାକ ବେଲିହୁ ଓ ସେହାୟ ଗେମେଚୁ।

# ବେଲିହୁ, ଗେମେଚୁଙ୍କୁ ଟାଇଟଲ୍

**ଦିଲ୍ଲୀ ହାଫ୍ ମାରାଥନ୍**

ନୂଆଦିଲ୍ଲୀ, ୨୦।୧୦(ପି.ଟି.)

ରବିବାର ଏଠାରେ ଅନୁଷ୍ଠିତ ୧୫ତମ ଏୟାରଟେଲ୍ ଦିଲ୍ଲୀ ହାଫ୍ ମାରାଥନର ଉଭୟ ପୁରୁଷ ଓ ମହିଳା ବର୍ଗରେ ଇଥିଓପିଆ ଧାବକ ଟାଇଟଲ୍ ଜିତିବାରେ ସଫଳ ହୋଇଛନ୍ତି। ପୁରୁଷ ବିଭାଗରେ ଆଣ୍ଡାମଲାକ ବେଲିହୁ ଓ ମହିଳା ବିଭାଗରେ ସେହାୟ ଗେମେଚୁ ସେମାନଙ୍କ ଟାଇଟଲ୍ ବଜାୟ ରଖିଛନ୍ତି।

ପୁରୁଷ ବିଭାଗରେ ୨୦ ବର୍ଷୀୟ ବେଲିହୁ ଏହି ହାଫ୍ ମାରାଥନ (୨୧.୦୯୭୫ କି.ମି.) ଦୂରତାକୁ ୫୯ ମିନିଟ୍ ୧୦ ସେକେଣ୍ଡରେ ଫିନିଶ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଏହା ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଗତବର୍ଷ ସେ ଏଠାରେ ୫୯:୧୮ ସେକେଣ୍ଡ ସହ ପ୍ରଥମ ସ୍ଥାନ ହାସଲ କରିଥିଲେ। ଇଥିଓପିଆର ସୋଲୋମୋନ ବେରିହୁ (୫୯:୧୭) ଓ କେନିଆର କିବିୱଟ କାଣ୍ଡିଏ (୫୯:୩୩) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ତେବେ ଇଥିଓପିଆନ ଧାବକ ଗୁୟେ ଆଡୋଲାଙ୍କ ନାମରେ ଦିଲ୍ଲୀ ହାଫ୍ ମାରାଥନ ରେକର୍ଡ ରହିଛି। ୨୦୧୪ରେ ଗୁୟେ (୫୯:୦୬) ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅପରପକ୍ଷରେ ମହିଳା ବିଭାଗରେ ଇଥିଓପିଆ କ୍ଲିନ୍ ସୁଇପ୍ କରିଥିଲା। ୨୦ ବର୍ଷୀୟା ଗେମେଚୁ ୬୬:୦୦ ମିନିଟ୍‌ରେ ରେସ୍ ଶେଷକରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଏହା ମଧ୍ୟ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ୟେଲାମଜେର୍ଫ ୟେହୁଆଲ (୬୬:୦୧) ଓ ଜୈନେବା ୟିମର (୬୬:୫୭) ଯଥାକ୍ରମେ ଦ୍ୱିତୀୟ ଓ ୩ୟ ସ୍ଥାନରେ ରହି ପୋଡ଼ିୟମ ଫିନିଶ କରିଥିଲେ। ପୁରୁଷ ଓ ମହିଳା ବର୍ଗର ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ୨୭ ହଜାର ଆମେରିକୀୟ ଡଲାର (ଭାରତୀୟ ମୁଦ୍ରାରେ ୧୯ ଲକ୍ଷ ୧୯ ହଜାର ୪୪୩ ଟଙ୍କା) ପ୍ରଦାନ କରାଯାଇଛି।

# ବସ୍ ଦୁର୍ଘଟଣା: ଓଡ଼ିଶା ଜୁଡୋ ଖେଳାଳି ଆହତ

ଭୁବନେଶ୍ୱର, ୨୦।୧୦
(ସ୍ପୋର୍ଟ୍ସ ବ୍ୟୁରୋ)

ଶନିବାର ରାତିରେ ଏକ ବସ୍ ଦୁର୍ଘଟଣାରେ ଓଡ଼ିଶା ଜୁଡୋ ଖେଳାଳିମାନେ ଆହତ ହୋଇଛନ୍ତି। ଖବର ଅନୁସାରେ ଅକ୍ଟୋବର ୧୪ରୁ ୧୯ ପର୍ଯ୍ୟନ୍ତ ଆୟୋଜିତ ଜାତୀୟ ସବ୍ ଜୁନିୟର ଏବଂ କ୍ୟାଡେଟ୍ ଜୁଡୋ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ଲାଗି ଏକ ୨୯ ଦଳିଆ ଓଡ଼ିଶା ଜୁଡୋ ଦଳ ଇମ୍ଫାଲ ଗସ୍ତ କରିଥିଲା। ପ୍ରତିଯୋଗିତାରେ ଭାଗ ନେଇ ଘରକୁ ଫେରିବା ଲାଗି ସେମାନେ ଟ୍ରେନ୍ ଧରିବା ପାଇଁ ଇମ୍ଫାଲରୁ ଦିମାପୁର ଆସୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଜୁଡୋ ଦଳରେ ୧୪ ବାଳିକା, ଜଣେ ବାଳିକା କୋଚ୍, ୧୩ ବାଳକ ଏବଂ ଜଣେ ବାଳକ କୋଚ୍ ଓ ଜଣେ ମ୍ୟାନେଜର ଥିଲେ। ୪ଜଣ ବାଳିକା ଗୁରୁତର ଭାବେ ଆହତ ହୋଇଛନ୍ତି। ଜଣଙ୍କର କଲାର ବୋନ୍ ଭାଙ୍ଗିଯାଇଛି। କୋଚ୍ ବଳରାମ ବେହେରା ମଧ୍ୟ ଆହତ ହୋଇଛନ୍ତି। ଖେଳାଳିମାନେ ଯେଉଁ ବସ୍‌ରେ ଫେରୁଥିଲେ ବାଟରେ ରାତି ପ୍ରାୟ ୧୨ଟା ବେଳେ ବସ୍‌ଟି ଓଲଟି ପଡ଼ିଥିଲା ଏବଂ ଭାଙ୍ଗିରୁଜି ଯାଇଥିଲା। ସ୍ଥାନୀୟ ଲୋକେ ଏବଂ ଆସାମ ରାଇଫଲର ଖେଳାଳିମାନଙ୍କ ସହାୟତାରେ ଏକ ଘରୋଇ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ଜୁଡୋ ଦଳ ବିବେକ ଏକ୍ସପ୍ରେସ୍ ଟ୍ରେନ୍ ଜରିଆରେ ଦିମାପୁର ଛାଡ଼ିଥିଲେ ବୋଲି ରାଜ୍ୟ ଜୁଡୋ କୋଚ୍ ଗୀତାଞ୍ଜଳି ପଣ୍ଡା ସୂଚନା ଦେଇଛନ୍ତି। ଓଡ଼ିଶା ଜୁଡୋ ଦଳ ଭୁବନେଶ୍ୱରରେ ସୋମବାର ସନ୍ଧ୍ୟା ସୁଦ୍ଧା ପହଞ୍ଚିବ ବୋଲି ଆଶା କରାଯାଉଛି।






ଦୁର୍ଘଟଣାରେ ଆହତ ଓଡ଼ିଶା ଖେଳାଳିମାନେ।

## ସଂକ୍ଷେପରେ

### ଉମେଶ ଯାଦବଙ୍କ କୃତିତ୍ୱ

**ରାଞ୍ଚି, ୨୦।୧୦:** ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏଠାରେ ଚାଲିଥିବା ଅନ୍ତିମ ତଥା ୩ୟ ଟେଷ୍ଟର ୨ୟ ଦିବସରେ ଭାରତର ଉମେଶ ଯାଦବ ତାଙ୍କ ବ୍ୟାଟିଂ ଦକ୍ଷତା ପାଇଁ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ଭାରତ ଇନିଂସର ଶେଷଭାଗରେ ବ୍ୟାଟିଂ କରିବାକୁ ଆସିଥିବା ଉମେଶ ୧୦ ବଲରୁ ୩୧ ରନର ଦ୍ରୁତ ଇନିଂସ ଖେଳିଥିଲେ, ଯେଉଁଥିରେ ୫ଟି ବିଶାଳ ଛକା ରହିଥିଲା। ଉମେଶ ସାମ୍ନା କରିଥିବା ୧୦ଟି ଯାକ ବଲ୍ ଯଥାକ୍ରମେ ୬, ୬, ୦, ୧, ୬, ୦, ୬, ୦, ୬ ଓ ଉଇକେଟ୍ ଏହିପରି ଭାବେ ରହିଥିଲା। ସମସ୍ତ ୫ଟି ଛକା ସେ ବାମହାତୀ ସ୍ପିନର ଜର୍ଜ ଲିଣ୍ଡେଙ୍କୁମ ମାରିଥିଲେ। ଏଥିସହ ଟେଷ୍ଟ କ୍ରିକେଟ୍ ଇତିହାସରେ ବିଶ୍ୱର ୩ୟ ବ୍ୟାଟ୍ସମ୍ୟାନ ଭାବେ ସାମ୍ନା କରିଥିବା ପ୍ରଥମ ୨ ବଲ୍‌କୁ ଛକା ମାରିବାର କୃତିତ୍ୱ ଅର୍ଜନ କରିଛନ୍ତି। ପୂର୍ବରୁ ସଚିନ ତେନ୍ଦୁଲକର ଓ ୱେଷ୍ଟଇଣ୍ଡିଜର ଫୋଫି ୱିଲିୟମ୍ସ ଇନିଂସରେ ସାମ୍ନା କରିଥିବା ପ୍ରଥମ ୨ ବଲରୁ ଛ' ରନ ଲେଖାଏ ସଂଗ୍ରହ କରିଥିଲେ। ସେହିଭଳି ଟେଷ୍ଟ କ୍ରିକେଟ୍‌ରେ ଦ୍ରୁତ ୩୦+ ରନ୍ ସଂଗ୍ରହ କରିବାର ରେକର୍ଡ ଉମେଶଙ୍କ ନାମରେ ଲିପିବଦ୍ଧ ହୋଇଛି। ଏହି କ୍ରମରେ ସେ ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟକ ଷ୍ଟିଫେନ୍ ଫ୍ଲେମିଂଙ୍କୁ ପଛରେ ପକାଇ ଦେଇଛନ୍ତି। ୨୦୦୪ରେ ଫ୍ଲେମିଂ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୧୧ ବଲରୁ ଅପରାଜିତ ୩୧ ରନ୍ କରିଥିଲେ। ୱେଷ୍ଟଇଣ୍ଡିଜର ନାମ୍ ମ୍ୟାକ୍ଲେନ (୧୨ ବଲ୍ ୩୧ ରନ), ଅବଦୁର୍ ରଜାକ (୧୭ ବଲ୍ ୪୩ ରନ), ଅଷ୍ଟ୍ରେଲିଆର ଡବ୍ଲ୍ୟୁ.ପି. ହୋୱେଲ୍ (୧୫ ବଲ୍ ୩୫ ରନ) ପ୍ରମୁଖ ଏହି ତାଲିକାର ଟପ୍-୫ରେ ରହିଛନ୍ତି। ସେହିଭଳି ଏହି ଇନିଂସ ମଧରେ ଉମେଶ ଆଉ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି। ଟେଷ୍ଟ ମ୍ୟାଚ୍‌ର ଗୋଟିଏ ଇନିଂସରେ ୧୦ ବଲ୍ ସାମ୍ନା କରିଥିବା ଖେଳାଳିଙ୍କ ମଧରେ ସେ ସର୍ବାଧିକ ଷ୍ଟ୍ରାଇକରେଟ୍ ହାସଲ କରିଛନ୍ତି। ଏହି ଇନିଂସରେ ତାଙ୍କର ଷ୍ଟ୍ରାଇକରେଟ୍ ୩୧୦ ରହିଥିଲା।

### ଅଷ୍ଟ୍ରେଲିଆ କୋଚିଂ ଷ୍ଟାଫରେ ହସି

**ସିଡ୍‌ନୀ,୨୦।୧୦(ଏଏଫ୍‌ପି):** ପୂର୍ବତନ ମଧକ୍ରମର ବ୍ୟାଟ୍ସମ୍ୟାନ ମାଇକ ହସିଙ୍କୁ ଅଷ୍ଟ୍ରେଲିଆନ୍ କୋଚ୍ ଜଷ୍ଟିନ ଲାଙ୍ଗରଙ୍କ ନେତୃତ୍ୱାଧୀନ କୋଚିଂ ଷ୍ଟାଫରେ ସାମିଲ କରାଯାଇଛି। ତାଙ୍କୁ ଶ୍ରୀଲଙ୍କା ଓ ପାକିସ୍ତାନ ବିପକ୍ଷ ଟି୨୦ ସିରିଜ୍ ଲାଗି ଅଷ୍ଟ୍ରେଲିଆ ଦଳର ମେଣ୍ଟର ଦାୟିତ୍ୱ ଦିଆଯାଇଛି। ତାଙ୍କ ବ୍ୟତୀତ ଦଳୀୟ କୋଚିଂ ଷ୍ଟାଫରେ ରିକି ପଣ୍ଟିଂ ଓ ଷ୍ଟିଭ ୱାଙ୍କ ଭଳି କିମ୍ବଦନ୍ତୀ ରହିଛନ୍ତି।



"ଟେନିସ ପ୍ରତିଯୋଗିତାରେ ଷ୍ଟାନ ୱାରିଙ୍କାଙ୍କ ସହିତ ମୋର ଅନେକଥର ଭେଟ ହୋଇଛି। ୟୁରୋପିଆନ ଓପନ ଫାଇନାଲରେ ଆମ ଦୁହିଙ୍କ ମଧରେ ମୁକାବିଲା ହେବାକୁ ଥିବାରୁ ମୁଁ ଖୁବ୍ ଖୁସି–
**ଆଣ୍ଡି ମୁରେ, ବ୍ରିଟିଶ ଟେନିସ୍ ଖେଳାଳି**



"ପ୍ରିମିୟର ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟର କେତୋଟି ମ୍ୟାଚରେ ଆମ ଦଳର ପ୍ରଦର୍ଶନ ଭଲ ରହି ନ ଥିଲେ ମଧ ଆମେ ଖୁବ୍ ଶୀଘ୍ର ପ୍ରତ୍ୟାବର୍ତ୍ତନ କରି ପାରିବୁ ବୋଲି ମୋର ଦୃଢ ଆଶା ରହିଛି–**ଓଲେ ଗନାର ସଲ୍‌କଜେର, ମାଞ୍ଚେଷ୍ଟର ୟୁନାଇଟେଡ୍ ଫୁଟ୍‌ବଲ କ୍ଲବ ମ୍ୟାନେଜର**

# ରୋହିତଙ୍କ ଦ୍ୱିଶତକ, ରାହାନେଙ୍କ ଶତକ

ରାଞ୍ଚି, ୨୦।୧୦(ପି.ଟି.)

ରୋହିତ ଶର୍ମାଙ୍କ ଦ୍ୱିଶତକ ଏବଂ ଅଜିଙ୍କ୍ୟ ରାହାନେଙ୍କ ଶତକ ସହାୟତାରେ ଭାରତ ଏଠାରେ ଚାଲିଥିବା ତୃତୀୟ କ୍ରିକେଟ ଟେଷ୍ଟରେ ଏହାର ପ୍ରଥମ ଇନିଂସକୁ ୪୯୭/୯ରେ ଘୋଷଣା କରିଛି। ଆଲୋକ କମିଯିବାରୁ ରବିବାର ଦ୍ୱିତୀୟ ଦିବସ ଖେଳ ଶେଷବେଳକୁ ଦକ୍ଷିଣ ଆଫ୍ରିକା ୯ ରନ ମଧରେ ୨ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ୪୮୮ ରନରେ ଅଗ୍ରଣୀ ସହ ଭାରତ ମଜଭୁତ ସ୍ଥିତିରେ ରହିଛି।

ଓପନିଂ ସ୍ଲଟରେ ହିଟ୍‌ମ୍ୟାନ ରୋହିତ ପୁଣି ନିଜ ଦକ୍ଷତା ଦେଖାଇଛନ୍ତି। ସେ କ୍ୟାରିୟରରେ ପ୍ରଥମ ଦ୍ୱିଶତକ ଅର୍ଜନ କରିବା ସହ ଚଳିତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୫୦୦ରୁ ଊର୍ଦ୍ଧ୍ୱ ରନ ସ୍କୋର କରିବାରେ ସକ୍ଷମ ହୋଇଛନ୍ତି। ତାଙ୍କର ରନ ସଂଖ୍ୟା ୫୨୯ରେ ପହଞ୍ଚିଛି ଏବଂ ୫ମ ଭାରତୀୟ ଓପନର ଭାବେ ସେ କୌଣସି ଦ୍ୱିପାକ୍ଷିକ ସିରିଜରେ ଏହି ମ୍ୟାଜିକ୍ ସଂଖ୍ୟାକୁ ଅତିକ୍ରମ କରିଛନ୍ତି। କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର ୫ ଥର ତାଙ୍କ କ୍ୟାରିୟରରେ ଏହି ସଫଳତା ପାଇଥିବାବେଳେ ଶେଷଥର ପାଇଁ ୨୦୦୪–୦୫ ଘରୋଇ ଟେଷ୍ଟ ସିରିଜରେ ପାକିସ୍ତାନ ବିପକ୍ଷରେ ବୀରେନ୍ଦ୍ର ସେହ୍ୱାଗ ୫୪୪ ରନ ସଂଗ୍ରହ କରିଥିଲେ। ଉଭୟ ଏକଦିବସୀୟ ଓ ଟେଷ୍ଟରେ ଦ୍ୱିଶତକ ହାସଲ କରିବାରେ ସଚିନ ତେନ୍ଦୁଲକର, ସେହ୍ୱାଗ ଓ କ୍ରିସ୍ ଗେଲ୍‌ଙ୍କ କ୍ଲବରେ ସାମିଲ ହୋଇଛନ୍ତି ରୋହିତ। ଚଳିତ ସିରିଜର ୩ ଟେଷ୍ଟରେ ୩ ଜଣ ଖେଳାଳି ମୟଙ୍କ ଅଗ୍ରୱାଲ, ଅଧିନାୟକ ବିରାଟ କୋହଲି ଓ ରୋହିତ ଶର୍ମା ଦ୍ୱିଶତକ ହାସଲ କରିଛନ୍ତି।

ଉପ-ଅଧିନାୟକ ଅଜିଙ୍କ୍ୟ ରାହାନେ ମଧ ପଛରେ ପଡ଼ିନାହାନ୍ତି। ସେ କ୍ୟାରିୟରର ୧୧ତମ ଶତକ ହାସଲ କରିଛନ୍ତି। ଘରୋଇ ଦଳ ଏକଦା ୩୯ ରନରେ ୩ଟି ଉଇକେଟ ହରାଇଥିବାବେଳେ ରୋହିତ ଓ ରାହାନେ ୪ର୍ଥ ଉଇକେଟରେ ୨୬୭ ରନ ଯୋଗକରି ଦଳର ବଡ଼ ସ୍କୋରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ୨୫୫ ବଲ୍‌ର ସମ୍ମୁଖୀନ ହୋଇଥିବା ରୋହିତ ୨୮ ଚୌକା ଓ ୬ ଛକା ସହାୟତାରେ ୨୧୨ ରନ ସଂଗ୍ରହ କରିଛନ୍ତି। ଏହା ଟେଷ୍ଟରେ ତାଙ୍କର ସର୍ବାଧିକ ସ୍କୋର। ରୋହିତ ୧୯୯ ରନ କରିଥିବାବେଳେ ଲଞ୍ଚ୍ ବ୍ରେକ୍ ହୋଇଥିଲା। ବ୍ରେକ୍ ପରେ ବୋଲିଂ କରିବାକୁ ଆସିଥିବା ଲୁନ୍‌ଗି ଏନଗିଡିଙ୍କ ପ୍ରଥମ ବଲ୍‌କୁ ଛକା ମାରି ସମ୍ପୂର୍ଣ୍ଣ ଷ୍ଟାଇଲରେ ଦ୍ୱିଶତକ ପୂରଣ କରିଥିଲେ ଏହି ଷ୍ଟାଇଲିଶ୍ ଓପନର। ପୂର୍ବରୁ ୧୭୭ ରନ ତାଙ୍କର ସର୍ବାଧିକ ସ୍କୋର ଥିଲା। ରାହାନେ ୧୯୨ ବଲ୍ ସାମ୍ନା କରି ୧୭ ଚୌକା ଓ ୧ ଛକା ସହ ୧୧୫ ରନ ସ୍କୋର କରିଥିଲେ। ଶେଷଭାଗରେ ରବୀନ୍ଦ୍ର ଜାଡେଜା ୫୧, ରିଦ୍ଧିମାନ ଶାହ ୨୪ ଏବଂ ଉମେଶ ଯାଦବ ମାତ୍ର ୧୦ ବଲ୍‌ରୁ ୫ ଛକା ସହାୟତାରେ ଦ୍ରୁତ ୩୧ ରନ ସଂଗ୍ରହ କରିଥିଲେ। ଦକ୍ଷିଣ ଆଫ୍ରିକା ବୋଲରଙ୍କ ମଧରେ ଜର୍ଜ ଲିନ୍‌ଡେ ୪ଟି, କାଗିଶୋ ରାବାଡା ୩ଟି ଏବଂ ଏନରିଚ୍ ନର୍ଜେ ଓ ଡେନ୍ ପିଡଟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଇନିଂସ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ପ୍ରଥମ ଓଭରରେ ହିଁ ଝଟ୍‌କା ଖାଇଥିଲା। ଡିନ୍ ଏଲଗାର ଖାତା ଖୋଲିବା ପୂର୍ବରୁ ମହମ୍ମଦ ସାମିଙ୍କ ଦ୍ୱିତୀୟ ବଲ୍‌ରେ ଉଇକେଟ କିପର ରିଦ୍ଧିମାନ ଶାହଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଫର୍ମରେ ଥିବା ଅନ୍ୟତମ ଓପନର କ୍ୱିଣ୍ଟନ ଡିକକ୍ ମଧ ବେଶି ସମୟ ତିଷ୍ଠିପାରି ନ ଥିଲେ। ଦଳୀୟ ସ୍କୋର ୮ ଥିବାବେଳେ ସେ ଉମେଶ ଯାଦବଙ୍କ ପ୍ରଥମ ଓଭରର ଅନ୍ତିମ ବଲ୍‌ରେ ରିଦ୍ଧିମାନଙ୍କ ହାତରେ ଧରାପଡ଼ି କ୍ରିଜ୍ ଛାଡ଼ିଥିଲେ। ଷ୍ଟମ୍ପ ପ୍ରତ୍ୟାହୃତ ହେବାବେଳକୁ ଜୁବେର ହାମ୍‌ଜା (୦) ଓ ଅଧିନାୟକ ଫାଫ୍ ଡୁପ୍ଲେସି(୧) ଅପରାଜିତ ରହିଥିଲେ।



ଦ୍ୱିଶତକ ହାସଲ ପରେ ରୋହିତ ଶର୍ମା ।



ଶତକ ହାସଲକାରୀ ଅଜିଙ୍କ୍ୟ ରାହାନେ।

### ଗୋଟିଏ ସିରିଜରେ ୩ ଦ୍ୱିଶତକ

| | |
|---|---|
| ୧୯୫୫-୫୬ | ଭିନୁ ମଙ୍କଡ଼ -୨, ପଲି ଉମ୍ରିଗର-୧ |
| ୨୦୧୯-୨୦ | ମୟଙ୍କ ଅଗ୍ରୱାଲ-୧, ବିରାଟ କୋହଲି-୧, ରୋହିତ ଶର୍ମା-୧ |

### ଗୋଟିଏ ସିରିଜରେ ୫୦୦ରୁ ଊର୍ଦ୍ଧ୍ୱ ସ୍କୋର

ଭିନୁ ମଙ୍କଡ଼, ବୁଦ୍ଧି କୁନ୍ଦେରନ, ସୁନୀଲ ଗାଭାସ୍କର(୫ ଥର), ବୀରେନ୍ଦ୍ର ସେହ୍ୱାଗ, ରୋହିତ ଶର୍ମା।

### ସଂକ୍ଷିପ୍ତ ସ୍କୋର

- ଭାରତ ପ୍ରଥମ ଇନିଂସ: ୪୯୭/୯(ରୋହିତ-୨୧୨, ରାହାନେ-୧୧୫, ଜାଡେଜା-୫୧, ଉମେଶ-୩୧, ଲିନ୍‌ଡେ-୪/୧୩୩, ରାବାଡା-୩/୮୫, ନର୍ଜେ-୧/୭୯, ପିଡଟ-୧/୧୦୧)।
- ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୯/୨।

### ବ୍ରାଡ୍‌ମ୍ୟାନଙ୍କ ୭୧ ବର୍ଷର ରେକର୍ଡକୁ ଟପିଲେ ରୋହିତ୍

ରାଞ୍ଚି, ୨୦।୧୦

ଭାରତୀୟ ଷ୍ଟାର୍ ବ୍ୟାଟ୍ସମ୍ୟାନ ରୋହିତ୍ ଶର୍ମା (୨୧୨ ରନ) କ୍ୟାରିୟରର ପ୍ରଥମ ଟେଷ୍ଟ ଦ୍ୱିଶତକ ହାସଲ କରିବା ଅବସରରେ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ଘରୋଇ ମାଟିରେ ସର୍ବାଧିକ ଟେଷ୍ଟ ଆଭରେଜ ହାସଲ କରିବାରେ ସେ ଅଷ୍ଟ୍ରେଲିଆର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସାର୍ ଡନ୍ ବ୍ରାଡ୍‌ମ୍ୟାନଙ୍କ ନାମରେ ରହିଥିବା ୭୧ ବର୍ଷର ରେକର୍ଡକୁ ପଛରେ ପକାଇ ଦେଇଛନ୍ତି। ଘରୋଇ ମାଟିରେ ଅତିକମ୍‌ରେ ୧୦ଟି ଟେଷ୍ଟ ଇନିଂସ ଖେଳି ସର୍ବାଧିକ ଆଭରେଜ ହାସଲ କରିବାରେ ଏବେ ରୋହିତ୍ ତାଲିକାର ଶୀର୍ଷରେ ରହିଛନ୍ତି। ଘରୋଇ ମାଟିରେ ରୋହିତ୍ ବର୍ତ୍ତମାନ ସୁଦ୍ଧା ୧୮ ଟେଷ୍ଟ ଇନିଂସରୁ ୧୨୯୮ ରନ୍ ସଂଗ୍ରହ କରିଛନ୍ତି। ତାଙ୍କ ଆଭରେଜ ୯୯.୮୪ ରହିଛି। ଏହି ତାଲିକାର ୨ୟ ସ୍ଥାନରେ ବ୍ରାଡ୍‌ମ୍ୟାନ (୯୮.୨୨) ରହିଛନ୍ତି। ବ୍ରାଡ୍‌ମ୍ୟାନ ୫୦ ଟେଷ୍ଟ ଇନିଂସରୁ ୪୩୨୨ ରନ କରିଛନ୍ତି। ଯଦି ପରବର୍ତ୍ତୀ ଘରୋଇ ଟେଷ୍ଟ ମ୍ୟାଚ୍‌ରେ ରୋହିତ୍ ବଡ଼ ସ୍କୋର କରିବାରେ ବିଫଳ ହୁଅନ୍ତି ତେବେ ଶୀର୍ଷ ସ୍ଥାନ ହରାଇବାର ସମ୍ଭାବନା ରହିଛି।

# ସେହ୍ୱାଗ ପାଳିଲେ ଜନ୍ମଦିନ



ନୂଆଦିଲ୍ଲୀ,୨୦।୧୦

ପୂର୍ବତନ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗ ରବିବାର ୪୧ତମ ଜନ୍ମଦିନ ପାଳନ କରିଛନ୍ତି। ନିଜ କ୍ରିକେଟିଂ କ୍ୟାରିୟରରେ ବୋଲରଙ୍କ ଦୁଃସ୍ୱପ୍ନ ପାଲଟିଥିବା ସେହ୍ୱାଗ ଭାରତ ପାଇଁ ସମସ୍ତ ଫର୍ମାଟରେ ମ୍ୟାଚ୍ ୱିନର ଥିଲେ। ଏକମାତ୍ର ଭାରତୀୟ ଭାବେ ଟେଷ୍ଟରେ ଦୁଇ ଥର ତ୍ରିଶତକ ହାସଲ କରିଥିଲେ। ଏହାବ୍ୟତୀତ ସେ ତୃତୀୟ ତ୍ରିଶତକ ନିକଟରେ ପହଞ୍ଚିଥିଲେ ମଧ ୨୯୩ ରନ୍ କରି ଆଉଟ୍ ହୋଇଥିଲେ। ଏହି ଅବସରରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦକ୍ଷିଣ ଆଫ୍ରିକା ବିପକ୍ଷରେ ସେହ୍ୱାଗଙ୍କ ତ୍ରିଶତକ ବେଳର ଭିଡିଓ ପୋଷ୍ଟ କରି ଶୁଭେଚ୍ଛା ଜଣାଇଛି। ତ୍ରିଶତକ ହାସଲକାରୀ ବୀରେନ୍ଦ୍ର ସେହ୍ୱାଗଙ୍କୁ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା। ବିସିସିଆଇ ବ୍ୟତୀତ ପୂର୍ବତନ ଓ ବର୍ତ୍ତମାନ ଖେଳାଳିମାନେ ସେହ୍ୱାଗଙ୍କ ଶୁଭେଚ୍ଛୁ ହରଭଜନ ସିଂ, ତାଲିକାରେ ରହିଛନ୍ତି। ଏଥିରେ ମୟଙ୍କ ଅଗ୍ରୱାଲ, ସଚିନ ତେନ୍ଦୁଲକର, କ୍ରିସ ଗେଲ, ଭିଭିଏସ୍ ଲକ୍ଷ୍ମଣ, ମହମ୍ମଦ କୈଫ ଭଳି କ୍ରିକେଟର ରହିଛନ୍ତି। ଉଲ୍ଲେଖଥାଉ କି ସେହ୍ୱାଗ ଅନ୍ତର୍ଜାତୀୟ ସ୍ତରରେ ୧୦୪ ଟେଷ୍ଟ ଓ ୨୫୧ ଦିନିକିଆ ଖେଳିଛନ୍ତି।

# ୬ ବର୍ଷୀୟା ପାକିସ୍ତାନ ଝିଅଙ୍କୁ ସାହାଯ୍ୟର ହାତ ବଢ଼ାଇଲେ ଗମ୍ଭୀର

ନୂଆଦିଲ୍ଲୀ,୨୦।୧୦

ପୂର୍ବତନ କ୍ରିକେଟର ତଥା ଭାଜପା ଏମ୍‌ପି ଗୌତମ ଗମ୍ଭୀରଙ୍କ ହସ୍ତକ୍ଷେପ ପରେ ଜଣେ ୬ ବର୍ଷୀୟା ପାକିସ୍ତାନ ଝିଅର ମେଡିକାଲ ଭିଜାକୁ ମଞ୍ଜୁରି ମିଳିଛି। ଏ ସମ୍ପର୍କରେ ଗମ୍ଭୀର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଯୋଗାଯୋଗ କରିଥିଲେ। ପରେ ଓମାଇମା ଅଲି ଓ ତାଙ୍କ ମା' ବାପାଙ୍କୁ ଭିଜା ମିଳିଛି। ପାକିସ୍ତାନ ଝିଅକୁ ମେଡିକାଲ ଭିଜା ପ୍ରଦାନ ପାଇଁ ଗମ୍ଭୀର ଚଳିତ ମାସ ୧ ତାରିଖ ଦିନ ବୈଦେଶିକ ମନ୍ତ୍ରଣାଳୟକୁ ଚିଠି ଲେଖିଥିଲେ। ଏ ଘଟଣା ସମ୍ପର୍କରେ ପୂର୍ବ ଦିଲ୍ଲୀ ଏମ୍‌ପି ଗମ୍ଭୀର କହିଛନ୍ତି, ପୂର୍ବତନ ପାକିସ୍ତାନ କ୍ରିକେଟର ମହମ୍ମଦ ୟୁସୁଫ ମୋତେ ଫୋନ କରି ଉକ୍ତ ଝିଅର ଭିଜା ପାଇଁ ଅନୁରୋଧ କରିଥିଲେ। ପୂର୍ବରୁ ସେ ନୋଏଡାରେ ଚିକିତ୍ସିତ ହେଉଥିଲେ। ଏବେ ଓମାଇମାକୁ ଯଥାଶୀଘ୍ର ଓପନ ହାର୍ଟ ସର୍ଜରି ଦରକାର। ଏଣୁ ତାଙ୍କୁ ତୁରନ୍ତ ମେଡିକାଲ ଭିଜାର ଆବଶ୍ୟକତା ରହିଛି। ବୈଦେଶିକ ମନ୍ତ୍ରୀ ଅନୁରୋଧ ଗ୍ରହଣ କରିଥିବାରୁ ମୁଁ ଧନ୍ୟବାଦ ଦେଉଛି। ଓମାଇମା ଅଟାରି ଦେଇ ବସ୍ ଯୋଗେ ଭାରତ ଆସିବେ। ଯଦି ୬ ବର୍ଷୀୟା ଜଣେ ଝିଅ ଭାରତରେ ଚିକିତ୍ସିତ ହୋଇପାରିବ, ଏହାଠାରୁ ଭଲ କ'ଣ ହେବ ?

# ଅବସର ନେଲେ ହଳଧର



ହଳଧର ଦାସ

କଟକ ଅଫିସ,୨୦।୧୦

ହଳଧର ଦାସ ରାଜ୍ୟ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ସେ ଆଉ ରାଜ୍ୟ ଦଳରୁ ଖେଳିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଏ ନେଇ ହଳଧର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମ୍ପାଦକ ସଞ୍ଜୟ ବେହେରାଙ୍କୁ ରବିବାର ଏକ ଚିଠି ମାଧମରେ ଅବଗତ କରାଇଛନ୍ତି। ୨୦୧୬ ମସିହାରୁ ହଳଧର ରାଜ୍ୟ କ୍ରିକେଟ ଦଳରୁ ଦୂରେଇ ଥିବା ବେଳେ ଅବସର ଘୋଷଣାର ଠିକ କାରଣ ଜଣାପଡ଼ିନାହିଁ । ତେବେ ଆଗାମୀ ଦିନରେ ହେବାକୁ ଥିବା ଓସିଏର ଖେଳାଳି ସଂଘ ନିର୍ବାଚନ ନିମନ୍ତେ ହଳଧରଙ୍କୁ ପ୍ରାର୍ଥୀ ଭାବେ ପ୍ରସ୍ତୁତ କରାଯାଉଛି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି ।

୧୯୮୬ ମସିହା ଡିସେମ୍ବର ୧୦ ତାରିଖରେ ହଳଧରଙ୍କ ଜନ୍ମ। ଢେଙ୍କାନାଳରେ ଜନ୍ମିତ ହଳଧର ୨୦୦୬ ମସିହାରେ ଓଡ଼ିଶା ସିନିୟର ଦଳରେ ସ୍ଥାନ ପାଇଥିଲେ । ଉଇକେଟ କିପର ଓ ଧୂଆଁଧାର ବ୍ୟାଟ୍ସମ୍ୟାନ ଭାବେ ତାଙ୍କୁ ଦଳରେ ନିଆଯାଇଥିଲା। ୨୦୦୬ ଫେବୃୟାରୀ ୧୧ରେ ଧାନବାଦରେ ଝାଡ଼ଖଣ୍ଡ ବିପକ୍ଷ ଏକଦିବସୀୟ ମ୍ୟାଚ୍‌ରେ ସେ ପଦାର୍ପଣ କରିଥିଲେ। ଓଡ଼ିଶା ୩୯ରନରେ ପରାସ୍ତ ହୋଇଥିବା ବେଳେ ହଳଧର ୧୭ ରନରେ ଅପରାଜିତ ଥିଲେ। ଏହି ବର୍ଷ ନଭେମ୍ବର ୨୩ରେ ଘରୋଇ ମାଟିରେ ହଳଧର ରଣଜୀ ପଦାର୍ପଣ କରିଥିଲେ। ପଦାର୍ପଣ ମ୍ୟାଚ୍‌ରେ ହଳଧରଙ୍କ ସ୍କୋର ଥିଲା ୮୬ ରନ। ଏହା ମଧରେ ୯ଟି ଚୌକା ଓ ଗୋଟିଏ ଛକା ଥିଲା। ଉଇକେଟ କିପିଂ କରି ୫ଟି କ୍ୟାଚ୍ ମଧ ଧରିଥିଲେ। ହଳଧରଙ୍କ ଗୁରୁତ୍ୱପୂର୍ଣ୍ଣ ଇନିଂସ ଯୋଗୁ ଓଡ଼ିଶା ଅଗ୍ରଣୀ ନେଇ ୨ ପଏଣ୍ଟ ପାଇଥିଲା। ସର୍ଭିସେସ ପ୍ରଥମ ଇନିଂସ ୩୪୬ରେ ଅଲଆଉଟ ହୋଇଥିବା ବେଳେ ଓଡ଼ିଶା ୩୯୯ କରିଥିଲା। ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତିଙ୍କ ପ୍ରଥମ ଶ୍ରେଣୀ କ୍ରିକେଟର ସର୍ବାଧିକ ସ୍କୋର(୯୭ରନ) ମଧ ଏହି ମ୍ୟାଚ୍‌ରେ ଦେଖିବାକୁ ମିଳିଥିଲା।

ହଳଧର ପ୍ରଥମ ଶ୍ରେଣୀ କ୍ରିକେଟରେ ୪୭ମ୍ୟାଚ୍‌ରୁ ୧୮୩୫ ରନ କରିଛନ୍ତି। ଏହା ମଧରେ ୨ଟି ଶତକ ଓ ୧୦ଟି ଅର୍ଦ୍ଧଶତକ ରହିଛି। ପ୍ରଥମ ଶ୍ରେଣୀ କ୍ରିକେଟରେ ତାଙ୍କର ସର୍ବାଧିକ ସ୍କୋର ୧୪୪ । ଏହାଛଡ଼ା ପ୍ରଥମଶ୍ରେଣୀ କ୍ରିକେଟରେ ୧୪୦ଟି କ୍ୟାଚ୍ ଓ ୯ଟି ଷ୍ଟମ୍ପିଂ ମଧ ସେ କରିଛନ୍ତି । ଲିଷ୍ଟ–ଏ ଫର୍ମାଟ କ୍ରିକେଟରେ ୨୮ ମ୍ୟାଚ୍‌ରୁ ୬୩୩ ରନ କରିଛନ୍ତି ହଳଧର । ଏହା ମଧରେ ୪ଟି ଅର୍ଦ୍ଧଶତକ ରହିଛି । ଅପରାଜିତ ୮୮ ହେଉଛି ତାଙ୍କର ସର୍ବାଧିକ ସ୍କୋର । ୧୮ଟି ଟି–୨୦ ମ୍ୟାଚ୍‌ରୁ ୧୮୪ରନ କରିଥିବା ବେଳେ ସର୍ବାଧିକ ସ୍କୋର ହେଉଛି ୫୯ । ୨୦୧୬ ମସିହାରେ ବିଦର୍ଭ ବିପକ୍ଷରେ ସେ ଅନ୍ତିମ ରଣଜୀ ମ୍ୟାଚ ଖେଳିଥିଲେ। ଏହା ପୂର୍ବରୁ ୨୦୧୩ ମସିହାରେ ଶେଷ ଏକଦିବସୀୟ ଓ ୨୦୧୪ ମସିହାରେ ଶେଷ ଟି୨୦ ମ୍ୟାଚ୍ ସେ ଖେଳିଛନ୍ତି ।

**ଓସିଏ ଖେଳାଳି ସଂଘରୁ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା**

### ଆଇପିଏଲରେ ପ୍ରଥମ ଓଡ଼ିଆ

ଇଣ୍ଡିଆନ ପ୍ରିମିୟର ଲିଗ(ଆଇପିଏଲ) ଖେଳିବା କ୍ଷେତ୍ରରେ ହଳଧର ହେଉଛନ୍ତି ରାଜ୍ୟର ପ୍ରଥମ ଖେଳାଳି। ଆଇପିଏଲର ପ୍ରଥମ ସଂସ୍କରଣ ୨୦୦୮ ମସିହାରେ ଡେକାନ ଚାର୍ଜର୍ସ ୬୦ ଲକ୍ଷ ଟଙ୍କାରେ ୩ବର୍ଷର ଚୁକ୍ତିରେ ହଳଧରଙ୍କୁ କିଣିଥିଲା । ଏହି ବର୍ଷ ମେ ୧୮ରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଅନୁଷ୍ଠିତ ମ୍ୟାଚ୍‌ରେ ହଳଧରଙ୍କୁ ଖେଳିବାର ସୁଯୋଗ ମିଳିଥିଲା। ଉକ୍ତ ମ୍ୟାଚ୍‌ରେ ଡେକାନ ଚାର୍ଜର୍ସ ଦଳର ଅଧିନାୟକ ଥିଲେ ଅଷ୍ଟ୍ରେଲିଆର କିମ୍ବଦନ୍ତୀ କ୍ରିକେଟର ଆଡାମ ଗିଲକ୍ରିଷ୍ଟ। ଫଳରେ ବ୍ୟାଟ୍ସମ୍ୟାନ ଓ ଉଇକେଟ କିପର ହଳଧରଙ୍କୁ କିପିଂ କରିବାର ସୁଯୋଗ ଦିଆଯାଇ ନଥିଲା। ୮ନଂ ବ୍ୟାଟିଂ କ୍ରମରେ କ୍ରିଜକୁ ଆସିଥିଲେ ହଳଧର। ୫ଟି ବଲରୁ ୨ରନ ସଂଗ୍ରହ କରି ରନଆଉଟ ହୋଇଥିଲେ । ଏହି ମ୍ୟାଚ୍‌ରେ ଡେକାନ ଦଳ ୨୫ରନରେ ପରାସ୍ତ ହୋଇଥିଲା। ହଳଧରଙ୍କ କ୍ୟାରିୟର ତାଲିକାରେ ଏହି ଗୋଟିଏ ଆଇପିଏଲ ମ୍ୟାଚ୍ ହିଁ ସ୍ଥାନ ପାଇଛି ।



# ଦୀର୍ଘଦିନର ବାନ୍ଧବୀଙ୍କୁ ବିବାହ କଲେ ନାଡାଲ

ମାଡ୍ରିଡ୍,୨୦।୧୦

ଶିସ୍କା ପେରେଲୋଙ୍କ ସହ ଦୀର୍ଘ ୧୪ ବର୍ଷ ଧରି ଚାଲିଥିବା ରିଲେଶନଶିପ୍‌କୁ କିମ୍ବଦନ୍ତୀ ଟେନିସ ଖେଳାଳି ରାଫାଲ ନାଡାଲ ବିବାହରେ ପରିଣତ କରିଛନ୍ତି। ଏହି ବାହାଘର ମାଲୋର୍କାସ୍ଥିତ ଦୁର୍ଗରେ ଅନୁଷ୍ଠିତ ହୋଇଥିଲା। ୧୯ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନଙ୍କ ବିବାହ ଉତ୍ସବରେ ପ୍ରାୟ ୩୫୦ ଅତିଥି ଯୋଗ ଦେଇଥିଲେ। ଏଥିରେ ସ୍ପେନର ପୂର୍ବତନ ରାଜା ଜୁଆନ କାର୍ଲୋସ-ପ୍ରଥମ ମଧ ଯୋଗ ଦେଇଥିଲେ। ଉଲ୍ଲେଖଥାଉ କି କାର୍ଲୋସ-ପ୍ରଥମ ୧୯୭୫ରୁ ୨୦୧୪ ପର୍ଯ୍ୟନ୍ତ ଦେଶର ରାଜା ଥିଲେ। ତାଙ୍କ ନେତୃତ୍ୱରେ ସ୍ପେନ ଗଣତାନ୍ତ୍ରିକ ଦେଶରେ ପରିଗଣିତ ହୋଇଥିଲା।

### ଏଫ୍‌ଆଇଆର୍ ପଞ୍ଜୀକୃତ କରି ନ ଥିଲା ଡେରାବିଶ ପୋଲିସ

# ୫୦ ହଜାର କ୍ଷତିପୂରଣ ଦେବାକୁ ଗୃହ ବିଭାଗକୁ ନିର୍ଦ୍ଦେଶ

**ତତ୍କାଳୀନ ଥାନାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ**

**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)**

ଅଭିଯୋଗ ପରେ ଏଫ୍‌ଆଇଆର୍ ପଞ୍ଜୀକରଣ କରି ନ ଥିଲା କେନ୍ଦ୍ରାପନା ଜିଲା ଡେରାବିଶ ଥାନା ପୋଲିସ। ଏ ସଂକ୍ରାନ୍ତ ପିଟିଶନର ବିଚାର କରି ରାଜ୍ୟ ମାନବିକ ଅଧିକାର କମିଶନ(ଓଏଚ୍‌ଆରସି) ତତ୍କାଳୀନ ଥାନାଧିକାରୀଙ୍କୁ ଦାୟୀ କରି ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୃହ ବିଭାଗ ଓ ପୋଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅଭିଯୋଗକାରିଣୀ ମିତା ଜେନାଙ୍କୁ ୫୦ ହଜାର କ୍ଷତିପୂରଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନାନୁଯାୟୀ, ୨୦୧୭ ସେପ୍ଟେମ୍ବର ୨୭ରେ ମିତାଙ୍କ ସ୍ୱାମୀ ରାମଚନ୍ଦ୍ର ଜେନା ଏକ ଅପରାଧ ଘଟଣାକୁ ନେଇ ଡେରାବିଶ ଥାନାକୁ ଯାଇଥିଲେ। କିନ୍ତୁ ପୋଲିସ ତାଙ୍କ ଅଭିଯୋଗକୁ ଗ୍ରହଣ ନ କରି ଫେରାଇଦେଇଥିଲା। ଏନେଇ ରାମଚନ୍ଦ୍ର ଡାକଯୋଗେ ତାଙ୍କ ଅଭିଯୋଗକୁ କେନ୍ଦ୍ରାପଡା ଏସ୍‌ପିଙ୍କ ନିକଟକୁ ପଠାଇ ଦେଇଥିଲେ। ଏସ୍‌ପି ଉକ୍ତ ଅଭିଯୋଗକୁ ତତ୍କାଳୀନ ଡେରାବିଶ ଥାନା ଅଧିକାରୀ ସୁଧୀର କୁମାର ସାହୁଙ୍କ ନିକଟକୁ ପଠାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଥାନାଧିକାରୀ ଏକ ମିଥ୍ୟା ରିପୋର୍ଟ ଏସ୍‌ପିଙ୍କୁ ପ୍ରଦାନ କରି ଅଭିଯୋଗକୁ ପଞ୍ଜୀକୃତ କରି ନ ଥିଲେ। ଏନେଇ ରାମଚନ୍ଦ୍ରଙ୍କ ସ୍ତ୍ରୀ ମିତା ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। କମିଶନ କେନ୍ଦ୍ରାପଡା ଏସ୍‌ପିଙ୍କୁ ଏନେଇ ରିପୋର୍ଟ ମାଗିବା ପରେ ୨୦୧୯ ମାର୍ଚ୍ଚ ୩ରେ ଏକ ଅଭିଯୋଗ ପଞ୍ଜୀକୃତ ହୋଇଥିଲା।

# ଚେକ୍ ବାଉନ୍ସ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)**

ଏକ ଚେକ ବାଉନ୍ସ ମାମଲାରେ ଖଣ୍ଡଗିରି ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଜାଗମରା ଅଞ୍ଚଳର କାଶୀ ବିଶ୍ୱନାଥ ମହାପାତ୍ର। ଅଭିଯୁକ୍ତ କାଶୀ ଜରୁରୀ ଆବଶ୍ୟକତା ଥିବା କହି ସ୍ଥାନୀୟ ଅଞ୍ଚଳର ବିଶ୍ୱଭୂଷଣ ମହାରଣାଙ୍କଠାରୁ ୨ ଲକ୍ଷ ୨୦ ହଜାର ଟଙ୍କା ଉଧାର ନେଇଥିଲେ। ଠିକ ସମୟରେ ଟଙ୍କା ଫେରାଇବାକୁ କହିବା ସହ ସିକ୍ୟୁରିଟି ବାବଦକୁ ୨ଟି ଚେକ ପ୍ରଦାନ କରିଥିଲେ। ମାତ୍ର ଧାର୍ଯ୍ୟ ତାରିଖରେ ଟଙ୍କା ନ ଫେରାଇ କେଉଁଆଡେ ଫେରାର ହୋଇଯାଇଥିଲେ। ତାଙ୍କର ଫୋନ୍ ମଧ୍ୟ ସୁଇଚ୍ ଅଫ୍ ରହିଥିଲା। ବିଶ୍ୱଭୂଷଣ ଟଙ୍କା ଫେରିପାଇବାକୁ ଚେକ ଡିପୋଜିଟ୍ କରିଦେଇଥିଲେ। ତାହା ବାଉନ୍ସ ହୋଇଯିବା ପରେ ଗତ ଜୁଲାଇ ୧୬ରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୫୯୨/୧୯ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ କାଶୀଙ୍କୁ ଶନିବାର ବିଳମ୍ବିତ ରାତିରେ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିଲା।






## ସଂକ୍ଷେପରେ

### ନୂଆ ଥାନା ଅଧିକାରୀଙ୍କ ଯୋଗଦାନ



**ଆଠଗଡ଼,୨୦।୧୦(ସ୍ୱ.ପ୍ର.):** ଆଠଗଡ଼ ଥାନାରେ ନୂଆ ଥାନା ଅଧିକାରୀଭାବେ ରବିବାର ଜ୍ଞାନରଞ୍ଜନ ମିଶ୍ର ଯୋଗଦାନ କରିଛନ୍ତି। ପୂର୍ବରୁ ମିଶ୍ର ବଡ଼ମ୍ବା ଥାନାରେ ଥାନା ଅଧିକାରୀଭାବେ କାର୍ଯ୍ୟ କରିଥିଲେ। ମିଶ୍ର ଯୋଗଦେବା ପରେ ଏସ୍‌ଡିପିଓ ଆଲୋକ ରଞ୍ଜନ ରାୟଙ୍କୁ ଭେଟି ଦାୟିତ୍ୱ ଗ୍ରହଣ କରିଥିଲେ। ଏଠାରେ ଥିବା ଥାନା ଅଧିକାରୀ ପଦାରବିନ୍ଦ ତ୍ରିପାଠୀଙ୍କ ଟାଙ୍ଗି ଥାନାକୁ ବଦଳି ହୋଇଥିଲା। ଫଳରେ ଏଠାରେ ଥାନା ଅଧିକାରୀ ପଦବୀ ଖାଲି ପଡ଼ିଥିଲା। ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବାରୁ ଶୀଘ୍ର ଥାନା ଅଧିକାରୀ ନିଯୁକ୍ତି ପାଇଁ ଦାବି ହୋଇଥିଲା। ମିଶ୍ରଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।

### ଗୋପାଳନ ତାଲିମ୍ ଶିବିର

**ସାଲେପୁର,୨୦।୧୦(ଡି.ଏନ.ଏ.):** ସାଲେପୁର ବ୍ଲକ ଅଧୀନ ସତ୍ୟଭାମାପୁର ପଞ୍ଚାୟତର ପୁରୁଷୋତ୍ତମପୁରଠାରେ ଗୋପାଳନ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜାତୀୟ ଧାନ ଗବେଷଣା କେନ୍ଦ୍ର କଟକର ଡ. ରଞ୍ଜନ ମହାନ୍ତ ଯୋଗଦେଇ ଗୋପାଳନ ସମସ୍ୟା, ତା'ର ସମାଧାନ, ପରଜୀବୀ ଜନିତ ସମସ୍ୟା, ତା'ର ପ୍ରତିକାର ଓ ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ କୌଶଳ ସମ୍ପର୍କରେ ଆଲୋଚନା କରିଥିଲେ। ଶିବିରରେ ୬୦ରୁ ଊର୍ଦ୍ଧ୍ୱ ମହିଳା ଗୋଚାଷୀ ଯୋଗ ଦେଇଥିଲେ। ଗୋପାଳନ ଉପରେ ମହିଳା ଚାଷୀମାନେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। କାର୍ଯ୍ୟକ୍ରମଟିକୁ ସଂଗ୍ରାମ କେଶରୀ ପାଣି, ସୁଧାଂଶୁ ଦାସ, ଅଳକା ସେନ, ରାମଚନ୍ଦ୍ର ପାଣି, ଆରତୀ କାଣ୍ଡି, ଦିପ୍ତୀମୟୀ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

### ଛାଡ଼ଖାଇ ମହୋତ୍ସବର ୨ୟ ବୈଠକ

**ନରସିଂହପୁର,୨୦।୧୦(ଡି.ଏନ.ଏ.):** ନଭେମ୍ବର ୧୩ରୁ ୧୯ ପର୍ଯ୍ୟନ୍ତ ନରସିଂହପୁର ଛାଡ଼ଖାଇ ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ସ୍ଥାନୀୟ ଡାକବଙ୍ଗଳାଠାରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଛି। ବିଧାୟକ ଦେବୀପ୍ରସାଦ ମିଶ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ନିର୍ମଳ ଜେନା, କମିଟି ସମ୍ପାଦକ ଲିଙ୍ଗରାଜ ଲେଙ୍କା, ନିଜିଗଡ଼ ସରପଞ୍ଚ ପ୍ରଭାକର ମିଶ୍ର, ବିଣାପାଣି ବେହେରା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଷ୍ଟଲ, ଦୋକାନ, ମିନାବଜାର, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅତିଥିଙ୍କୁ ନିମନ୍ତ୍ରଣ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ୧୨ରେ ବାଲିପୁଟରୁ ସାଧାବ ପୁଅଙ୍କୁ ନୈବାଣିଜ୍ୟ ପରମ୍ପରା ଲାଗି ବନ୍ଦାପନା କରାଯାଇ ମହୋତ୍ସବକୁ ଆମନ୍ତ୍ରଣ କରାଯିବ।

■ ଗୋପୀନାଥପୁରଶାସନ ଛକରେ ରାହାଜାନି ଘଟଣା

# କଲିକତାରୁ ୫ ଅଭିଯୁକ୍ତ ଗିରଫ

**ତିଗିରିଆ, ୨୦।୧୦(ଡି.ଏନ.ଏ.)**

ଖୁଣ୍ଟୁଣୀ-ନରସିଂହପୁର ରାଜ୍ୟ ରାଜପଥର ଗୋପୀନାଥପୁରଶାସନ ଛକରେ ଘଟିଥିବା ରାହାଜାନି ଘଟଣାରେ ତିଗିରିଆ ପୋଲିସ ୫ଜଣ ଅଭିଯୁକ୍ତଙ୍କୁ ଶନିବାର ରାତିରେ କଲିକତାରୁ ଗିରଫ କରିଛି। ସେମାନେ ହେଲେ ତିଗିରିଆ ଥାନା କରଡ଼ାପଲ୍ଲୀ ଗ୍ରାମର ସକିଲ୍ ଖାଁ, ଅନୱର ଖାଁ, ଖୁଦାବକ୍ସ ମହମ୍ମଦ, ସାହାଜତ୍ ଖାଁ ଓ ଭିକି ଖାଁ। ଗିରଫ ପରେ ସମସ୍ତଙ୍କୁ ରବିବାର ଆଠଗଡ଼ ଡିଏସପି ଆଲୋକ ରଞ୍ଜନ ରାୟଙ୍କ କାର୍ଯ୍ୟାଳୟକୁ ଆଣା ଯାଇଥିଲା। ସେଠାରେ ପଚରା ଉଚରା ପରେ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଆଠଗଡ଼ ଉପକାରାଗାରକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ରବୀନ୍ଦ୍ର ଭୁଜବଳ କହିଛନ୍ତି। ରାହାଜାନି ଦିନ ଘଟଣାସ୍ଥଳରୁ ପୋଲିସ ପ୍ରଥମେ ଅଞ୍ଚଳର ସନ୍ତୋଷ ନାଏକ ଓ ଚୁନିଆ ଖାଁଙ୍କୁ ଗିରଫ କରିଥିଲା।

ସୂଚନାଯୋଗ୍ୟ, କିଛିଦିନ ତଳେ କେତେଜଣ ଦୁର୍ବୃତ୍ତ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କୁ ଗାଳିଗୁଲଜ କରିବା, ଦାଦାବଟି ମାଗିବା ସହ ଲୁଟ ଉଦ୍ୟମ କରି ମାଡ଼ ମାରିଥିଲେ। ସେହିପରି ପଙ୍କାଳ ଛକ ନିକଟ ଏକ ବିଦେଶୀ ମଦ ଦୋକାନରେ ଗଣ୍ଡଗୋଳ କରିବା ସହ ଫାଙ୍କା ଗୁଳିଚାଳନା କରିଥିଲେ।

**ଘଟଣା ଦିନ ଗିରଫ ହୋଇଥିଲେ ୨ ଅଭିଯୁକ୍ତ**

ଏନେଇ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଥିଲା। ତେବେ ଘଟଣାରେ ସମ୍ପୃକ୍ତ ୫ଜଣ ଅଭିଯୁକ୍ତ କଲିକତାରେ ରହୁଥିବା ନେଇ ପୋଲିସ ସନ୍ଧାନ ପାଇବା ପରେ ଗ୍ରାମାଞ୍ଚଳ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଗଠିତ ସ୍ୱତନ୍ତ୍ର ଟିମ୍ ଥାନା ଅଧିକାରୀ ଭୁଜବଳଙ୍କ ନେତୃତ୍ୱରେ କଲିକତା ଯାତ୍ରା କରିଥିଲେ। କଲିକତାର ଉଲ୍‌ବେରିଆ ଅଞ୍ଚଳର ଏକ ଭଡ଼ା ଘରେ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲେ। ପଙ୍କାଳ ଛକ ନିକଟବର୍ତ୍ତୀ ବିଦେଶୀ ମଦ ଦୋକାନଠାରେ ଚାଖଣା ଖାଇବାକୁ ନେଇ ଗଣ୍ଡଗୋଳ ସହିତ ଫାଙ୍କା ଗୁଳିଚାଳନା ଘଟଣାରେ ମାମଲା ନଂ-୧୨୪/୧୯ ରୁଜୁ ହୋଇଥିଲା। ଗୋପୀନାଥପୁରଶାସନ ଛକରେ ରାହାଜାନି ଘଟଣାରେ ପୁରୁଣାତିଗିରିଆର ଯୁବକଙ୍କ ଏତଲା କ୍ରମେ ମାମଲା ନଂ-୧୨୩/୧୯ ରୁଜୁ ହୋଇଥିଲା। ଘଟଣାରେ ଫେରାର ଥିବା ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ପୁରୁଣାତିଗିରିଆ ଗ୍ରାମର ଶତାଧିକ ଯୁବକ ଥାନାକୁ ଆସି ଦାବି କରିଥିଲେ।

## ଖୋଲିଲା ଲର୍ନିଂ ଲାଇସେନ୍ସ ସେଣ୍ଟର




ସେଣ୍ଟର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

**ନରସିଂହପୁର,୨୦।୧୦(ସ୍ୱ.ପ୍ର.)**

ନରସିଂହପୁର ବ୍ଲକରେ ରବିବାର ଏକ ଲର୍ନିଂ ଲାଇସେନ୍ସ ସେଣ୍ଟର ଖୋଲାଯାଇଛି। ଏଥିସହିତ ପ୍ରଥମ ଦିନରେ ୧୦୮ ଜଣଙ୍କୁ ଲର୍ନିଂ ଲାଇସେନ୍ସ, ୨୩୦ ଜଣଙ୍କୁ ପଲ୍ୟୁଶନ ପ୍ରମାଣପତ୍ର ଓ ୧୨ଜଣଙ୍କୁ ଗାଡ଼ି ଇନ୍ସ୍ୟୁରାନ୍ସ ପ୍ରଦାନ କରାଯାଇଛି। ଚମ୍ପେଶ୍ୱରସ୍ଥିତ ଚମ୍ପାନାଥ ଡ୍ରାଇଭିଂ ଟ୍ରେନିଂ ସ୍କୁଲ ପରିସରରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କଟକ ଆଞ୍ଚଳିକ ପରିବହନ ବିଭାଗର ଅତିରିକ୍ତ ଆର୍‌ଟିଓ ରାଜେଶ କୁମାର ମାରାଣ୍ଡି ଓ ଏମ୍‌ଭିଆଇ ରବିନାରାୟଣ ଜେନା ଯୋଗ ଦେଇଥିଲେ। ଚମ୍ପାନାଥ ଡ୍ରାଇଭିଂ ସ୍କୁଲ ପ୍ରତିଷ୍ଠାତା ରବିନ୍ଦ୍ରନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଚମ୍ପେଶ୍ୱର ସରପଞ୍ଚ କୃଷ୍ଣନାରାୟଣ ପଣ୍ଡା, ଶିକ୍ଷାବିତ ସନାତନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାସନର ଏହି ପଦକ୍ଷେପକୁ ଅଞ୍ଚଳରେ ପ୍ରଶଂସା କରାଯାଇଛି। ସେହିପରି ନରସିଂହପୁର ବ୍ଲକରେ ଜନ୍ମିତ ପରିବହନ କମିଶନର ସଞ୍ଜୀବ ପଣ୍ଡାଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଛି।

■ ସ୍ୱାମୀଙ୍କ ପରକୀୟା ପ୍ରୀତି ସହି ପାରିଲେନି

# ନଦୀକୁ ଡେଇଁ ସ୍ତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

**ମାହାଙ୍ଗା,୨୦।୧୦(ସ୍ୱ.ପ୍ର.):**

ସ୍ୱାମୀଙ୍କ ପରକୀୟା ପ୍ରତି ସହି ନ ପାରି ସ୍ତ୍ରୀ ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣା ମାହାଙ୍ଗା ଥାନା ଜୟପୁର ଫାଣ୍ଡି ଅଧୀନ କୁମୁଡ଼ା ଜୟପୁର ଗ୍ରାମରେ ଘଟିଛି। ଏହାପରେ ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁସାରେ, ଗ୍ରାମର ଟୁଟୁ ଯେନା ଓରଫ ଚଣ୍ଡୁ ଝିଲ୍ଲୀ ଯେନାଙ୍କୁ ୬ ବର୍ଷ ତଳେ ବିବାହ କରିଥିଲେ। ଉଭୟଙ୍କ ୨ଟି ପୁତ୍ର ସନ୍ତାନ ହୋଇଛି। ଏହା ମଧ୍ୟରେ ଟୁଟୁଙ୍କ ଜଣେ ମହିଳାଙ୍କ ସହ ପରକୀୟା ପ୍ରିତି ଥିବା ଝିଲି ଜାଣି ପାରିଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଅନେକ ସମୟରେ ପାଟିତୁଣ୍ଡ ହୋଇଥିଲା। ଫଳରେ ଶନିବାର ରାତି ପ୍ରାୟ ୧୦ଟାରେ ଝିଲ୍ଲି ୨ ଶିଶୁପୁତ୍ରଙ୍କୁ ଛାଡି ଚାଲି ଚାଲି ଘରଠାରୁ ପ୍ରାୟ ୨ କିମି ଦୂର ତ୍ରିବେଣୀଶ୍ୱର ବିରୁପା ନଦୀ ପୋଲ ନିକଟରେ ପହଞ୍ଚି ଥିଲେ। ସେଠାରେ ମଙ୍ଗଳସୂତ୍ରକୁ ଓହ୍ଲାଇ ପୋଲ ଉପରେ ରଖି ଆତ୍ମହତ୍ୟା କରିବା ପାଇଁ ନଦୀକୁ ଡେଇଁ ପଡିଥିଲେ। କିନ୍ତୁ ସେ ବୁଡ଼ି ନ ଯାଇ ଭାସି ଭାସି ନିକଟସ୍ଥ କୂଳରେ ଲାଗିଥିଲେ। ରବିବାର ପ୍ରତ୍ୟୁଷରୁ ବାଲିପଡିଆ ଅଞ୍ଚଳର ଲୋକେ ଶୌଚ ହେବାକୁ ନଦୀକୁ ଯାଇଥିବାବେଳେ ଜଣେ ମହିଳା ନଦୀକୂଳରେ ଗୁରୁତର ଅବସ୍ଥାରେ ଲାଗିଥିବା ଦେଖିବାକୁ ପାଇଥିଲେ। ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ। ସେଠାରେ ତାଙ୍କ ପରିଚୟ ମିଳିଥିଲା। ହେଲେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କ ପରିବାର ଲୋକଙ୍କୁ ଅବଗତ କରାଯାଇଥିଲା। କିନ୍ତୁ ଦୀର୍ଘ ସମୟ ପରେ ମଧ କେହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ନ ଥିଲେ। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମାହାଙ୍ଗା ଥାନାକୁ ଜଣାଇ ଦିଆଯାଇଥିଲା। ଝିଲ୍ଲିଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ମେଡିକାଲ ପଠାଇ ଦିଆଯାଇଥିଲା।

## ବ୍ଲକ ଘେରିବେ ପାଚିକା, ସହାୟିକା

**ସାଲେପୁର, ୨୦।୧୦(ଡି.ଏନ.ଏ.)**

ସାଲେପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ କାର୍ଯ୍ୟରେ ନିୟୋଜିତ ହୋଇଥିବା ପାଚିକା ଓ ସହାୟିକାଙ୍କୁ ଉଚିତ ପାରିଶ୍ରମିକ ମିଳୁନାହିଁ। ଫଳରେ ସେମାନେ ଆଗାମୀ ଦିନରେ ବ୍ଲକ ଘେରାଉ କରି ତାଙ୍କ ଦାବି ଜଣାଇବେ ବୋଲି ରବିବାର ସାଲେପୁରସ୍ଥିତ ସାହେଶ୍ୱରୀ ମଣ୍ଡପରେ ପାଚିକା ଓ ସହାୟିକା ସଂଘ ବୈଠକରେ ଚେତାବନୀ ଦେଇଛନ୍ତି। ସଂଘ ସଭାପତି ଅକ୍ଷୟ ଦାଶଙ୍କ ଆହ୍ୱାନକ୍ରମେ ଏହି ବୈଠକ ହୋଇଥିଲା। ରାଜ୍ୟ ସରକାର ୪ଶହ ଟଙ୍କା ପାରିଶ୍ରମିକ ବୃଦ୍ଧି କରିଥିବାବେଳେ କେନ୍ଦ୍ର ସରକାର ବୃଦ୍ଧି କରିଥିବା ଅବଶିଷ୍ଟ ୬ଶହ ଟଙ୍କା ଏପର୍ଯ୍ୟନ୍ତ ପ୍ରଦାନ କରିନାହାନ୍ତି। ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ କେନ୍ଦ୍ର ମନ୍ତ୍ରୀଙ୍କୁ ଟଙ୍କା ପ୍ରଦାନ ପାଇଁ ଚିଠି ଲେଖିଥିଲେ ମଧ ତାହା କାର୍ଯ୍ୟକାରୀ କରାଯାଉନାହିଁ। ୫ମାସ ତଳେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ସାକ୍ଷାତ କରି ସଂଘ କର୍ମକର୍ତ୍ତା ଏକଥା ଜଣାଇଥିଲେ। ହେଲେ କେନ୍ଦ୍ର ସରକାର ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାଲେପୁର ଗସ୍ତରେ ଆସିଥିବାବେଳେ ସତ୍ୟଭାମାପୁରଠାରେ ପାଚିକା ଓ ସହାୟିକାମ ତାଙ୍କୁ କରି ଦାବିପତ୍ର ଦେଇଥିଲେ। ତାହା ମଧ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଲାନାହିଁ। ଏହି ଘଟଣା ନେଇ ସର୍ବସମ୍ମତି କ୍ରମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଥିଲା। ବୈଠକରେ ମଧୁସ୍ମିତା ରଣା, ରଜନୀ ପଣ୍ଡା, ବିମଳି ଦେଇ, ବିଷ୍ଣୁପ୍ରିୟା ଶତପଥୀ, ଉଷା ଦାସ, ସରସ୍ୱତୀ ମହାନ୍ତି, ସେବତୀ ଭୂୟାଁ, ସୁଲୋଚନା ଦେଇ, ବନ୍ଦନା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଗଣ ହୃଦୟର କବି ଥିଲେ ବୈଷ୍ଣବ ପାଣି



ବୈଷ୍ଣବ ପାଣିଙ୍କ ଜନ୍ମ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି।

**ମାହାଙ୍ଗା,୨୦।୧୦(ସ୍ୱ.ପ୍ର.)**

କୋଲିଅଠାସ୍ଥିତ କପିଳେଶ୍ୱର ମହାଦେବ ଯଜ୍ଞ ପଡ଼ିଆ ପରିସରରେ ମାହାଙ୍ଗା ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଚାଲିଥିବା ବୈଷ୍ଣବ ପାଣିଙ୍କ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ପର୍ଯ୍ୟଟନ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ତତ୍କାଳୀନ ସମୟରେ ଗଣକବିଙ୍କ ଗୀତିନାଟ୍ୟ, ଗୀତାଭିନୟ ସୁଆଙ୍ଗ ପ୍ରଭୃତି ସାଧାରଣ ନିରକ୍ଷର ମଣିଷଙ୍କଠାରୁ ଆରମ୍ଭ କରି ଉଚ୍ଚଶିକ୍ଷିତ ଓ ସଂମ୍ରାନ୍ତ ବ୍ୟକ୍ତିଙ୍କ ହୃଦୟକୁ ଛୁଇଁ ପାରିଥିଲା। ଏଣୁ ସେ ଗଣମାନସ ଓ ଗଣ ହୃଦୟର କବି ଥିଲେ ବୋଲି ଅଭିହିତ କରିଥିଲେ। ସଂସଦ ସଭାପତି ତଥା ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ସଭାପତିତ୍ୱ କରିଥିବାବେଳେ ସଂସଦ ସମ୍ପାଦକ ହୃଷୀକେଶ ସ୍ୱାଇଁ ସଭା ସଂଯୋଜନା କରିଥିଲେ। ମୁଖ୍ୟବକ୍ତା ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ ଓରଫ କୁନା, ସମ୍ମାନିତ ଅତିଥି ମହିଳା କମିଶନ ଅଧ୍ୟକ୍ଷ ମିନତୀ ବେହେରା, ସମ୍ମାନିତ ବକ୍ତା ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା ଗବେଷକ ଡ. ଜୟରାମ ସ୍ୱାଇଁ, ଅଭିନେତ୍ରୀ ରିଆ ଦେ, ଜିଲା ପରିଷଦ ସଭ୍ୟା ମୋନାଲିସା ଦାଶ, ସମିତିସଭ୍ୟ ଗୋବିନ୍ଦ ବେହେରା ପ୍ରମୁଖ ଯୋଗଦେଇ ଗଣକବିଙ୍କ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସରପଞ୍ଚ ଭବାନୀ ଶଙ୍କର ସାମଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନିରଞ୍ଜନ ସାମଲ, ସରୋଜ ପଣ୍ଡା, ଅୟେଶକାନ୍ତ ସାମଲ, ଦେବେନ୍ଦ୍ର ବଳ ଓ ଲକ୍ଷ୍ମଣ ପାତ୍ର ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଗଣକବିଙ୍କ ରଚିତ ଗୀତିନାଟ୍ୟ ବିନୋଦବିହାରୀ କଳା ପରିଷଦ ମାହାଙ୍ଗା ପକ୍ଷରୁ ଦକ୍ଷ ଯଜ୍ଞ, ଉଷୁମା ଜୟଗୁରୁ ଯୁବ ପରିଷଦ ପକ୍ଷରୁ କଂସ ଦିଗ୍‌ବିଜୟ ପରିବେଷଣ କରାଯାଇଥିଲା।

■ ନବକିଶୋର ସ୍ମାରକୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ଆଲାମଗିରି ଟିମ୍ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

**ସାଲେପୁର,୨୦।୧୦(ଡି.ଏନ.ଏ.)**

ସାଲେପୁର ବ୍ଲକ ଅଧୀନ ଗୋପୀନାଥପୁର ହରିଡ଼ା ପଡ଼ିଆରେ ଚାଲିଥିବା ଅଷ୍ଟମ ନବକିଶୋର ସ୍ମାରକୀ ଫୁଟବଲ ଟୁର୍ନମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ଆଲାମ୍‌ଗିରି ଫୁଟବଲ୍ ଟିମ୍ ୧-୦ ଗୋଲରେ ସାଲେପୁର ଫୁଟବଲ୍ ଟିମ୍‌କୁ ହରାଇ ଚାମ୍ପିୟନ ହୋଇଛି। ବିଧାୟକ ପ୍ରଶାନ୍ତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ ଏଭଳି ଉଦ୍ୟମକୁ ପ୍ରଶଂସା କରିଥିଲେ। ପୂର୍ବତନ ଫୁଟବଲ୍ ଖେଳାଳି ହୃଷୀକେଶ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସରପଞ୍ଚ ଦିଲୀପ ରାଉତ, ମନୋରଞ୍ଜନ ଦାଶ, ବସନ୍ତ ବିଶ୍ୱାଳ, ଗଣେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଖେଳାଳି ଓ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ସଞ୍ଜୀବ ଦାଶ, ରସାନନ୍ଦ ସାମଲ, ବୁଦ୍ଧିରାମ ମାରାଣ୍ଡି, ଜନ୍ ନାୟକ ପରିଚାଳନା କରିଥିଲେ। ବୀରବର ଭୂୟାଁ, ଗୋପୀନାଥ ଭୋଇଙ୍କୁ ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଯୁଗଳ କିଶୋର ଜେନା, ନିର୍ମଳ ଚନ୍ଦ୍ର ସାମଲ, ଧ୍ରୁବ ସାମଲ, ଶ୍ରୀମା ପ୍ରସାଦ ବିଶ୍ୱାଳ, ଅତୀଶ ସାମଲ ଓ ରମାକାନ୍ତ ମହାନ୍ତିଙ୍କ ସମେତ ବହୁ କ୍ରୀଡ଼ା ପ୍ରେମୀ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ହୋଟେଲ୍, ଲଜ୍‌ରେ ଚାଲିଛି ବେଆଇନ କାର୍ଯ୍ୟ

**ସାଲେପୁର,୨୦।୧୦(ଡି.ଏନ.ଏ.)**

ସାଲେପୁର ସହରରେ ଥିବା କେତେକ ଲଜ୍ ଓ ହୋଟେଲରେ ବେଆଇନ କାର୍ଯ୍ୟ ଚାଲୁଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏସବୁ ଲଜ୍ ଓ ହୋଟେଲରେ ବାହାରୁ ବହୁ ଯୁବତୀଯୁବକ ଆସି ରହୁଛନ୍ତି। ପରେ ସେମାନେ ଅସଂଯତ ଅବସ୍ଥାରେ ଧରାପଡୁଛନ୍ତି। ପୋଲିସ ପକ୍ଷରୁ ଏସବୁ ଲଜ୍ ଓ ହୋଟେଲ ଉପରେ କୌଣସି କଟକଣା ଲଗାଯାଉନାହିଁ। ୨ବର୍ଷ ତଳେ ସ୍ଥାନୀୟ ଏକ ହୋଟେଲ୍‌ରୁ ପୋଲିସ ଚଢ଼ାଉ କରି କେତେଜଣ ଯୁବତୀଯୁବକଙ୍କୁ ଅସଂଯତ ଅବସ୍ଥାରେ ଧରିଥିଲା। ସେମାନଙ୍କ ମଧ୍ୟରୁ କେତେଜଣ ଯୁବକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବାବେଳେ ଯୁବତୀଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏବେ ପୁଣି ବେଆଇନ କାର୍ଯ୍ୟ ଚାଲୁଥିବା ଶୁଣିବାକୁ ମିଳୁଛି। ଶନିବାର ବିଳମ୍ବିତ ରାତ୍ରିରେ ୨ଟି ଲଜ୍‌ରୁ କେତେଜଣ ଯୁବତୀଯୁବକ ଧରାପଡିଛନ୍ତି। କିନ୍ତୁ ଏହି ଘଟଣାକୁ ସାଲେପୁର ପୋଲିସ ଅସ୍ୱୀକାର କରିଛି। କାରଣ ପୋଲିସ ଚାପରେ ପଡ଼ି ଧରା ପଡ଼ିଥିବା ଯୁବତୀଯୁବକଙ୍କୁ ଛାଡ଼ି ଦେଇଥିବା କୁହାଯାଉଛି। ଧରା ପଡ଼ିଥିବା ଯୁବତୀଯୁବକ ନିଶ୍ଚିନ୍ତକୋଇଲି ଅଞ୍ଚଳର ବୋଲି ସୂଚନା ମିଳିଛି। ଯେହେତୁ ପୋଲିସ ମୁହଁ ଖୋଲୁନାହିଁ। ତେଣୁ ପ୍ରକୃତ ଘଟଣା ସାମ୍ନାକୁ ଆସୁନାହିଁ। ସାଲେପୁରର ବିଭିନ୍ନ ସ୍ଥାନରେ ବାହାର ଲୋକେ ଅଟ୍ଟାଳିକା ନିର୍ମାଣ କରି ଚାଲିଥିବାବେଳେ ଏହିସବୁ ଘରେ କିଏ ରହୁଛନ୍ତି, ତାହାର ହିସାବ ମଧ ପୋଲିସ ପାଖରେ ନାହିଁ।

# ବାଙ୍କୀରେ ଭସାଣି ଉତ୍ସବ

**ବାଙ୍କୀ, ୨୦।୧୦(ସ୍ୱ.ପ୍ର.)**

କେନ୍ଦ୍ର ବାଙ୍କୀରେ ନିର୍ମିତ ହୋଇଥିବା ମା'ଦୁର୍ଗାଙ୍କ ସମେତ ଅନ୍ୟଦେବଦେବୀଙ୍କ ରବିବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ବାଙ୍କୀ ମହୋତ୍ସବ ହେବାକୁ ଥିବାରୁ ଭସାଣି କରାଯାଇ ନ ଥିଲା। ସକାଳୁ ବାଙ୍କୀର ୨୩ ପୂଜାକମିଟି ଦ୍ୱାରା ନିର୍ମିତ ମେଢ଼ଗୁଡ଼ିକୁ ଶୋଭାଯାତ୍ରାରେ ନିଆଯାଇଥିଲା। ମହାଦେବ ପୂଜାକମିଟି ମେଢ ନେତୃତ୍ୱ ନେଇଥିଲା। ପରେ ନୃସିଂହ ପୂଜାକମିଟି ମେଢ଼ର ପ୍ରମୋଦ ଚନ୍ଦ୍ର ମହାପାତ୍ର, ଟଙ୍କଧର ବେହେରା, ଉମେଶ ପଟ୍ଟନାୟକ, ଲକ୍ଷ୍ମୀପୂଜା କମିଟିର ସଭାପତି ସରୋଜ ମହାପାତ୍ର, ଶାନ୍ତି ମାର୍କେଟ ପୂଜାକମିଟିର ସଭାପତି ବିନିତ୍ ନାୟକ, ଲକ୍ଷ୍ମୀବଜାର ପୂଜାକମିଟିର ପ୍ରେମାନନ୍ଦ ବେହେରା, ଲକ୍ଷ୍ମଣ ପୃଷ୍ଟି, ଶରତ ମହାପାତ୍ର, ଶାନ୍ତି ବଜାରର ସୀତାରାମ ମହାପାତ୍ର, ପ୍ରଶାନ୍ତ ଦାଶ, ଯୁବଜ୍ୟୋତି ପୂଜାକମିଟିର ବିଭୁତି ଭୂଷଣ ସାହୁ, ବଲ୍ଲଭ ସାମଲ, ପ୍ରଭାତ ସାହୁ, ତାରେଣି ପୂଜାକମିଟିର କୃଷ୍ଣଚନ୍ଦ୍ର ସାହୁ, ଶିବରାମ ମିଶ୍ର, ମା'ଚର୍ଚ୍ଚିକା ପୂଜାକମିଟିର ସୁନୀଲ୍ ସାହୁ, ମେନରୋଡ୍ ପୂଜାକମିଟିର ପ୍ରହ୍ଲାଦ ପୃଷ୍ଟି, ରବୀନ୍ଦ୍ର ଦାସ, ଡା. ଶୁଧାଂଶୁ ଶେଖର ପଣ୍ଡା, ଲକ୍ଷ୍ମୀବଜାରର ପ୍ରଦୀପ ମହାପାତ୍ର ଏବଂ ଅନ୍ୟ ସବୁ ମଣ୍ଡପର ମେଢ କର୍ମକର୍ତ୍ତାଙ୍କ ନେତୃତ୍ୱରେ ସହର ପରିକ୍ରମା କରିଥିଲା। ଶେଷରେ ଅକ୍ଷୟ ମାର୍ଗ ଦେଇ ଏନଏସି ଦ୍ୱାରା ନିର୍ମିତ ପୁରୁଣା କଲ୍ୟାଣ ମଣ୍ଡପସ୍ଥ ଅସ୍ଥାୟୀ ପୁଷ୍କରଣୀରେ ବିସର୍ଜନ କରାଯାଇଥିଲା। ବାଙ୍କୀ ଉପଖଣ୍ଡ ପୋଲିସ୍ ଅଧିକାରୀ ପ୍ରସନ୍ନ ବିଶ୍ୱାଳ, ଥାନା ଅଧିକାରୀ ସମୀର ପଣ୍ଡା ଫୋର୍ସ ସହ ଉପସ୍ଥିତ ଥିଲେ। ଭସାଣି ପାଇଁ ସହରର ସମସ୍ତ ଦୋକାନବଜର ବନ୍ଦ ରହିଥିଲା। ଶୋଭାଯାତ୍ରାରେ ସମସ୍ତ ପୂଜାକମିଟି ସଦସ୍ୟ ଓ ଶହଶହ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ।





ବିଭିନ୍ନ ଦେବଦେବୀଙ୍କୁ ଭସାଣି ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଉଛି।

## ୩ ବାଇକ ଜବତ: ଅଭିଯୁକ୍ତ ଗିରଫ

**କଟକ ଅଫିସ, ୨୦।୧୦**

ବାଇକ୍ ଚୋରି ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ବଡମ୍ବା ଥାନା ଗୋପମଥୁରାର ଅଶୋକ ମହାନ୍ତି(୨୮)। ତାଙ୍କ ନିକଟରୁ ପୋଲିସ ୩ଟି ବାଇକ, ଗୋଟିଏ ମୋବାଇଲ ଫୋନ ଓ ଫାର୍ସା ଜବତ କରିଛି। ଏ ନେଇ ଏକ ମାମଲା(ନଂ. ୩୭୯/୧୯) ରୁଜୁ ହୋଇଛି। ଶନିବାର ରାତିରେ ଚାଉଳିଆଗଞ୍ଜ ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଉଥିଲା। ଅଶୋକ ସେହି ରାସ୍ତାରେ ଯାଉଥିବାବେଳେ ପୋଲିସ ତାଙ୍କୁ ଅଟକାଇ ଗାଡି କାଗଜପତ୍ର ମାଗିଥିଲା। ହେଲେ ଅଶୋକ କାଗଜପତ୍ର ଦେଖାଇ ପାରି ନ ଥିବାବେଳେ ତାଙ୍କ ନିକଟରୁ ଏକ ଫାର୍ସା ପୋଲିସ ଜବତ କରିଥିଲା। ପରେ ତାଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ସେ ଜଣେ ପେସାଦାର ଚୋର ବୋଲି ପୋଲିସ ଜାଣିବାକୁ ପାଇଥିଲା। ପରେ ତାଙ୍କଠାରୁ ଆଉ ଦୁଇଟି ଚୋରା ବାଇକ ଜବତ କରିଥିଲା। ବାଇକ୍ ଚୋରି ଓ ବିଭିନ୍ନ ଲୁଟ୍ ଘଟଣାରେ ଅଶୋକଙ୍କ ସମ୍ପୃକ୍ତି ଥିବା ପୋଲିସ କହିଛି।

## ଜିଲା ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ

**ବାଙ୍କୀ,୨୦।୧୦(ବି.ପ୍ର.)**



ସମ୍ବର୍ଦ୍ଧନା ସଭାରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

କଟକ ଜିଲା ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ ଓ କର୍ମକର୍ତ୍ତା ନିର୍ବାଚନ ଘାସିପୁଟ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ପ୍ରଭାତ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଫେଡେରେଶନ ସଭାପତି ହୃଦାନନ୍ଦ ଦ୍ୱିବେଦୀଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଅଜିତ ଜେନା ଓ ସରପଞ୍ଚ ପୁଷ୍ପଲତା ପରିଡା ଯୋଗ ଦେଇଥିଲେ। ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅଶୋକ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁଲଭ ବେହେରା ସ୍ୱାଗତ ଭାଷଣ ଓ ସାମ୍ବିଧାନିକ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବୌଦ୍ଧିକ ଶିକ୍ଷା ବିକାଶରେ ସରକାରୀ ବିଦ୍ୟାଳୟ ଶିକ୍ଷକଙ୍କ ଭୂମିକା ଅତୁଳନୀୟ ବୋଲି ମୁଖ୍ୟ ଅତିଥି ବକ୍ତବ୍ୟରେ ପ୍ରକାଶ କରିଥିଲେ। ନିର୍ବାଚନରେ ସଭାପତିଭାବେ ଅଶୋକ ପଟ୍ଟନାୟକ, ଉପସଭାପତି ସାଦତ୍ ଅଲ୍ଲୀ ଖାଁ ଓ ନଳିନୀ ପ୍ରଭା ସେନାପତି ନିର୍ବାଚିତ ହୋଇଥିଲେ। ଡମପଡା ବ୍ଲକ ସମ୍ପାଦକ କାର୍ତ୍ତିକ ବେହେରା, ଉପସଭାପତି ସତ୍ୟରଞ୍ଜନ ମିଶ୍ର ଓ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅମୀୟ ପରିଜା ପରିଚାଳନାରେ ସହଯୋଗ କରିଥିଲେ। ସମ୍ମିଳନୀ ଅବସରରେ ସମ୍ବର୍ଦ୍ଧନା ସଭା ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଶିକ୍ଷକ ସଂଘ ସମସ୍ୟା ପ୍ରତି ଦୃଷ୍ଟି ଦେବା ପାଇଁ ପ୍ରକାଶ କରିଥିଲେ। ସଂଘ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ରମେଶ ମହାପାତ୍ର, ଶିବନାରାୟଣ ପଟ୍ଟନାୟକ, ପ୍ରଭାତ ରଥ, ଶିବକୃଷ୍ଣ ପଣ୍ଡା, ସୁଲଭ ବେହେରା ଓ ଆନନ୍ଦ ଚନ୍ଦ୍ର ଦାଶଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ।

ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୨୧ ଅକ୍ଟୋବର, ୨୦୧୯



“ତୁମ୍ଭେମାନେ ଶତ୍ରୁମାନଙ୍କୁ ପ୍ରେମ କର, ଯେଉଁମାନେ ତୁମ୍ଭମାନଙ୍କୁ ଘୃଣା କରନ୍ତି, ସେମାନଙ୍କର ମଙ୍ଗଳ କର।
- ଯିଶୁଖ୍ରୀଷ୍ଟ



## ସଂକ୍ଷେପରେ

### ଗର୍ଭାଶୟ କର୍କଟ ରୋଗ ଚିହ୍ନଟ ଶିବିର

**କଟକ ଅଫିସ,୨୦।୧୦:** ଏସିଆ ଓସିନିଆ ରିସର୍ଚ୍ଚ ଅର୍ଗାନାଇଜେଶନ ଅନ୍ ଜେନିଟିଆଲ ଇନ୍‌ଫେକ୍ସନସ୍ ଏଣ୍ଡ ନିଓପୋଲାସିଆ-ଇଣ୍ଡିଆ ଅନୁଷ୍ଠାନ ପକ୍ଷରୁ ଖାନ୍‌ନଗରସ୍ଥିତ ମଞ୍ଜୁଲତା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗର୍ଭାଶୟ କର୍କଟ ରୋଗ ଚିହ୍ନଟ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ରାଜ୍ୟ ସଂଯୋଜିକା ଡା. ଭାଗ୍ୟଲକ୍ଷ୍ମୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ସ୍ଥାନୀୟ ଅଞ୍ଚଳର ୭୫ ଜଣ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଆସନ୍ତା ନଭେମ୍ବର ୩ରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆଉ ଏକ ଶିବିର ଆୟୋଜନ କରାଯିବ। ଜନସାଧାରଣ ଏହାର ସୁଯୋଗ ନେବାକୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଜନ୍ମେଜୟ ବିଶ୍ୱାଳ କହିଛନ୍ତି। ଏଥିରେ ପୂର୍ବତନ ମେୟର ମୀନାକ୍ଷୀ ବେହେରାଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ।

### ମନ୍ଦିରରୁ ଚୋରି: ଯୁବକ ଗିରଫ

**କଟକ ଅଫିସ, ୨୦।୧୦:** ମନ୍ଦିରରୁ ଟଙ୍କା ଚୋରି କରିବା ଅଭିଯୋଗରେ ମର୍କତନଗର ପୋଲିସ ରବିବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବିଡାନାସୀ ଥାନା ଅନ୍ତର୍ଗତ ଗୋପାଳସାହିର ଦୀପୁନ ଓରଫ ବୁବୁନା ବାରିକ। ପୋଲିସ ସୂଚନା ଅନୁଯାୟୀ, ଶନିବାର ରାତିରେ ଦୀପୁନ ସେକ୍ଟର-୯ ସ୍ଥିତ ଏକ ଶିବ ମନ୍ଦିରରୁ ଟଙ୍କା ଚୋରି କରିଥିଲେ। ଏ ନେଇ ମନ୍ଦିର କମିଟି ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଥାନାରେ ଏକ ମାମଲା(ନଂ.୧୭୩/୧୯) ରୁଜୁ ହୋଇଥିଲା।

### ସୁଦର୍ଶନ ମହାବିଦ୍ୟାଳୟରେ ପାଠଚକ୍ର କାର୍ଯ୍ୟକ୍ରମ

**କଟକ ସଦର,୨୦।୧୦(ଡି.ଏନ୍.ଏ.):** ୪୨ ମୌଜାସ୍ଥିତ ସୁଦର୍ଶନ ମହାବିଦ୍ୟାଳୟରେ ଶନିବାର ସଂଘବାଦ ଭାରତ ଏକ ଦୃଷ୍ଟିପାତ ଶୀର୍ଷକ ପାଠଚକ୍ର ଆୟୋଜିତ ହୋଇଥିଲା। ଏହାକୁ ଅଧ୍ୟକ୍ଷ ଡ. ବିଜୟ କୁମାର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ସ୍ୱାଧୀନ ଶେଖର ଷଡଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆମ ସଂଘୀୟ ବ୍ୟବସ୍ଥାର ବିକେନ୍ଦ୍ରୀକରଣ ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଡ. ରବୀନ୍ଦ୍ର ନାଥ ପରିଡା, ସୁଶାନ୍ତ କୁମାର କର, ସନ୍ତୋଷ କୁମାର ଦେବତା ଓ ଦୁଷ୍ମନ୍ତ କୁମାର ମହାପାତ୍ର ପ୍ରମୁଖ ଅଭିଭାଷଣ ଦେଇଥିଲେ। ଏଥିରେ ଶୁଚିସ୍ମିତା ବିଭୂତି ରାୟ ସଭାପତିତ୍ୱ କରିଥିବାବେଳେ ଅଧ୍ୟାପକ ବିରଞ୍ଚି ନାରାୟଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଛାତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

**କଟକ ସଦର,୨୦।୧୦(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅଧୀନ ପାରାବିଲ ଗ୍ରାମର ଏକ ଗଜଲକ୍ଷ୍ମୀ ପୂଜା ମଣ୍ଡପ ନିକଟରେ ଗତ ୧୪ ତାରିଖରେ ଲକ୍ଷ୍ମୀପୁରାଣ ପାଠ କରୁଥିବାବେଳେ ବିଦ୍ୟୁତ୍ ଆଘାତରେ ରୋଜାଲିନ୍ ବେହେରା ନାମ୍ନୀ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ଆତ୍ମାର ସଦ୍‌ଗତି କାମନା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସେହିପରି ଶନିବାର ପାଟରାସାହି ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ବିସର୍ଜନ ଶୋଭାଯାତ୍ରା ବନ୍ଦ କରାଯାଇ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା।

### ଚାରାରୋପଣ କାର୍ଯ୍ୟକ୍ରମ

**କଟକ ଅଫିସ, ୨୦।୧୦:** ସତ୍ୟବ୍ରତ ଷ୍ଟାଡିୟମ ଚତୁଃପାର୍ଶ୍ୱରେ ରବିବାର କ୍ରେଡାଇ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ରେଡାଇ ପୂର୍ବାଞ୍ଚଳ ମହିଳା ବିଭାଗ ସଂଯୋଜିକା ଇଂ. ସୋଫିଆ ଫିର୍ଦୋଷଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ, ସମ୍ମାନିତ ଅତିଥି ଭାବେ କ୍ରେଡାଇ ଓଡ଼ିଶା ଅଧ୍ୟକ୍ଷ ଡି.ଏସ. ତ୍ରିପାଠୀ, ସଭାପତି ସ୍ୱଦେଶ ରାଉତରାୟ, କ୍ରେଡାଇ କଟକ ଶାଖା ସଭାପତି ଏମ୍. ମହାରଣା, ସମ୍ପାଦକ ଅନିଲ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ମହାନଦୀ ଲାଫିଙ୍ଗ କ୍ଲବ ସଭାପତି ଡ. ନିରଞ୍ଜନ ତ୍ରିପାଠୀ, ମୁଖ୍ୟ ଉପଦେଷ୍ଟା ଜଷ୍ଟିସ ମନୋରଞ୍ଜନ ମହାନ୍ତି, ସମ୍ପାଦକ ସରୋଜ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବଢ଼ୁଛି ଦୁର୍ଘଟଣା: ଚିନ୍ତାରେ ଜିଲା ପ୍ରଶାସନ

**କଟକ ଅଫିସ, ୨୦।୧୦**

- ଦୁର୍ଘଟଣା ନିୟନ୍ତ୍ରଣ ସମ୍ପର୍କରେ ବୈଠକରେ ଆଲୋଚନା
- ଦ୍ରୁତଗତିରେ ଗାଡ଼ି ଚଳାଉଥିବା ଚାଳକଙ୍କଠାରୁ ଜରିମାନା ଆଦାୟ
- ଅଧିକ ଇଣ୍ଟରସେପ୍ଟର ଲଗାଯିବ

କଟକରେ ଦିନକୁ ଦିନ ବଢ଼ୁଛି ସଡ଼କ ଦୁର୍ଘଟଣା। ଏଥିରେ ଅନେକ ଜୀବନହାନି ଘଟୁଥିବାବେଳେ ଲୋକ ଆହତ ହେଉଥିବା ନଜିର ରହିଛି। ଦ୍ରୁତ ଗାଡି ଚାଳନା ଓ ନିଶାଶକ୍ତ ଅବସ୍ଥାରେ ଗାଡି ଚଳାଇବା ଦୁର୍ଘଟଣାର ମୁଖ୍ୟ କାରଣ ପାଲଟିଛି। ଦୁର୍ଘଟଣାକୁ ରୋକିବା ପାଇଁ ଜିଲା ପ୍ରଶାସନ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ସଚେତନତାମୂଳକ ପଦକ୍ଷେପ ନିଆଯାଉଛି। ବିଭିନ୍ନ ସ୍ଥାନରେ ସଚେତନତା ଶୋଭାଯାତ୍ରା ମାଧ୍ୟମରେ ଗାଡି ଚାଳକମାନଙ୍କୁ ସଚେତନ କରାଯାଉଛି। ତଥାପି ଲୋକେ ସଚେତନ ହେଉନାହାନ୍ତି। ଦୁର୍ଘଟଣା ବୃଦ୍ଧି ପାଉଥିବାରୁ ଜିଲା ପ୍ରଶାସନ ଚିନ୍ତାରେ ପଡିଛି।

ଦୁର୍ଘଟଣାର ମାତ୍ରାକୁ ନିୟନ୍ତ୍ରଣ କରିବା ପାଇଁ ଶନିବାର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ କଟକ ଜିଲା ସେଫ୍‌ଟି କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଟ୍ରକ ଓ ବସ୍ ମାଲିକ ସଂଘ, ରାଜ୍ୟ ପରିବହନ ନିଗମ, ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଯୋଗଦେଇଥିଲେ। ଅଧିକାଂଶ ସମୟ ଫୁଲନଖରାରୁ ମଙ୍ଗୁଳି ପର୍ଯ୍ୟନ୍ତ ଜାତୀୟ ରାଜପଥରେ ଦୁର୍ଘଟଣା ଘଟୁଛି। କ’ଣ କଲେ ଏହାକୁ ନିୟନ୍ତ୍ରଣ କରାଯାଇପାରିବ ସେ ନେଇ ରୋଡ ସେଫ୍‌ଟି କମିଟି ବୈଠକରେ ଆଲୋଚନା ହୋଇଥିଲା। ଦ୍ରୁତ ଗତିରେ ଗାଡ଼ି ଯୋଗୁ ଦୁର୍ଘଟଣା ଘଟୁଥିବା ବୈଠକରେ ମତପ୍ରକାଶ ପାଇଥିଲା। ଏହାକୁ ଦୃଷ୍ଟିରେ ରଖି ଦ୍ରୁତ ଗତିରେ ଗାଡି ଚଳାଉଥିବା ଚାଳକଙ୍କଠାରୁ ଜରିମାନା ଆଦାୟ ସହ ଅଧିକ ମାତ୍ରାରେ ଇଣ୍ଟରସେପ୍ଟର ଲଗାଇବା ପାଇଁ ନିଷ୍ପତ୍ତି ହୋଇଛି। ରାସ୍ତା କଡ଼ରେ ଥିବା ସ୍କୁଲ୍‌ର ଗେଟ୍ ବନ୍ଦ ରଖିବା ସହ ଏହାକୁ ତଦାରଖ କରିବା ପାଇଁ ସ୍କୁଲ ଇନ୍ସପେକ୍ଟରମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଜାତୀୟ ରାଜପଥର ସମସ୍ୟା ସମାଧାନ ଦିଗରେ ଏନ୍‌ଏଚ୍‌ଏଆଇ ଦୃଷ୍ଟି ଦେବାକୁ କୁହାଯାଇଥିଲା। ଏ ନେଇ ଜିଲାପାଳ କହିଛନ୍ତି, ବୈଠକର ମୁଖ୍ୟ ଲକ୍ଷ୍ୟ ହେଉଛି ଦୁର୍ଘଟଣା ହାର କମ୍ କରିବା। କ’ଣ ପାଇଁ ଦୁର୍ଘଟଣା ଘଟୁଛି ତାହାର ଏକ ବିବରଣୀ ପ୍ରସ୍ତୁତ କରିବା। ଦୁର୍ଘଟଣାକୁ ନିୟନ୍ତ୍ରଣ କରିବା ଦିଗରେ କି ପଦକ୍ଷେପ ଗ୍ରହଣ କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଛି। ସେହିପରି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର ନାଥ ସାହୁ କହିଛନ୍ତି, ଦୁର୍ଘଟଣା ଘଟିବାର ଯାନ୍ତ୍ରିକ ଦିଗ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା।

ନୂଆ ମୋଟରଯାନ ଆଇନ ଅନୁଯାୟୀ ବିଭିନ୍ନ ଜିଲା ପରିବହନ ବିଭାଗ ପକ୍ଷରୁ ଜିଲା ରୋଡ ସେଫ୍‌ଟି କମିଟି ଗଠନ କରାଯାଇଛି। ଏହି କମିଟି ଦୁର୍ଘଟଣାର କାରଣ ସମୀକ୍ଷା କରିବା ସହ ଏହାକୁ ନିୟନ୍ତ୍ରଣ ଦିଗରେ ପଦକ୍ଷେପ ନେବ ବୋଲି ବୈଠକରେ ଆଲୋଚନା ହୋଇଥିଲା। କଟକ ରୋଡ ସୁରକ୍ଷା କମିଟି ପକ୍ଷରୁ ପ୍ରତି ମାସରେ ଏକ ବୈଠକ କରାଯାଇ ଏ ସମ୍ପର୍କରେ ସମୀକ୍ଷା କରାଯିବ। ଯେଉଁ ସ୍ଥାନରେ ଅଧିକ ଦୁର୍ଘଟଣା ଘଟୁଛି ତାହାର କାରଣ ଖୋଜିବା ସହ ଏହାକୁ ରୋକାଯିବା ନିମନ୍ତେ ଚେଷ୍ଟା କରାଯିବ ବୋଲି ପରିବହନ ବିଭାଗ ଅଧିକାରୀ କହିଛନ୍ତି।



କଟକ ମାତୃଭବନରେ ଅନୁଷ୍ଠିତ ବିଜ୍ଞାନମେଳାରେ ଛାତ୍ରୀଛାତ୍ରମାନେ ପ୍ରକଳ୍ପ ଦେଖୁଛନ୍ତି।

## ରାଜ୍ୟସ୍ତରୀୟ ବିଜ୍ଞାନମେଳା

**କଟକ ଅଫିସ, ୨୦।୧୦**

ଶ୍ରୀଅରବିନ୍ଦ ବିଜ୍ଞାନ ପରିଷଦର ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ଗତ ୧୯ ଓ ୨୦ ତାରିଖ ଦୁଇଦିନ ବ୍ୟାପୀ ସ୍ଥାନୀୟ ମାତୃଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ନିତ୍ୟାନନ୍ଦ ସ୍ୱାଇଁ ମୁଖ୍ୟଅତିଥି, ନବଜୀବନ ଶିକ୍ଷା ସଂସଦର ସଭାପତି ଗଦାଧର ମିଶ୍ର ଓ ସମ୍ପାଦକ ପ୍ରସାଦ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦାନ କରି ବିଜ୍ଞାନ ପ୍ରଦର୍ଶନୀରେ ଭାଗ ନେଇଥିଲେ। ଶ୍ରୀଅରବିନ୍ଦ ବିଜ୍ଞାନ ପରିଷଦ ପକ୍ଷରୁ ସମରେନ୍ଦ୍ର ରାଉତ, ନିଶିଥ ରଞ୍ଜନ ରାଉତ, ଆରତି ପଟ୍ଟନାୟକ, ପଦ୍ମଲୋଚନ ପୋଥାଳ, ରାମକୃଷ୍ଣ ନାୟକ, ଚିନ୍ମୟ ସାମଲ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କଟକ ଶ୍ରୀରାମଚନ୍ଦ୍ର ଭବନରେ ସମ୍ଭାବନା ସାରସ୍ୱତ ସାଂସ୍କୃତିକ ପରିଷଦ ପୂଜ୍ୟପୂଜା ମହୋତ୍ସବରେ ଅତିଥିମାନେ ବାର୍ଷିକ ମୁଖପତ୍ର ‘ରବିରଶ୍ମି’ ଉନ୍ମୋଚନ କରୁଛନ୍ତି।

## ଭଜନ ସମ୍ରାଟ ଭିକାରୀ ବଳ ଭଜନ ପ୍ରତିଯୋଗିତା

**କଟକ ଅଫିସ, ୨୦।୧୦**

ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସଂସଦ ଆନୁକୂଲ୍ୟରେ ଭଜନ ସମ୍ରାଟଙ୍କ ନବମ ପୁଣ୍ୟତିଥି ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ରାସବିହାରୀ ମଠରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଭିକାରୀ ବଳ ଭଜନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ସଭାପତି ଅରୁଣ କୁମାର ପଣ୍ଡା ପୌରୋହିତ୍ୟ କରିଥିଲେ। ଏହି ପ୍ରତିଯୋଗିତାର କନିଷ୍ଠ ବିଭାଗରେ ସେଣ୍ଟ ଯୋଶେପ୍ ବାଳିକା ବିଦ୍ୟାଳୟର ଆୟୁଷୀ ଖୁଣ୍ଟିଆ ପ୍ରଥମ, ସିଡିଏ ସେକ୍ଟର-୯ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରୀତିପ୍ରଜ୍ଞା ନାୟକ ଦ୍ୱିତୀୟ, ଚହଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆଦ୍ୟାଶା ସାହୁ ଓ ସେକ୍ଟର-୬ ଡିଏଭି ପବ୍ଲିକ ସ୍କୁଲର ସାଧନା ରାଉତରାୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସ୍ମୃତି ସଂସଦର ସମ୍ପାଦକ ଡ. ସୁନାମଣି ରାଉତ ପ୍ରାରମ୍ଭିକ ସୂଚନା ଓ ପ୍ରତିଯୋଗିତାର ବିଚାରକ ଭାବେ ପ୍ରସେନଜିତ ମହାନ୍ତି, ରବୀନ୍ଦ୍ର ମହାପାତ୍ର ଏବଂ ଅଶୋକ ବଳ ଯୋଗଦେଇଥିଲେ। ସଂସଦର ଉପଦେଷ୍ଟା ଗୌରହରି ଦଳାଇ, କୋଷାଧ୍ୟକ୍ଷ ଅମିୟ କୁମାର ବଳ, ସଦସ୍ୟ ସ୍ୱାଗତ ରାଉତ, ରଶ୍ମିରଞ୍ଜନ ମହାପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ଜୀବନାନନ୍ଦ ଅଧିକାରୀ ଧନ୍ୟବାଦ ଦେଇଥିଲେ। ଭଜନ ସମ୍ରାଟଙ୍କ ନବମ ସ୍ମୃତି ଉତ୍ସବ ଅବସରରେ ନଭେମ୍ବର ୨ରେ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ।

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ

**କଟକ ଅଫିସ, ୨୦।୧୦**

ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଏକ ବସ୍ତିରେ ଜଣେ ନାବାଳିକାଙ୍କୁ ଶନିବାର ରାତିରେ ସ୍ଥାନୀୟ ଜନୈକ ନାବାଳକ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ରବିବାର ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୩୭୭/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଶନିବାର ରାତି ପ୍ରାୟ ୧୧ଟାରେ ନାବାଳିକା ଜଣଙ୍କ ଘର ପାଖରେ ଛିଡା ହୋଇଥିଲେ। ସେହି ସମୟରେ ସମ୍ପୃକ୍ତ ନାବାଳକ ଚକୋଲେଟର ପ୍ରଲୋଭନ ଦେଖାଇ ତାଙ୍କୁ ଏକ ଅନ୍ଧାରୁଆ ସ୍ଥାନକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ହେଲେ ନାବାଳିକା କାନ୍ଦିବାରୁ ସ୍ଥାନୀୟଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ତାଙ୍କୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ। ଏ ନେଇ ରବିବାର ନାବାଳିକାଙ୍କ ପରିବାର ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ସମ୍ପୃକ୍ତ ନାବାଳକଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ପ୍ରାଥମିକ ତଦନ୍ତ ପରେ ପୋଲିସ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡକୁ ପଠାଇଥିଲା।

# ୮ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

**କଟକ ଅଫିସ, ୨୦।୧୦**

**ନାବାଳିକା ବଳାତ୍କାର ଘଟଣା**

ନିଆଳି ଥାନା ଅଞ୍ଚଳରେ ଗତ ଅଗଷ୍ଟ ୮ରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ଦିପୁନା ଭୋଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ଘଟଣାକୁ ନେଇ ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଏକ ମାମଲା ରୁଜୁ କରିଥିଲେ। ଏହି ଘଟଣାର ତଦନ୍ତ କରି ୮ ସପ୍ତାହ ମଧ୍ୟରେ ଚାର୍ଜଶିଟ ଦାଖଲ କରିବାକୁ ଏନ୍‌ଏଚ୍‌ଆର୍‌ସି ଡିଜି, ଏସ୍‌ପି ଏବଂ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଓଡ଼ିଶା ଭିକ୍ଟିମ କମ୍ପେନ୍‌ସେସନ ସ୍କିମ୍-୨୦୧୮ ଅନୁଯାୟୀ ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମାନବାଧିକାର କର୍ମୀ ଦାସ ଦାବି କରିଛନ୍ତି। ଆଇନ ଅନୁଯାୟୀ ବଳାତ୍କାର ପୀଡ଼ିତାଙ୍କ ଚାର୍ଜଶିଟ୍ ୨ ମାସ ଭିତରେ ଦାଖଲ କରିବା ନିୟମ ରହିଛି। କିନ୍ତୁ ପୋଲିସ ଜାଣିଶୁଣି ଏହାକୁ ଚାପି ରଖୁଛି। ନାବାଳିକାଙ୍କୁ ବଳାତ୍କାର ଘଟଣାରେ ୪ଲକ୍ଷରୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ମିଳିବା ନିୟମ ରହିଛି। କିନ୍ତୁ ପୀଡ଼ିତା ଏହି କ୍ଷତିପୂରଣ ପାଇବାରୁ ବଞ୍ଚିତ ରହୁଛି ଏବଂ କୋର୍ଟ କଚେରି ମାମଲା ସମୟରେ ଆର୍ଥିକ ଯନ୍ତ୍ରଣାରେ ପୀଡ଼ିତ ହୋଇ ମାନସିକ ଭାରସାମ୍ୟ ହରାଇବାର ଦୃଷ୍ଟାନ୍ତ ରହିଛି। ଏଣୁ ପୀଡ଼ିତାଙ୍କୁ ନ୍ୟାୟ ଦେବା ସହ କ୍ଷତିପୂରଣ ବାବଦରେ ୭ ଲକ୍ଷ ଟଙ୍କା ଦେବାକୁ ମାନବାଧିକାର କର୍ମୀ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଗତ ଅଗଷ୍ଟ ୭ ତାରିଖ ସନ୍ଧ୍ୟାରେ ନାବାଳିକା ଜଣକ ଏକୁଟିଆ ଘରେ ଥିବାବେଳେ ଦିପୁନା ତାଙ୍କୁ ପ୍ରଲୋଭନ ଦେଖାଇ ଛାତ ଉପରକୁ ଡାକି ନେଇ ବଳାତ୍କାର କରିଥିଲେ। ଏ ନେଇ ନାବାଳିକାଙ୍କ ମା’ଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ. ୧୭୮/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ ମାନବାଧିକାର କର୍ମୀ ଦାସ ଏନ୍‌ଏଚ୍‌ଆରସିଙ୍କ ନିକଟରେ ମାମଲା ଦାଏର କରିଥିଲେ।

## ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ସମ୍ମିଳନୀ

**କଟକ ଅଫିସ,୨୦।୧୦**

ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ଏବଂ ଏଆଇଟିୟୁସି ମିଳିତ ଆନୁକୂଲ୍ୟରେ ଏକ ସମ୍ମିଳନୀ ରବିବାର ଟାଉନ୍‌ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରମିକନେତା ରାଜକିଶୋର ମଲ୍ଲିକ ସଭାପତିତ୍ୱ କରିଥିଲେ। ଏଥିରେ ଶ୍ରମ ଆଇନ ସଂଶୋଧନ ବାତିଲ କରିବା, ପ୍ରତିମାସରେ ନିୟମିତ ଦରମା ପ୍ରଦାନ, ବକେୟାଥିବା ବର୍ଦ୍ଧିତ ୨୮ ମାସର ପାରିଶ୍ରମିକ ପ୍ରଦାନ, ମଧ୍ୟାହ୍ନ ଭୋଜନ କାମ ବ୍ୟତିତ ପାଚିକା ସହାୟିକାମାନଙ୍କୁ ଅନ୍ୟ କାମରେ ନିୟୋଜିତ ବନ୍ଦ କରିବା, ସରକାରୀ କର୍ମଚାରୀ ମାନ୍ୟତା ଦେବା, ୬୦ ବର୍ଷ ପରେ ପେନସନ୍ ଯୋଜନା ଲାଗୁ କରିବା ଭଳି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଏସ୍‌ୟୁସିଆଇ(ସି)ର କଟକ ଜିଲା ସମ୍ପାଦକ କମ୍ରେଡ୍ ବିଶ୍ୱାବସୁ ଦାସ, ମୁଖ୍ୟବକ୍ତା କ୍ରମେଡ୍ ପ୍ରହଲ୍ଲାଦ ସାହୁ ଓ ଅନ୍ୟତମ ବକ୍ତା ଭାବେ ଏଆଇୟୁଟିୟୁସିର କଟକ ଜିଲା ସଭାପତି କମ୍ରେଡ୍ ଲକ୍ଷ୍ମୀଧର ମହାନ୍ତି, ଖଗେଶ୍ୱର ସେଠୀ, ସୌଭାଗ୍ୟ ସାମଲ ଯୋଗଦେଇଥିଲେ। ଶ୍ରମିକମାନେ ନିଜର ଦାବି ହାସଲ ପାଇଁ ଦୁର୍ବାର ଆନ୍ଦୋଳନ କରିବା ଛଡା ଅନ୍ୟ ଉପାୟ ନାହିଁ ବୋଲି ସମ୍ମିଳନୀରେ ଆହ୍ୱାନ ଦିଆଯାଇଥିଲା। ଆଗାମୀ ଦିନରେ ଆନ୍ଦୋଳନକୁ ଶକ୍ତିଶାଳୀ କରିବା ପାଇଁ ସଭାପତି ରାଜ କିଶୋର ମଲ୍ଲିକ ଓ ସମ୍ପାଦିକା ଇତିଶ୍ରୀ ଜେନାଙ୍କୁ ନେଇ ମହାନଗର ପୂର୍ବାଞ୍ଚଳ କମିଟି ଗଠନ କରାଯାଇଥିଲା।

## ସମସ୍ୟା ସୃଷ୍ଟି କରୁଛନ୍ତି ଅନୁପ୍ରବେଶକାରୀ

**କଟକ ଅଫିସ, ୨୦।୧୦**

ଫୋରମ୍ ଫର୍ ଆୱାରନେସ୍ ଅଫ୍ ନ୍ୟାଶନାଲ ସିକ୍ୟୁରିଟି(ଫାନ୍)ର କଟକ ଶାଖା ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ବ୍ୟୁରୋ ମିଳିତ ଆନୁକୂଲ୍ୟରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ ପିଲାର ଅଫ ୱିଜଡମସ୍ଥିତ ଆନେକ୍ସ-୧ ଠାରେ ଜାତୀୟ ସ୍ତରୀୟ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ନାଗରିକତା ପଞ୍ଜୀକରଣ ଓ ଜାତୀୟ ସଂହତି ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଫାନ୍‌ର ମୁଖ୍ୟ ଇନ୍ଦ୍ରେଶ କୁମାର ଯୋଗଦେଇ ଦେଶରେ ଅନୁପ୍ରବେଶକାରୀଙ୍କ ଯୋଗୁଁ ଉପୁଜୁଥିବା ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ବିଶ୍ୱ ମାନଚିତ୍ରରେ ଭାରତ ଏକ ବିରଳ ଦେଶ। ଏ ଦେଶ ସବୁ ଧର୍ମକୁ ନିଜ ଛାତିରେ ଯାଗା ଦେଇଛି। ଭାରତରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବୃଦ୍ଧି ହେତୁ ସେମାନେ ସମସ୍ୟା ସୃଷ୍ଟି କରୁଛନ୍ତି। ଦେଶ ଅନଗ୍ରସରତା ମଧ୍ୟକୁ ଟାଣି ହୋଇଯିବା ସହ ବେକାରୀ ଓ ବେରୋଜଗାରୀ ସମସ୍ୟା ସୃଷ୍ଟି ହେଉଛି ବୋଲି ଇନ୍ଦ୍ରେଶ କହିଛନ୍ତି। ଏନ୍‌ଏସ୍‌ଏସ୍ ବ୍ୟୁରୋ ସଂଯୋଜକ ପ୍ରଫେସର ସୁବ୍ରତ ଆଚାର୍ଯ୍ୟ, ଫାନ୍‌ର ରାଷ୍ଟ୍ରୀୟ ସମ୍ପାଦକ ସଂଘମିତ୍ରା ରାଜଗୁରୁ, ଏନ୍‌ଏସ୍‌ଏସ୍ ରାଜ୍ୟ ଉପନିର୍ଦ୍ଦେଶକ ସୁରେଖା ସୁନ୍ଦରୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ନାଗରିକତା ପଞ୍ଜୀକରଣ ସଂକ୍ରାନ୍ତରେ ମତବ୍ୟକ୍ତ କରିଥିଲେ। ଫାନ୍ କଟକ ଶାଖା ସାଧାରଣ ସମ୍ପାଦକ ଡ. ମାନଭଞ୍ଜନ କହଁର ସ୍ୱାଗତ ଭାଷଣ ଓ ଉପସଭାପତି ପ୍ରଫେସର ଜ୍ଞାନ ଶର୍ମା ଧନ୍ୟବାଦ ଦେଇଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ।

## ୩ ବାଇକ ଜବତ: ଅଭିଯୁକ୍ତ ଗିରଫ

**କଟକ ଅଫିସ, ୨୦।୧୦**

ବାଇକ୍ ଚୋରି ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ବଡମ୍ବା ଥାନା ଅନ୍ତର୍ଗତ ଗୋପମଥୁରାର ଅଶୋକ ମହାନ୍ତି(୨୮)। ତାଙ୍କ ନିକଟରୁ ପୋଲିସ ୩ଟି ବାଇକ, ଗୋଟିଏ ମୋବାଇଲ ଫୋନ ଓ ଫାର୍ସା ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ. ୩୭୯/୧୯) ରୁଜୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ରାତିରେ ଚାଉଳିଆଗଞ୍ଜ ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଉଥିଲା। ଅଶୋକ ସେହି ରାସ୍ତାରେ ଯାଉଥିବାବେଳେ ପୋଲିସ ତାଙ୍କୁ ଅଟକାଇ ଗାଡି କାଗଜପତ୍ର ମାଗିଥିଲା। ହେଲେ ଅଶୋକ ଗାଡି କାଗଜପତ୍ର ଦେଖାଇ ପାରି ନ ଥିବାବେଳେ ତାଙ୍କ ନିକଟରୁ ଏକ ଫାର୍ସା ପୋଲିସ ଜବତ କରିଥିଲା। ପରେ ତାଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ସେ ଜଣେ ପେସାଦାର ଚୋର ବୋଲି ପୋଲିସ ଜାଣିବାକୁ ପାଇଥିଲା। ପରେ ତାଙ୍କଠାରୁ ଆଉ ଦୁଇଟି ଚୋରା ବାଇକ ଜବତ କରିଥିଲା। ବାଇକ୍ ଚୋରି ଓ ବିଭିନ୍ନ ଲୁଟ୍ ଘଟଣାରେ ଅଶୋକଙ୍କ ସମ୍ପୃକ୍ତି ଥିବା ପୋଲିସ କହିଛି।




ସିଡିଏସ୍ଥିତ ୱିଣ୍ଡସର୍ ପ୍ଲେସ୍‌ଠାରେ ରବିବାର ଅନୁଷ୍ଠିତ କାଳୀପୂଜା ପ୍ରସ୍ତୁତି ବୈଠକରେ ବିଧାୟକ ସୌଭିକ୍ ବିଶ୍ୱାଳ ଉଦ୍‌ବୋଧନ ଦେଉଛନ୍ତି।

# ୨୭ରେ ପୂଜା, ୩୦ରେ ଭସାଣି

**କଟକ ଅଫିସ, ୨୦।୧୦**

**କାଳୀପୂଜା ପ୍ରସ୍ତୁତି ବୈଠକ**

ସିଡିଏସ୍ଥିତ ୱିଣ୍ଡସର୍ ପ୍ଲେସ୍‌ଠାରେ କଟକ ମହାନଗର ଶାନ୍ତି କମିଟି ପକ୍ଷରୁ କାଳୀପୂଜା ଓ ଭସାଣୀ ଉତ୍ସବ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଦେବେନ୍ଦ୍ରନାଥ ସାହୁଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଭିକାରୀ ଦାସ କାଳୀପୂଜା ଓ ଭସାଣୀ ଉତ୍ସବ ସଂକ୍ରାନ୍ତୀୟ ପ୍ରସ୍ତାବ ଆଗତ କରିଥିଲେ। ଏହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଆସନ୍ତା ୨୭ରେ କାଳୀପୂଜା ଆରମ୍ଭ ହୋଇ ୨୮ ଓ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ୩୦ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ପୂଜା ସମୟରେ ରାତ୍ର ୧୨ଟା ପର୍ଯ୍ୟନ୍ତ ଡାକବାଜି ଯନ୍ତ୍ର ବଜାଇବା ପାଇଁ ସମୟ ସୀମା ଧାର୍ଯ୍ୟ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ରାତି ୯ଟା ପର୍ଯ୍ୟନ୍ତ ୨-୧ ପଦ୍ଧତି ଓ ରାତ୍ର ୯ଟା ପରେ ୧-୧ ପଦ୍ଧତିରେ ମେଢ ଭସାଣୀରେ ଯିବାକୁ କୁହାଯାଇଥିଲା। ଏହି ପରିପ୍ରେକ୍ଷୀରେ ସହରର ରାସ୍ତାଘାଟ ମରାମତି, ବିସର୍ଜନ ପାଇଁ କାଠଯୋଡ଼ି ନଦୀରେ ୩ରୁ ୪ଟି କୃତ୍ରିମ ପୋଖରୀ ଖନନ ନିମନ୍ତେ ଜିଲାପାଳଙ୍କୁ ନିବେଦନ କରାଯାଇଥିଲା। ଏଥିସହ ରାଜ୍ୟ ଓ କେନ୍ଦ୍ର ସରକାର ଐତିହାସିକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ପ୍ରଦାନ କରିବା ପାଇଁ ବୈଠକରେ ଦାବି ହୋଇଥିଲା।

ଏହି ବୈଠକରେ ଏମ୍‌ପି ଭର୍ତ୍ତୃହରି ମହତାବ, ରାଜ୍ୟସଭା ସଦସ୍ୟ ନରେନ୍ଦ୍ର କୁମାର ସ୍ୱାଇଁ, କଟକ ମହାନଗର ପୂଜା କମିଟିର ପ୍ରଭାତ କୁମାର ତ୍ରିପାଠୀ, ବିଧାୟକ ଇଂ. ମହମ୍ମଦ ମୋକିମ, ସୌଭିକ ବିଶ୍ୱାଳ, ପୂର୍ବତନ ମନ୍ତ୍ରୀ ସମୀର ଦେ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଏଡିସିପି ଅସୀମ ମିଶ୍ର, ସିଏମ୍‌ସିର ଯୁଗ୍ମ କମିଶନର ମନୋରଞ୍ଜନ ମହାପାତ୍ର, କଂଗ୍ରେସ ନେତା ସୁରେଶ ମହାପାତ୍ର, କଟକ ନଗର (ଜିଲା) ଭାଜପା ସଭାପତି ଲକ୍ଷ୍ମୀଧର ପ୍ରଧାନ, ସିପିଆଇ ସମ୍ପାଦକ ଅମରେନ୍ଦୁ ମହାନ୍ତି ଏବଂ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।



ତୁମ୍ଭେମାନେ ଶତ୍ରୁମାନଙ୍କୁ ପ୍ରେମ କର, ଯେଉଁମାନେ ତୁମ୍ଭମାନଙ୍କୁ ଘୃଣା କରନ୍ତି, ସେମାନଙ୍କର ମଙ୍ଗଳ କର।
- ଯିଶୁଖ୍ରୀଷ୍ଟ



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ମହିଳା ମୃତ

**ବେଗୁନିଆ, ୨୦।୧୦ (ଡି.ଏନ.ଏ.):** ବିଦ୍ୟୁତ୍ ଆଘାତରେ ରବିବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଏ ନେଇ ବେଗୁନିଆ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବେଗୁନିଆ ସଦର ମହକୁମାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଅବସର ନେଇଥିବା କର୍ମଚାରୀ ସୀମାଞ୍ଚଳ ଦାଶଙ୍କ ସ୍ତ୍ରୀ ତପସ୍ୱିନୀ(୫୨) ଗାଧୁଆ ଘରକୁ ଯାଇଥିଲେ। ସ୍ନାନ କାର୍ଯ୍ୟ ସାରି ସେ ଆଉ ଫେରି ନ ଥିଲେ। ବିଳମ୍ବ ହେବାରୁ ପରିବାର ଲୋକେ ଗାଧୁଆ ଘର ଖୋଲି ଦେଖିଲା ବେଳକୁ ତପସ୍ୱିନୀ ତଳେ ପଡିଥିଲେ। ମାତ୍ର ତାଙ୍କ ଶରୀରକୁ ଏକ ବିଦ୍ୟୁତ୍ ଚାଳିତ ପାଣି ଉଠା ପମ୍ପକୁ ସଂଯୋଗ ହୋଇଥିବା ତା'ର ସ୍ପର୍ଷ କରିଥିଲା। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ।

### ମାରଣାସ୍ତ୍ର ଦେଖାଇ ଜେନେରେଟର ଲୁଟ୍

**ଯାଁଳା,୨୦।୧୦(ଡି.ଏନ.ଏ.):** ଯାଁଳା ଫାଣ୍ଡି ଅନ୍ତର୍ଗତ ଏକ ନିର୍ମାଣାଧୀନ ଘରେ ପଶି ଦୁର୍ବୃତ୍ତମାନେ ମାରଣାସ୍ତ୍ର ଦେଖାଇ ଏକ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ଗୋଟିଏ ଜେନେରେଟର ସେଟ୍ ଲୁଟି ନେଇଛନ୍ତି। ଯାଁଳା ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱର ଗଣ୍ଡମୁଣ୍ଡା ଅଞ୍ଚଳର ନିତ୍ୟାନନ୍ଦ ସେଠୀ ନାମକ ବ୍ୟକ୍ତିଙ୍କ ଏକ ନିର୍ମାଣାଧୀନ ଘର ରହିଛି। ଶୁକ୍ରବାର ବିଳମ୍ବିତ ରାତିରେ ମୁଖାପିନ୍ଧା ୬ ଜଣ ଦୁର୍ବୃତ୍ତ ଏହି ଘରେ ପଶିଥିଲେ। ଘର ଜଗୁଥିବା ପ୍ରମୋଦ ପଟ୍ଟନାୟକଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ଭୟଭୀତ କରି ଘର ମଧ୍ୟରେ ଥିବା ଜେନେରେଟରଟିକୁ ନେଇ ପଳାଇଥିଲେ। ସେମାନେ ଏକ ଚାରିଚକିଆ ଯାନରେ ଆସିଥିବା ଜଗୁଆଳିଙ୍କ ବୟାନରୁ ପୋଲିସ ଜାଣିବାକୁ ପାଇଛି। ଏ ନେଇ ଗୃହକର୍ତ୍ତା ନିତ୍ୟାନନ୍ଦ ଯାଁଳା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଏହାଛଡ଼ା କୂଅ ମଧ୍ୟରେ ପଡ଼ିଥିବା ପାଣି ମୋଟରକୁ ନେବାକୁ ଉଦ୍ୟମ କରି ଦୁର୍ବୃତ୍ତମାନେ ନେଇ ପାରି ନ ଥିବା ଅଭିଯୋଗରେ ଉଲ୍ଲେଖ ରହିଛି।

### ଦୁଇ ମୋବାଇଲ୍ ଚୋରଙ୍କୁ ପୋଲିସ ଜିମା ଦେଲେ ଲୋକେ

**ବେଗୁନିଆ, ୨୦।୧୦ (ଡି.ଏନ.ଏ.):** ଜଣେ ବ୍ୟବସାୟୀଙ୍କଠାରୁ ମୋବାଇଲ ଝାମ୍ପିବା ଅଭିଯୋଗରେ ବେଗୁନିଆ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଅନ୍ୟ ଜଣେ ନାବାଳକ ବୋଲି ତାଙ୍କୁ ପୋଲିସ ଛାଡି ଦେଇଛି। ଗିରଫ ଦ୍ୱୟ ହେଲେ ଭଞ୍ଜନଗର ଅଞ୍ଚଳର ଏମ୍. ମାରିୟା ଏବଂ ଆନ୍ଧ୍ରପ୍ରଦେଶ କୁଲୁର ଅଞ୍ଚଳର କାଣ୍ଡ୍ରାଡା ଶିବା। ରବିବାର ବେଗୁନିଆ ସାପ୍ତାହିକ ହାଟକୁ ବ୍ୟବସାୟୀ ମାୟାଧର ପରିବା ପାଇଁ ଆସିଥିଲେ। ଗହଳିର ସୁଯୋଗରେ ମାୟାଧରଙ୍କ ସାର୍ଟ ପକେଟରୁ ମୋବାଇଲ ଝାମ୍ପି ନେଇ ଦୁର୍ବୃତ୍ତମାନେ ପଳାଉଥିଲେ। ସ୍ଥାନୀୟ ଲୋକେ ୩ ଜଣଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଏ ନେଇ (ନଂ. ୧୬୭/୧୯)ରେ ମାମଲା ରୁଜୁ ହୋଇଛି।

### ଗାଡ଼ି ଧକ୍କାରେ ଶ୍ରମିକ ମୃତ

**ଯାଁଳା,୨୦।୧୦(ଡି.ଏନ.ଏ.):** ୧୬ ନଂ. ରାଜପଥର ଓଗାଳପଡ଼ା ଛକ ନିକଟରେ ରବିବାର ଏକ ଗାଡ଼ି ଧକ୍କାରେ ରେନାଟେସ୍ ଟେଟେଙ୍କ ମୃତ୍ୟୁ ଘଟିଛି। ସେ ଯାଁଳା ନିକଟସ୍ଥ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ସନ୍ଧ୍ୟାରେ ସେ ରାସ୍ତା ପାର ହେଉଥିବା ବେଳେ ଏକ ଗାଡ଼ି ଧକ୍କା ଦେଇ ପଳାଇ ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଟାଙ୍ଗୀ ବ୍ଲକରେ ସୁରଭି

**ଟାଙ୍ଗୀ (ଖୋର୍ଦ୍ଧା), ୨୦।୧୦ (ଡି.ଏନ.ଏ.):** ଟାଙ୍ଗୀ ବ୍ଲକ ଲକ୍ଷ୍ମୀଧରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି। କୁହୁଡି ସରପଞ୍ଚ ବିପିନ୍ ଉଦୟସିଂହ ଏହାକୁ ଉଦ୍‌ଘାଟନ କରିଥିଲେ। କ୍ଲଷ୍ଟର ଅଧୀନ ସରକାରୀ ବିଦ୍ୟାଳୟରୁ ୯୮ ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ କୁହୁଡି ଶାଖା ପରିଚାଳକ ପ୍ରଫୁଲ୍ଲ କୁମାର ବେହେରା କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ସହ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ସେହିପରି ଟାଙ୍ଗୀ ବ୍ଲକ୍ ଅଚ୍ୟୁତପୁର କ୍ଲଷ୍ଟରରେ ସୁରଭିରେ ଆୟୋଜିତ ହୋଇଯାଇଛି। ଏଥିରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀମାନେ ବ୍ଲକସ୍ତରୀୟ ପ୍ରତିଯୋଗିତାକୁ ମନୋନିତ ହୋଇଛନ୍ତି।







ଖୋର୍ଦ୍ଧାରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ବାଘ ନାଚ, କାଳିକା ନୃତ୍ୟ ଓ ନାଗା ବେଶଧାରୀ।

# ମେଲାଣି ନେଲେ ମା' ଗଜଲକ୍ଷ୍ମୀ

**ଖୋର୍ଦ୍ଧା ଅଫିସ,୨୦।୧୦**

ଖୋର୍ଦ୍ଧାରେ ବ୍ୟବସାୟୀ ମହାସଂଘ ମିଳିତ ଭସାଣି କମିଟି ପକ୍ଷରୁ ମା' ଗଜଲକ୍ଷ୍ମୀଙ୍କୁ ରବିବାର ମେଲାଣି ଦିଆଯାଇଛି। ଜିଲା ପ୍ରଶାସନ ଓ ପୌର ପ୍ରଶାସନର ମିଳିତ ସହଯୋଗରେ ଏହା କରାଯାଇଥିଲା। ପ୍ରତ୍ୟେକ ପୂଜା କମିଟିର ମେଢଗୁଡିକ ଅପରାହ୍ନ ୧ଟାରୁ ବାହାରି ସନ୍ଧ୍ୟାରେ ସ୍ଥାନୀୟ ବିଜେବି ହାଇସ୍କୁଲ ପଡିଆରେ ଏକତ୍ରିତ ହୋଇଥିଲେ। ୨୮ ମେଢ ପଡିଆରେ ପହଞ୍ଚିଥିଲେ। ମେଢଗୁଡିକ କ୍ରମାନ୍ୱୟରେ ଆସିବା ପରେ ସେମାନଙ୍କର ନାଁ ପଞ୍ଜୀକୃତ ହୋଇଥିଲା। ଅପରାହ୍ନ ୫ଟାରେ କ୍ରମାନ୍ୱୟରେ ପଡିଆରୁ ମିଳିତ ଭସାଣି ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାରେ ଆତସବାଜି, କଳାହାଣ୍ଡିର ଘୁମୁରା ନୃତ୍ୟ, ଆଦିବାସୀ ନୃତ୍ୟ, ରାମଲୀଳା, କାଳିକା ନୃତ୍ୟ, ପାଇକ ଖେଳ, ଚଇତି ଘୋଡା, ବୃଷଭ ନାଚ, କଳାଘୋଡା ନାଚ, ବାଘ ନାଚ, ଢ଼ୋଲକି ନୃତ୍ୟ ଦେଖିବାକୁ ମିଳିଥିଲା। ଦଶ ଅବତାର, ନାମ ସଂକୀର୍ତ୍ତନ, ବିଭିନ୍ନ ପ୍ରକାରର ଡ୍ୟାନ୍ସ ମଧ୍ୟ ଆକର୍ଷଣୀୟ ଥିଲା। ଉପରସାହିର ମେଢ଼ ଶୋଭାଯାତ୍ରା ଦର୍ଶକଙ୍କୁ ବିମୋହିତ କରିଥିଲା। ଅପରପକ୍ଷେ ପଟୁଆର ମାଧ୍ୟମରେ ମା'ଙ୍କୁ ବିଦାୟ ଜଣାଇଥିଲେ ସହରବାସୀ। ଏହି ଭସାଣି ଶୋଭାଯାତ୍ରାରେ ହଜାର ହଜାର ଲୋକ ସାମିଲ ହୋଇଥିବା ବେଳେ ରାସ୍ତା ପାର୍ଶ୍ୱରେ ଲୋକେ ରହି ଶୋଭାଯାତ୍ରାକୁ ଉପଭୋଗ କରିଥିଲେ। ମେଢଗୁଡିକ ବିଜେବି ହାଇସ୍କୁଲ ପଛପଟ ଗେଟରେ ବାହାରି ନୟାଗଡ ବସ୍‌ଷ୍ଟାଣ୍ଡ ରୋଡ, ପେଟ୍ରୋଲ ପମ୍ପ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ, ପୁରୁଣା ଟ୍ରାଫିକ ଛକ ଦେଇ କେନ୍ଦ୍ର ସମବାୟ ବ୍ୟାଙ୍କ ଛକରେ ପହଞ୍ଚିଥିଲା। ସେଠାରେ ପ୍ରଶାସନିକ ଅଧିକାରୀମାନେ ଶ୍ରେଷ୍ଠ ମୃଣ୍ମୟୀ ମୂର୍ତ୍ତି ଓ ମେଢ, ଶ୍ରେଷ୍ଠ ଶୋଭାଯାତ୍ରା ଏବଂ ଶ୍ରେଷ୍ଠ ଶାନ୍ତିଶୃଙ୍ଖଳାକାରୀ ଦଳକୁ ଚୟନ କରିଥିଲେ। ମେଢ଼ଗୁଡିକ ପୁଣି ପଟୁଆରରେ ଷ୍ଟେଟ ବ୍ୟାଙ୍କ ଛକ, ନୂଆ ବସ୍‌ଷ୍ଟାଣ୍ଡ ଟିଏଲ୍‌ସି ରୋଡ ଦେଇ ଖଣି ନିକଟରେ ଥିବା ଅସ୍ଥାୟୀ ବିସର୍ଜନ ପୋଖରୀରେ ବିସର୍ଜିତ ହୋଇଛନ୍ତି। ଏହାକୁ ଶାନ୍ତିଶୃଙ୍ଖଳାରେ ଶେଷ କରିବା ଲାଗି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ସହରରେ ୫ ପ୍ଲାଟୁନ ଫୋର୍ସ, ୩ ଜଣ ଡିଏସ୍‌ପି, ୫ଜଣ ଇନ୍ସପେକ୍ଟର, ୭୯ ହୋମଗାର୍ଡ, ୪୦ଜଣ ଅଧିକାରୀ ନିୟୋଜିତ ହୋଇଥିଲେ। ସୂଚନାଯୋଗ୍ୟ, ୧୭ ବର୍ଷ ତଳେ ତତ୍କାଳୀନ ଖୋର୍ଦ୍ଧା ଓ ବର୍ତ୍ତମାନର ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁଙ୍କ ଉଦ୍ୟମକ୍ରମେ ଏହି ମିଳିତ ଭସାଣି ଉତ୍ସବ ପ୍ରଥମ ଥର ଲାଗି ଆରମ୍ଭ ହୋଇଥିଲା।



ବିଜେବି ହାଇସ୍କୁଲ ପଡ଼ିଆରେ ମେଳଣରେ ସାମିଲ ହୋଇଥିବା ମେଢ଼।

## ଭସାଣି ଉତ୍ସବ ଏପାଖ ସେପାଖ

### ଡିଜେ କଟକଣା ବାଟବଣା

ଶବ୍ଦ ପ୍ରଦୂଷଣ ଉପରେ କଟକଣା ଲଗାଇବାକୁ ଏସ୍‌ପି ଗୁରୁତ୍ୱାରୋପ କରିଥିଲେ।୬୫ ଡେସିବଲ୍ ଭିତରେ ଭସାଣି ଶୋଭାଯାତ୍ରାର ଶବ୍ଦ ସୀମିତ ରହିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଭସାଣିର ଏତେ ଶବ୍ଦ ହେଉଥିଲା ଯେ, ଛାତି ଥରାଇ ଦେଉଥିଲା। ପୋଲିସ ସବୁ ଜାଣି ଚୁପଚାପ ରହିଥିଲା।

### ଡିଜେ ଗାଡି ଅଟକି ରହିଲା

ଶୋଭାଯାତ୍ରାରେ ଯାଉଥିବାବେଳେ ଆଶୀର୍ବାଦ ବ୍ୟବସାୟୀ ସଂଘର ଡିଜେ ଗାଡି ଷ୍ଟାର୍ଟ ବନ୍ଦ ହୋଇଯାଇଥିଲା। ସନ୍ଧ୍ୟା ପ୍ରାୟ ୭ଟା୪୫ରେ ଗାଡି ଷ୍ଟାର୍ଟ ନ ହେବାରୁ ବ୍ୟାଙ୍କ ଛକ ନିକଟରେ ଅଟକି ରହିଥିଲା। ଲୋକମାନେ କିଛି ବାଟ ଠେଲିନେବା ପରେ ଷ୍ଟାର୍ଟ ହୋଇଥିଲା। ୧୦ ମିନିଟ୍ ଧରି ରାସ୍ତା ଜାମ ରହିଥିଲା।

### ଟ୍ରାଫିକ କଟକଣା ନ ଥିଲା

ପୋଲିସ ଟ୍ରାଫିକ ନିୟନ୍ତ୍ରଣକୁ ପୂରାପୂରି ଭୁଲି ଯାଇଥିଲା। ବାଇକ୍‌ଗୁଡିକ ଭୁବନେଶ୍ୱରରୁ ମାରୱାଡିପଟି ଦେଇ ଆସି ପୁଣି ଫେରି ବିକଳ୍ପ ରାସ୍ତାରେ ଯାଇଥିଲେ। ଶୋଭାଯାତ୍ରା ମଝିରେ ବାଇକ୍ ଯାଉଥିବା ଦେଖାଯାଇଥିଲା। ଫଳରେ ରାସ୍ତାରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା।

### ସେଲ୍‌ଫି ପ୍ରତିଯୋଗିତା

ଆଦିବାସୀ, ଘୁମୁରା ନୃତ୍ୟ ପରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୁବକମାନେ ସେଲ୍‌ଫି ନେବାକୁ ପ୍ରତିଯୋଗିତା କରିଥିଲେ। ଏପରି କି କେତେଜଣ ଯୁବକ ସେଲ୍‌ଫି ନେଇ ବିପଦର ସମ୍ମୁଖୀନ ହେବାକୁ ପଡିଥିବା ଦେଖିବାକୁ ମିଳିଥିଲା। ତଥାପି ଯୁବତୀଯୁବକମାନଙ୍କ ସେଲ୍‌ଫି ନିଶା ହଟି ନ ଥିଲା।

### ନିଆଁ ଝୁଲ, ବାଣ ଲୋକଙ୍କ ଉପରେ ପଡ଼ିଲା

ପୁରୁଣା ବସ୍‌ଷ୍ଟାଣ୍ଡର ଆଦର୍ଶ ଥାନା ପାଖ ଟ୍ରାଫିକରେ ବାଣ ଫୁଟିଥିଲା। ପୋଲିସ ଉପସ୍ଥିତରେ ମେଢ ଶୋଭାଯାତ୍ରାରେ ଯାଉଥିବାବେଳେ ହଜାର ହଜାର ଲୋକ ରାସ୍ତା କଡରେ, ଛାତ ଉପରେ ରହି ଏହାକୁ ଉପଭୋଗ କରିଥିଲେ। ଏହାକୁ ବନ୍ଦ କରାଯାଇ ନ ଥିଲା। ଫଳରେ ବାଣର ନିଆଁ ଝୁଲ ଛାତ ଉପରେ ଥିବା କେତେଜଣ ଲୋକଙ୍କ ଉପରେ ପଡିଥିଲା।

## ଜଟଣୀ ବ୍ଲକ୍‌ରେ ସୁରଭି କାର୍ଯ୍ୟକ୍ରମ

**ଯାଁଳା/ଜଟଣୀ, ୨୦।୧୦(ଡି.ଏନ.ଏ.):** ଜଟଣୀ ବ୍ଲକର ବିଭିନ୍ନ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାର୍ଥୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ବ୍ଲକର ଉପରବସ୍ତ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ସ୍ଥାନୀୟ ବଡ଼ତୋଟା ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ଜବାହରଲାଲ ସୁବୁଦ୍ଧିଙ୍କ ପୌରୋହିତ୍ୟରେ ବ୍ଲକ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ଖଟେଇ, ଶିକ୍ଷାବିତ୍ ପ୍ରମୋଦ ଚନ୍ଦ୍ର ଦାସ ଯୋଗଦେଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ସେହିପରି ଯାଁଳା ଓଗାଳପଡ଼ା ସ୍କୁଲରେ ସିଆର୍‌ସିସି ଝୁମୁରି ସାହୁଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ମନମୋହନ ଭୂୟାଁ, ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ବାସୁଦେବ ଶତପଥୀ, ଅମ୍ରିତା ବିଦ୍ୟାଳୟର ପ୍ରଶାସକ ବ୍ରହ୍ମାକୁମାରୀ ବିଜୁନ୍ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକର ପାଣିଅରା ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ମହୁଲ ଗ୍ରାମସ୍ଥିତ ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ସାଧନକେନ୍ଦ୍ର ସଂଯୋଜକ ଦେବେନ୍ଦ୍ର କୁମାର ରଥଙ୍କ ସଭାପତିତ୍ୱ କରିଥିବାବେଳେ ବ୍ଲକ ଶିକ୍ଷା ଅଧିକାରୀଙ୍କ ସମେତ ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ମଙ୍ଗରାଜ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଧୀରେନ୍ ବାରିକ, ସରପଞ୍ଚ ଅମୀୟ ରଞ୍ଜନ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## କଡାମଲ୍ଲରେ ସଂକୀର୍ତ୍ତନ ମଣ୍ଡଳୀର ମହାସଭା

**ବେଗୁନିଆ, ୨୦।୧୦ (ଡି.ଏନ.ଏ.):** କଡାମଲ୍ଲ ଗାଁରେ ଥିବା ମା' ତାଣିଣୀ ପୀଠ ରବିବାର ଉତ୍ସବ ମୁଖର ହୋଇଥିଲା। ମା'ଙ୍କ ପୂଜାନୀତି ଅବସରରେ ବାଙ୍କୀ ବ୍ଲକର ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ମହାସଭାରେ ସଂକୀର୍ତ୍ତନ ଗାୟକ ଭିକାରୀ ଚରଣ ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ୭୦ ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ମହାସଭାର ସମ୍ପାଦକ ଗାୟକ କବୀର ବେହେରା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପୌରାଣିକ କଥାବସ୍ତୁରୁ ଆଧାରିତ ବିଷୟକୁ ପୁଙ୍ଖାନୁପୁଙ୍ଖ ଭାବେ ଗାୟକମାନେ ବାଖ୍ୟା କରିଥିବାବେଳେ ବାୟକ ବନ୍ଧୁମାନେ ସହଯୋଗ କରିଥିଲେ।

## ୧୫ ଚୋରି ବାଇକ୍ ଜବତ, ୩ ଗିରଫ

**ଖୋର୍ଦ୍ଧା ଅଫିସ,୨୦।୧୦:** ଖୋର୍ଦ୍ଧା ଜିଲା ବାଣପୁର ଥାନା ପୋଲିସ ୧୫ ଚୋରି ବାଇକ୍ ଜବତ କରିବା ସହ ୩ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ବାଣପୁର ଥାନା କୁଲେଇ ଗାଁର ସନ୍ତୋଷ କୁମାର ଜଗଦ୍ଦେବ (୨୮), ଅଭିଜୟ ସିଂହ(୨୧) ଓ ସାଗର ହାତୀ(୧୯)ଙ୍କୁ ଜେଲକୁ ପଠାଯାଇଛି। ଖୋର୍ଦ୍ଧାରେ ଖବରଦାତା ସମ୍ମିଳନୀରେ ଏସ୍‌ପି ଅଜେୟ ପ୍ରସାଦ ସ୍ୱାଇଁ ଏହି ସୂଚନା ଦେଇଛନ୍ତି। ୧୪ ତାରିଖରେ ଟାଙ୍ଗୀ ଥାନା ଚଣ୍ଡେଶ୍ୱର ଗାଁର ବସନ୍ତ ରଣାଙ୍କର (ନଂ. ଓଡି୦୨କେ ୪୦୭୪)ର ବାଇକ୍ ଚିଲିକା ବ୍ଲକ ଅଫିସ ଗଙ୍ଗାଧରପୁରଠାରୁ ଚୋରି ହୋଇଥିଲା। ଅଭିଯୋଗ ପରେ ପୋଲିସ ଆଇପିସି ଦଫା ୩୭୯, ୩୪ ରେ ନଂ. ୨୯୧/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଏଥିରେ ଏକ ବାଇକ୍ ଲୁଟରେ ସମ୍ପୃକ୍ତ ଦଳ ସାମିଲ ଥିବା ଜଣାପଡିଥିଲା। ବାଲୁଗାଁ ଏସ୍‌ଡିପିଓ ସୁନିଲ ମହାନ୍ତିଙ୍କ ନେତୃତ୍ୱରେ ବାଣପୁର ଥାନା ଆଇଆଇସି ସଞ୍ଜୟ ପଟ୍ଟନାୟକ, ଏସ୍‌ଆଇ ଉମାକାନ୍ତ ସାହୁ, ଦିଗ୍‌ବିଜୟ ବିଶ୍ୱାଳ ଓ ଏଏସ୍‌ଆଇ ହାଡିବନ୍ଧୁ ନାୟକ ପ୍ରମୁଖ ୭ ଜଣ ସାମିଲ ଥିଲେ। ଏହି ଘଟଣାରେ କୁଲେଇର ସନ୍ତୋଷ ଜଗଦ୍ଦେବଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରିବା ପରେ ଚୋରି ଗାଡି ଜବତ ହୋଇଥିଲା। ପରେ ପୁଣି ୫ଟି ଗାଡି ଜବତ ହୋଇଥିଲା। ସନ୍ତୋଷଙ୍କ ଅଭିଯୋଗକ୍ରମେ ପୋଲିସ ଅଭି ଓ ସାଗରଙ୍କୁ ଗିରଫ କରି ବାଇକ୍ ଚୋରା ଗ୍ୟାଙ୍ଗକୁ ଧରି ଚୋରି ବାଇକ୍ ଜବତ କରିଥିଲା। ସେମାନେ ବାଣପୁର, ଟାଙ୍ଗୀ, ନିରାକାରପୁର, ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରୁ ବାଇକ୍ ଚୋରି କରୁଥିବା ଜଣାପଡିଛି। ଏଣୁ ୩ ଅଭିଯୁକ୍ତଙ୍କୁ କମିଶନରେଟ୍ ପୋଲିସ ରିମାଣ୍ଡରେ ନେବ ବୋଲି ଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ବାଲୁଗାଁ ଏସ୍‌ଡିପିଓ ଓ ଟାଙ୍ଗୀ ଥାନା ଆଇଆଇସି ଉପସ୍ଥିତ ଥିଲେ।



## ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ ସମ୍ମିଳନୀ



ସମ୍ମିଳନୀରେ ଯୋଗ ଦେଇଥିବା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା।

**ଜଟଣୀ,୨୦।୧୦(ଡି.ଏନ.ଏ.):** ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ ଜଟଣୀ ବ୍ଲକସ୍ତରୀୟ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଉତ୍ତରାୟଣୀ କ୍ଲବ ପରିସରରେ ଜତ୍ସ୍ନା ପରିଜାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ଭାରତୀୟ ମଜଦୁର ସଂଘର କର୍ମକର୍ତ୍ତା ଶାନ୍ତିଲତା ସେଠୀ, ପ୍ରତାପ ରାଉତ, ଲକ୍ଷ୍ମଣ କୁମାର ଦାସ, ବିଜୟ ପାତ୍ର, ୱାର୍କର୍ସ ଆସୋସିଏଶନର ଖୋର୍ଦ୍ଧା ଜିଲା ସମ୍ପାଦିକା ବନିତାଞ୍ଜଳି ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହାର ଜଟଣୀ ବ୍ଲକ ସଭାନେତ୍ରୀ ପ୍ରଭାତି ମଙ୍ଗରାଜ ବିବରଣୀ ପାଠ କରିଥିଲେ। ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରକୁ ନିଜସ୍ୱ ଗୃହ ଯୋଗାଇବା, ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କୁ ସରକାରୀ ମାନ୍ୟତା, ସାମାଜିକ ସୁରକ୍ଷା ପ୍ରଦାନ, ଗାଁ କଲ୍ୟାଣ ସମିତିରୁ ବାଦ୍ ଦେବା ଆଦି ଆଲୋଚନା କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ସମ୍ପାଦିକା ବାସନ୍ତୀ ନାୟକ ଓ ଅନ୍ୟ ସଦସ୍ୟାଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ଯୁବସମାଜ ସାହିତ୍ୟାନୁରାଗୀ ହେବା ଦରକାର

**ଜଟଣୀ,୨୦।୧୦(ଡି.ଏନ.ଏ.)**

ଯୁବକମାନେ ସାହିତ୍ୟାନୁରାଗୀ ହେଲେ ପୁସ୍ତକ ବିକ୍ରି ବଢିବା ସହ ନୂଆ ପାଠିକାପାଠକ ସୃଷ୍ଟି ହେବେ। ସାହିତ୍ୟକୁ କାଳଜୟୀ କରିବାକୁ ପ୍ରତିବଦ୍ଧତା ରହିବା ଉଚିତ୍। ରୋଟାରିଆନ୍ ପ୍ରମୋଦ କୁମାର ସାହୁଙ୍କ ସଭାପତିତ୍ୱରେ ରବିବାର ଏକବିଂଶତମ ଜଟଣୀ ପୁସ୍ତକ ମେଳାର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ ଉପରୋକ୍ତ ବକ୍ତବ୍ୟ ରଖିଥିଲେ। ନାଇଜରର ପ୍ରଫେସର ଅମରେନ୍ଦ୍ର ଦାସ, ଉତ୍କଳ ବିକାଶ ପରିଷଦର ମହାସଚିବ ରୁଷି ଗୁମାନ୍‌ସିଂ ଅତିଥି ଭାବେ ଯୋଗଦେଇଥିଲେ। ପରାଧୀନ ଭାରତରେ ମଧ୍ୟ ଓଡ଼ିଶା ସାକ୍ଷରତା ହାରରେ ଆଗୁଆ ଥିଲା। ରାଜ୍ୟର ଗ୍ରାମାଞ୍ଚଳରେ ଅଧିକ ସଂଖ୍ୟାରେ ପାଠାଗାର ରହିବା ଏହା ପଛର କାରଣ। ଦେଶ ପରାଧୀନ ଥିବା ସମୟରେ ଏଠାରୁ ଅଧିକ ସଂଖ୍ୟାରେ ଖବରକାଗଜ ମଧ୍ୟ ପ୍ରକାଶ ପାଉଥିଲା। ଓଡ଼ିଶାରେ ଭାଗବତ ଟୁଙ୍ଗିରେ ଭାଗବତ ପଢାଯିବା ମାଧ୍ୟମରେ ଆଧ୍ୟାତ୍ମିକ ଭାବନା ସୃଷ୍ଟି ହେବା ସହ ପଠନ ଅଭ୍ୟାସ ଅବ୍ୟାହତ ରହୁଥିଲା। ହେଲେ ଓଡ଼ିଶାରେ ବର୍ତ୍ତମାନ ଗ୍ରାମାଞ୍ଚଳରେ ଭଗବତ ଟୁଙ୍ଗିର ଅବସ୍ଥା କ'ଣ ସମସ୍ତେ ଜାଣନ୍ତି ବୋଲି ଅତିଥିମାନେ କହିଥିଲେ। ଏଣୁ ପାଠାଗାର ଅଧିକରୁ ଅଧିକ ହେବା ଉଚିତ୍। ଏଠାରେ ଆଧୁନିକୀକରଣର ବ୍ୟବସ୍ଥା ମଧ୍ୟ ରହିବାର ଆବଶ୍ୟକତା ରହିଛି ବୋଲି ସେମାନେ କହିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଅମରେନ୍ଦ୍ର ନାରାୟଣ ଷଡଙ୍ଗୀ ଉତ୍ସବକୁ ସଂଯୋଜନା କରିଥିଲେ। ଏହି ପରିପ୍ରେକ୍ଷୀରେ ୧୪ ଜଣ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ଖବରକାଗଜ ବିତରଣକାରୀ ତଥା ଶ୍ରମଜୀବୀ ନୁର ମହମ୍ମଦ, ମଞ୍ଚ ନିର୍ଦ୍ଦେଶକ ବିପ୍ଳବ କେଶରୀ ଶତପଥୀ, ସାହିତ୍ୟ ସମାଜ ସେବାରେ ତ୍ରିନାଥ ଚନ୍ଦ୍ର ନାୟକ, ରାଜେନ୍ଦ୍ର କୁମାର ପାଢ଼ୀ, ଶିଶୁ ସାହିତ୍ୟରେ ବିରେନ୍ଦ୍ର ମହାନ୍ତି, କଳା ସଂସ୍କୃତିରେ ମଦନମୋହନ ଜେନା, କଳା ଓ ବାଦ୍ୟରେ ଡମ୍ବରୁଧର ରାଉତ, ଚିକିତ୍ସା ଡା. ଯୋଗେଶ୍ୱର କରଣ, କ୍ରୀଡ଼ା କ୍ଷେତ୍ରରେ ରୋଜିନା ଜେନା। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ବିଦ୍ୟାର୍ଥୀ ଓ ମହିଳାମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ପୁସ୍ତକମେଳା କମିଟିର ସମ୍ପାଦକ ଅକ୍ଷୟ ମହାନ୍ତି ବିବରଣୀ ପାଠ କରିଥିଲେ। ସ୍ୱସ୍ତିଦା ପାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁସ୍ତକମେଳାର ସ୍ମରଣିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉତ୍ସବ ପରିଚାଳନାରେ କ୍ଷୀରୋଦ ନନ୍ଦ, ଭବାନୀଶଙ୍କର ମହାପାତ୍ର, ପଦ୍ମନାଭ ପାଣିଗ୍ରାହୀ, ଜବାହରଲାଲ ସୁବୁଦ୍ଧି, ରଶ୍ମିତା ନାୟକ, ସ୍ନିଗ୍ଧାରାଣୀ ସ୍ୱାଇଁ ଓ ଅନ୍ୟ ସଦସ୍ୟମାନେ ସହାୟତା କରିଥିଲେ।



ଖବରକାଗଜ ବିତରଣକାରୀ ତଥା ଶ୍ରମଜୀବୀ ନୁର ମହମ୍ମଦଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ଜଟଣୀ ପୁସ୍ତକ ମେଳା ଉଦ୍‌ଯାପିତ



ତୁମ୍ଭେମାନେ ଶତ୍ରୁମାନଙ୍କୁ ପ୍ରେମ କର, ଯେଉଁମାନେ ତୁମ୍ଭମାନଙ୍କୁ ଘୃଣା କରନ୍ତି, ସେମାନଙ୍କର ମଙ୍ଗଳ କର।
-ଯିଶୁଖ୍ରୀଷ୍ଟ



## ସଂକ୍ଷେପରେ

### ହାଇୱା ଓଲଟି ଚାଳକ ସମେତ ୨ ଗୁରୁତର



କୋଣାର୍କ,୨୦।୧୦(ଡି.ଏନ.ଏ.): କୋଣାର୍କ ଥାନା ଅଧୀନସ୍ଥ ବେରୁହଁ ହରିଜନ ସାହିକୁ ରବିବାର ସକାଳେ ଏକ ବାଲି ବୋଝେଇ ହାଇୱା ଯାଉଥିବାବେଳେ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଚାଳକ ସମେତ ଦୁଇ ଗୁରୁତର ହୋଇଛନ୍ତି। ହରିଜନ ସାହିର ଲକ୍ଷ୍ମୀଧର କାଣ୍ଡିଙ୍କ ଘର କାମ ପାଇଁ ଏକ ହାଇୱା(ଓଆର୍ ୦୯-ଜେ-୪୦୯୫) ଯୋଗେ ବାଲି ଯାଉଥିବାବେଳେ ସାହିରେ ଥିବା ଢଳେଇ ରାସ୍ତାଟି ଦବିଯାଇଥିବାରୁ ଗାଡିଟି ନିକଟ ବିଲକୁ ଓଲଟି ପଡିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିଟିକୁ ଜବତ କରି ଗୁରୁତରଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଏସ୍‌ଆଇ ଶ୍ରୀଧର ମଲ୍ଲିକ କହିଛନ୍ତି।

### ତହସିଲ ଅଫିସରେ ପଶି କର୍ମଚାରୀଙ୍କୁ ଧମକ ଦେବା ଅଭିଯୋଗ

ନିମାପଡ଼ା,୨୦।୧୦(ଡି.ଏନ.ଏ.): ନିମାପଡ଼ା ବ୍ଲକ ଅନ୍ତର୍ଗତ ବାମନାଳ ପଞ୍ଚାୟତ ଅଧୀନ ପାତି ଗ୍ରାମର ୫ଜଣ ବ୍ୟକ୍ତି ଗତ ୧୭ତାରିଖରେ ତହସିଲ କାର୍ଯ୍ୟାଳୟରେ ପଶି କର୍ତ୍ତବ୍ୟରତ ସରକାରୀ କର୍ମଚାରୀଙ୍କୁ ଗାଳିଗୁଲଜ କରି ଧମକ ଦେଇଥିଲେ। ଏ ନେଇ ତହସିଲଦାର କମଳଜିତ ଦାସ ଗତ ୧୮ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକ୍ରମେ ଉକ୍ତ ୫ଜଣ ବ୍ୟକ୍ତିଙ୍କ ବିରୋଧରେ ନଂ୨୬୩/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ତେବେ କେଉଁ କାରଣରୁ ବ୍ୟକ୍ତିମାନେ କର୍ମଚାରୀମାନଙ୍କୁ ଗାଳିଗୁଲଜ କରିଥିଲେ, ତାହା ସ୍ପଷ୍ଟ ହୋଇନାହିଁ। ଏ ସମ୍ପର୍କରେ ତହସିଲଦାର ଦାସଙ୍କୁ ଫୋନରେ ଯୋଗାଯୋଗ କରିବାରୁ ଏଥିପ୍ରତି ମୋର କୌଣସି ପ୍ରତିକ୍ରିୟା ନାହିଁ ବୋଲି କହିଥିଲେ।

### ରାଜ୍ୟପାଳଙ୍କୁ ଚାଷୀଙ୍କ ଗୁହାରି

ପୁରୀ ଅଫିସ, ୨୦।୧୦: ମଣ୍ଡିରେ ଧାନ ଦେଇ ଟଙ୍କା ପାଇ ନ ଥିବା ଜଣେ ଚାଷୀ ସବୁଠି ନିରାଶ ହେବା ପରେ ଶେଷରେ ରାଜ୍ୟପାଳଙ୍କୁ ଗୁହାରି କରିଥିଲେ। ରାଜ୍ୟପାଳ ଏହା ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ପ୍ରାୟ ୨ ମାସରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କ'ଣ କାର୍ଯ୍ୟାନୁଷ୍ଠାନ ନିଆଗଲା ତାହା ଅଭିଯୋଗକାରୀ ଜାଣିପାରିଲେ ନାହିଁ। କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତ ଏକ ନକଲ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ସହିତ ଅଭିଯୋଗକାରୀଙ୍କୁ ଦେବା ପାଇଁ ରାଜ୍ୟପାଳଙ୍କ ନିର୍ଦ୍ଦେଶ ରହିଥିଲା। ମାତ୍ର ଏ ପର୍ଯ୍ୟନ୍ତ କୌଣସି ସୂଚନା ପାଇ ନ ଥିବାରୁ ଗତ ୧୭ ତାରିଖରେ ସମ୍ପୃକ୍ତ ଚାଷୀ ପିପିଲି ବ୍ଲକ କମାକନ୍ତିଆ ଗ୍ରାମର ଧୁମସେନ ବରାଳ ପୁନଶ୍ଚ ରାଜ୍ୟପାଳଙ୍କୁ ଚିଠି ମାଧ୍ୟମରେ ନ୍ୟାୟ ପାଇଁ ଗୁହାରି କରିଛନ୍ତି।

# ଭଙ୍ଗାଗଲା ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ

ପୁରୀ ଅଫିସ, ୨୦।୧୦:

କିଛିଦିନର ନୀରବତା ପରେ ପୁରୀରେ ପୁଣି ଅସୁରକ୍ଷିତ କୋଠା ଉଚ୍ଛେଦ କରାଯାଇଛି। ରବିବାର ମାର୍କେଟ ଛକସ୍ଥିତ ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଦିଆଯାଇଛି। ଏଠାରେ ନୂତନ ଭାବେ ମାର୍କେଟ କମ୍ପ୍ଲେକ୍ସ ତିଆରି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସକାଳେ ପ୍ରଶାସନ ପକ୍ଷରୁ ମାର୍କେଟ କମ୍ପ୍ଲେକ୍ସ ଭଙ୍ଗା ଆରମ୍ଭ ହୋଇଥିଲା। ୨ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଦୋକାନ ଘରଗୁଡ଼ିକୁ ଭଙ୍ଗାଯାଇଥିଲା। ଅପରାହ୍ନ ସୁଦ୍ଧା ଏହି ମାର୍କେଟ କମ୍ପ୍ଲେକ୍ସରେ ଥିବା ପ୍ରାୟ ୧୫୮ଟି ଦୋକାନ ଘର ଏବଂ ୯ଟି କୋଠାର ଉଚ୍ଛେଦ କାର୍ଯ୍ୟ ଶେଷ ହୋଇଥିଲା।

୧୯୭୩ ମସିହାରେ ଏହି କମ୍ପ୍ଲେକ୍ସ ତିଆରି ହୋଇଥିଲା। ଇତିମଧ୍ୟରେ ୪୫ ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିବାରୁ ତାହା ଅସୁରକ୍ଷିତ ହୋଇପଡିଥିଲା। ତେଣୁ ଏହାକୁ ଉଚ୍ଛେଦ କରିବା ଲାଗି ପୌରସଂସ୍ଥା ନିଷ୍ପତ୍ତି ନେଇଥିଲା। ଗତମାସରେ ପୌରସଂସ୍ଥା ପକ୍ଷରୁ ଅକ୍ଟୋବର ୧୦ ସୁଦ୍ଧା ଦୋକାନ ଘର ଖାଲି କରିବାକୁ ନୋଟିସ କରାଯାଇଥିଲା। ଏହି ନୋଟିସ ପାଇବା ପରେ ବ୍ୟବସାୟୀମାନେ ସେମାନଙ୍କ ଦୋକାନ ଘର ଖାଲି କରିବା ସହ ଝରକା, କବାଟ, ଶଟର, ଆଜବେଷ୍ଟସ ଆଦି ଖୋଲି ନେଇଥିଲେ। ରବିବାର ଏହି ମାର୍କେଟ କମ୍ପ୍ଲେକ୍ସକୁ ଭାଙ୍ଗିଦିଆଯାଇଛି । ୮ଟି ଜେସିବି ଏବଂ ଗୋଟିଏ ଚେନ୍ ମାଉଣ୍ଟେନର ଜେସିବି ଏହି ଉଚ୍ଛେଦ କାର୍ଯ୍ୟରେ ନିୟୋଜିତ ଥିଲେ। ଉପଜିଲାପାଳ ଭବତାରଣ ସାହୁ, ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶଙ୍କ ସମେତ ତହସିଲଦାର, ଅତିରିକ୍ତ ତହସିଲଦାର, ପୌରସଂସ୍ଥାର ଅଧିକାରୀ ଏବଂ ବୈଷୟିକ ଟିମ୍ ଉଚ୍ଛେଦ ସମୟରେ ଉପସ୍ଥିତ ଥିଲେ। ପ୍ରାୟ ୧ ଏକର ୭୨ ଡେସିମିଲ ପରିମିତ ଏହି ସ୍ଥାନରେ ତିଆରି କରାଯିବ ବହୁତଳ ମାର୍କେଟ କମ୍ପ୍ଲେକ୍ସ। ଗ୍ରାଉଣ୍ଡ ଫ୍ଲୋର ସହିତ ୩ ମହଲାବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବ। ଓଡ଼ିଶା ବ୍ରିଜ୍ କନ୍‌ଷ୍ଟ୍ରକଶନ୍ କର୍ପୋରେଶନ (ଓବିସିସି) ଏଥିଲାଗି ସ୍ୱତନ୍ତ୍ର ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିଛି। ପ୍ରାୟ ୩୬ କୋଟି ୩୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଏଠାରେ ୪୭୫ଟି ଦୋକାନ ଘର ନିର୍ମାଣ ହେବ। ଏହି କାମ ୨ ବର୍ଷ ମଧ୍ୟରେ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ନୂତନ କମ୍ପ୍ଲେକ୍ସ ନିର୍ମାଣକୁ ଦୁଇବର୍ଷ ଲାଗିବାକୁ ଥିବା ବେଳେ ପରିବାର ପ୍ରତିପୋଷଣ ଲାଗି ଆର୍ଥିକ ସହାୟତା ଦାବି କରିଛି ବ୍ୟବସାୟୀ ସଂଘ। ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ ସଂଘ ସମ୍ପାଦକ କହିଛନ୍ତି ଯେ, ନୂତନ ମାର୍କେଟ କମ୍ପ୍ଲେକ୍ସକୁ ପ୍ରାୟ ୨ ବର୍ଷ ଲାଗିଯିବ। ଏହି ଦୁଇବର୍ଷ ଆମେ କରିବୁ କ'ଣ? ପରିବାର ଚଳାଇବା ଲାଗି ସରକାର ଆମକୁ ଆର୍ଥିକ ସାହାଯ୍ୟ ଦିଅନ୍ତୁ। ଏ ସମ୍ପର୍କରେ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ କହିଛନ୍ତି, ନୂତନ କମ୍ପ୍ଲେକ୍ସ ତିଆରି ପାଇଁ ୨ ବର୍ଷ ସମୟ ରଖାଯାଇଛି। ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ସରିଲେ ଯେଉଁମାନେ ଏଠାରେ ବ୍ୟବସାୟ କରୁଥିଲେ ସେମାନଙ୍କୁ ପ୍ରଥମେ ଦୋକାନ ଘର ଯୋଗାଇ ଦିଆଯିବ। ପରବର୍ତ୍ତୀ ସମୟରେ ଅନ୍ୟମାନଙ୍କୁ ପ୍ରଦାନ କରାଯିବ। ତେବେ ଭଙ୍ଗା ଅଂଶକୁ ଦିନେ ଦୁଇଦିନ ମଧ୍ୟରେ ସଫା କରାଯିବ। ଏହାପରେ ମୋଚିସାହି ଛକସ୍ଥିତ ମହୋଦଧି ମାର୍କେଟ କମ୍ପ୍ଲେକ୍ସ ଭଙ୍ଗାଯିବ।



ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ ଭଙ୍ଗାଯାଉଛି।

- ତିଆରି ହେବ ବହୁତଳ ମାର୍କେଟ କମ୍ପ୍ଲେକ୍ସ
- ଖର୍ଚ୍ଚ ହେବ ୩୬ କୋଟି ୩୩ ଲକ୍ଷ ଟଙ୍କା
- ୨ ବର୍ଷରେ କାମ ଶେଷ କରିବାକୁ ଲକ୍ଷ୍ୟ

# ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ୫ମାସ ଧରି ଲିଫ୍ଟ, ଫ୍ରିଜର ଅଚଳ

ପୁରୀ ଅଫିସ, ୨୦।୧୦:

ଗାନ୍ଧୀ ଜୟନ୍ତୀଠାରୁ ରାଜ୍ୟ ସରକାର 'ମୋ ସରକାର' ଯୋଜନା ଆରମ୍ଭ କରିଛନ୍ତି। ମେଡିକାଲରୁ ଦଲାଲମୁକ୍ତ ଏବଂ ଉତ୍ତମ ସେବା ଉପରେ ଗୁରୁତ୍ୱ ଦେଉଛନ୍ତି। ମାତ୍ର ଏହାର ବିପରୀତ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଫନୀଠାରୁ ମୃତଦେହ ବ୍ୟବଚ୍ଛେଦ ଗୃହ ଫ୍ରିଜର, ପ୍ରସୂତି ଓ ଶିଶୁ ଯତ୍ନ କେନ୍ଦ୍ର(ଏମ୍‌ସିଏଚ୍)ର ଏକ ଲିଫ୍ଟ ଅଚଳ ହୋଇପଡିଛି। ଫଳରେ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ୟବଚ୍ଛେଦ ଗୃହରେ ଫ୍ରିଜର ଅଚଳ ଯୋଗୁ କୌଣସି ମୃତଦେହ ଆସିଲେ ରଖିବା ଲାଗି ଅସୁବିଧା ହେଉଥିବା ଜଣାପଡିଛି। କୌଣସି ସମୟରେ ଏକାକାଳୀନ ଦୁଇରୁ ତିନୋଟି ମୃତଦେହ ଆସିଲେ, ସମସ୍ୟା ବେଶି ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି।

ସେହିପରି ୭ ମହଲାବିଶିଷ୍ଟ ଏମ୍‌ସିଏଚ୍ କୋଠାରେ ରୋଗୀଙ୍କ ଯାତାୟାତ ଲାଗି ଦୁଇଟି ଲିଫ୍ଟ ରହିଛି। ପ୍ରଥମରେ ରୋଗୀଙ୍କ ଯାତାୟାତ ଏବଂ ପଛପଟ ଲିଫ୍ଟରେ ରୋଗୀଙ୍କ ସମ୍ପର୍କୀୟ, ଷ୍ଟାଫ୍‌ଙ୍କ ଯାତାୟାତ ଲାଗି ବ୍ୟବସ୍ଥା ରହିଛି। ତେବେ ଗତ ଫନୀ ପରଠାରୁ ପଛପଟ ଲିଫ୍ଟ ଅଚଳ ରହିଛି। ଫଳରେ ରୋଗୀଙ୍କ ଯାତାୟାତ ଲାଗି ଗୋଟିଏ ଲିଫ୍ଟ ଉପରେ ନିର୍ଭର କରିବାକୁ ପଡୁଛି। କୌଣସି ସମୟରେ ଗୁରୁତର ରୋଗୀଙ୍କୁ ଅନ୍ୟତ୍ର ସିଫ୍ଟ ଅଥବା ୱାର୍ଡରୁ ଓପିଡି ଏବଂ ଏସ୍‌ଏନ୍‌ସିୟୁକୁ ଆସିବା ଲାଗି ନାହିଁ ନ ଥିବା ଅସୁବିଧା ସୃଷ୍ଟି ହେଉଛି। ସିଜରିଆନ ମହିଳା ବହୁକଷ୍ଟରେ ଶିଡି ଚଢି ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଲିଫ୍ଟରେ ଲିଫ୍ଟମ୍ୟାନ ରହୁ ନ ଥିବା ଅଭିଯୋଗ ହେଉଛି। ବିନା ଲିଫ୍ଟମ୍ୟାନରେ ରୋଗୀ ଯାତାୟାତ କରୁଛନ୍ତି। ବହୁ ବରିଷ୍ଠ ନାଗରିକ, ବୃଦ୍ଧା ଲିଫ୍ଟରେ ଯାତାୟାତ କରୁଛନ୍ତି, ତେବେ ଲିଫ୍ଟ ପରିଚାଳନା ଜାଣି ନ ଥିବାରୁ ଯେକୌଣସି ମୁହୂର୍ତ୍ତରେ ଅଘଟଣକୁ ଏଡାଇ ଦିଆଯାଇ ନ ପାରେ। ଗୋଟିଏପଟେ ସରକାର ଉତ୍ତମ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଭିତ୍ତିଭୂମିର ବିକାଶ ନେଇ ଗୁରୁତ୍ୱ ପ୍ରଦାନ କରୁ ନ ଥିବା ଯୁବନେତା ଜୟନ୍ତ ଦାଶ କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ୱାସ୍ଥ୍ୟସେବାରେ ଅବହେଳା ଲାଗି ରାଜ୍ୟ ସରକାରଙ୍କ ଅପାରଗତା ଦାୟୀ ବୋଲି ସେ କହିଛନ୍ତି।

# ଭୁଶୁଡ଼ିଲା ବ୍ରିଜ୍: ଫସିଲା ଟ୍ରାକ୍ଟର

କଣାର୍ସ,୨୦।୧୦(ଡି.ଏନ.ଏ.)

କଣାସ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତର ବଳାଜିତ୍‌ପୁର ଗ୍ରାମକୁ ଯାଇଥିବା କେନାଲ ବନ୍ଧ ରାସ୍ତା ଉପରେ ନିର୍ମାଣ ହୋଇଥିବା ବ୍ରିଜ୍‌ଟି ରବିବାର ଭୁଶୁଡି ପଡିଛି। ଫଳରେ ସେହି ବାଟରେ ଆସୁଥିବା ଏକ ବାଲି ବୋଝେଇ ଟ୍ରାକ୍ଟରଟି ଅଳ୍ପକେ ବର୍ତ୍ତିଯିବାରୁ ଚାଳକ ରକ୍ଷା ପାଇଛି। ବ୍ରିଜ୍‌ଟି ପ୍ରାୟ ଦିର୍ଘଦିନ ଧରି ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ଏ ନେଇ ଗ୍ରାମବାସୀ ବାରମ୍ବାର ଜଳସମ୍ପଦ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କେବଳ ବ୍ରିଜ୍ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇ ଆସୁଥିଲେ। ରବିବାର ହଠାତ୍ ବ୍ରିଜ୍ ଭୁଶୁଡି ପଡିବା ଦ୍ୱାରା ବଳାଜିତପୁର ଓ ସେବତୀପୁର ୨ଟି ଗ୍ରାମର ଲୋକମାନେ ଯାତାୟତ କରିପାରୁ ନାହାନ୍ତି । ତୁରନ୍ତ ବ୍ରିଜ୍ ନିର୍ମାଣ କରିବା ପାଇଁ ଗ୍ରାମର ୱାର୍ଡ ସଭ୍ୟ ନରେନ୍ଦ୍ର କୁମାର ବଳିଆରସିଂହ ସମେତ ଗ୍ରାମବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ଜଳସମ୍ପଦ ସହକାରୀ ଯନ୍ତ୍ରୀ ମକର ବେହେରା କୁହନ୍ତି, ଏଥିପାଇଁ ଟଙ୍କା ମଞ୍ଜୁର ହୋଇଛି। ଖୁବଶିଘ୍ର ବ୍ରିଜ୍ ନିର୍ମାଣ କରାଯିବ।



ବ୍ରିଜ୍ ଭୁଶୁଡ଼ିପଡିବା ଯୋଗୁ ଟ୍ରାକ୍ଟର ଦବିଯାଇଛି।

## ଚିଲିକାକୁ ବିଦେଶୀ ପକ୍ଷୀଙ୍କ ଆଗମନ ବିଳମ୍ୱ

କଣାସ, ୨୦।୧୦(ସ୍ୱ.ପ୍ର.)

ଚିଲିକାକୁ ବିଦେଶୀ ପକ୍ଷୀମାନଙ୍କ ଆସିବା ବିଳମ୍ୱ ହୋଇଛି। ପ୍ରତ୍ୟେକ ବର୍ଷ ମୌସୁମୀ ପ୍ରତ୍ୟାବର୍ତ୍ତନ ପରେ ସେପ୍ଟେମ୍ବର ମାସ ଶେଷ ସପ୍ତାହ କିମ୍ବା ଅକ୍ଟୋବର ପ୍ରଥମ ସପ୍ତାହ ବେଳକୁ ବିଦେଶୀ ପକ୍ଷୀମାନେ ଆସିଥାନ୍ତି। ରୁଷିଆ, ଇରାକ, ଇରାନ, ଆଫଗାନିସ୍ଥାନ, ଅଷ୍ଟ୍ରେଲିଆ, ନିଉଜିଲ୍ୟାଣ୍ଡ, ଆଫ୍ରିକା ଦେଶରୁ ଆସୁଥିବା ପକ୍ଷୀମାନେ ବର୍ତ୍ତମାନ ସୁଦ୍ଧା ପହଞ୍ଚି ନ ଥିବା ବାଲୁଗାଁ ବନ୍ୟ ପ୍ରାଣୀ ବିଭାଗପକ୍ଷରୁ ଜଣାପଡିଛି। ଚଳିତବର୍ଷ ଭାରତୀୟ ଭୂଖଣ୍ଡରୁ ଦକ୍ଷିଣ, ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ବିଳମ୍ୱ ହୋଇଥିବାରୁ ବିଦେଶୀ ପକ୍ଷୀମାନଙ୍କ ଆଗମନରେ ପ୍ରଭାବ ପକାଇଛି। ଅତ୍ୟଧିକ ବର୍ଷା ହେବା ଯୋଗୁ ଚିଲିକାର ନଳବଣ ଜଳାର୍ଣ୍ଣବ ହୋଇଯାଇଥିବାରୁ ପକ୍ଷୀମାନଙ୍କ ପାଇଁ ତାହା ଉପଯୋଗୀ ହେଉ ନ ଥିବା ବନ ବିଭାଗ ରେଞ୍ଜର ପ୍ରମୋଦ କୁମାର ପଣ୍ଡା କହିଛନ୍ତି। ଭାରତୀୟ ପାଣିପାଗ ବିଭାଗ ତଥ୍ୟ ଅନୁଯାୟୀ ମୌସୁମୀ ପ୍ରତ୍ୟାବର୍ତ୍ତନ ଚଳିତ ବର୍ଷ ୪୦ଦିନ ବିଳମ୍ୱରେ ଆରମ୍ଭ କରିଛି। ଗତ ୫୦ବର୍ଷ ମଧ୍ୟରେ ମୌସୁମୀ ପ୍ରତ୍ୟାବର୍ତ୍ତନରେ ଏହା ସର୍ବାଧିକ ବିଳମ୍ୱ। ପକ୍ଷୀମାନଙ୍କ ଆଗମନ ୨ କିମ୍ବା ୩ ସପ୍ତାହ ବିଳମ୍ୱ ହେବ ବୋଲି ଚିଲିକାରେ ବସବାସ କରୁଥିବା ମତ୍ସ୍ୟଜୀବୀମାନେ ଆଶଙ୍କା କରୁଛନ୍ତି। ପ୍ରତ୍ୟେକ ବର୍ଷ ୮ରୁ ୧୦ଲକ୍ଷ ପକ୍ଷୀ ଚିଲିକାକୁ ଆସିଥାନ୍ତି।

## ଗ୍ରୀଲ ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ନିମାପଡ଼ା,୨୦।୧୦(ଡି.ଏନ.ଏ.)

ନିମାପଡ଼ା ଥାନା ଅନ୍ତର୍ଗତ ଦହିଜଙ୍ଗ ଗ୍ରାମର ବିଶ୍ୱରଞ୍ଜନ ବିଶ୍ୱାଳଙ୍କ ନୂଆ ଘରେ ଝରକା ଗ୍ରୀଲ ଭାଙ୍ଗି ଶନିବାର ରାତିରେ କେହି ଦୁର୍ବୃତ୍ତ ଗ୍ରୀଜର ମେଶିନ, ପାଣି ମୋଟର, ଟ୍ୟାପ, ୩ଟି ରଡକଟା ମେଶିନ, ଲୁହା ପାଇପ, ବିଦ୍ୟୁତ ସାମଗ୍ରୀ ଚୋରି କରି ନେଇଯାଇଛନ୍ତି। ଏହି ନୂତନ ଘରେ କେହି ରହୁ ନଥିବାରୁ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଥିଲେ। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ଲକ୍ଷାଧିକ ଟଙ୍କା ହେବ ବୋଲି ବିଶ୍ୱରଞ୍ଜନ କହିଛନ୍ତି। ଏ ସମ୍ପର୍କରେ ବିଶ୍ୱରଞ୍ଜନ ରବିବାର ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ।

# ଆଞ୍ଚଳିକ ସଦ୍‌ଭାବନା ପାଲା ପରିଷଦ ବୈଠକ

କଣାସ,୨୦।୧୦(ଡି.ଏନ.ଏ.)

ପାଲା ସଂସ୍କୃତିର ବିକାଶ ସହ ସମାଜରେ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଉପରେ ସଚେତନତା ବାର୍ତ୍ତା ବାଣ୍ଟିବା ପାଇଁ ଅଣ୍ଟା ଭିଡିଛି କଣାସ ସଂଯୁକ୍ତ ଡେଲାଙ୍ଗର ଆଞ୍ଚଳିକ ସଦ୍‌ଭାବନା ପାଲା ପରିଷଦ। ଏହାସହ ପରିଷଦ ପକ୍ଷରୁ ନିଶାମୁକ୍ତି, ପ୍ଲାଷ୍ଟିକ୍ ବର୍ଜନ, ବାହ୍ୟ ମଳତ୍ୟାଗ ମୁକ୍ତ ଓ ସ୍ୱଚ୍ଛତା ଉପରେ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଚୁପୁରିଙ୍ଗି ପଞ୍ଚାୟତ ଅନ୍ତର୍ଗତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ପରିଷଦର ଏକ କାର୍ଯ୍ୟକାରିଣୀ ବୈଠକ ସଦସ୍ୟ କବି ବୈକୁଣ୍ଠନାଥ ନରେନ୍ଦ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପରିଷଦର ସାଙ୍ଗଠନିକ କାର୍ଯ୍ୟସହ କଳାକାରଙ୍କ ସମସ୍ୟା, ଫନୀରେ କ୍ଷତିଗ୍ରସ୍ତ କଳାକାରଙ୍କୁ ସରକାରୀ ଆର୍ଥିକ ପ୍ରୋତ୍ସାହନ ମିଳିବା ବ୍ୟବସ୍ଥା, ଅନୁଷ୍ଠାନର ବାର୍ଷିକ ଉତ୍ସବ ଆଦି କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଏଥିରେ ପରିଷଦର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ଉପଦେଷ୍ଟା ଯଦୁମଣି ମଙ୍ଗରାଜ, ଗୁରୁ ସୁରେଶ ପ୍ରଧାନ, ସୁରେନ୍ଦ୍ର ମହାପାତ୍ର, ତାରେଶ୍ୱର ନରେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ପରିଷଦର ସଦସ୍ୟମାନେ।

# କୋଣାର୍କରେ ମା' ଲକ୍ଷ୍ମୀଙ୍କ ଭସାଣି ଉତ୍ସବ



କୋଣାର୍କ ମାର୍କେଟ କମ୍ପ୍ଲେକ୍ସ ବ୍ୟବସାୟୀ ସଂଘ ପକ୍ଷରୁ ଅନୁଷ୍ଠିତ ଲକ୍ଷ୍ମୀପୂଜା ଭଷାଣି ଶୋଭାଯାତ୍ରା।

କୋଣାର୍କ,୨୦।୧୦(ଡି.ଏନ.ଏ.)

କୋଣାର୍କସ୍ଥିତ ମାର୍କେଟ କମ୍ପ୍ଲେକ୍ସ ପରିସରରେ ବ୍ୟବସାୟୀ ସଂଘ ପକ୍ଷରୁ କୁମାର ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ମା' ଲକ୍ଷ୍ମୀ ପୂଜା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମା'ଙ୍କ ଭସାଣି ଯାତ୍ରା ମାର୍କେଟ କମ୍ପ୍ଲେକ୍ସ ପରିସରରୁ ବାହାରି କୋଣାର୍କ ବଜାର ପରିକ୍ରମା କରିଥିଲେ। ଘଣ୍ଟ, ଘୋଡ଼ାନାଚ, ନାଗାନାଚ ଓ ସଂକୀର୍ତ୍ତନ ମଣ୍ଡଳୀର ତାଳେ ତାଳେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶୋଭାଯାତ୍ରାରେ ମା'ଙ୍କୁ ନିଆଯାଇ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରଣୀରେ ବିସର୍ଜନ କରାଯାଇଥିଲା। ଏହି ସମୟରେ ସ୍ଥାନୀୟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଘ ସଭାପତି ସୁରେନ୍ଦ୍ର ସାହୁ, ସମ୍ପାଦକ ମନୋଜ ସେଠ, ଉପସଭାପତି ଗଣେଶ ଚନ୍ଦ୍ର ଜେନା, ସହସମ୍ପାଦକ ରୁଦ୍ର ପ୍ରସାଦ ବେଉରା, ଉପଦେଷ୍ଟା ଅମରେଶ୍ୱର ପାଢୀ, ଗୌରଚନ୍ଦ୍ର ବିଶ୍ୱାଳ, ଭ୍ରମରବର ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## ■ ଖାଉଟୀ ସାମଗ୍ରୀ ବଣ୍ଟନରେ ଅନିୟମିତତା ଅଭିଯୋଗ

# ତଦନ୍ତକୁ ପୂରିବ ମାସେ: ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ

ନିମାପଡ଼ା,୨୦।୧୦(ଡି.ଏନ.ଏ.)

ନିମାପଡ଼ା ବ୍ଲକ ଅଧୀନ ଧଳେଶ୍ୱର ଗ୍ରାମପଞ୍ଚାୟତରେ ଖାଉଟୀ ସାମଗ୍ରୀ ବଣ୍ଟନରେ ଅନିୟମିତତା ହୋଇଥିବା ନେଇ ଶତାଧିକ ରାଶନ କାର୍ଡଧାରୀ ଗତ ମାସରେ ନିମାପଡ଼ା ବିଡିଓ ଓ ପୁରୀ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏପରିକି ନହନ୍ତରାଛକରେ ଥିବା ଜନୈକ ଡିଲରଙ୍କୁ ଅନିୟମିତତା କରିଥିବାରୁ ଘେରିଯିବା ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହି ଅଭିଯୋଗ ପରେ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ତଦନ୍ତ କରାଯାଇଥିଲା। କିନ୍ତୁ ଏହି ତଦନ୍ତକୁ ଆଉ ଦୁଇଦିନ ପରେ ମାସେ ବିତିବାକୁ ଥିଲେ ମଧ୍ୟ ଏଯାବତ ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଫଳରେ ରାଶନ କାର୍ଡଧାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯିବା ସହ ଉକ୍ତ ଡିଲରଙ୍କ ବିରୋଧରେ ଯଥାଶୀଘ୍ର କୌଣସି ପଦକ୍ଷେପ ନିଆ ନ ଗଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ଏହି ପଞ୍ଚାୟତ ଅଧୀନ କୋପିନ୍ଦା, ପାଟଳିଗ୍ରାମ, ବୁଧେଇ, ଲମ୍ବିଲୋ ଗ୍ରାମର କେତେକ ହିତାଧିକାରୀ ଖାଉଟୀ ସାମଗ୍ରୀ ପାଇ ନ ଥିଲେ। ବଣ୍ଟନରେ ଅନିୟମିତତା ଯୋଗୁ ଏଭଳି ଶତାଧିକ ହିତାଧିକାରୀ ବଞ୍ଚିତ ଥିବାରୁ ଅଭିଯୋଗ କରିଥିଲେ। ଏ ନେଇ ଗତ ମାସରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ପକ୍ଷରୁ ପୁରୀ ସଦର ସହକାରୀ ଜିଲା ଯୋଗାଣ ଅଧିକାରୀ ବିଭୂ ପ୍ରସାଦ ଆଚାର୍ଯ୍ୟ, ନିମାପଡ଼ା ବ୍ଲକ ଯୋଗାଣ ନିରୀକ୍ଷକ ଶିବାଶିଷ ଜେନା, ଜିଲା ଯୋଗାଣ ଅଧିକାରୀ ଡିଲର ପଏଣ୍ଟରେ ପହଞ୍ଚି ତଦନ୍ତ କରିବାସହ ଖାତାପତ୍ର ଯାଞ୍ଚ କରି ପ୍ରଶାସନକୁ ରିପୋର୍ଟ ଦେଇଥିଲେ। ତଦନ୍ତକୁ ମାସେ ପୂରିବାକୁ ଥିବାବେଳେ ଅଦ୍ୟାବିଧି ଉକ୍ତ ଡିଲର ବିଷୟରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ସୋମବାର ଜିଲାପାଳ ଅଭିଯୋଗ ଶୁଣାଣି ଶିବିରରେ ହିତାଧିକାରୀ ପୁଣି ସେକଥା ଉଠାଇଥିଲେ। ଏ ସମ୍ପର୍କରେ ଜିଲା ଯୋଗାଣ ନିରୀକ୍ଷକ ତୁଷାରକାନ୍ତି ଦେଓ କୁହନ୍ତି, ସମ୍ପୃକ୍ତ ଡିଲରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ଓ ତଦନ୍ତ ରିପୋର୍ଟ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଅପରପକ୍ଷେ ଜିଲା ପ୍ରଶାସନର ଡିଲରଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ବିଳମ୍ୱ ଯୋଗୁ ସେ ଚଞ୍ଚକତା କରି ନିଜ ସପକ୍ଷରେ କେତେକ ଉପଭୋକ୍ତାଙ୍କ ଦସ୍ତଖତ ସମ୍ବଳିତ ଆବେଦନ ପତ୍ର ଦେଇ ପ୍ରଶାସନକୁ ପ୍ରଭାବିତ କରିବାପାଇଁ ଉଦ୍ୟମ ଚଳାଇଥିବା ସୂଚନା ମିଳିଛି।